# ଧରିତ୍ରୀ
DHARITRI

51 Years

ଭୁବନେଶ୍ୱର, ସୋମବାର, ଫେବୃଆରୀ ୧୦/୨୦୨୫ (୧୬ ପୃଷ୍ଠା) | Bhubaneswar, Monday, February 10/2025 | Page 16 | ₹ 7.00

୫୧ଶ ଭାଗ ୭୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 78 | ମୂଲ୍ୟ ₹୭/-





**ମହାକୁମ୍ଭ ଯିବାକୁ ଡରୁଛନ୍ତି ଭାରତୀ**

ଅତ୍ୟଧିକ ଭିଡ଼ ଯୋଗୁ ପରିବାର ସହ ମହାକୁମ୍ଭ ମେଳାକୁ ଯିବା ପାଇଁ ଡରୁଛନ୍ତି ବୋଲି ଅଭିନେତ୍ରୀ ଭାରତୀ ସିଂ ଏକ ସାକ୍ଷାତ୍‌କାରରେ କହିଛନ୍ତି। **୧୧**

**୧୬** **ବାପି ହାଁସ୍‌ଦାଙ୍କୁ ସ୍ୱର୍ଣ୍ଣ ପଦକ**

ଜାତୀୟ କ୍ରୀଡ଼ାରେ ଓଡ଼ିଶାର ବାପି ହାଁସ୍‌ଦା ପୁରୁଷ ୪୦୦ମିଟର ଦୌଡ଼ରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି।




# ୩୧ ମାଓବାଦୀ ନିହତ

**ବିଜାପୁର(ପିଟି)/ଭୋପାଳ(ରଏଟର୍ସ)/ ମାଲକାନଗିରି(ଦୁର୍ଯ୍ୟୋଧନ ପାତ୍ର), ୯।୨**

ଛତିଶଗଡ଼ର ବିଜାପୁର ଜିଲାରେ ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ୩୧ ମାଓବାଦୀ ନିହତ ହୋଇଛନ୍ତି। ଗୁଳି ବିନିମୟ ବେଳେ ୨ ଜଣ ଯବାନଙ୍କ ମୃତ୍ୟୁ ଘଟିଥିବା ରବିବାର ରାଜ୍ୟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏହାକୁ ରାଜ୍ୟରେ ଚଳିତ ବର୍ଷର ସବୁଠୁ ବଡ଼ ଏନ୍‌କାଉଣ୍ଟର ବୋଲି କୁହାଯାଉଛି। ସଦ୍ୟ ଏନ୍‌କାଉଣ୍ଟରର ମୃତ୍ୟୁସଂଖ୍ୟା ସହ ୨୦୨୫ରେ ମୋଟ ୮୧ ମାଓବାଦୀ ନିହତ ହୋଇଥିବା ଛତିଶଗଡ଼ ସରକାର ଦାବି କରିଛନ୍ତି। ୨୦୨୬ ମାର୍ଚ୍ଚ ସୁଦ୍ଧା ଦେଶରେ ମାଓବାଦୀଙ୍କୁ ମୂଳପୋଛ କରିବା ପାଇଁ କେନ୍ଦ୍ର ସରକାର ଲକ୍ଷ୍ୟ ରଖିଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ନେତୃତ୍ୱରେ ଏହି ଟାର୍ଗେଟ ନିଶ୍ଚିତ ଭାବେ ପୂରଣ ହେବ ବୋଲି ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଇ କହିଛନ୍ତି। ଏହା ପୂର୍ବରୁ ମଧ୍ୟ ଏକାଧିକ ଥର ଏନ୍‌କାଉଣ୍ଟରରେ ଅନେକ ମାଓବାଦୀ ନିହତ ହୋଇଥିବା ଛତିଶଗଡ଼ ପୋଲିସ ଦାବି କରିଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ନିହତ ବ୍ୟକ୍ତିମାନେ ମାଓବାଦୀ ନୁହନ୍ତି, ବରଂ ନିରୀହ ଗ୍ରାମବାସୀ ବୋଲି ଗାଁ ଲୋକେ କହିଥିଲେ।

## ଛତିଶଗଡ଼ରେ ପୁଣି ଏନ୍‌କାଉଣ୍ଟର, ୨ ଯବାନ ମୃତ



ବିଜାପୁର ନ୍ୟାଶନାଲ ପାର୍କରେ ସୁରକ୍ଷାକର୍ମୀମାନେ ପଇଁତରା ମାରୁଛନ୍ତି।

ଛତିଶଗଡ଼ ବିଜାପୁର ଜିଲାରେ ଗତ ଜାନୁଆରୀ ୩୧ରେ ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ୮ ମାଓବାଦୀ ନିହତ ହୋଇଥିଲେ। ଏହାର ସପ୍ତାହେ ପରେ ଏହି ଜିଲା ଅନ୍ତର୍ଗତ ନ୍ୟାଶନାଲ ପାର୍କ ଅଞ୍ଚଳରେ ସୁରକ୍ଷା ବଳ ପୁଣି ମିଳିତ ଭାବେ ମାଓବାଦୀ ଦମନ ଅଭିଯାନ ଚଳାଇଛି। ଏଥିରେ ୩୧ ମାଓବାଦୀ ନିହତ ହୋଇଥିବା ବସ୍ତର ପୋଲିସ ଆଇଜି ପି. ସୁନ୍ଦରରାଜ ସୂଚନା ଦେଇଛନ୍ତି। ସେ କହିଛନ୍ତି, ମାଓବାଦୀଙ୍କ ସହ ଗୁଳି ବିନିମୟ ବେଳେ ୨ ଜଣ ଯବାନ ମଧ୍ୟ ପ୍ରାଣ ହରାଇଛନ୍ତି। ଜଣେ ଜିଲା ରିଜର୍ଭ ଗାର୍ଡ (ଡିଆର୍‌ଜି)ର ହୋଇଥିବାବେଳେ ଅନ୍ୟ ଜଣେ ଯବାନ ରାଜ୍ୟ ପୋଲିସ ସ୍ପେଶାଲ ଟାସ୍କଫୋର୍ସ (ଏସ୍‌ଟିଏଫ୍)ରେ କାର୍ଯ୍ୟରତ ଥିଲେ। ଶୁକ୍ରବାର ସମ୍ପୃକ୍ତ ଅଞ୍ଚଳରେ ୱେଷ୍ଟ ବସ୍ତର ଡିଭିଜନ୍‌ର କ୍ୟାଡର ମାଓବାଦୀଙ୍କ ଉପସ୍ଥିତି ନେଇ ଗୋଇନ୍ଦା ସୂଚନା ମିଳିବା ପରେ ଡିଆର୍‌ଜି, ଏସ୍‌ଟିଏଫ୍, କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍) ଏବଂ ଏହାର ଏଲିଟ୍ ୟୁନିଟ୍ କୋବ୍ରା (କମାଣ୍ଡୋ ବାଟାଲିୟନ୍ ଫର୍ ରିଜୋଲ୍ୟୁଟ୍ ଆକ୍ସନ) ଯବାନମାନେ ମିଳିତ ଅପରେଶନ୍ ଚଳାଇଥିଲେ।

ଗତ ଜାନୁଆରୀ ୬ରେ ବିଜାପୁର ଜିଲା ବେଡ୍ରେ-କୁଟ୍ରୁ ରାସ୍ତାରେ ମାଓବାଦୀଙ୍କ ଆଇଇଡି ବିସ୍ଫୋରଣରେ ୮ ଡିଆର୍‌ଜି ଯବାନ ଓ ଜଣେ ଡ୍ରାଇଭରଙ୍କ ମୃତ୍ୟୁ ଘଟିବା ପରେ ୨୦୨୬ ସୁଦ୍ଧା ଦେଶରୁ ମାଓବାଦୀଙ୍କୁ ଶେଷ କରିଦିଆଯିବ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଦୋହରାଇଥିଲେ। ଡିଆର୍‌ଜି ଯବାନଙ୍କ ବଳିଦାନ ବେକାର ଯିବ ନାହିଁ ବୋଲି ସେ କହିଥିଲେ। ଶାହାଙ୍କ କହିବା ଅନୁଯାୟୀ ସୁରକ୍ଷା ବଳ ମାଓବାଦୀ ଦମନ ଅଭିଯାନରେ ନିୟୋଜିତ ହୋଇଥିବା ବସ୍ତର ଆଇଜି ସ୍ପଷ୍ଟ କହିଛନ୍ତି। ସୁନ୍ଦରରାଜ ଆହୁରି କହିଛନ୍ତି, ଅଦ୍ୟାବଧି ୩୧ ୟୁନିଫର୍ମ ପରିହିତ ମାଓବାଦୀଙ୍କ ମୃତଦେହ ଠାବ ହୋଇଛି। ଏନ୍‌କାଉଣ୍ଟରସ୍ଥଳରୁ ଏକେ-୪୭, ଇନ୍‌ସାସ୍, ଏସ୍‌ଏଲ୍‌ଆର୍, .୩୦୩ ରାଇଫଲ୍ସ ଏବଂ ବ୍ୟାରେଲ ଗ୍ରେନେଡ୍ ଲଞ୍ଚର (ବିଜିଏଲ୍) ସହ ସମେତ ବିପୁଳ ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ଜବତ ହୋଇଛି। ଗୁଳିମାଡ଼ରେ ୨ ଯବାନଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୨ ଜଣ ଯବାନ ଆହତ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ଏୟାରଲିଫ୍ଟ କରାଯାଇଛି। ସମ୍ପୃକ୍ତ ଅଞ୍ଚଳକୁ ଅଧିକ ଯବାନଙ୍କୁ ପଠାଯାଇଛି। ଏବେ ମଧ୍ୟ ତଲାସି ଅଭିଯାନ ଜାରି ରହିଥିବା ସେ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ☞ପୃଷ୍ଠା-୪




ଛକା ମାରିବା ଅବସରରେ ଭାରତୀୟ ଦଳର ଅଧିନାୟକ ରୋହିତ ଶର୍ମା ।

# ବାରବାଟୀରେ ଭାରତର ବିଜୟ

## ୨-୦ରେ ଇଂଲଣ୍ଡକୁ ହରାଇ ସିରିଜ ଜିତିଲା

**କଟକ, ୯।୨ (ତପନ ସ୍ୱାଇଁ)**

ଅଧିନାୟକ ରୋହିତ ଶର୍ମାଙ୍କ ଶତକ ଓ ଶୁବମନ ଗିଲ୍‌ଙ୍କ ଅର୍ଦ୍ଧଶତକ ସହାୟତାରେ ଭାରତ ବାରବାଟୀ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ଦିନିକିଆ କ୍ରିକେଟ ମ୍ୟାଚରେ ଇଂଲଣ୍ଡକୁ ୪ ଉଇକେଟରେ ପରାସ୍ତ କରିଛି। ଇଂଲଣ୍ଡ ୪୯.୫ ଓଭରରେ ୩୦୪ ରନକରି ଅଲ୍‌ଆଉଟ ହୋଇଥିଲା। ୩୦୫ ରନ ବିଜୟ ଲକ୍ଷ୍ୟରେ ଭାରତ ୪୪.୩ ଓଭରରେ ୬ ଉଇକେଟ ହରାଇ ୩୦୮ ରନ ସଂଗ୍ରହ କରି ନେଇଥିଲା। ଏହି ବିଜୟ ଫଳରେ ଭାରତ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୨-୦ରେ ଆଗୁଆ ରହି ଏହାକୁ ଆଗୁଆ ଜିତି ନେଇଛି। ନାଗପୁରଠାରେ ଖେଳାଯାଇଥିବା ପ୍ରଥମ ଦିନିକିଆରେ ଭାରତ ବିଜୟୀ ହୋଇଥିଲା। ବାରବାଟୀରେ ଭାରତର ଏହା କ୍ରମାଗତ ୮ମ ଦିନିକିଆ ବିଜୟ। ଅର୍ଥାତ୍ ୨୦୦୭ ପରଠାରୁ ଏଠାରେ ଟିମ୍ ଇଣ୍ଡିଆ ଆଉ କୌଣସି ଏକଦିବସୀୟରେ ପରାଜିତ ହୋଇନାହିଁ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ରୋହିତ ଶର୍ମାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଓଡ଼ିଶା କ୍ରିକେଟ ଆସୋସିଏଶନ ସମ୍ପାଦକ ସଞ୍ଜୟ ବେହେରା ଓ ଅନ୍ୟ ଅତିଥିମାନେ ଉପସ୍ଥିତ ଥିଲେ। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ ଓ ପ୍ରଭାତୀ ପରିଡ଼ା, କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଧାୟିକା ସୋଫିଆ ଫିର୍ଦ୍ଦୋସଙ୍କ ସହ ଅନେକ ରାଜନେତା ଓ ବିଶିଷ୍ଟ ବ୍ୟକ୍ତି ମ୍ୟାଚ୍ ସମୟରେ ଉପସ୍ଥିତ ଥିଲେ।

କ୍ୟାରିୟରର ସଙ୍କଟ ସମୟରେ ରୋହିତ ଶର୍ମାଙ୍କ ପାଇଁ ବାରବାଟୀ ଲକି ସାବ୍ୟସ୍ତ ହୋଇଛି। ନିକଟ ଅତୀତରେ ଖରାପ ପ୍ରଦର୍ଶନ ଯୋଗୁ ସମାଲୋଚିତ ହୋଇଥିବା ହିଟ୍‌ମ୍ୟାନ ରୋହିତ ଏଠାରେ ୫୮ତମ ଦିନିକିଆ ଅର୍ଦ୍ଧଶତକ ସହ ୩୨ ତମ ଶତକ ହାସଲ କରି ଫର୍ମକୁ ଫେରିଛନ୍ତି। କେବଳ ☞ପୃଷ୍ଠା-୪

### ଜଳିଲାନି ଫ୍ଲଡ୍ ଲାଇଟ୍, ଖେଳ ବାଧାପ୍ରାପ୍ତ

**କଟକ,୯।୨ (କାର୍ତ୍ତିକ ସାହୁ)**

ବାରବାଟୀରେ ଟସ୍ ଜିତି ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରି ଭାରତକୁ ବିଜୟ ପାଇଁ ୩୦୫ ରନ୍‌ର ଟାର୍ଗେଟ୍ ଦେଇଥିଲା। ବିଜୟ ଲକ୍ଷ୍ୟରେ ଭାରତ ବ୍ୟାଟିଂ ଆରମ୍ଭ କରିଥିଲା। ସନ୍ଧ୍ୟା ପ୍ରାୟ ୫ଟା ବେଳେ ଫ୍ଲଡ୍ ଲାଇଟ ଜଳିଥିଲା। ହେଲେ ୬.୧ ଓଭର ଖେଳ ହେବା ପରେ ହଠାତ୍ ଗୋଟିଏ ଫ୍ଲଡ୍ ଲାଇଟ ଜଳି ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

ଦିଲ୍ଲୀ ମତ


# ହିଂସାର ୨ ବର୍ଷ ପରେ ଇସ୍ତଫା ଦେଲେ ବୀରେନ୍ ସିଂ



ମଣିପୁର ମୁଖ୍ୟମନ୍ତ୍ରୀ ବୀରେନ୍ ସିଂ ରାଜ୍ୟପାଳ ଅଜୟ କୁମାର ଭାଲାଙ୍କୁ ଇସ୍ତଫାପତ୍ର ପ୍ରଦାନ କରୁଛନ୍ତି।

**ଇମ୍ଫାଲ,୯।୨**

ମଣିପୁରରେ ଜାତିଆଣ ହିଂସା ଆରମ୍ଭ ହେବାର ପ୍ରାୟ ୨ ବର୍ଷ ପରେ ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ରବିବାର ସନ୍ଧ୍ୟାରେ ସେ ଇମ୍ଫାଲସ୍ଥିତ ରାଜଭବନରେ ରାଜ୍ୟପାଳ ଅଜୟ କୁମାର ଭାଲ୍ଲାଙ୍କୁ ନିଜର ଇସ୍ତଫାପତ୍ର ପ୍ରଦାନ କରିଥିବା ଜଣାପଡ଼ିଛି। ତାଙ୍କ ସରକାର ବିରୋଧରେ କଂଗ୍ରେସ ଅନାସ୍ଥା ପ୍ରସ୍ତାବ ଆଣିବା ସମ୍ଭାବନା ଥିବାବେଳେ ଦଳ ଭିତରେ ମଧ୍ୟ ତାଙ୍କ ନେତୃତ୍ୱକୁ ନେଇ ମତଭେଦ ବୃଦ୍ଧି ପାଇଥିଲା। ଏହାକୁ ପ୍ରଶମିତ କରିବା ପାଇଁ ବୀରେନ୍ ଇସ୍ତଫା ଦେଇଥିବା କୁହାଯାଉଛି।

ମଣିପୁରରେ କୁକି ଏବଂ ମୈତେଇ ସମ୍ପ୍ରଦାୟ ମଧ୍ୟରେ ୨୦୨୩ ମେ'ରୁ ଜାତିଆଣ ହିଂସା ଉଗ୍ରରୂପ ନେଇଥିଲା। ସରକାରୀ ତଥ୍ୟ ଅନୁଯାୟୀ, ଏହି ହିଂସାରେ ୨୨୧ ଜଣଙ୍କ ମୃତ୍ୟୁ ଘଟିବା ସହ ୬୦,୦୦୦ରୁ ଊର୍ଦ୍ଧ୍ୱ ଲୋକ ଘରଦ୍ୱାର ହରାଇ ଅନ୍ୟତ୍ର ପଳାଇଥିଲେ। ୧ ହଜାରରୁ ଅଧିକ ଲୋକ ଆହତ ହୋଇଥିବାବେଳେ ୩୨ ଜଣ ☞ପୃଷ୍ଠା-୪




## ଝାରସୁଗୁଡ଼ା ଭାଜପା ଜିଲା ସଭାପତି ପଦ ପାଇଁ ଦୌଡ଼

# ଧର୍ମେନ୍ଦ୍ର ନା ସୁରେଶ କାହା ଶିବିରକୁ ଯିବ

ଝାରସୁଗୁଡ଼ା, ୯।୨ (ଆଶିଷ ରଞ୍ଜନ ଦାଶ)

ନିକଟରେ ଭାରତୀୟ ଜନତା ପାର୍ଟି(ଭାଜପା) ରାଜ୍ୟର ୨୩ଟି ସାଂଗଠନିକ ଜିଲା ପାଇଁ ସଭାପତି ପଦ ଘୋଷଣା କରିସାରିଛି। ଅଘୋଷିତ ମଧ୍ୟରେ ପଶ୍ଚିମ ଓଡ଼ିଶାର ଅନ୍ୟତମ ରାଜନୈତିକ ସମ୍ବେଦନଶୀଳ ଜିଲା ଝାରସୁଗୁଡ଼ାର ଭାଜପା ସଭାପତି ପଦ ରହିଛି। ଜାଣିବାକୁ ମିଳିଛି ଯେ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ତଥା ବ୍ରଜରାଜନଗର ବିଧାୟକ ସୁରେଶ ପୂଜାରୀ ଓ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ସମର୍ଥକଙ୍କ ମଧ୍ୟରେ ଏ ନେଇ ଛକପଞ୍ଝା ଚାଲିଛି। ଝାରସୁଗୁଡ଼ା ଜିଲା ଭାଜପା କର୍ମୀଙ୍କ ମଧ୍ୟରେ ଆଲୋଚନା ହେଉଛି, ମନ୍ତ୍ରୀ ନା ବିଧାୟକ କାହା ଶିବିର ନେତା ସଭାପତି ପଦ ହାତେଇବେ। ଟଙ୍କଧର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଘନିଷ୍ଠ ହୋଇଥିବା ବେଳେ ସୁରେଶ ପୂଜାରୀଙ୍କ ଦଳ ମଧ୍ୟରେ ପ୍ରଭାବ ରହିଛି। ସେଥିପାଇଁ ସାଧାରଣରେ କୁହାଯାଉଛି, ଝାରସୁଗୁଡ଼ା ଜିଲା ସଭାପତି


ଧର୍ମେନ୍ଦ୍ର ପ୍ରଧାନ


ସୁରେଶ ପୂଜାରୀ


ଟଙ୍କଧର ତ୍ରିପାଠୀ

ଭାଜପା ପଦ ପାଇଁ ଧର୍ମେନ୍ଦ୍ର-ସୁରେଶ ଶିବିର ରଣକୌଶଳରେ ବ୍ୟସ୍ତ।

ଦୁଇଟି ବିଧାନସଭା ଆସନ ଝାରସୁଗୁଡ଼ା ଓ ବ୍ରଜରାଜନଗର ବର୍ତ୍ତମାନ ଭାଜପା ଅକ୍ତିଆରରେ ରହିଛି। ବ୍ରଜରାଜନଗର ବିଧାୟକ ତଥା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଭାଜପାର ଜଣେ ଆଗଧାଡ଼ିର ନେତା। ତାଙ୍କର ଜାତୀୟ ସ୍ତରୀୟ ନେତାଙ୍କ ସହ ସମ୍ପର୍କ ରହିଥିବା ବେଳେ ଅତୀତରେ ଭାଜପା ପାଇଁ ଜାତୀୟସ୍ତରରେ କାମ କରିସାରିଛନ୍ତି। ଅନ୍ୟପକ୍ଷରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ରାଜ୍ୟ ଭାଜପାର ଜଣେ ଟାଣୁଆ ଯୁବ ନେତା। ଏଥିସହିତ ଟଙ୍କଧରଙ୍କ ମୁଣ୍ଡ ଉପରେ ସର୍ବଦା ଧର୍ମେନ୍ଦ୍ରଙ୍କ ହାତ ରହିଆସିଛି। ଯଦିଓ ଝାରସୁଗୁଡ଼ା ଜିଲାର ଦୁଇ ବିଧାନସଭା ନିର୍ବାଚନମଣ୍ଡଳୀରେ ଭାଜପା ବିଜୟଲାଭ କରିଛି, ତଥାପି ଏଠାରେ ମନ୍ତ୍ରୀ ଓ ବିଧାୟକଙ୍କ ଅନୁଗତଙ୍କ ମଧ୍ୟରେ ଟକରାଟକିରି ଚାଲିଛି। ସରକାରୀ କାର୍ଯ୍ୟକ୍ରମକୁ ଛାଡ଼ିଦେଲେ ଦଳୀୟ କାର୍ଯ୍ୟକ୍ରମ ଟଙ୍କଧର କରୁଥିଲେ ସେଠାକୁ ସୁରେଶଙ୍କ ଅନୁଗତ ଯାଉ ନ ଥିବାବେଳେ ଅନୁରୂପ ଭାବେ, ସୁରେଶଙ୍କ ଦଳୀୟ କାର୍ଯ୍ୟକ୍ରମକୁ ଟଙ୍କଧରଙ୍କ ସମର୍ଥକ ଯାଉନାହାନ୍ତି। କିନ୍ତୁ ଏପରି ନେତା ମଧ୍ୟ ଅଛନ୍ତି ଯେଉଁମାନେ ଉଭୟ ନେତାଙ୍କଠାରୁ ସମଦୂରତା ରକ୍ଷାକରି ପ୍ରିୟପାତ୍ର ରୂପେ ପରିଗଣିତ ହେଉଛନ୍ତି। ଭାଜପା ଜିଲା ସଭାପତି ପଦ ପାଇଁ ନୋମିନେଶନ ପକାଇଥିବା ନେତ୍ରୀନେତାଙ୍କ ମଧ୍ୟରେ ରଘୁନନ୍ଦନ ପଣ୍ଡା ଅନ୍ୟତମ ; ଯାହାଙ୍କର ମନ୍ତ୍ରୀ, ଏମ୍‌ପି ଓ ବିଧାୟକଙ୍କଠାରେ ସମ୍ପର୍କ ଭଲ ଥିବାରୁ ସେ ସଭାପତି ପଦ ପାଇଁ ଆଶାରେ ଅଛନ୍ତି। ମନ୍ତ୍ରୀ ଓ ବିଧାୟକଙ୍କ ସହିତ ଭଲ ସମ୍ପର୍କ ରଖିଥିବା ସଞ୍ଜୟ ସିଂ ମଧ୍ୟ ସଭାପତି ଦୌଡ଼ରେ। ଭାଜପାର ଜିଲା ମହିଳା ସଭାପତି ରୀନା ପଟେଲ, ଝାରସୁଗୁଡାର ବ୍ୟବସାୟୀ ନଭାଲ ଅଗ୍ରୱାଲ ଏହି ପଦ ହାସଲ କରିବା ଲାଗି ତତ୍ପର। ଛାତ୍ର ଜୀବନରୁ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ(ଆର୍‌ଏସ୍‌ଏସ୍)ର ସଦସ୍ୟ ହେବା ସହିତ ନିଜକୁ ବିଭିନ୍ନ ଜଣକଲ୍ୟାଣକାରୀ କାର୍ଯ୍ୟରେ ନିୟୋଜିତ କରିଥିବା ସୁଧାଂଶୁ ଦୋରା ମଧ୍ୟ ଆଶାବାଦୀ। ସଙ୍ଗଠନକୁ ଦେଖି ଦାୟିତ୍ୱ ଦେଉଥିବା ଭାଜପାର ବଡ଼ ନେତୃତ୍ୱ ଆସନ୍ତା ପଞ୍ଚାୟତ ଓ ପୌର ନିର୍ବାଚନକୁ ଆଖି ଆଗରେ ରଖି ଜଣେ ସୁସଙ୍ଗଠନକାରୀ ତଥା ନିଷ୍ଠାପର କର୍ମୀଙ୍କୁ ସଭାପତି ପଦ ଦେଇପାରେ ବୋଲି ଦଳୀୟ କର୍ମୀମାନେ ଆକଳନ କରୁଛନ୍ତି। ଜିଲା ସଭାପତି କିଏ ହେବେ ତାହା ଯେତିକି ବଡ଼ କଥା ନୁହେଁ, କାହା ଶିବିରରୁ ହେବେ ତାହା ଝାରସୁଗୁଡ଼ା ଜିଲାବାସୀ ତଥା ଭାଜପା କର୍ମୀ ଉତ୍ସୁକତାର ସହ ଚାହିଁ ରହିଛନ୍ତି। କାରଣ ଏହା ମନ୍ତ୍ରୀ ଓ ବିଧାୟକଙ୍କ ସମ୍ମାନଠାରୁ ଊର୍ଦ୍ଧ୍ୱକୁ ଯାଇ କେନ୍ଦ୍ରମନ୍ତ୍ରୀଙ୍କ ଯାଏ ଲମ୍ବିଛି।

ସୁରେଶ ପୂଜାରୀ ସବୁବେଳେ ଚୁପ୍ ରହି ଖେଳ କରୁଥିବା ନେତାଙ୍କ ମଧ୍ୟରେ ଅନ୍ୟତମ ବୋଲି କୁହାଯାଏ। ସେ ଜିଲାରେ ନିଜ ପ୍ରାଧାନ୍ୟ ବିସ୍ତାର ପାଇଁ କିପରି ନିଜ ଶିବିରରୁ ଜଣକୁ ସଭାପତି କରାଇବେ ସେଥିପାଇଁ ନିଶ୍ଚିତ ଭାବରେ ଚିନ୍ତା କରୁଥିବେ। ଧର୍ମେନ୍ଦ୍ରଙ୍କ ଅଭୟବର ପାଇ ଉଚିତ ସମୟରେ ଠିକ୍ ଅସ୍ତ୍ର ପ୍ରୟୋଗ କରିବା ଲକ୍ଷ୍ୟରେ ଥିବା ଟଙ୍କଧର ଜିଲା ସଭାପତି ପଦ ପାଇଁ କେଉଁ ରଣକୌଶଳ ଆପଣାଇବେ ତାହା ଉପରେ ସମସ୍ତଙ୍କ ଲକ୍ଷ୍ୟ।

# ବିଡିଓ-ବିଜେଡି ନେତା ମୁହାଁମୁହିଁ

## ଥାନାରେ ଅଭିଯୋଗ

ଭଣ୍ଡାରିପୋଖରୀ, ୯।୨ (ରାଜେନ୍ଦ୍ର ଶତପଥୀ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ କାର୍ଯ୍ୟାଳୟ ପରିସରରେ ଗତ ୫ ତାରିଖରେ ଅନୁଷ୍ଠିତ 'ବିକଶିତ ଗାଁ ବିକଶିତ ଓଡ଼ିଶା' କାର୍ଯ୍ୟକ୍ରମରେ ଭାଜପାର ନେତାଙ୍କୁ ଦାୟିତ୍ୱ ଦିଆଯିବା ଘଟଣାକୁ ନେଇ ବିଡିଓ ଓ ବିଜେଡି ନେତାଙ୍କ ମଧ୍ୟରେ ଆରୋପ ପ୍ରତ୍ୟାରୋପ ଲାଗିରହିଛି। ଏପରିକି ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଛି। ଏହାକୁ କେନ୍ଦ୍ରକରି ତାଙ୍କୁ ଘେରିବା ଘଟଣାରେ ବିଡିଓ ଦେବଦତ୍ତ ଦାଶ ବିଜେଡି ନେତାମାନଙ୍କ ବିରୋଧରେ ଭଣ୍ଡାରିପୋଖରୀ ଥାନାରେ ଅଭିଯୋଗ କରିଛନ୍ତି। ଅପରପକ୍ଷେ ବିଜେଡି ପକ୍ଷରୁ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁମତୀ ସେଠୀ ବିଡିଓଙ୍କ ବିରୋଧରେ ପାଲଟା ଅଭିଯୋଗ କରିଛନ୍ତି।

ଏହି କାର୍ଯ୍ୟକ୍ରମ ପରଦିନ ବିଡିଓଙ୍କ ବିରୋଧରେ ବିଜେଡି ନେତାମାନେ ଜିଲାପାଳଙ୍କ ନିକଟରେ ଫେରାଦ ହୋଇଥିଲେ। ସେହିପରି ବିଜେଡି ନେତା ଓ କର୍ମୀମାନେ ୭ ତାରିଖରେ ବିଡିଓଙ୍କ କାର୍ଯ୍ୟାଳୟରେ ବିଡିଓ ଦାସଙ୍କୁ ଘେରି ନାନା ପ୍ରଶ୍ନ କରିବା ସହ ତାଗିଦ୍ କରିଥିଲେ। ବିଡିଓ ଶୁକ୍ରବାର ଥାନାରେ ବିଜେଡି ନେତା ଓ କର୍ମୀମାନଙ୍କ ନାମରେ ଏତଲା ଦେଇଥିଲେ। ପୂର୍ବତନ ଜିଲା ପରିଷଦ ସଦସ୍ୟଙ୍କ ନେତୃତ୍ୱରେ ୫୦ରୁ ୭୦ଜଣ ବିଜେଡି ନେତା ଓ କର୍ମୀ ତାଙ୍କୁ ଗାଳିଗୁଲଜ କରିବା ସହ ଚୌକିରୁ ଆଣି ଫିଙ୍ଗିଦେବାକୁ କହିଥିଲେ ବୋଲି ବିଡିଓ ଅଭିଯୋଗରେ ଦର୍ଶାଇଛନ୍ତି। ସେହିପରି ପୋଲିସ ଉପସ୍ଥିତିରେ ଅଶୋଭନୀୟ ଆଚରଣ ଦେଖାଇବା ସହ କାର୍ଯ୍ୟରେ ବାଧା ସୃଷ୍ଟି କରିଥିଲେ ବୋଲି ବିଡିଓ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପତ୍ର ସଂଖ୍ୟା ୭୬୭ ଅନୁଯାୟୀ ଥାନାକୁ ଏତଲା ପଠାଇ କାର୍ଯ୍ୟାନୁଷ୍ଠାନ ଲୋଡ଼ିଥିଲେ। ପୋଲିସ ଶନିବାର ମଧ୍ୟାହ୍ନରେ ବିଡିଓଙ୍କ ଅଭିଯୋଗ ଆଧାରରେ ଏକ ମାମଲା (ନଂ. ୬୮/୨୫) ରୁଜୁ କରିଛି। ଅପରପକ୍ଷେ ବିଡିଓଙ୍କ ପକ୍ଷରୁ ଏତଲା ସୂଚନା ପାଇ ବିଜେଡି ପକ୍ଷରୁ ପଞ୍ଚାୟତ ସମିତି ଅଧ୍ୟକ୍ଷା ସେଠୀ ଶନିବାର ପାଲଟା ଅଭିଯୋଗ କରିଛନ୍ତି। ମାତ୍ର ଅଧ୍ୟକ୍ଷାଙ୍କ ଅଭିଯୋଗ ଆଧାରରେ ଏଯାଏ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି।

# ଯାଜପୁର ଜିଲାରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ: ବିଜେଡି


ଖବରଦାତା ସମ୍ମିଳନୀରେ ଯୋଗ ଦେଇଥିବା ବିଜେଡି ନେତାମାନେ।

ଯାଜପୁରରୋଡ୍, ୯।୨ (ପବିତ୍ର ରଞ୍ଜନ ମହାନ୍ତି)

## ସୁଧାର ନ ଆସିଲେ ଦଳ ରାସ୍ତାକୁ ଓହ୍ଲାଇବ

ଯାଜପୁର ଜିଲାରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଗସ୍ତ ସମୟରେ ଜିଲାରେ ହତ୍ୟାକାଣ୍ଡ, ଡକାୟତି ଓ ଲୁଟ ଘଟଣା ଘଟୁଛି। ରବିବାର ଅପରାହ୍ନରେ ବିଜେଡି ନେତା ମହେଶ ଧଳଙ୍କ ଅଧ୍ୟକ୍ଷତାରେ ବ୍ୟାସନଗରସ୍ଥିତ ଉତ୍ସବ ପ୍ୟାଲେସ୍ କଲ୍ୟାଣମଣ୍ଡପଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଜିଲା ମହିଳା ବିଜେଡି ସଭାନେତ୍ରୀ ସବିତା ରାଉତ ଏହି ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ଜିଲାରେ ଆଇନଶୃଙ୍ଖଳା ପରିସ୍ଥିତି ଭୁଶୁଡ଼ିବାରେ ଲାଗିଛି। ବିଶେଷକରି ଯାଜପୁରରୋଡ୍ ସହରର ବିଭିନ୍ନ ସ୍ଥାନରେ ଚୋରି, ଡକାୟତି, ରାହାଜାନି, ଛିନ୍‌ତାଇ ଓ ହତ୍ୟାକାଣ୍ଡ ବୃଦ୍ଧି ପାଉଛି, ଯାହାକୁ ନେଇ ସହରବାସୀ ଭୟ ଓ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଶନିବାର ମୁଖ୍ୟମନ୍ତ୍ରୀଙ୍କ ବ୍ୟାସନଗର ଗସ୍ତ ପରେ ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଧର୍ମଶାଳା ଗସ୍ତ ସମୟରେ ପାଣିକୋଇଲିଠାରେ ଥିବା ପଣ୍ଡା ଅଳଙ୍କାର ଦୋକାନରୁ ଲୁଟ୍ ହୋଇଥିଲା। ଏଥିସହିତ ଅଭିଯୁକ୍ତଙ୍କ ଗୁଳିମାଡ଼ରେ ୨ ଜୀବନ ଯାଇଥିଲା। ପୋଲିସ ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷାରେ ବ୍ୟସ୍ତ ଥିବାବେଳେ ସହରରେ ଆଇନଶୃଙ୍ଖଳା ନିୟନ୍ତ୍ରଣ କରିବାରେ ବିଫଳ ହୋଇଛି। ଏଭଳି ଭାବରେ ଜିଲାର ଆଇନଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ରସାତଳଗାମୀ ହେଉଛି। ଫଳରେ ପୋଲିସ ଉପରୁ ଜନସାଧାରଣଙ୍କ ଆସ୍ଥା ଓ ବିଶ୍ୱାସ ତୁଟିବାରେ ଲାଗିଛି। ତେବେ ଆଇନଶୃଙ୍ଖଳା ପରିସ୍ଥିତିରେ ଶୀଘ୍ର ସୁଧାର ନ ଆଣିଲେ ଆଗାମୀ ଦିନରେ ବିଜେଡି ରାସ୍ତାକୁ ଓହ୍ଲାଇବ ବୋଲି ସଭାନେତ୍ରୀ ସବିତା ଚେତାବନୀ ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ବ୍ୟାସନଗର ପୌର ଉପନଗରପାଳ ସୁବାସ ଚନ୍ଦ୍ର ବଳ, ଅମୂଲ୍ୟ ନାୟକ, ଯୁବନେତା ପ୍ରଭାତ ସାହୁ, ବ୍ୟାସନଗର ମହିଳା ସମ୍ପାଦିକା ମଞ୍ଜୁଲତା ପଣ୍ଡା ଓ ଛାତ୍ର ନେତା ରୋମ୍ୟରଞ୍ଜନ ପୁହାଣ ପ୍ରମୁଖ ଉପସ୍ଥିତ ଥିଲେ।

# ଘର ନ ଦେଇ ବିଜେଡି ସରକାର ଲୋକଙ୍କୁ ଠକୁଥିଲେ: ମନ୍ତ୍ରୀ ରବି ନାଏକ

ଭୁବନେଶ୍ୱର, ୯।୨ (ଅନୁରାଧା ମହାରଣା)

## ଅନ୍ତ୍ୟୋଦୟ ଗୃହ ଯୋଜନା ପ୍ରସଙ୍ଗ

### ୨.୨୫ ଲକ୍ଷ ଲୋକଙ୍କୁ ପକ୍କା ଘର ଯୋଗାଇବେ ଭାଜପା ସରକାର

ପୂର୍ବର ବିଜେଡି ସରକାର ଲୋକଙ୍କୁ ଠକୁଥିଲେ। ଲୋକଙ୍କ ନାଁ ପଞ୍ଜୀକରଣ ହେଉଥିଲା, କିନ୍ତୁ ଘର ପାଉ ନ ଥିଲେ। ଅନ୍ତ୍ୟୋଦୟ ଗୃହ ଯୋଜନା ପ୍ରସଙ୍ଗରେ ପ୍ରତିକ୍ରିୟା ରଖି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ରବିବାର ତତ୍କାଳୀନ ବିଜେଡି ସରକାରଙ୍କ ଉପରେ ବର୍ଷିଛନ୍ତି। ଏଥିସହ ମନ୍ତ୍ରୀ ନାଏକ ଇନ୍ଦିରା ଆବାସ ଯୋଜନା ପ୍ରତି ବିଜେଡିର ମନୋଭାବକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେ କହିଛନ୍ତି, ଏହି ଯୋଜନା ଅଧୀନରେ ବଣ୍ଟାଯାଇଥିବା ଅନେକ ଘରର ବର୍ତ୍ତମାନ ଅବସ୍ଥା ସଙ୍କଟାପନ୍ନ ରହିଛି। ଅପରପକ୍ଷେ ସମସ୍ତଙ୍କ ପାଇଁ ପକ୍କା ଘର ଯୋଗାଇବାର ଆକାଂକ୍ଷା ପୂରଣ କରିବାକୁ ନୂତନ ସରକାର ପଦକ୍ଷେପ ଗ୍ରହଣ କରିବେ ବୋଲି ସେ ଆଶ୍ୱାସନା ଦେଇଛନ୍ତି। ଏଥିପାଇଁ ଯୋଗ୍ୟ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଛି ଏବଂ ଆସନ୍ତା ନିର୍ବାଚନ ପୂର୍ବରୁ ଏହି କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ବିଜୁ ପକ୍କା ଘର ଯୋଜନା(ବିପିଜିୱାଇ) ଅଧୀନରେ ନାମ ଫଳକ ଲଗାଇଛନ୍ତି, ମାତ୍ର ପ୍ରତିଶ୍ରୁତି ପାଳନ କରିନାହାନ୍ତି। ଏହାଦ୍ୱାରା ବିଜୁ ବାବୁ ଲିଗାସୀ କ୍ଷତିଗ୍ରସ୍ତ ହୋଇଥିବା ସେ ଅଭିଯୋଗ କରିଛନ୍ତି। ମାତ୍ର ଭାଜପା ନେତୃତ୍ୱାଧୀନ ସରକାର ଲୋକଙ୍କ ବିଷୟରେ ଚିନ୍ତା କରିବା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି। ଅତୀତରେ ଇନ୍ଦିରା ଆବାସ ଯୋଜନାରେ ଯେଉଁମାନେ ୨୨ ହଜାର, ୩୫ ହଜାର, ୪୫ ହଜାର କିମ୍ବା ୭୫ ହଜାର ଟଙ୍କା ପାଇଛନ୍ତି, ସେମାନଙ୍କ ପାଇଁ ଅନ୍ତ୍ୟୋଦୟ ଯୋଜନା ଉଦ୍ଦିଷ୍ଟ। ସେମାନଙ୍କ ଘର ପକ୍କା ଘରରେ ପରିଣତ କରିବା ଆମର ଉଦ୍ଦେଶ୍ୟ ବୋଲି ମନ୍ତ୍ରୀ କହିଛନ୍ତି। ହିତାଧିକାରୀଙ୍କୁ ପୂର୍ବରୁ ଆବଣ୍ଟିତ ହୋଇଥିବା ଅନେକ ପକ୍କା ଘର ବର୍ତ୍ତମାନ ଅବସ୍ଥା ସଙ୍କଟାପନ୍ନ ରହିଛି। ସେମାନେ ବର୍ତ୍ତମାନ ନୂତନ ଗୃହ ପାଇବାକୁ ଯୋଗ୍ୟ ନ ହେଲେ ବି ପକ୍କା ଘରେ ଅନ୍ତର୍ଭୁକ୍ତ କରିବା ପାଇଁ ଯୋଜନା ଚାଲିଛି। ବର୍ତ୍ତମାନର ସରକାର ପ୍ରାୟ ୨.୨୫ ଲକ୍ଷ ଲୋକଙ୍କୁ ପକ୍କା ଘର ଯୋଗାଇବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଟୋକା ଟୋକାଳିଆ ବୁଦ୍ଧି;**
**ଆଗ ପଛକୁ ବିଚାର ନାହିଁ,**
**ମଥାରେ ନାଉଛି ମୁଦି।**

ସାଧାରଣତଃ ଟୋକା ବା ଯୁବ ବୟସ କଞ୍ଚା ବୟସ ହୋଇଥାଏ। ଏ ବୟସରେ ପରିପକ୍ୱତା ଆସି ନ ଥିବା ବେଳେ ସଂସାରର ଭଲମନ୍ଦ ଦିଗପ୍ରତି ସେମାନଙ୍କ ଅଭିଜ୍ଞତା କମ ରହିଥାଏ। ତେଣୁ ଏ ବୟସରେ ବ୍ୟକ୍ତି ଦ୍ୱାରା ନିଆଯାଉଥିବା ବିଚାର ଉପରେ କେବେହେଲେ ଭରସା ପାଇ ନ ଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଟିକି ଟିକି କଣ୍ଟା, ଲୁହାର ବାଡ଼ି,**
**ଏ ନାଆଁ ନ କହିଲେ ଘରୁ ଦିଅ ତଡ଼ି।**

ଏହା ଏକ ନାଆଁ ଦିଆ ପହେଳି। ଦାଆ ଲୁହାରେ ତିଆରି ହୋଇଥିବା ବେଳେ ଏହାର ଧାର ଦନ୍ତୁରିତ ହୋଇଥିବା ଅର୍ଥରେ ଏଭଳି ପ୍ରହେଳିକା ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ


ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ରାଜ୍ୟ ସରକାରଙ୍କୁ ଯାଜପୁର ବିଧାୟିକାଙ୍କ ପ୍ରଶ୍ନ

ଯାଜପୁର ଟାଉନ, ୯।୨ (ପ୍ରଯନ୍ତା ପ୍ରିୟଦର୍ଶିନୀ ମହାନ୍ତି)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଯାଜପୁର ଜିଲାକୁ ଦିନିକିଆ ଗସ୍ତ କରିଥିଲେ। ଏହି ସମୟରେ ମୁଖ୍ୟମନ୍ତ୍ରୀ ଜିଲାକୁ ୧ ହଜାର କୋଟି ଟଙ୍କାର ପ୍ରକଳ୍ପ ଭେଟି ଦେଲେ ବୋଲି କହିଛନ୍ତି। ରବିବାର ସ୍ଥାନୀୟ ବିରଜା କଲ୍ୟାଣ ମଣ୍ଡପଠାରେ ଏକ ଖବରଦାତା ସମ୍ମିଳନୀ କରି ମୁଖ୍ୟମନ୍ତ୍ରୀଙ୍କୁ ୯ଟି ପ୍ରଶ୍ନ ପଚାରିଛନ୍ତି ଯାଜପୁର ବିଧାୟିକା ସୁଜାତା ସାହୁ। ସେ କହିଛନ୍ତି, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ୟମ ଯୋଗୁ ଯାଜପୁର ଜିଲା ରୂପାନ୍ତରିତ ହୋଇପାରିଛି। ନବୀନଙ୍କ ଅବଦାନକୁ ମୋହନ ସରକାର ନିଜର କୃତିତ୍ୱବୋଲି ଦାବିକରି ଯାଜପୁର ବାସୀଙ୍କୁ ଭୁଆଁ ବୁଲାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଯାଜପୁର ଗସ୍ତ ବେଳେ ଏହା ଜଣାପଡିଛି ବୋଲି ସୁଜାତା ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ଜିଲା ଗସ୍ତ ବେଳେ ୮୨୯ କୋଟି ୭୬ ଲକ୍ଷ ଟଙ୍କାର ୮୩ଟି ପ୍ରକଳ୍ପକୁ ଉଦ୍‌ଘାଟନ କରିଛନ୍ତି ବୋଲି କହିଛନ୍ତି। ମହାରାଜା ଯଯାତି କେଶରୀ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ସମନ୍ୱିତ ପ୍ରକଳ୍ପ ପାଇଁ ଏହି ଅନୁଦାନ ନବୀନ ସରକାର ବେଳେ ମଞ୍ଜୁର ହେବାସହ ପ୍ରକଳ୍ପ ନିର୍ମାଣ ସମ୍ପୂର୍ଣ୍ଣ ହୋଇସାରିଥିଲା। ମୁଖ୍ୟମନ୍ତ୍ରୀ ଏହି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ପାଇଁ ୮ ଶହ କୋଟି ଟଙ୍କାର ଅନୁଦାନ ଦେଲେ ବୋଲି ବୃଥା ଆସ୍ଫାଳନ କରିଛନ୍ତି ବୋଲି ସୁଜାତା କହିଛନ୍ତି। ବ୍ୟାସ ସରୋବର ପର୍ଯ୍ୟଟନ ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରିବା ବଦଳରେ ଆଂଶିକ ଭାବେ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି। ବ୍ୟାସସରୋବର ପ୍ରକଳ୍ପ କେବେ ସଂପୂର୍ଣ୍ଣ ହେବ ସେ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ସ୍ପଷ୍ଟୀକରଣ ଦେବେକି ବୋଲି ସୁଜାତା ପ୍ରଶ୍ନ କରିଛନ୍ତି। ବ୍ୟାସନଗର ଟାଉନ୍ ହଲ ନିର୍ମାଣ ନବୀନ ସରକାର ସମ୍ପୂର୍ଣ୍ଣ କରିଥିଲେ। ଏହାକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ପ୍ରକଳ୍ପ ଭାବେ ଅଭିହିତ କହିବା କେତେ ଦୂର ଯଥାର୍ଥ ବୋଲି ସୁଜାତା କହିଛନ୍ତି। ଭାଜପା ସରକାର ଆସିବା ପରେ ବିରଜା ମନ୍ଦିର ପ୍ରକଳ୍ପ ନିର୍ମାଣ କାର୍ଯ୍ୟକୁ ବନ୍ଦ କରିବା ସହ ଏହାର ପରିକ୍ରମା ପ୍ରକଳ୍ପ ପାଇଁ ଅଧିଗୃହୀତ ଜମିକୁ ଜବରଦଖଲକାରୀଙ୍କ ହାତରେ ଟେକି ଦେଇଛନ୍ତି। ଡଙ୍କାରୀଠାରେ କ୍ରୁଡ୍ ଅଏଲଷ୍ଟୋରେଜ ଫାସିଲିଟି ପ୍ରକଳ୍ପ କେବେ ଶୁଭାରମ୍ଭ ହେବ ସେ ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିବେ କି ବୋଲି ସୁଜାତା ପ୍ରଶ୍ନ କରିଛନ୍ତି। ଯାଜପୁରଠାରେ ଏକ ଅତ୍ୟାଧୁନିକ ବସ୍‌ଟର୍ମିନାଲ ପାଇଁ ନବୀନ ସରକାର ଅମଳରେ ୬୦ କୋଟି ଟଙ୍କା ଅନୁଦାନ ମିଳିବା ସହ ଟେଣ୍ଡର କାର୍ଯ୍ୟ ସରିଥିଲା। ଏ ସରକାର ୨୦କୋଟିର ଟେଣ୍ଡରକୁ ବାତିଲ କରିଛନ୍ତି। ନବୀନ ସରକାରଙ୍କ ଅମଳରେ ଆରମ୍ଭ ହୋଇଥିବା ଜିଲାମହୋତ୍ସବ 'ଯଯାତି'କୁ ନିର୍ବାଚିତ ଜନ ପ୍ରତିନିଧି ଓ ପ୍ରଶାସକଙ୍କୁ ଅତିଥି ଭାବେ ଚୟନ କରି ଜିଲା ପ୍ରଶାସନ ଏକ ସୁସ୍ଥ ପରମ୍ପରା ସୃଷ୍ଟି କରିଥିଲା। ଚଳିତ ବର୍ଷ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଜିଲା ଭାଜପା ସଭାପତିଙ୍କୁ ଜିଲା ମହୋତ୍ସବ ଭଳି ଏକ ସରକାରୀ ମଞ୍ଚରେ ଅତିଥି ସଜାଇ ଜିଲା ପ୍ରଶାସନ କାହିଁକି ପୂର୍ବ ପରମ୍ପରାକୁ କଳୁଷିତ କରିଛି ସେ ସମ୍ପର୍କରେ ଜିଲାପାଳଙ୍କଠାରୁ ମୁଖ୍ୟମନ୍ତ୍ରୀ କୈଫିୟତ ତଲବ କରିବେ କି ବୋଲି ସୁଜାତା ପ୍ରଶ୍ନ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଯାଜପୁର ପୌରାଧ୍ୟକ୍ଷା ରଞ୍ଜୁଲତା ହୋତା ଓ ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ ଉପସ୍ଥିତ ଥିଲେ।



# ଆଜି ଓଡ଼ିଶା ଆସୁଛନ୍ତି ଜାତୀୟ ମହିଳା ଆୟୋଗ ଅଧ୍ୟକ୍ଷା


ବିଜୟା ରାହତକର

**ଭୁବନେଶ୍ୱର,୯।୨ (ବନ୍ଦନା ସେଠୀ)**

ଜାତୀୟ ମହିଳା କମିଶନ ଅଧ୍ୟକ୍ଷା ବିଜୟା ରାହତକର ସୋମବାରଠାରୁ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏହି ଗସ୍ତ ସମୟରେ ରାହତକର ଓଡ଼ିଶା ରାଜ୍ୟ ମହିଳା ଆୟୋଗର ପ୍ରତିଷ୍ଠା ଦିବସରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିସହ ମାନବ ଚାଲାଣର ନିରାକରଣ, ଯୌନ ଉତ୍ପୀଡ଼ନ ବିରୋଧ ଆଇନ (ପୋସ୍ ଆକ୍ଟ) ଓ ବାଲ୍ୟବିବାହ ନିରାକରଣରେ ରାଜ୍ୟର ସ୍ଥିତି ସମ୍ପର୍କରେ ସମୀକ୍ଷା କରିବେ ବୋଲି ଜଣାପଡିଛି।

# ରାସ୍ତାକଡ଼କୁ ଓଲଟିଲା ବାଇକ୍, ଯୁବକ ମୃତ

**କୋଣାର୍କ,୯।୨(ଜ୍ୟୋତିରାଜ ମହାନ୍ତି)**

କୋଣାର୍କ ଥାନା ଅଧୀନ ଅରଖକୁଦା ଗ୍ରାମଠାରେ ରବିବାର ଭାରସାମ୍ୟ ହରାଇ ଏକ ବାଇକ୍ ରାସ୍ତାକଡ଼କୁ ଓଲଟି ପଡ଼ିବାରୁ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସୁତନ ଗ୍ରାମପଞ୍ଚାୟତ ଭିଙ୍ଗୁରାଡି ଗ୍ରାମର ସନ୍ତୋଷ କୁମାର ସାମନ୍ତରାୟ (୨୮)।

ସନ୍ତୋଷ କୌଣସି କାମରେ ବାଇକ୍ ଯୋଗେ କୋଣାର୍କ ଅଭିମୁଖେ ଯାଉଥିବାବେଳେ ତାଙ୍କ ବାଇକ୍ ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଓଲଟି ପଡ଼ିଥିଲା। ସ୍ଥାନୀୟ ଲୋକେ ଆହତ ସନ୍ତୋଷଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଥିଲା। କୋଣାର୍କ ଥାନା ପୋଲିସ ବ୍ୟବଚ୍ଛେଦ ପାଇଁ ମୃତଦେହ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ବଦଳୁଛି ଦିଲ୍ଲୀ ଭୋଟରଙ୍କ ମାନସିକତା

## ପୁରୁଷଙ୍କୁ ଟପିଲେ ମହିଳା ମତଦାତା

**ନୂଆଦିଲ୍ଲୀ,୯।୨**



ଭାରତୀୟ ଜନତା ପାର୍ଟି (ଭାଜପା) ଦୀର୍ଘ ୨୭ ବର୍ଷର ପ୍ରତୀକ୍ଷା ପରେ ଦିଲ୍ଲୀ ବିଧାନସଭା ଦଖଲ କରିଛି। ଜାତୀୟ ରାଜଧାନୀର ୭୦ ଆସନ ବିଶିଷ୍ଟ ବିଧାନସଭାରୁ ୪୮ ଆସନ ଅକ୍ତିଆର କରିବାରେ ଭାଜପା ସକ୍ଷମ ହୋଇଥିବାବେଳେ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ମାତ୍ର ୨୨ ଆସନରେ ସୀମିତ ହୋଇ ରହିଯାଇଛି। ୨୦୨୦ ବିଧାନସଭା, ୨୦୨୪ ଲୋକ ସଭା ଓ ସଦ୍ୟ ସମାପ୍ତ ବିଧାନସଭା ନିର୍ବାଚନର ଫଳ ଦିଲ୍ଲୀ ଭୋଟରଙ୍କ ପରିବର୍ତ୍ତନଶୀଳ ମାନସିକତାକୁ ଦର୍ଶାଉଛି। ବିଶେଷକରି ୨୦୨୦ ତୁଳନାରେ ୨୦୨୫ ବିଧାନସଭା ନିର୍ବାଚନରେ ମତଦାତାଙ୍କ ମାନସିକତାରେ ବଡ଼ ପରିବର୍ତ୍ତନ ଆସିଥିବା ଭୋଟିଂର ଧାରାକୁ ଦେଖିଲେ ବୁଝିହେଉଛି।

୨୦୨୦ ବିଧାନସଭା ନିର୍ବାଚନ ବେଳେ ୬୨.୮୨% ଭୋଟ ଗ୍ରହଣ କରାଯାଇଥିଲା। ଆପ୍ ୬୨ ଆସନ ଦଖଲ କରି ବୃହତ୍ ବିଜୟ ସହ ସରକାର ଗଢ଼ିବାରେ ସଫଳ ହୋଇଥିଲା। ସେତେବେଳେ ଆପ୍‌କୁ ୫୩.୫୭% (୪୯,୭୪,୫୯୨ ଖଣ୍ଡ) ଭୋଟ ମିଳିଥିଲା। ଭାଜପା ୩୮.୫୧% (୩୫,୭୫,୫୨୯) ଭୋଟ ହାସଲ କରି ମାତ୍ର ୮ ଆସନରେ ସୀମିତ ରହିଥିଲା। ଅନ୍ୟପକ୍ଷେ ପୂର୍ବରୁ (୧୯୯୮ରୁ ୨୦୧୩ ପର୍ଯ୍ୟନ୍ତ) ଲଗାତର ଦିଲ୍ଲୀରେ କ୍ଷମତାରେ ଥିବା କଂଗ୍ରେସ ୨୦୨୦ ବିଧାନସଭା ନିର୍ବାଚନରେ ମାତ୍ର ୪.୨୬% (୩,୯୫,୯୫୮) ଭୋଟ ପାଇ ଖାତା ଖୋଲିବାରେ ସକ୍ଷମ ହୋଇ ନ ଥିଲା। ସେହିପରି ଜାତିଆଣ ରାଜନୀତିରେ ବିଶ୍ୱାସ କରୁଥିବା ମାୟାବତୀଙ୍କ ବହୁଜନ ସମାଜ ପାର୍ଟି (ବିଏସ୍‌ପି)କୁ ୦.୭୧% ଭୋଟରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା।

୨୦୨୪ ଲୋକ ସଭା ନିର୍ବାଚନରେ ବିଧାନସଭାର ଟ୍ରେଣ୍ଡ୍ ବଦଳିଯାଇଥିଲା। ମେ’ ୨୫ରେ ୭ ସଂସଦୀୟ ଆସନରେ ଅନୁଷ୍ଠିତ ନିର୍ବାଚନରେ ୫୮.୬୮% ମତଦାନ ହୋଇଥିଲା। ଭାଜପା ୫୪.୩୫% ଭୋଟ ପାଇ ସମସ୍ତ ୭ଟି ଆସନ ଦଖଲ କରିବାରେ ସଫଳ ହୋଇଥିଲା। ଅନ୍ୟପକ୍ଷେ ଇଣ୍ଡିଆ ବ୍ଲକ୍‌ର ଆପ୍ ୪ ଆସନରେ ଲଢ଼ି ୨୪.୧୭% ଭୋଟ ପାଇଥିଲା। ଏହି ବିରୋଧୀ ମେଣ୍ଟର ସବୁଠୁ ବଡ଼ ଦଳ କଂଗ୍ରେସ ୩ ଆସନରେ ଲଢ଼ି ୧୮.୯୧% ଭୋଟରେ ସୀମିତ ରହିଥିଲା। ସେହିପରି ବିଏସ୍‌ପି ୦.୭୦%, ଏଆଇଏଫ୍‌ବି ୦.୦୧% ଓ ଅନ୍ୟ ସ୍ୱାଧୀନ ପ୍ରାର୍ଥୀମାନେ ୧.୩୬% ଭୋଟ ପାଇଥିଲେ। ଲୋକ ସଭା ଭୋଟରେ ୦.୫୧% ଦିଲ୍ଲୀବାସୀ କୌଣସି ବିକଳ୍ପ ନ ପାଇ ନନ୍ ଅଫ୍ ଦି ଏବଭ୍ (ନୋଟା) ବଟନ୍ ଦବାଇଥିଲେ।

୨୦୨୦ ତୁଳନାରେ ୨୦୨୫ ବିଧାନସଭା ନିର୍ବାଚନରେ ମତଦାନ ହାର ୨.୨୮% ହ୍ରାସ ପାଇଛି। ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କ ୱେବ୍‌ସାଇଟ୍‌ରେ ପ୍ରଦତ୍ତ ତଥ୍ୟାନୁସାରେ ଏଥର ଆପ୍‌ର ଭୋଟ ହାର ୨୦୨୦ ବିଧାନସଭା ନିର୍ବାଚନ ତୁଳନାରେ ପ୍ରାୟ ୧୦% କମିଯାଇଛି। ଅରବିନ୍ଦ କେଜ୍‌ରିୱାଲଙ୍କ ଦଳ ୨୦୨୦ରେ ୫୩.୫୭% ଭୋଟ ପାଇଥିବାବେଳେ ଏଥର ୪୩.୫୭% ଦିଲ୍ଲୀ ମତଦାତା ଆପ୍ ସପକ୍ଷରେ ନିଜ ରାଜନୈତିକ ମତାଧିକାର ସାବ୍ୟସ୍ତ କରିଛନ୍ତି। ଭାଜପା ଏଥର ୪୫.୫୬% ଭୋଟ ପାଇଛି, ଯାହାକି ଗତ ବିଧାନସଭା ନିର୍ବାଚନର ୩୮.୫୧%ଠାରୁ ୭.୦୫% ଅଧିକ। କଂଗ୍ରେସ ଏଥର ମଧ୍ୟ ଖାତା ଖୋଲିପାରି ନାହିଁ। କିନ୍ତୁ ସର୍ବପୁରାତନ ଦଳର ଭୋଟ ହାର ୨୦୨୦ର ୪.୨୬%ଠାରୁ ୨୦୨୫ରେ ୨.୦୮% ବୃଦ୍ଧିପାଇ ୬.୩୪%ରେ ପହଞ୍ଚିଛି। ଏହି ନିର୍ବାଚନରେ ସଂଯୁକ୍ତ ଜନତା ଦଳ ୧.୦୬%, ଏଆଇଏମ୍ଆଇଏମ୍ ୦.୭୭%, ବିଏସ୍‌ପି ୦.୫୮%, ସିପିଆଇ ୦.୦୨%, ସିପିଆଇଏମ୍ ୦.୦୧% ଓ ଅନ୍ୟ ସ୍ୱାଧୀନ ପ୍ରାର୍ଥୀମାନେ ୦.୯୩% ଭୋଟ ପାଇଛନ୍ତି। ନିର୍ବାଚନରେ କୌଣସି ଦଳ ବା ସ୍ୱାଧୀନ ପ୍ରାର୍ଥୀଙ୍କୁ ପସନ୍ଦ କରି ନ ଥିବା ୦.୫୭% ଦିଲ୍ଲୀ ଭୋଟର ନୋଟା ବଟନ ଦବାଇଛନ୍ତି।

ମୋଟାମୋଟି ଭାବେ ଦେଖିଲେ ଦିଲ୍ଲୀର ସଚେତନ ଭୋଟର କୌଣସି ନିର୍ଦ୍ଦିଷ୍ଟ ଦଳ ପ୍ରତି ଢଳିବା ପରିବର୍ତ୍ତେ ସମୟ ଅନୁଯାୟୀ ନିଜ ମତ ବଦଳାଇଆସିଛନ୍ତି, ଯାହାକି ଉପରୋକ୍ତ ଟ୍ରେଣ୍ଡ୍‌ରେ ପ୍ରତିଫଳିତ ହୋଇଛି। ଏଠି ଗୋଟିଏ କଥା ଲକ୍ଷ୍ୟ କରାଯାଇପାରେ ଯେ, ଯେଉଁ ଦଳ ମହିଳା ଭୋଟରଙ୍କୁ ଅଧିକ ଆକର୍ଷିତ କରିବାରେ ସଫଳ ହୋଇଛି, ସେହି ଦଳ ଅଧିକ ଆସନ ଦଖଲ କରିପାରିଛି। ଗତ ବୁଧବାର ଅନୁଷ୍ଠିତ ବିଧାନସଭା ନିର୍ବାଚନର ଠିକ୍ ପୂର୍ବରୁ ପୂର୍ବତନ ମୁଖ୍ୟମନ୍ତ୍ରୀ କେଜ୍‌ରିୱାଲ ମହିଳାମାନଙ୍କ ହୃଦୟ ଜିତିବା ପାଇଁ ଇସ୍ତାହାରରେ ଅନେକ ଯୋଜନା ଘୋଷଣା କରିଥିଲେ। କିନ୍ତୁ ତାଙ୍କ ଦଳରୁ ଜଣେ ମହିଳା ଆତିଶୀ ମୁଖ୍ୟମନ୍ତ୍ରୀ ହୋଇଥିଲେ ବି କେବଳ ଅସ୍ଥାୟୀ ଭାବେ ଏହି ପଦରେ ରହିଛନ୍ତି ଏବଂ ଆପ୍ ଜିତିଲେ ନିଜେ ପୁଣି ମୁଖ୍ୟମନ୍ତ୍ରୀ ହେବେ ବୋଲି ଆପ୍ ରାଷ୍ଟ୍ରୀୟ ଆବାହକ କହିଥିଲେ। ଦିଲ୍ଲୀର ମହିଳା ଭୋଟର ସମ୍ଭବତଃ କେଜ୍‌ରିୱାଲଙ୍କ ଏଭଳି ଯୁକ୍ତିକୁ ଗ୍ରହଣ କରିପାରି ନ ଥିଲେ। ଅପରପକ୍ଷେ କେନ୍ଦ୍ରରେ ଏନ୍‌ଡିଏର ନେତୃତ୍ୱ ନେଉଥିବା ଭାଜପା ପକ୍ଷରୁ ୩ଟି ପର୍ଯ୍ୟାୟରେ ସଂକଳ୍ପପତ୍ର ଜାରି କରାଯାଇଥିଲା। ଏଥିରେ ଗରିବ ପରିବାରର ମହିଳାଙ୍କୁ ମାସିକ ୨,୫୦୦ ଟଙ୍କା, ଗର୍ଭବତୀଙ୍କୁ ୨୧,୦୦୦ ଟଙ୍କା ସହ ୬ ନ୍ୟୁଟ୍ରିଶନାଲ୍ କିଟ୍ସ, ୫୦୦ ଟଙ୍କାରେ ଏଲ୍‌ପିଜି ସିଲିଣ୍ଡର ପ୍ରଦାନ, ୨୫୦ ପିଙ୍କ୍ ଟଏଲେଟ୍ ନିର୍ମାଣ ଭଳି ମନଲୋଭା ପ୍ରତିଶ୍ରୁତି ଦିଆଯାଇଥିଲା। ମହିଳା ଭୋଟର ଭାଜପା ପ୍ରତିଶ୍ରୁତିକୁ ବିଶ୍ୱାସ କରି ୨୭ ବର୍ଷର ବ୍ୟବଧାନ ପରେ ଏହାକୁ ସରକାର ଗଠନର ସୁଯୋଗ ଦେଇଥିବା ବିଶ୍ଳେଷକମାନେ ମନେକରନ୍ତି। ଦିଲ୍ଲୀ ଇତିହାସରେ ୨୦୨୫ ନିର୍ବାଚନରେ ପ୍ରଥମ ଥର ୭୨.୩୭ ଲକ୍ଷ (୬୦.୯୨%) ମହିଳା ଭୋଟ ଦେଇଛନ୍ତି। ଏଥର ପୁରୁଷଙ୍କ ମତଦାନ ହାର ୬୦.୨୧% ରହିଥିଲା।

**୨୦୨୦ ଦିଲ୍ଲୀ ବିଧାନସଭା ନିର୍ବାଚନ**
■ ଆସନ ସଂଖ୍ୟା ୭୦ ■ ମତଦାନ ୬୨.୮୨%

| ଦଳ | ଭୋଟ% | ଆସନରେ ବିଜୟୀ |
|---|---|---|
| ଆପ୍ | ୫୩.୫୭ | ୬୨ |
| ଭାଜପା | ୩୮.୫୧ | ୮ |
| କଂଗ୍ରେସ | ୪.୨୬ | ୦ |

**୨୦୨୪ ଲୋକ ସଭା ନିର୍ବାଚନ**
■ ଆସନ ସଂଖ୍ୟା ୭ ■ ମତଦାନ ୫୮.୬୮%

| | | |
|---|---|---|
| ଭାଜପା | ୫୪.୩୫ | ୭ |
| ଆପ୍ | ୨୪.୧୭ | ୦ |
| କଂଗ୍ରେସ | ୧୮.୯୧ | ୦ |

**୨୦୨୫ ଦିଲ୍ଲୀ ବିଧାନସଭା ନିର୍ବାଚନ**
■ ଆସନ ସଂଖ୍ୟା ୭୦ ■ ମତଦାନ ୬୦.୫୪%

| | | |
|---|---|---|
| ଭାଜପା | ୪୫.୫୬ | ୪୮ |
| ଆପ୍ | ୪୩.୫୭ | ୨୨ |
| କଂଗ୍ରେସ | ୬.୩୪ | ୦ |

# ଆଜିଠୁ ବଢ଼ିବ ତାପମାତ୍ରା

**ଭୁବନେଶ୍ୱର,୯।୨(ଅନୁରାଧା ମହାରଣା)**

ରାଜ୍ୟରେ ଗତ ୩ଦିନ ମଧ୍ୟରେ ୯ ଡିଗ୍ରୀ ଯାଏ ତାପମାତ୍ରା କମିଥିଲା। ତେବେ ସୋମବାରଠାରୁ ପରବର୍ତ୍ତୀ ୩ଦିନ ମଧ୍ୟରେ ତାପମାତ୍ରା ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ। ଏନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି।

ରାଉରକେଲାରେ ୬ ତାରିଖରେ ସର୍ବନିମ୍ନ ତାପମାତ୍ରା ୧୮ ଡିଗ୍ରୀ ସେଲସିୟସ ଥିବାବେଳେ ରବିବାର ୮.୮ ଡିଗ୍ରୀ ସେଲସିୟସ୍‌କୁ ହ୍ରାସ ପାଇଛି। ଅର୍ଥାତ୍ ୩ଦିନରେ ପ୍ରାୟ ୯.୨ ଡିଗ୍ରୀ ସେଲସିୟସ୍ ତାପମାତ୍ରା କମିଛି। ସେହିପରି ଝାରସୁଗୁଡାରେ ୧୮.୩ ଡିଗ୍ରୀ ସେଲସିୟସ୍‌ରୁ ୯.୭ ଡିଗ୍ରୀ ସେଲସିୟସ୍‌କୁ ଅର୍ଥାତ୍ ପ୍ରାୟ ୮.୬ ଡିଗ୍ରୀ ସେଲସିୟସ୍ ତାପମାତ୍ରା ହ୍ରାସ ପାଇଛି। ଅନ୍ୟପକ୍ଷରେ ରବିବାର ଝାରସୁଗୁଡ଼ାରେ ସର୍ବୋଚ୍ଚ ତାପମାତ୍ରା ୩୪.୪ ଡିଗ୍ରୀ ରେକର୍ଡ ହୋଇଥିଲେ ମଧ୍ୟ ବିଭିନ୍ନ ସ୍ଥାନରେ ଦିନ ତାପମାତ୍ରାରେ ଉଲ୍ଲେଖନୀୟ ହ୍ରାସ ପରିଲକ୍ଷିତ ହୋଇଛି। ଅନୁଗୋଳରେ ଶନିବାର ୩୪.୭ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରେକର୍ଡ ହୋଇଥିବାବେଳେ ରବିବାର ଏହା ୩୨.୭ ଡିଗ୍ରୀକୁ ହ୍ରାସ ପାଇଛି।

ଅନ୍ୟପଟେ ରାଜ୍ୟରେ ବିଭିନ୍ନ ସ୍ଥାନରେ କୁହୁଡ଼ି ପ୍ରଭାବ ଦେଖିବାକୁ ମିଳୁଛି। ଆସନ୍ତା ୨ ଦିନ ବିଭିନ୍ନ ସ୍ଥାନରେ କୁହୁଡ଼ିର ଆସ୍ତରଣ ଦେଖିବାକୁ ମିଳିବ। ତେବେ ସୋମବାର କୋରାପୁଟ, ନବରଙ୍ଗପୁର, ଗଜପତି ଓ ଗଞ୍ଜାମ ଆଦି ଜିଲାକୁ ଘନ କୁହୁଡ଼ି ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

# ଇ-କେୱାଇସି ନ କଲେ କଟିବ ରାଶନ କାର୍ଡ: ମନ୍ତ୍ରୀ

**ଭୁବନେଶ୍ୱର,୯।୨(ବନ୍ଦନା ସେଠୀ)**

■ ୧୫ରେ ସରୁଛି ରାଶନକାର୍ଡ ଇ-କେୱାଇସି
■ ୮ଲକ୍ଷ ଆୟକରଦାତା ରାଶନକାର୍ଡ ହାତେଇଥିଲେ

ରାଶନକାର୍ଡ ଇ-କେୱାଇସି ଆସନ୍ତା ୧୫ ତାରିଖରେ ସରୁଛି। ବର୍ତ୍ତମାନ ସୁଦ୍ଧା ଆହୁରି ୩୭ଲକ୍ଷ ୮୫ହଜାର ୪୯୬ ହିତାଧିକାରୀ ଇ-କେୱାଇସି କରିନାହାନ୍ତି। ତେଣୁ ଏମାନେ ଆସନ୍ତା ୬ଦିନ ଭିତରେ ଇ-କେୱାଇସି କରିବା ପାଇଁ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ରବିବାର ଅପିଲ୍ କରିଛନ୍ତି। ଫେବୃଆରୀ ୧୫ ପରେ ଆଉ ଇ-କେୱାଇସି ଅବଧି ବଢ଼ାଯିବ ନାହିଁ। ତେଣୁ ଯେଉଁମାନେ ଏହି ସମୟ ଭିତରେ କେୱାଇସି ନ କରିବେ, ତାହାକୁ ସରେଣ୍ଡର ଭାବେ ଧରାଯାଇ ସେମାନଙ୍କ ରାଶନକାର୍ଡଗୁଡ଼ିକୁ କାଟି ଦିଆଯିବ। ଏହାସତ୍ତ୍ୱେ ଅଯୋଗ୍ୟମାନେ କାର୍ଡ ନ ଫେରାଇଲେ ସରକାର ସେମାନଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ରାଶନକାର୍ଡରେ ନୂତନ ଲୋକଙ୍କୁ ଯୋଡାଯିବ। ବର୍ତ୍ତମାନ ସୁଦ୍ଧା ୬ଲକ୍ଷ ନୂଆ ହିତାଧିକାରୀ ଏନେଇ ଆବେଦନ କରି ସାରିଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ସେହିପରି ପ୍ରାୟ ୮ଲକ୍ଷ ଆୟକର ଦେଉଥିବା ଲୋକ ରାଶନକାର୍ଡ ନେଇଥିଲେ। ସେମାନେ ସ୍ୱାସ୍ଥ୍ୟ କାର୍ଡ ପାଇବା ପାଇଁ ବେଆଇନ ଭାବେ ରାଶନ କାର୍ଡ ହାତେଇଥିବା ରିପୋର୍ଟ ହସ୍ତଗତ ହୋଇଛି। ସେହି କାର୍ଡଗୁଡ଼ିକୁ କଟାଯିବ। ଏଥିଲାଗି ଅଧିକାରୀମାନଙ୍କୁ ସର୍ଭେକରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଅଯୋଗ୍ୟ ହିତାଧିକାରୀ କାର୍ଡ ନେଇଥିବା ନେଇ ଲିଖିତ ଅଭିଯୋଗ ହେଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଆକ୍ସନ ନିଆଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।






**ଆଜିର ମନ୍ତବ୍ୟ**

"ସଶସ୍ତ୍ର ବଳକୁ କେବଳ ପ୍ରତିରକ୍ଷା କାର୍ଯ୍ୟରେ ବ୍ୟବହାର କରାଯାଇପାରିବ। ଅନ୍ତର୍ଜାତୀୟ ଆଇନକୁ ସର୍ବଦା ସମ୍ମାନ ଦେବାକୁ ହେବ। –ପୋପ୍ ଫ୍ରାନ୍ସିସ୍

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଅନନ୍ତ ବାସୁଦେବ ବିଶ୍ୱଶାନ୍ତି ମହାଯଜ୍ଞର କଳସ ଯାତ୍ରା, ସ୍ଥାନ: ବାଲିଅନ୍ତା ଭୁବନପୁର ଗ୍ରାମ ଯଜ୍ଞ ମଣ୍ଡପ, ସମୟ: ସକାଳ ୮ଟା।
- ଓଡ଼ିଶା ରାଜ୍ୟ କୁକୁଡ଼ା ଚାଷୀ ମହାସଂଘ ପକ୍ଷରୁ ଆଲୋଚନା ସଭା, ସ୍ଥାନ: ସେବା ସଦନ, କଂଗ୍ରେସ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ, ସ୍ଥାନ: ୟୁନିଟ୍‌–୧ ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୪୫।
- ଅନୁସୁଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ରାଜ୍ୟ ରୋଷେୟା ତଥା ସେବାୟତ ସଂଘର ଖବରଦାତା ସମ୍ମିଳନୀ, ସ୍ଥାନ: ପୁରୁଣା ସିଆଇଟିୟୁ ଅଫିସ, ସମୟ: ଖାରବେଳ ନଗର, ୟୁନିଟ୍‌–୩, ସମୟ: ମଧ୍ୟାହ୍ନ ୧୨ଟା।
- ଜଗଦ୍‌ଗୁରୁ ଶ୍ରୀଧର ସ୍ୱାମୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ମହୋତ୍ସବର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ଅପରାହ୍ନ ୫ଟା।

## କଟକ

- ମାଣିଆବନ୍ଧ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ, ମହାବିଦ୍ୟାଳୟ ପରିସର, ବଡ଼ମ୍ବା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବଡ଼ମ୍ବା ମୋହନ ସୁବୁଦ୍ଧି ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ମହାବିଦ୍ୟାଳୟ ପରିସର, ବଡ଼ମ୍ବା, ସମୟ: ପୂର୍ବାହ୍ନ ୧୧ଟା।

## ପୁରୀ

- ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମେଳା, ସ୍ଥାନ: ସତ୍ୟବାଦୀ ହାଇସ୍କୁଲ, ସାକ୍ଷୀଗୋପାଳ ସମୟ: ପୂର୍ବାହ୍ନ ୧୦ଟା।

## ଖୋର୍ଦ୍ଧା

- ଅଷ୍ଟପ୍ରହର ହରିନାମ ଯଜ୍ଞ, ସ୍ଥାନ: ବଡ଼ପଦର, ରାଧାବଲ୍ଲଭ ଦେବଙ୍କ ପୀଠ, ସମୟ: ସକାଳ ୬ଟା।

## ବାଲେଶ୍ୱର

- ରାଧା ମଦନ ମୋହନ ମନ୍ଦିରରେ ନିତ୍ୟାନନ୍ଦ ତ୍ରୟୋଦଶୀ ପାଳନ ଅବସରରେ ନଗର ସଙ୍କୀର୍ତ୍ତନ, ଭଜନ କୀର୍ତ୍ତନ, ଅଭିଷେକ ଏବଂ ହରିକଥା, ସ୍ଥାନ: ମନ୍ଦିର ପରିସର, ବାଲିଆପାଳ, ସମୟ: ସକାଳ ୭ଟା।
- ବିଧାୟକଙ୍କ ଜନ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ:କୁରାଡିହା ପଞ୍ଚାୟତ ଅଫିସ ପରିସର, ବାଲେଶ୍ୱର,ସମୟ: ପୂର୍ବାହ୍ନ ୧୦ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ଖଇରା, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ କାଉନସେଲିଂ କ୍ୟାମ୍ପ,ସ୍ଥାନ:ବ୍ଲକ କାର୍ଯ୍ୟାଳୟ ପରିସର, ଭୋଗରାଇ, ସମୟ:ପୂର୍ବାହ୍ନ ୧୦ଟା।
- ଓଡ଼ିଶା ଷ୍ଟେଟ୍ ବ୍ରିଗେଡ୍ ସ୍କୁଲର ୧୪ତମ ବାର୍ଷିକ ଉତ୍ସବ, ସ୍ଥାନ:ବିଦ୍ୟାଳୟ ପରିସର, ସାହାଡ଼ା, ବସ୍ତା,ସମୟ:ପୂର୍ବାହ୍ନ ୧୦ଟା।
- ରୌପ୍ୟଜୟନ୍ତୀ ସମାରୋହ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ:ବାଲେଶ୍ୱର ପ୍ରେସ କ୍ଲବ ପରିସର, ବାଲେଶ୍ୱର,ସମୟ:ଅପରାହ୍ନ ୪ଟା।

## ଭଦ୍ରକ

- ଟିଲୋ କପ୍‌ର ୫ମ ମ୍ୟାଚ୍, ସ୍ଥାନ: ଟିଲୋ ହନୁମାନଜୀଉ ମିନିଷ୍ଟାଡିୟମ, ବନ୍ତ, ସମୟ: ସକାଳ ୯ଟା ।
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ଧାମନଗର, ସମୟ: ପୂର୍ବାହ୍ନ ୧୦ଟା।
- ତିହିଡ଼ି ଡିଗ୍ରୀ କଲେଜର ବାର୍ଷିକୋତ୍ସବ, ସ୍ଥାନ: କଲେଜ ପରିସର, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସର୍ବଭାରତୀୟ ରାମଚନ୍ଦ୍ର ଦାଶ ସ୍ମାରକୀ କ୍ରିକେଟ, ସ୍ଥାନ: ଦେହୁଡ଼ି ଆନନ୍ଦପୁର ସ୍କୁଲ ପଡ଼ିଆ, ଧାମନଗର, ସମୟ: ପୂର୍ବାହ୍ନ ୧୧ଟା।
- ଆଖଣ୍ଡଳମଣି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ପାଳସାହି, ଧୂଷୁରୀ, ସମୟ: ପୂର୍ବାହ୍ନ ୧୧ଟା।
- ଟିଲୋ କପ୍‌ର ୬ଷ୍ଠ ମ୍ୟାଚ୍, ସ୍ଥାନ: ଟିଲୋ ହନୁମାନଜୀଉ ମିନିଷ୍ଟାଡିୟମ, ବନ୍ତ, ସମୟ: ଅପରାହ୍ନ ୧ଟା।
- ଜାଗୁଲାଇ ନୋଡାଲ ସ୍କୁଲର ବାର୍ଷିକୋତ୍ସବ, ସ୍ଥାନ: ରାଧାବଲ୍ଲଭପୁର, ଧାମନଗର, ସମୟ: ଅପରାହ୍ନ ୨ଟା ୩୦।
- ବ୍ଲକ୍ ମାନ୍ୟତା ଦାବିରେ ପ୍ରସ୍ତୁତି ବୈଠକ, ସ୍ଥାନ: ଆଗରପଡ଼ା, ସମୟ: ଅପରାହ୍ନ ୪ଟା।
- ଧାମନଗର ଶୀତ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଆରମ୍ଭ, ସ୍ଥାନ: ଜୟନଗର ପଡ଼ିଆ, ଧାମନଗର, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର

- ଶ୍ରୀଅରବିନ୍ଦଙ୍କ ପବିତ୍ର ଧ୍ୱଂସାବଶେଷ ସ୍ଥାପନା ଦିବସ, ସ୍ଥାନ: କଳିଙ୍ଗନଗର, ବଡ଼ବିଲ, ସମୟ: ସକାଳ ୬ ଟାରୁ ରାତି ୮ଟା।
- ବିଶ୍ୱଶାନ୍ତି ଗୀତାଯଜ୍ଞ, ଘଟୋତ୍ତଳନ, ଗ୍ରାମଦେବୀପୂଜା, ସ୍ଥାନ : ସୋସୋ, ହାଟଡ଼ିହୀ, ସମୟ : ପୂର୍ବାହ୍ନ ୯ ଟା।
- ବନ୍ଧୁମିଳନ ଉତ୍ସବ, ସ୍ଥାନ: ଡ଼ଅଁର, ହାଟଡ଼ିହୀ, ସମୟ : ପୂର୍ବାହ୍ନ ୧୧ ଟା।

## ମୟୂରଭଞ୍ଜ

- ସ୍କାଉଟ୍ ଓ ଗାଇଡ୍ କାର୍ଯ୍ୟକ୍ରମ, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ, ଶୁଳିଆପଦା, ସମୟ: ସକାଳ ୮ଟା।
- ଶ୍ରୀ ଶ୍ରୀ ଭଗବତଜୀଉ ମନ୍ଦିରର ଏକାଦଶ ବାର୍ଷିକ ଶ୍ରୀମଦ ଭାଗବତ ପୋଥିପାଠ ଉତ୍ସବ, ସ୍ଥାନ:ମାଳିହାଟୀ,ମାଣତ୍ରୀ, ବଡ଼ସାହି,ସମୟ:ସକାଳ ୮ଟା।
- ଚଳଚ୍ଚିତ୍ର ଅଭିନେତା ଉତ୍ତମ ମହାନ୍ତିଙ୍କ ଆଶୁ ଆରୋଗ୍ୟ ପାଇଁ ପୂଜାର୍ଚ୍ଚନା,ସ୍ଥାନ: ଉଦଳା ହନୁମାନ ମନ୍ଦିର,ସମୟ: ସକାଳ ୮ଟା।
- ବିସିଏ ସହିତ ରାଇରଙ୍ଗପୁର କ୍ରିକେଟ ମ୍ୟାଚ,ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା, ସମୟ: ସକାଳ ୯ଟା।
- ଉପଖଣ୍ଡସ୍ତରୀୟ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ରାଇରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବଡ଼ସାହି ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ: ବେତନଟୀ ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ୧୩୭ତମ ହରିହାଟ ମହୋତ୍ସବ, ସ୍ଥାନ: ମାଧପୁର ଶାସନ, ବଡ଼ସାହି,ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ନଭୋଗ ବିକ୍ରି, ସ୍ଥାନ: ପୂର୍ଣ୍ଣେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣ, କରଞ୍ଜିଆ,ସମୟ: ଅପରାହ୍ନ ୨ଟା।
- ସେବକ ଗୋପାଳ ଦାସଙ୍କ ପ୍ରବଚନ, ସ୍ଥାନ: ମାଳିହାଟୀ, ମାଣତ୍ରୀ, ବଡ଼ସାହି,ସମୟ: ସନ୍ଧ୍ୟା ୭ଟା।
- ପାଲା ପରିବେଷଣ, ସ୍ଥାନ: ମାଧପୁର ଶାସନ, ବଡ଼ସାହି,ସମୟ: ସନ୍ଧ୍ୟା ୭ଟା।

## ଗଞ୍ଜାମ

- ମା'ରାମାୟଣାମ୍ବା ମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ:ଛତ୍ରପୁର ସୌଭାଗ୍ୟ କଲ୍ୟାଣ ମଣ୍ଡପ, ସମୟ : ସକାଳ ୬ଟା।
- ଛତ୍ରପୁର ପଞ୍ଚାୟତ ସମିତି ବୈଠକ, ସ୍ଥାନ: ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ହ୍ୟାଣ୍ଡବଲ୍ ଟୁର୍ନାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ଆସିକା ଟାଉନ୍‌ହଲ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମା' ସରସ୍ୱତୀ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: ବୁଗୁଡା ମାଣିତରା,ସମୟ: ପୂର୍ବାହ୍ନ ୧୧ଟା।
- ବୁଦ୍ଧଖୋଲ ମହୋତ୍ସବ ଉଦଯାପନୀ, ସ୍ଥାନ: ବୁଗୁଡା ବୁଦ୍ଧଖୋଲ ମହୋତ୍ସବ ପଡିଆ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦ୍ରାପଡ଼ା

- ଅନ୍ଧବର ଲୋକମେଳା ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ବଙ୍ଗାରୀ, ଗରଦପୁର, ସମୟ: ସକାଳ ୬ଟା।
- ଦିବ୍ୟ ଜୀବନ ସଂଘ ପକ୍ଷରୁ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଶିବାନନ୍ଦ ଆଶ୍ରମ, ଗରାପୁର, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୬ଟା।
- ମା' ବନ୍ଦମଙ୍ଗଳାଙ୍କ ଜନ୍ମ ବାର୍ଷିକ ଉତ୍ସବ, ସ୍ଥାନ: ରାମନଗରପାଟଣା, ଗୁଲନଗର, କେନ୍ଦ୍ରାପଡ଼ା, ସମୟ: ସକାଳ ୬ଟା।
- ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ବାର୍ଷିକ ଯଜ୍ଞ ଉତ୍ସବ, ସ୍ଥାନ: ରାମିଆଗଞ୍ଜ, ମାର୍ଶାଘାଇ, ସମୟ: ସକାଳ ୭ଟା।
- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବନ୍ତଳ ପଞ୍ଚାୟତ କାର୍ଯ୍ୟାଳୟ, ଗରଦପୁର, ସମୟ: ପୂର୍ବାହ୍ନ ୧୦ଟା।
- ମେଗା ରକ୍ତଦାନ ଶିବିର, ସ୍ଥାନ: କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।
- ପାୟଲ ମ୍ୟୁଜିକ ଗ୍ରାମୀଣ ମହୋତ୍ସବ, ସ୍ଥାନ: ପାୟଲ ମ୍ୟୁଜିକ ସ୍କୁଲ, ଇନ୍ଦୁପୁର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ସପ୍ତାଙ୍ଗ କାର୍ଯ୍ୟକ୍ରମର ୫ମ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ଜଗନ୍ନାଥପ୍ରସାଦ ମହିଷାଷୁଣୀ ପୀଠ, ସମୟ: ସକାଳ ୮ଟା।
- ମା'ଭାନୁମତି ମନ୍ଦିରର ପ୍ରତିଷ୍ଠା ବାର୍ଷିକ ଉତ୍ସବର ୨ୟ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ଘଣାଶାଳିଆ, ସମୟ: ସକାଳ ୮ଟା।
- ମା'ମଙ୍ଗଳାଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠାର ୨ୟ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ କୃଷ୍ଣଚନ୍ଦ୍ରପୁରପାଟଣା ମା'ମଙ୍ଗଳାଙ୍କ ପୀଠ, ସମୟ: ସକାଳ ୮ଟା ୩୦।
- ୮୩ ତମ ବିଶ୍ୱ ଶାନ୍ତି ଶୈବଯଜ୍ଞ ଓ ୩୯ତମ ବାର୍ଷିକ ସପ୍ତଶମ୍ଭୁ ମିଳନ ମହୋତ୍ସବର ୪ର୍ଥ ଦିବସ, ସ୍ଥାନ: ଓଡ଼ଗାଁ ଜାମୁପାଟଣାସ୍ଥ ଶ୍ରୀ ଶ୍ରୀ ଦ୍ୟୁତିକେଶ୍ୱର ମହାଦେବ, ସମୟ:ସକାଳ ୮ଟା ୩୫।
- ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣୀ ଶିବର, ସ୍ଥାନ:ଦଶପଲ୍ଲା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ମହିଳା ଆତ୍ମ ସୁରକ୍ଷା ଦକ୍ଷତା କର୍ମଶାଳା, ସ୍ଥାନ: କଣ୍ଟିଲା ନୀଳମାଧବ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଏମଜିଏନ୍‌ଆରଇଜିଏସ୍‌ର ସାମାଜିକ ସମୀକ୍ଷା, ସ୍ଥାନ: ଗଣିଆ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ପଠାଣୀ ସାମନ୍ତ ଫୁଟବଲ ଟୁର୍ନାମେଣ୍ଟ ୨ୟ ଦିବସରେ ସ୍ପୋର୍ଟସ ହଷ୍ଟେଲ ନୟାଗଡ ବନାମ ବାଇଗୁଣିଆ ଫୁଟବଲ ଦଳ, ସ୍ଥାନ: ଖଣ୍ଡପଡ଼ା ମଧୁବନ ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା୩୦।
- ମାଘମେଳା ମହୋତ୍ସବର ୨ୟ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର କଣ୍ଟିଲୋ ମାଘମେଳା ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।
- ବିଶ୍ୱଶାନ୍ତି ମହାଯଜ୍ଞର ୩ୟ ଦିବସରେ ବାଦି ଭାରତ ଲୀଳା, ସ୍ଥାନ: ନୂଆଗାଁ ବ୍ଲକର ଗୁଡୁପାଙ୍ଗି ବଡ଼ରାଉଳୀ ପୀଠ, ସମୟ: ସନ୍ଧ୍ୟା ୭ଟା ।

## ରାୟଗଡ଼ା

- ଜାତୀୟ କୀଟନାଶକ ଦିବସ ପାଳନ ଏବଂ ଅଭିଯାନ ଆରମ୍ଭ, ସ୍ଥାନ: ଏସ୍‌ଏସ୍‌ଡି ହାଇସ୍କୁଲ, ହାଟମୁନିଗୁଡା, ବିଷମ କଟକ, ସମୟ: ସକାଳ ୯ଟା ୩୦।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଚନ୍ଦ୍ରପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକ୍‌ସ୍ତରୀୟ ଫାଇଲେରିଆ ନିରାକରଣ କାର୍ଯ୍ୟକ୍ରମ ଉଦ୍‌ଘାଟନ, ସ୍ଥାନ: ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର,ସମୟ:ପୂର୍ବାହ୍ନ ୧୦ଟା।
- ରାମ ଚରିତ ମାନସ ଜ୍ଞାନଯଜ୍ଞ ଅରଣ୍ୟ କାଣ୍ଡ, ସ୍ଥାନ: ମଙ୍ଗଳା ମନ୍ଦିର, ରାୟଗଡା, ସମୟ: ସନ୍ଧ୍ୟା ୭ ଟା।

## ନବରଙ୍ଗପୁର

- ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ପାପଡାହାଣ୍ଡି ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ ଡି–ୱର୍ମିଂ – ୨୦୨୫ ର ଜିଲାସ୍ତରୀୟ ଶୁଭାରମ୍ଭ କାର୍ଯ୍ୟକ୍ରମ, ସ୍ଥାନ: ଆରସିଡି ହାଇସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦ ।

ଏମ୍‌ଜିଆର୍‌ଇଜିଏସ୍ ବ୍ଲକସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ଡାବୁଗାଁ, ସମୟ:ପୂର୍ବାହ୍ନ ୧୧ଟା।

## କୋରାପୁଟ

- ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ, ଦଶମନ୍ତପୁର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଯାପନ, ସ୍ଥାନ: ଆରଟିଓ ଅଫିସ ପଡିଆ, କୋରାପୁଟ, ସମୟ: ଅପରାହ୍ନ ୩ ଟା।

## ସମ୍ବଲପୁର

- ପତଞ୍ଜଳି ଯୋଗ ସମିତି ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ସହଯୋଗ ନଗର ସ୍ଥିତ ରାଧାକୃଷ୍ଣ ମନ୍ଦିର ପରସର, ସମୟ : ସକାଳ ୬ଟା।
- ଜିଲା ପ୍ରଶାସନର ମିଳିତି ଜନ ଶୁଣାଣୀ, ସ୍ଥାନ : ବାମରା ବ୍ଲକ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା।
- ସାଂସଦ କ୍ରୀଡା ମହୋତ୍ସବ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ମଧ୍ୟାହ୍ନ ୧୨ଟା ୩୦ ।
- ତୃତୀୟ ବାଜିରାଉତ କପ୍ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ : ହାୱା ମଇଦାନ, ସମୟ : ଅପରାହ୍ନ ୨ଟା ।
- କୁଚିଣ୍ଡା ବ୍ଲକ ଖଣ୍ଡୋକଟା ଧନୁଯାତ୍ରାର ତୃତୀୟ ଦିବସରେ ନନ୍ଦୋତ୍ସବ, ପୁତନା ବଧ, ମହାରାଜ କଂସଙ୍କ ଦିଗ୍‌ବିଜୟ, ସ୍ଥାନ: ଖଣ୍ଡୋକଟା ଧନୁଯାତ୍ରା ପଡିଆ, ସମୟ: ସନ୍ଧ୍ୟା ୭ଟା।

## ବଲାଙ୍ଗୀର

- ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମ ଓ ଜାତୀୟ କୃମିନାଶ ଦିବସ ପାଳନ, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ରାଉରକେଲା

- ହିନ୍ଦ୍ ମଜଦୁର ସଭା ପକ୍ଷରୁ ବଏଲର ବିଭାଗ ଆଗରେ ଦାବି ଉପସ୍ଥାପନ, ସ୍ଥାନ: ଉଦିତ ନଗର, ସମୟ: ପୂର୍ବାହ୍ନ ୧୦ଟା।
- ତୃତୀୟ ଶହୀଦ ସମ୍ମାନ ସମାରୋହ–୨୦୨୫, ସ୍ଥାନ: ସେକ୍ଟର–୪, ସମୟ: ପୂର୍ବାହ୍ନ ୧୦ଟା।

## ସୁନ୍ଦରଗଡ଼

- ସୁନ୍ଦରଗଡ଼ ସରକାରୀ ମହାବ୍ୟାଳୟର ୬୮ତମ ବାର୍ଷିକ ଉତ୍ସବ,ସ୍ଥାନ:ମହାବିଦ୍ୟାଳୟ ପରିସର,ସମୟ:ପୂର୍ବାହ୍ନ ୧୦ଟା୩୦।
- ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନଶୁଣାଣି ଶିବିର,ସ୍ଥାନ:କୋଇଡା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ,ସମୟ:ପୂର୍ବାହ୍ନ ୧୦ଟା୩୦।
- ତୁଡାଲଗା ପଞ୍ଚାୟତର ବାଇବାଇ ଗ୍ରାମରେ ରାତ୍ରୀକାଳୀନ ରାହାସ ଯାତ୍ରା, ସ୍ଥାନ:ରାହାସ ମଣ୍ଡପ, ସମୟ: ଅପରାହ୍ନ ୩ ଟା।

## ବରଗଡ଼

- ପଞ୍ଚକୁଣ୍ଡିୟ ଶିବଶକ୍ତି ଉପାସନା ମହାଯଜ୍ଞ, ସ୍ଥାନ: ନାଗେନପାଲି, ବରଗଡ଼,ସମୟ: ସକାଳ ୮ଟା।
- ନାକ୍ ପିୟର ଟିମ୍‌ର ପରିଦର୍ଶନ, ସ୍ଥାନ:ପଞ୍ଚାୟତ କଲେଜ, ବରଗଡ଼, ସମୟ:ସକାଳ ୮ଟା ୪୫।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ବସେଇକେଲା, ଭେଡ଼େନ,ସମୟ: ସକାଳ ୯ଟା।
- ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ: ପଞ୍ଚାୟତ ସମିତି ସଭାକକ୍ଷ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଭରୋସା ଲେପ୍ରୋସି ପ୍ରୋଜେକ୍ଟର ଉଦ୍‌ଘାଟନୀ,ସ୍ଥାନ: ଝାରବେଡ଼ା ଲେପ୍ରୋସି କଲୋନୀ, ଜମୁର୍ଡ଼ା(ବରଗାଁ), ବରଗଡ଼,ସମୟ: ପୂର୍ବାହ୍ନ ୧୦ଟା ୩୦।
- ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ–ଉଡ଼ାନ୍,ସ୍ଥାନ: କଲେଜ ପରିସର, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଭାରତୀୟ ସମ୍ବିଧାନ ଉପରେ ଆଲୋଚନାଚକ୍ର, ସ୍ଥାନ:ଗାନ୍ଧୀ ସ୍ମୃତି ପାଠାଗାର, ବରଗଡ଼,ସମୟ: ସନ୍ଧ୍ୟା ୬ଟା ୩୦।

## କଳାହାଣ୍ଡି

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି, ସମାଧାନ ଶିବିର, ସ୍ଥାନ: ଗୋଲାମୁଣ୍ଡା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଟିପିଡବ୍ଲ୍ୟୁଓଡିଏଲ ପକ୍ଷରୁ ଅଭିଯୋଗ ପ୍ରତିବିଧାନ ମଞ୍ଚ, ସ୍ଥାନ: ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ସେକ୍ସନ ଅଫିସ, ସମୟ: ପୂର୍ବାହ୍ନ ୧୦ଟା।
- ଲାଞ୍ଜିଗଡ ଗ୍ରାମପଞ୍ଚାୟତର ଗ୍ରାମସଭା, ସ୍ଥାନ: ଲାଞ୍ଜିଗଡ ସାପ୍ତାହିକ ହାଟ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜୀବନ ଜୀବିକା ଓ ପ୍ରାକୃତିକ ସମ୍ପଦ ସୁରକ୍ଷା ପାଇଁ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ, ପ୍ରତିବାଦ ସଭା, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ଅଫିସ ସମ୍ମୁଖ,ସମୟ: ପୂର୍ବାହ୍ନ ୧୧ଟା।

## ବୌଦ୍ଧ

- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଚାରିଛକ, ହରଭଙ୍ଗା, ସମୟ: ପୂର୍ବାହ୍ନ ୧୦ଟା।
- ସପ୍ତମ ପରଗଳପୁର କପ୍ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ଷଷ୍ଠ ଦିବସ, ସ୍ଥାନ: ପରଗଳପୁର ଖେଳପଡିଆ, ହରଭଙ୍ଗା, ସମୟ: ଅପରାହ୍ନ ୩ଟା।
- ଚତୁର୍ଥ ବାଉଁଶୁଣୀ ଲୋକ ମହୋତ୍ସବର ତୃତୀୟ ଦିବସ, ସ୍ଥାନ: ବାଉଁଶୁଣୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ, ବୌଦ୍ଧ, ସମୟ: ଅପରାହ୍ନ ୫ଟା।

## ଦେବଗଡ଼

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ବାରକୋଟ ବ୍ଲକଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ କୃମିନାଶକ ଦିବସ, ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବ୍ଲକ ସଭାଗୃହ,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ସପ୍ତାହ ପାରାୟଣର ପଞ୍ଚମ ଦିବସ, ସ୍ଥାନ: ଭୁଡିଆପାଲି,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଗ୍ରାମ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ମହଦା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ଉଲୁଣ୍ଡା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ମାଘମେଳା ସାରସ୍ୱତ ସମାରୋହର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଖଲିଆପାଲି ସ୍ଥିତ ଭୀମଭୋଇଙ୍କ ପୀଠ, ସମୟ: ଅପରାହ୍ନ ୪ଟା।
- ରାମାୟଣ ପାରାୟଣ, ସ୍ଥାନ: ଭାଲୁଡୁଙ୍ଗୁରି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ଗ୍ରାମ୍ୟ ପରିଚାଳନା କମିଟି ବୈଠକ, ସ୍ଥାନ: ଅମରପାଲି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା

- ଗୁରୁକୁଳ ଆଶ୍ରମ ୫୮ତମ ବାର୍ଷିକ ଉତ୍ସବ ଉଦ୍‌ଯାପନୀ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ଗୁରୁକୁଳ ଆଶ୍ରମ ଆମସେନା, ସମୟ: ସକାଳ ୯ ଟା।
- ୩ୟ ମା' ବସ୍ତ୍ରାଣୀ କପ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପନୀ, ସ୍ଥାନ: କୋମନା ବ୍ଲକ ମାନିଗୁଡା ପଞ୍ଚାୟତ ଶିହିନାମୁଣ୍ଡା ତ୍ରିଭୂଜ ଖେଳ ପଡିଆ, ସମୟ: ପୂର୍ବାହ୍ନ ୧୦ ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସିନାପାଲି, ସମୟ: ପୂର୍ବାହ୍ନ ୧୦ଟା।

## ଝାରସୁଗୁଡ଼ା

- ଚବିଶ ପ୍ରହର ନାମଯଜ୍ଞ, ସ୍ଥାନ: ସାହାପଡ଼ା ନାମ ମଣ୍ଡପ, ସମୟ: ସକାଳ ୭ଟା।
- ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ବ୍ରଜରାଜନଗର ମ୍ୟୁନିସିପାଲିଟି, ସମୟ: ପୂର୍ବାହ୍ନ ୧୦ଟା।
- ଏମ୍‌ସିଏଲ ଠିକା କର୍ମଚାରୀଙ୍କ ଧାରଣା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଦ୍ୱିଜା ନକ୍ଷତ୍ର ପୂର୍ବ ଆଲୋଚନା କ୍ରମେ ବନ୍ଧୁଙ୍କ ସହ ଯାତ୍ରା କରି ଖୁସି ମନେଇବେ। ପାରସ୍ପରିକ ଆଲୋଚନା କ୍ରମରେ ଘରର କେତେକ କାମକୁ କରିବା ସକାଶେ ଚିନ୍ତା କରିପାରନ୍ତି। କ୍ରୀଡ଼ା, କଳା, ସାହିତ୍ୟ, ସଙ୍ଗୀତାଦି କ୍ଷେତ୍ରରେ ସଫଳତା ଯୋଗୁ ଆନନ୍ଦିତ ହେବେ। ରଚନାତ୍ମକ କାର୍ଯ୍ୟ, କ୍ରୀଡ଼ା, ସଙ୍ଗୀତାଦି କ୍ଷେତ୍ରରେ ସୁନାମ ଅର୍ଜନ କରିପାରନ୍ତି।

**ବୃଷ** ରୋହିଣୀ ନକ୍ଷତ୍ର ଉଚ୍ଚପଦସ୍ଥ ବ୍ୟକ୍ତିଙ୍କ ସାହାଯ୍ୟ, ସରକାରୀ ସ୍ତରରୁ, ଜମାଟଙ୍କାରୁ କିମ୍ବା ବନ୍ଧୁଙ୍କ ନିକଟରୁ ଅର୍ଥ ପାଇ ଖୁସି ହେବେ। ପାରିବାରିକ ସ୍ତରରେ ଗୁରୁବର୍ଗଙ୍କ ନିକଟରୁ ପ୍ରେରଣା ପାଇ ଦୁଃସାଧ ସାଧନ କରିବେ। ପ୍ରଶାସନିକ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ। ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ।

**ମିଥୁନ** କର୍ମାରମ୍ଭରେ କିମ୍ବା ଆନୁଷ୍ଠାନିକ କାମରେ ଉତ୍ସାହିତ ହେବେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ ଅନ୍ୟଥା ଯାନ୍ତ୍ରିକ ତ୍ରୁଟି ଯାତ୍ରାକୁ ବ୍ୟାହତ କରିବ। ପୁନର୍ବସୁ ମିଥୁନ ବ୍ୟବସାୟୀମାନେ ସମସ୍ୟା ଓ ପ୍ରତିବନ୍ଧକକୁ ଯଥାସାଧ ପ୍ରତିହତ କରିପାରିବେ। ବନ୍ଧୁଙ୍କ ସହ ଆଲୋଚନା କିମ୍ବା ଯାତ୍ରା ତରବରିଆ ଭାବେ କରନ୍ତୁ ନାହିଁ।

**କର୍କଟ** ଅଶ୍ଳେଷା ନକ୍ଷତ୍ର ସମ୍ପର୍କୀୟଙ୍କ ସାହାଯ୍ୟ ଦ୍ୱାରା କାମ ହାସଲ କରାଇବ। କର୍ମକ୍ଷେତ୍ରରେ ଅସ୍ଥିରତା ଲାଗି ରହିବା ସାଙ୍ଗକୁ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ଉଚ୍ଚବର୍ଗଙ୍କ ପୃଷ୍ଠପୋଷକତାରୁ କାର୍ଯ୍ୟସିଦ୍ଧି କିମ୍ବା ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ଗୁପ୍ତ ଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧି ପାଇବା ହେତୁ ସାମୟିକ ବ୍ୟସ୍ତ ରହିପାରନ୍ତି।

**ସିଂହ** ପୂର୍ବାଫାଲଗୁନୀ ନକ୍ଷତ୍ର ପାରିବାରିକ କ୍ଷେତ୍ରରେ ରହିଥିବା ଆବଶ୍ୟକତାକୁ ପୂରଣ କରିବାରେ ସମର୍ଥ ହେବେ। ନିକଟ ସମ୍ପର୍କୀୟମାନଙ୍କ ସକାଶେ ବ୍ୟୟ କରିବାକୁ ବାଧ ହୋଇପାରନ୍ତି। ବକେୟା ଅର୍ଥ ଆଦାୟ କରିବାରେ ବିଭିନ୍ନ କୌଶଳ ଅବଲମ୍ବନ କରିବାକୁ ପଡିବ। ଅଫିସରେ ଉଚ୍ଚବର୍ଗ ବ୍ୟକ୍ତିଙ୍କ ଦ୍ୱାରା ସହଯୋଗ ପାଇବେ।

**କନ୍ୟା** ଆଜି ହସ୍ତା ନକ୍ଷତ୍ର ପାରିବାରିକ କ୍ଷେତ୍ରରେ ସମସ୍ୟା ଲାଗି ରହିଥିବା ଯୋଗୁ ଅଶାନ୍ତି ମନକୁ ବିଚଳିତ କରିବ। ପରୋକ୍ଷ ଶତ୍ରୁତା ହେତୁ କର୍ମ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ସମ୍ଭାବନା ରହିଛି। ଆଗାମୀ ମାଙ୍ଗଳିକ କାମ ସକାଶେ ଗୃହ ସଜ୍ଜାରେ ମନୋନିବେଶ କରିବେ। ଅଫିସ୍ କାମରେ ଯେସାକୁ ତେସା ନୀତିରେ କାମ କରି ସମାଲୋଚିତ ହୋଇପାରନ୍ତି।

**ତୁଳା** ପାରିବାରିକ ଜୀବନରେ କେତେକ ବ୍ୟତିକ୍ରମ ରହିଥିଲେ ମଧ୍ୟ ବିଶେଷ କିଛି ଅସୁବିଧା ହେବ ନାହିଁ। ବ୍ୟବସାୟରେ ଅଭୂତପୂର୍ବ ସଫଳତା ହାସଲ କରି ଋଣମୁକ୍ତ ହୋଇପାରନ୍ତି। ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ ନତୁବା ସମସ୍ୟା ଆସିପାରେ। ସ୍ୱାତୀ ନକ୍ଷତ୍ର ଆପୋସ ଆଲୋଚନା ଦ୍ୱାରା ବନ୍ଧୁଙ୍କ ସମସ୍ୟାର ସମାଧାନ ହେବ।

**ବିଛା** ଆଜିର ଯାତ୍ରାରେ ସଫଳତା ଅବଶ୍ୟ ମିଳିବ, କିନ୍ତୁ ଅତ୍ୟଧିକ ଖର୍ଚ୍ଚାନ୍ତ ହେତୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ଶିଳ୍ପ, ବାଣିଜ୍ୟ, ପରିବହନ ତଥା ପ୍ରଶାସନିକ ସ୍ତରରେ ବ୍ୟସ୍ତତା ଦୂର ହୋଇଯିବ। ଈର୍ଷା ପରାୟଣ ପାଖ ଲୋକ ଅପପ୍ରଚାର କରିପାରନ୍ତି। ଜ୍ୟେଷ୍ଠା ନକ୍ଷତ୍ରର କଳା, ସାହିତ୍ୟ, କ୍ରୀଡା କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ** ଆଜିର କର୍ମକ୍ଷେତ୍ର ଏବଂ ପାରିବାରିକ ସ୍ଥିତି ମୂଳା ନକ୍ଷତ୍ର ସକାଶେ ବିଗିଡିଯିବ। କେତେକ କ୍ଷେତ୍ରରେ ଅତି ଭଲ ସମ୍ପର୍କ ଥିବା ବ୍ୟକ୍ତିଟି ଭୁଲ୍ ଧାରଣା ପୋଷଣ କରିବାର ସୂଚନା ରହିଛି। ଆଜିର ଦିନଚର୍ଯ୍ୟାରେ ସବୁକଥାକୁ ହାଲୁକା ଭାବେ ନେଲେ କ୍ଷତିରେ ପଡିବେ। ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବ। ରାଜନୀତିରେ ପ୍ରଶଂସିତ ହେବେ।

**ମକର** ବିଭିନ୍ନ ପ୍ରକାର ସମସ୍ୟା ବିଜଡିତ ଯୋଗୁ ଆପଣ ମାନସିକ ସନ୍ତୁଳନ ହରାଇପାରନ୍ତି। ଶ୍ରବଣା ନକ୍ଷତ୍ର ଆକସ୍ମିକ ଭାବେ ନିଜ ଲୋକମାନେ ଶତ୍ରୁତା କରି ବସିବେ। ପରିସ୍ଥିତିବଶତଃ ଯୋଜନା ଠିକ୍ ଭାବରେ ବଦଳାଇବା ପାଇଁ କଷ୍ଟକର ହେବାର ସୂଚନା ରହିଛି। ଅନ୍ୟମାନଙ୍କ କଥା ରକ୍ଷା କରିବାକୁ ଯାଇ ବନ୍ଧୁଦ୍ୱାରକୁ ଗମନ କରିପାରନ୍ତି।

**କୁମ୍ଭ** କର୍ମକ୍ଷେତ୍ରରେ ମତାନ୍ତରଜନିତ କେତେକ ସମସ୍ୟାର ସମ୍ମୁଖୀନ ହେବେ। ଶତଭିଷା ନକ୍ଷତ୍ରର ଆର୍ଥିକ ସ୍ଥିତି ପୂର୍ବପରି ରହିବା କାରଣରୁ ଚିନ୍ତିତ ହେବେ। ପୁତ୍ରକନ୍ୟାଙ୍କ ହେତୁକ କେତେକ ସମସ୍ୟାକୁ ନେଇ ଚିନ୍ତିତ ହେବେ। ବ୍ୟବସାୟ, ବନ୍ଧୁସମ୍ପର୍କ, ଆଲୋଚନା, କ୍ରୟବିକ୍ରୟ କ୍ଷେତ୍ରରେ ସନ୍ତୋଷଜନକ ଫଳ ପାଇବେ।

**ମୀନ** ଅନ୍ୟମାନଙ୍କୁ ଆପଣାର କରିବା ସକାଶେ ବିଭିନ୍ନ ଉପାୟ ଅବଲମ୍ବନ କରି କୃତକାର୍ଯ୍ୟ ହେବେ। ରେବତୀ ନକ୍ଷତ୍ର କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସଫଳତା ଅର୍ଜନ କରିବେ। ପାରିବାରିକ,ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ମିଳିବ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ।

ଆଜି ଫେବୃଆରୀ ୧୦ ତାରିଖ, ମାଘ ଶୁକ୍ଳ ତ୍ରୟୋଦଶୀ ସୋମବାର, ରାଶିନକ୍ଷତ୍ର–ପୁନର୍ବସୁ/ମିଥୁନ, ଦିବା ଘ.୧୧।୫୭ ମି. ଗତେ କର୍କଟ ଚନ୍ଦ୍ର, ତ୍ରୟୋଦଶୀରେ ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୨୧ ଗତେ, ଘ.୦୭।୪୬ ମଧ୍ୟେ, ଘ.୧୦।୫୩ ଗତେ, ଘ.୦୧।୦୮ ମଧ୍ୟେ ଶୁଦ୍ଧ ଶୁଭ ବେଳା। ସକାଳ ଘ.୦୭।୪୬ ଗତେ, ଘ.୦୯।୧୧ ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ହିଂସାର ୨ ବର୍ଷ ପରେ ...

ନିଖୋଜ ଥିବା ଜଣାପଡ଼ିଛି। ମନ୍ଦିର ଓ ଚର୍ଚ୍ଚ ସମେତ ୩୮୬ଟି ଧର୍ମୀୟ ସ୍ଥଳ ଭଙ୍ଗାରୁଜା କରାଯାଇଥିଲା ଏବଂ ୪,୭୮୬ଟି ଘର ଜାଳିଦିଆଯାଇଥିଲା। ହିଂସାକାଣ୍ଡ ରୋକିବାରେ ମୁଖ୍ୟମନ୍ତ୍ରୀ ବୀରେନ୍ ସିଂ ବିଫଳ ହୋଇଥିବା ନେଇ ସମାଲୋଚିତ ହୋଇଆସୁଥିଲେ। କିଛିଦିନ ପୂର୍ବରୁ କନ୍‌ରାଡ ସାଙ୍ଗମାଙ୍କ ନ୍ୟାଶନାଲ ପିପୁଲ୍ସ ପାର୍ଟି ବୀରେନ୍‌ଙ୍କ ସରକାରରୁ ସମର୍ଥନ ପ୍ରତ୍ୟାହାର କରିନେଇଥିବାବେଳେ କେତେଜଣ ଭାଜପା ବିଧାୟକ ନେତୃତ୍ୱରେ ପରିବର୍ତ୍ତନ ଦାବି କରିବା ସମ୍ଭାବନା ସୃଷ୍ଟି ହୋଇଥିଲା। ସମ୍ଭାବ୍ୟ ସ୍ଥିତିକୁ ଏଡ଼ାଇବା ପାଇଁ କେନ୍ଦ୍ରୀୟ ନେତୃତ୍ୱଙ୍କ ପରାମର୍ଶକ୍ରମେ ବୀରେନ୍ ଇସ୍ତଫା ଦେଇଥିବା କୁହାଯାଉଛି। ରବିବାର ସକାଳେ ବୀରେନ୍ ଦିଲ୍ଲୀ ଯାଇ ଭାଜପା ଅଧ୍ୟକ୍ଷ ଜେ.ପି. ନଡ୍ଡା ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କୁ ଭେଟିଥିଲେ। ଜାତିଆଣ ହିଂସା ଘଟଣାରେ ନେତୃତ୍ୱ ପରିବର୍ତ୍ତନ ପାଇଁ ୧୨ ଜଣ ଭାଜପା ବିଧାୟକ ଜୋର୍‌ଦାର ଦାବି କରିଆସୁଥିଲାବେଳେ ପ୍ରାୟ ୬ ଜଣ ଦୋଦୁଲ୍ୟମାନ ସ୍ଥିତିରେ ଥିଲେ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ଏଥିସହିତ ବାଚସ୍ପତିଙ୍କର ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ସହ ମତପାର୍ଥକ୍ୟ ରହିଥିବା କୁହାଯାଉଛି। ଏପରିକି କେତେଜଣ ବିଦ୍ରୋହୀ ବିଧାୟକ ଅମିତ୍ ଶାହାଙ୍କୁ ଭେଟି ନେତୃତ୍ୱ ପରିବର୍ତ୍ତନ ପାଇଁ ଦାବି କରିଥିଲେ। ଶନିବାରଠାରୁ ରାଜ୍ୟ ବିଧାନସଭା ଅଧିବେଶନ ଆରମ୍ଭ ହୋଇଥିବାବେଳେ ଅନାସ୍ଥା ପ୍ରସ୍ତାବ ଆଣିବା ପାଇଁ କଂଗ୍ରେସ ଧମକ ଦେଇଥିଲା। ପ୍ରସ୍ତାବ ଉପରେ ଭୋଟଗ୍ରହଣ ହୋଇଥିଲେ ଅସନ୍ତୁଷ୍ଟ ବିଧାୟକମାନେ ଗୃହରେ ଅନୁପସ୍ଥିତ ରହିବା ସମ୍ଭାବନା ଥିଲା ବୋଲି ଏକ ସୂତ୍ରରୁ ଜଣାପଡ଼ିଛି।

ଅନ୍ୟପକ୍ଷରେ ହରିୟାଣା, ମହାରାଷ୍ଟ୍ର ଏବଂ ଦିଲ୍ଲୀ ବିଧାନସଭା ନିର୍ବାଚନରେ ଭାଜପା କ୍ରମାଗତ ସଫଳତା ହାସଲ କରିଥିବାବେଳେ ମଣିପୁରରେ ସଙ୍କଟ ଯୋଗୁ ଦଳ କ୍ଷତିଗ୍ରସ୍ତ ହେବାକୁ କେନ୍ଦ୍ରୀୟ ନେତୃତ୍ୱ ଚାହିଁଲେ ନାହିଁ। ସୂଚନା ଅନୁଯାୟୀ, ବୀରେନ୍ ସିଂ ରାଜ୍ୟରେ ହିଂସାକୁ ଉସୁକାଉଥିବା ଅଭିଯୋଗ ନେଇ କୁକି ସମ୍ପ୍ରଦାୟର ଜଣେ ବ୍ୟକ୍ତି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ ନେତୃତ୍ୱ ପରିବର୍ତ୍ତନ ଦାବି ଜୋର୍ ଧରିଥିଲା। ଲିକ୍ ହୋଇଥିବା ଏକ ଅଡିଓ ଟେପ୍‌କୁ ଆଧାର କରି ବୀରେନ୍‌ଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। ଉକ୍ତ ଅଡିଓର ସ୍ୱର ସହ ବୀରେନ୍‌ଙ୍କ ସ୍ୱର ୯୩ ପ୍ରତିଶତ ମେଳ ଖାଉଥିବା ଟ୍ରୁଥ୍ ଲାବ୍ସ ନାମକ ଏକ ଫୋରେନ୍‌ସିକ୍ ଲାବରେଟୋରି ସ୍ପଷ୍ଟ କରିଥିଲା ବେଳେ ସର୍ବୋଚ୍ଚ ଅଦାଲତ କେନ୍ଦ୍ରୀୟ ଫୋରେନ୍‌ସିକ୍ ସାଇନ୍ସ ଲାବରେଟୋରିକୁ ରିପୋର୍ଟ ମାଗିଥିଲେ।

### ୩୧ ମାଓବାଦୀ ...

ଗତବର୍ଷ ଛତିଶଗଡ଼ରେ ଏନ୍‌କାଉଣ୍ଟରରେ ୨୧୯ ମାଓବାଦୀ ନିହତ ହୋଇଥିବା ପୋଲିସ ପକ୍ଷରୁ କୁହାଯାଇଥିଲା। ସେଥିରୁ ସବୁଠୁ ବଡ଼ ଏନ୍‌କାଉଣ୍ଟର ଅକ୍ଟୋବର ୪ରେ ହୋଇଥିଲା। ନାରାୟଣପୁର–ଦାନ୍ତେୱାଡା ଅଞ୍ଚଳର ଅବୁଝମାଡ ଏରିଆରେ ୩୮ ମାଓବାଦୀ ନିହତ ହୋଇଥିବା ଦାବି କରାଯାଇଥିଲା। ଗତ ଜାନୁଆରୀ ୨୦–୨୧ରେ ରାଏପୁର ଡିଭିଜନ୍‌ର ଗରିଆବନ୍ଦ ଜିଲାରେ ଏନ୍‌କାଉଣ୍ଟର ବେଳେ ୧୬ ମାଓବାଦୀ ନିହତ ହୋଇଥିବା ସୂଚନା ଦିଆଯାଇଥିଲା। କିନ୍ତୁ ମୃତ ବ୍ୟକ୍ତିମାନେ ସମସ୍ତେ ମାଓବାଦୀ ଥିଲେ ବୋଲି କୌଣସି ତୃତୀୟ ପକ୍ଷ ସ୍ପଷ୍ଟ କରି ନ ଥିବାରୁ ଏନ୍‌କାଉଣ୍ଟରକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି।

### ବାରବାଟୀରେ ଭାରତର ...

ସେତିକି ନୁହେଁ, ସେ ମାତ୍ର ୩୦ଟି ବଲ୍‌ର ସହାୟତା ନେଇ କ୍ୟାରିୟରର ଯୁଗ୍ମ ତୃତୀୟ ଦ୍ରୁତତମ ଏକଦିବସୀୟ ଅର୍ଦ୍ଧଶତକ ପୂରଣ କରିଛନ୍ତି। ୨୦୨୨ରେ ସେ ମୀରପୁରଠାରେ ବାଂଲାଦେଶ ବିପକ୍ଷରେ ୨୭, ୨୦୨୪ରେ କଲମ୍ବୋଠାରେ ଶ୍ରୀଲଙ୍କା ବିପକ୍ଷରେ ୨୯ ଓ ୨୦୨୩ରେ ଦିଲ୍ଲୀରେ ଆଫଗାନିସ୍ତାନ ବିପକ୍ଷରେ ୩୦ ବଲ୍‌ରୁ ଅର୍ଦ୍ଧଶତକ ପୂରଣ କରିଥିଲେ। ୨୬ତମ ଓଭରର ଦ୍ୱିତୀୟ ବଲ୍‌ରେ ଆଡିଲ ରଶିଦଙ୍କୁ ଛକା ମାରି ତିନିଅଙ୍କ ସ୍ପର୍ଶ କରିଥିଲେ ରୋହିତ। ଏହାଥିଲା ବାରବାଟୀରେ ତାଙ୍କର ପ୍ରଥମ ଶତକ। ୯୦ଟି ବଲ୍‌ର ସମ୍ମୁଖୀନ ହୋଇ ୧୨ ଚୌକା ଓ ୭ ଛକା ସହାୟତାରେ ୧୧୯ ରନ କରି ଲିଆମ ଲିଭିଂଷ୍ଟୋନଙ୍କ ବଲ୍‌ରେ ରଶିଦଙ୍କୁ କ୍ୟାଚ ଦେଇ ନିଜ ସ୍ମରଣୀୟ ଇନିଂସର ପରିସମାପ୍ତି ଘଟାଇଥିଲେ ରୋହିତ। ଅନ୍ୟତମ ଓପନର ଶୁବମନ ଗିଲ୍ ମଧ୍ୟ ଅର୍ଦ୍ଧଶତକ ହାସଲ କରିଥିଲେ। ରୋହିତ ଏବଂ ଶୁବମନ ଶତକୀୟ ଭାଗୀଦାରି ଗଢ଼ି ଓପନିଂ ଯୋଡ଼ିରେ ୧୦୦ ବଲ୍‌ରୁ ୧୩୬ ରନ ଯୋଗ କରିବାପରେ ଗିଲ୍ ଆଉଟ ହୋଇଯାଇଥିଲେ। ଗିଲ୍ ୫୨ ବଲ୍‌ରୁ ୬୦ ରନ କରିବାପରେ ଜେମି ଓଭର୍ଟନଙ୍କ ୟର୍କରରେ କ୍ଲିନ୍ ବୋଲ୍ଡ ହୋଇଯାଇଥିଲେ। ନିଜ ଇନିଂସ ମଧ୍ୟରେ ସେ ୯ ଚୌକା ଓ ୧ ଛକା ମାରିଥିଲେ। ପରେ କ୍ରିଜକୁ ବିରାଟ କୋହଲି ଆସିବାବେଳେ ଦର୍ଶକଙ୍କ ମଧ୍ୟରେ ଉତ୍ସାହ ଖେଳି ଯାଇଥିବାବେଳେ ସେ ମାତ୍ର ୫ ରନ୍ କରି ଆଉଟ ହେବାରୁ ନିରବତା ଛାଇ ଯାଇଥିଲା। ମାତ୍ର ଶତକ ହାସଲ କରି ଦର୍ଶକଙ୍କ ମନୋରଞ୍ଜନ କରିଥିଲେ ରୋହିତ। ଶ୍ରେୟସ ଆୟରଙ୍କ ସହ ତୃତୀୟ ଉଇକେଟ ଯୋଡ଼ିରେ ସେ ମୂଲ୍ୟବାନ ୭୦ ରନ ଯୋଡ଼ିଥିଲେ। ଏହି ଶତକ ତାଙ୍କୁ ଖୁବ୍ ଆଶ୍ୱସ୍ତ କରିଥିଲା। ରୋହିତଙ୍କ ବିଦାୟ ପରେ ଆୟର ଓ ଅକ୍ଷର ପଟେଲ ଦଳକୁ ବିଜୟ ପଥରେ ଆଗେଇ ନେଇଥିଲେ। ତେବେ ଆତ୍ମବିଶ୍ୱାସର ସହ ଖେଳିଥିବା ଆୟର ୪୪ ରନ କରିଥିବାବେଳେ ଦୁର୍ଭାଗ୍ୟଜନକ ଭାବେ ରନ୍‌ଆଉଟ ହୋଇ ଯାଇଥିଲେ। ଲୋକେଶ ରାହୁଲ ଓ ହାର୍ଦ୍ଦିକ ପାଣ୍ଡ୍ୟା ୧୦ ରନ ଲେଖାଏ କରି ଆଉଟ ହୋଇଥିବାବେଳେ ଅକ୍ଷର ପଟେଲ ୪୧ ଓ ରବୀନ୍ଦ୍ର ଜାଡେଜା ୧୧ ରନରେ ଅପରାଜିତ ରହି ଭାରତକୁ ଆହୁରି ୩୩ ବଲ ବାକିଥାଇ ବିଜୟୀ କରିଥିଲେ। ଇଂଲଣ୍ଡ ପକ୍ଷରୁ ଜେମି ଓଭର୍ଟନ ୨ଟି ଏବଂ ଗସ ଆଟକିନସନ, ଆଡିଲ ରଶିଦ ଓ ଲିଆମ ଲିଭିଂଷ୍ଟୋନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

### ଜଳିଲାନି ଫ୍ଲଡ୍ ...

ନ ଥିଲା। ଷ୍ଟାଡିୟମରେ ମୋଟ ୮ଟି ଫ୍ଲଡ୍ ଲାଇଟ ମଧ୍ୟରୁ ଗୋଟିଏ ବନ୍ଦ ହୋଇଯିବାରୁ ମ୍ୟାଚ୍‌କୁ ବନ୍ଦ କରିଦିଆଯାଇଥିଲା। ଓପନର ବ୍ୟାଟ୍ସମ୍ୟାନ ରୋହିତ ଶର୍ମା ଏବଂ ଶୁଭମନ ଗିଲ୍ ପାଭିଲିୟନକୁ ଫେରିଥିଲେ। ପ୍ରାୟ ୩୦ ମିନିଟ୍ ଧରି ଖେଳ ହୋଇ ନ ଥିଲା। ଲାଇଟ୍ ଜଳିବା ପରେ ପୁଣି ଖେଳ ଆରମ୍ଭ ହୋଇଥିଲା। ଅନ୍ତର୍ଜାତୀୟ ମ୍ୟାଚରେ ଏଭଳି ତ୍ରୁଟିକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଅପରପକ୍ଷରେ କାହିଁକି ଏଭଳି ତ୍ରୁଟି ହେଲା ସେନେଇ ଓସିଏକୁ ନୋଟିସ୍ ଜାରି କରାଯିବ ବୋଲି କ୍ରୀଡ଼ାମନ୍ତ୍ରୀ କହିଛନ୍ତି।

# 'ଧରଣୀଧର ଭେଷଜ ମହାବିଦ୍ୟାଳୟ ରାଜ୍ୟରେ ଏକନମ୍ବର ହେବ'

## ମୁଖ୍ୟମନ୍ତ୍ରୀଙ୍କ ଦିନିକିଆ କେନ୍ଦୁଝର ଗସ୍ତ

### ବିଶ୍ୱସ୍ତରୀୟ ଚିକିତ୍ସା ପାଇବେ ଜିଲାବାସୀ

କେନ୍ଦୁଝର,୯।୨(ନରେଶ ଚନ୍ଦ୍ର ପଟ୍ଟନାୟକ)

ଖୁବ୍‌ଶୀଘ୍ର କେନ୍ଦୁଝର ଧରଣୀଧର ମେଡିକାଲ କଲେଜ ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ। ଏହାସହ କେନ୍ଦୁଝର ମେଡିକାଲ କଲେଜ କିପରି ଓଡ଼ିଶାର ଏକନମ୍ବର ମେଡିକାଲ କଲେଜ ହେବ, ଟ୍ରମା ସେଣ୍ଟର ଖୋଲାଯିବା ସହ କଟକ ରେଫର ବନ୍ଦ କରାଯିବ ସେ ନେଇ ସମସ୍ତ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଧରଣୀଧର ମେଡିକାଲ କଲେଜ ଅଡିଟୋରିୟମରେ ଇଣ୍ଡିଆନ ମେଡିକାଲ ଆସୋସିଏଶନର ଦୁଇଦିନିଆ ୭୪ତମ ରାଜ୍ୟ ବାର୍ଷିକ ସମ୍ମିଳନୀକୁ ଉଦ୍‌ଘାଟନ କରି ମତପ୍ରକାଶ କରିଛନ୍ତି।

ପ୍ରକାଶ ଯେ, ମୁଖ୍ୟମନ୍ତ୍ରୀ ଶନିବାର ଯାଜପୁରରୁ ସଡ଼କ ପଥରେ ଆସି କେନ୍ଦୁଝରରେ ପହଞ୍ଚିଥିଲେ। ରବିବାର ପୂର୍ବାହ୍ନ ୧୧ଟାରେ ଧରଣୀଧର ମେଡିକାଲ କଲେଜରେ ପହଞ୍ଚି ଧରଣୀଧରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଅଡିଟୋରିୟମରେ ଆୟୋଜିତ ବାର୍ଷିକ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ ପ୍ରଭୁ ଜଗନ୍ନାଥ, ବଳଦେବଜୀଉ ଏବଂ ତାରିଣୀଙ୍କ ନାମନେଇ ବକ୍ତବ୍ୟ ଆରମ୍ଭ କରିଥିଲେ।



ଧରଣୀଧର ମେଡିକାଲ କଲେଜ ଅଡିଟୋରିୟମରେ ଆୟୋଜିତ ବାର୍ଷିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ବୋଧନ ଦେଉଛନ୍ତି।

ଡାକ୍ତରମାନେ ଜୀବନ ରକ୍ଷକ ହୋଇଥିବାରୁ ଲୋକମାନେ ସେମାନଙ୍କୁ ଦ୍ୱିତୀୟ ଭଗବାନ ବୋଲି ଭାବିଥାନ୍ତି। ଭଲ ସ୍ୱାସ୍ଥ୍ୟ ବିନା ଲୋକଙ୍କ ପାଖରେ ଥିବା ଧନସମ୍ପତ୍ତି, ଯୌବନ, ମାନସମ୍ମାନର କୌଣସି ମୂଲ୍ୟନାହିଁ। କେନ୍ଦୁଝର ଜିଲା ଖଣିବହୁଳ ଏବଂ ଅନ୍ୟ ପ୍ରାକୃତିକ ସମ୍ପଦରେ ଭରପୂର ଥିଲେ ମଧ୍ୟ ସ୍ୱାସ୍ଥ୍ୟ କ୍ଷେତ୍ରରେ ପଛୁଆ ଥିଲା। ଖଣିଖାଦାନ ପାଇଁ ଜିଲାରେ ସର୍ବାଧିକ ଦୁର୍ଘଟଣା ସହ ପ୍ରଦୂଷଣ ସର୍ବାଧିକ ଥିବାରୁ ଲୋକମାନେ ରୋଗଗ୍ରସ୍ତ ହୋଇଯାଉଛନ୍ତି। ସେଥିପାଇଁ କେନ୍ଦୁଝରରେ ମେଡିକାଲ କଲେଜ ଥିଲେ ବି ଏହା ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରି ନ ଥିବାରୁ ସେ ଦୁଃଖପ୍ରକାଶ କରିଥିଲେ। ଏହାକୁ ଏକନମ୍ବର ମେଡିକାଲ କଲେଜ କରିବାକୁ ସମସ୍ତଙ୍କ ସହଯୋଗ ଭିକ୍ଷା କରିଥିଲେ। କଟକ ରେଫର ବନ୍ଦ କରିବା ପାଇଁ ଭିତ୍ତିଭୂମିକୁ ସୁଦୃଢ଼ କରିବାକୁ ପଡ଼ିବ। କେନ୍ଦୁଝର ମେଡିକାଲ କଲେଜରେ ଟ୍ରମା କେୟାର ସେଣ୍ଟର ଅଛି କି ନାହିଁ ପଚାରି ବୁଝିଥିଲେ। ସେ ମୁଖ୍ୟମନ୍ତ୍ରୀ ହେବା ପରେ ଟ୍ରମା କେୟାର ସେଣ୍ଟର ଖୋଲିବା ଲାଗି ପଦକ୍ଷେପ ନେବାକୁ ଆଦେଶ ଦେଇଥିଲେ। ମାତ୍ର ପ୍ରଶାସନିକ ସ୍ତରରେ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ସେ ବିରକ୍ତିଭାବ ପ୍ରକାଶ କରିଥିଲେ। କେନ୍ଦୁଝର ଧରଣୀଧର ମେଡିକାଲ କଲେଜ ନିଜସ୍ୱ ଜିଲା ଖଣିଜ ପାଣ୍ଠିରୁ ନିର୍ମିତ ହୋଇଛି। ମାତ୍ର ଆଗକୁ ଯାହା ଉନ୍ନତୀକରଣ ହେବ ସରକାରୀ ଅନୁଦାନରେ ହେବ ବୋଲି ସେ ପ୍ରକାଶ କରିଥିଲେ। ଡିଏମ୍‌ଏଫ୍‌ରୁ ଆଉ ଟଙ୍କାଟିଏ ବି ଖର୍ଚ୍ଚ କରାଯିବ ନାହିଁ, ଖୁବ୍‌ଶୀଘ୍ର କେନ୍ଦୁଝର ଧରଣୀଧର ମେଡିକାଲ କଲେଜ ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ। ଏହା ସହ କେନ୍ଦୁଝର ମେଡିକାଲ କଲେଜ କିପରି ଓଡ଼ିଶାର ଏକନମ୍ବର ମେଡିକାଲ କଲେଜ ହେବ, ଜିଲାବାସୀ ବିଶ୍ୱସ୍ତରୀୟ ସେବା ପାଇବେ, ସେ ନେଇ ସମସ୍ତ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। ଏଥିସହ ଜିଲାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଜେଏସ୍‌ଡବ୍ଲ୍ୟୁ ସହ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହା ବ୍ୟତିତ ଜିଲାରେ ଅନ୍ୟଶିଳ୍ପ ପ୍ରତିଷ୍ଠା ପାଇଁ ମଧ୍ୟ ପଦକ୍ଷେପ ନିଆଯାଉଛି ବୋଲି କହିଥିଲେ।

ପ୍ରାରମ୍ଭରେ ଧରଣୀଧର ମେଡିକାଲ କଲେଜର ଅଧ୍ୟକ୍ଷା ତଥା ଡିନ୍ ଡା. ଚିନ୍ମୟୀ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବରେ ଧରଣୀଧର ବିଶ୍ୱବିଦ୍ୟାଳୟର କୁଳପତି ଡ. ପ୍ରତାପ କୁମାର ମହାନ୍ତି ଯୋଗଦେଇଥିଲେ। ଆଇଏମ୍‌ଏର ରାଜ୍ୟ ସମ୍ପାଦକ ଡା. ମୃତ୍ୟୁଞ୍ଜୟ ମହାପାତ୍ର, ରାଜ୍ୟ ଅର୍ଥ ସମ୍ପାଦକ ଡା. ସମ୍ରାଟ କର, ଅଭ୍ୟର୍ଥନା କମିଟିର ସଭାପତି ଡା. ଅନିଲ କୁମାର ଦାଶ, ଆୟୋଜନ କମିଟିର ସଭାପତି ଡା. ଉମେଶ ଚନ୍ଦ୍ର ସାହୁ, ସଭାପତି ଡା. ପ୍ରଭାତ ପଣ୍ଡା, ନବନିଯୁକ୍ତ ସଭାପତି ଡା. ଜୟନ୍ତ ପଣ୍ଡା ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରିବା ସହିତ ଡାକ୍ତର ହରେକୃଷ୍ଣ ନାୟକଙ୍କ ଦ୍ୱାରା ରଚିତ ସଂଘର ମୁଖପତ୍ର ସ୍ୱାସ୍ଥ୍ୟ ସୁରଭି ପତ୍ରିକା ଓ ଭୁବନେଶ୍ୱର ସଂଘ ତରଫରୁ ଆଇଏମ୍‌ଏ ଭିଜନ ଉନ୍ମୋଚିତ ହୋଇଥିଲା। ଶେଷରେ ସଂଗଠନ ସମ୍ପାଦକ ଡା. ମହେଶ ପ୍ରସାଦ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ମିଳନୀରେ ରାଜ୍ୟର ପ୍ରାୟ ଏକ ହଜାରରୁ ଉର୍ଦ୍ଧ୍ୱ ଡାକ୍ତର ଯୋଗ ଦେଇଥିଲେ।

# ଦାଦନ ଖଟିବାକୁ ତାମିଲନାଡୁ ଯାଇ ବାପପୁଅଙ୍କ ମୃତ୍ୟୁ

ଟିଟିଲାଗଡ଼,୯।୨(ଶରତ ମିଶ୍ର)

ପରିବାର ପ୍ରତିପୋଷଣ ପାଇଁ ସୁଦୂର ତାମିଲନାଡୁକୁ ଦାଦନ ଖଟିବାକୁ ଯାଇ ବଲାଙ୍ଗୀର ଜିଲା ଟିଟିଲାଗଡ଼ ଅଞ୍ଚଳର ଏକ ପରିବାରର ବାପପୁଅଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ତେବେ ସେଠାରେ ଉଭୟଙ୍କୁ ହତ୍ୟା କରାଯାଇଥିବା ପରିବାର ପକ୍ଷରୁ ରବିବାର ସିନ୍ଦେକେଲା ଥାନାରେ ଅଭିଯୋଗ ହୋଇଛି। ମିଳିଥିବା ସୂଚନା ମୁତାବକ, ଗତ କିଛି ମାସ ତଳେ ଟିଟିଲାଗଡ଼ ବ୍ଲକ ଅନ୍ତର୍ଗତ କୁଶକେଲା ପଞ୍ଚାୟତ ଡଙ୍ଗରପଡା ଗ୍ରାମର ଅଭିରାମ କଟା (୪୫), ତାଙ୍କ ସ୍ତ୍ରୀ ଓ ପୁତ୍ର ଉତ୍ତମ (୨୦) ଦାଦନ ଖଟିବାକୁ ତାମିଲନାଡୁର ନରେଇପଲ୍ଲୀକୁ ଯାଇଥିଲେ। ସେଠାରେ ଅଭିରାମ ଓ ତାଙ୍କ ପୁଅ ଉତ୍ତମଙ୍କ ମୃତ୍ୟୁ ଘଟିଥିବା ଶନିବାର ପରିବାର ଲୋକେ ଖବର ପାଇଥିଲେ। ଏହି ଖବର ପାଇ ଗାଁରେ ରହୁଥିବା ୧୪ ବର୍ଷର ଝିଅ ଓ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। କେଉଁ ପରିସ୍ଥିତିରେ ବାପପୁଅଙ୍କ ଏକକାଳୀନ ମୃତ୍ୟୁ ହେଲା ତା'ର ନିରପେକ୍ଷ ତଦନ୍ତ କରାଯାଇ ନ୍ୟାୟ ଦେବାକୁ ପରିବାର ଲୋକେ ପୋଲିସର ଦ୍ୱାରସ୍ଥ ହୋଇ ନିବେଦନ କରିଛନ୍ତି।

# ଶକ୍ତି ଚାହିଦା ପୂରଣ କରିବ ଆଣବିକ ଶକ୍ତି କେନ୍ଦ୍ର: ରେଳମନ୍ତ୍ରୀ

ଭୁବନେଶ୍ୱର,୯।୨(ଅନୁରାଧା ମହାରଣା)

ଭାରତୀୟ ରେଳ ପାଇଁ ଶକ୍ତିର ଆବଶ୍ୟକତା ବଢୁଥିବାବେଳେ ସ୍ୱଚ୍ଛ ଏବଂ ନିର୍ଭରଯୋଗ୍ୟ ଆଣବିକ ଶକ୍ତି ଦ୍ୱାରା ଏହି ଚାହିଦା ପୂରଣ ହୋଇପାରିବ। ଏଥିପାଇଁ ଶକ୍ତି ମନ୍ତ୍ରଣାଳୟ ସହିତ ଯୋଗାଯୋଗ କରାଯାଇଛି ବୋଲି ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି। ନିକଟରେ ରାଜ୍ୟ ସଭାରେ ଦିଆଯାଇଥିବା ଉତ୍ତରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଆଣବିକ ଶକ୍ତି ହେଉଛି ଏକ ସ୍ୱଚ୍ଛ ଏବଂ ନିର୍ଭରଯୋଗ୍ୟ ଉତ୍ସ। ଏହା ଜୀବାଶ୍ମ ଇନ୍ଧନ ଉପରେ ନିର୍ଭରଶୀଳତା ହ୍ରାସ କରିବା ସହ ଅଙ୍ଗାରକାମ୍ଳ ନିର୍ଗମନ ମଧ୍ୟ କମ୍ କରିବ। ଭାରତୀୟ ରେଳପଥ ବର୍ତ୍ତମାନର ତଥା ଆଗାମୀ ଆଣବିକ ଶକ୍ତି କେନ୍ଦ୍ରରୁ ବିଦ୍ୟୁତ୍ ସମ୍ଭାବନା ଅନୁସନ୍ଧାନ କରୁଛି। ଏନେଇ ନ୍ୟୁକ୍ଲିୟର ପାୱାର କର୍ପୋରେଶନ ଅଫ୍ ଇଣ୍ଡିଆ ଲିମିଟେଡ୍ (ଏନ୍‌ପିସିଏଲ୍) ଏବଂ ଶକ୍ତି ମନ୍ତ୍ରଣାଳୟ ସହ ରେଳ ମନ୍ତ୍ରଣାଳୟ ଯୋଗାଯୋଗ କରୁଛି।

ଅନ୍ୟପକ୍ଷରେ ଯାତ୍ରୀଙ୍କୁ ଦିଆଯାଇଥିବା ଭଡା ରିହାତି ଉପରେ ମନ୍ତ୍ରୀ କହିଛନ୍ତି, ୨୦୨୨-୨୩ ମସିହାରେ ଭାରତୀୟ ରେଳପଥ ଯାତ୍ରୀଙ୍କୁ ଟିକେଟ ଉପରେ ୫୬,୯୯୩ କୋଟି ଟଙ୍କା ସବ୍‌ସିଡି ଦେଇଛି ଏବଂ ରେଳପଥରେ ଯାତ୍ରା କରୁଥିବା ପ୍ରତ୍ୟେକ ବ୍ୟକ୍ତି ହାରାହାରି ୪୬ ପ୍ରତିଶତ ରିହାତି ପାଉଛନ୍ତି। ଅର୍ଥାତ୍ ୧୦୦ ଟଙ୍କା ମୂଲ୍ୟର ସେବା ଲାଗି ଯାତ୍ରୀଙ୍କୁ ମାତ୍ର ୫୪ ଟଙ୍କା ଦେବାକୁ ପଡୁଛି। ବିଭିନ୍ନ ଶ୍ରେଣୀରେ ଓ ଜୋନାଲ ରେଳପଥରେ ବିଭିନ୍ନ ଟ୍ରେନରେ ଏହି ରିହାତି ମିଳୁଥିବା ଯାତ୍ରୀଙ୍କ ସଂଖ୍ୟା ପ୍ରତିବର୍ଷ ବଦଳିଥାଏ। ୨୦୨୦-୨୧ରୁ ୨୦୨୪-୨୫ ଆର୍ଥିକ ବର୍ଷ ମଧ୍ୟରେ (ଡିସେମ୍ବର ୨୦୨୪ ପର୍ଯ୍ୟନ୍ତ) ସମସ୍ତ ବୟସ ବର୍ଗର ପ୍ରାୟ ୨,୩୫୭.୮ କୋଟିଯାତ୍ରୀ (ବରିଷ୍ଠ ନାଗରିକଙ୍କ ସମେତ) ଭାରତୀୟ ରେଳପଥରେ ଯାତ୍ରା କରିଥିଲେ। ବୟସ୍କ ଓ ମହିଳାଙ୍କ ପାଇଁ ଯାତ୍ରାକୁ ସହଜ କରିବା ଲାଗି ରେଳପଥ ସ୍ଲିପିଙ୍ଗ୍ ବର୍ଥର ପ୍ରତ୍ୟେକ କୋଚ୍‌ରେ ୬ରୁ ୭ଟି ନିମ୍ନ ବର୍ଥ, ଏସି ୨ ସ୍ତରୀୟ ବର୍ଗର ପ୍ରତ୍ୟେକ କୋଚରେ ୪ରୁ ୫ଟି ନିମ୍ନ ବର୍ଥ (ବୟସ୍କ ବର୍ଗର ମହିଳା ଏବଂ ମହିଳା ଯାତ୍ରୀଙ୍କ ଉପରେ ନିର୍ଭର କରେ) ମିଳିତ ସଂରକ୍ଷଣ କୋଟା ନିର୍ଦ୍ଧାରିତ କରାଯାଇଥିବା ରେଳମନ୍ତ୍ରୀ ସୂଚନା ଦେଇଛନ୍ତି।

# ୧୬ରେ ବିଧାନସଭା ଘେରିବେ ପ୍ରାଥମିକ ଶିକ୍ଷକ

ଭୁବନେଶ୍ୱର,୯।୨(ସୁଚିସ୍ମିତା ସାହୁ)

ପ୍ରାଥମିକ ଶିକ୍ଷାରୁ ସ୍କିମାଟିକେ ନିଯୁକ୍ତି ଉଚ୍ଛେଦ ଓ ନିଯୁକ୍ତ ପାଇଥିବା ଷ୍ଟିମାଟିକେ ଶିକ୍ଷକଙ୍କୁ ତୁରନ୍ତ ନିୟମିତ ଶିକ୍ଷକ କରିବା ଆଦି ତିନି ଦଫା ଦାବି ନେଇ ଆସନ୍ତା ୧୬ ତାରିଖରେ ବିଧାନସଭା ଘେରାଉ କରିବେ ପ୍ରାଥମିକ ଶିକ୍ଷକ। ପ୍ରାଥମିକ ଶିକ୍ଷକ ସମନ୍ୱୟ ସମିତି ପକ୍ଷରୁ ରବିବାର ଶ୍ରମିକ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ସଭାପତି ବ୍ରହ୍ମାନନ୍ଦ ମହାରଣା ଏହି ଚେତାବନୀ ଦେଇଛନ୍ତି। ୮ ଓ ୬ ବର୍ଷର ଶିକ୍ଷା ସହାୟକ/ କନିଷ୍ଠ ଶିକ୍ଷକଙ୍କ କାର୍ଯ୍ୟକାଳକୁ ନୋଶନାଲ ଇନ୍‌କ୍ରିମେଣ୍ଟ ଦେଇ ଗଣନା କରିବା, ଅନ୍ୟରାଜ୍ୟ ଭଳି ପ୍ରାଥମିକ ଶିକ୍ଷକଙ୍କୁ ଅବିକଳ କେନ୍ଦ୍ରୀୟ ହାରରେ ୩୫,୪୦୦ ଦରମା ଦେବା ଓ ଶିକ୍ଷକଙ୍କୁ ପୁରୁଣା ପେନସନ ପ୍ରଦାନ କରିବା ଆଦି ଦାବି ନେ ଏହି ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲିବ। ପ୍ରାଥମିକ ଶିକ୍ଷାକ୍ଷେତ୍ରରେ ଯାହା ପରିସ୍ଥିତି ସୃଷ୍ଟି ହେବ, ସେଥିପାଇଁ ଶିକ୍ଷକମାନେ ନୁହନ୍ତି, ବରଂ ସରକାର ଦାୟୀ ରହିବେ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏହି ଖବରଦାତା ସମ୍ମିଳନୀରେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ସାଧାରଣ ସମ୍ପାଦକ ବିଭୁ ପ୍ରସାଦ ସାହୁ, କନିଷ୍ଠ ଶିକ୍ଷକ ସଂଘର ରାଜ୍ୟ ଆବାହକ ଶେଷଦେବ ଯଜ୍ଞକାମ ଦେଓ, ଅଲୋଷ୍ଟା ସଭାପତି ବିକ୍ରମ କୁମାର ଦାଶ, ଗୋପାଳ କିଶୋର ସେନ, ଟୁଲୁ ଦେଇ, ଅଲୋଷ୍ଟା ସାଧାରଣ ସମ୍ପାଦକ ସୁକାନ୍ତ କୁମାର ବେହେରା, ଯୁଧିଷ୍ଠିର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀଙ୍କ ନିଯୁକ୍ତି ପ୍ରବେଶ ପ୍ରଶିକ୍ଷଣ ଆରମ୍ଭ

ଭୁବନେଶ୍ୱର,୯।୨(ବନ୍ଦନା ସେଠୀ)

ନବନିଯୁକ୍ତ ଓଡ଼ିଶା ପ୍ରଶାସନିକ ସେବା (ପ୍ରତ୍ୟକ୍ଷ ନିଯୁକ୍ତି-୨୦୨୨) ଓ ପଦୋନ୍ନତି ନିଯୁକ୍ତି (୨୦୨୦-୨୪) ବ୍ୟାଚ୍ ପାଇଁ ସେବା ନିଯୁକ୍ତି ପ୍ରବେଶ ପ୍ରଶିକ୍ଷଣ ଗୋପବନ୍ଧୁ ପ୍ରଶାସନ ଏକାଡେମୀଠାରେ ଆରମ୍ଭ ହୋଇଛି। ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଏକାଡେମୀ ମହାନିର୍ଦ୍ଦେଶକ ଜି. ମାଥିଭାଥନନ୍ ଏହାକୁ ଉଦ୍‌ଘାଟନ କରି ଅନ୍ତର୍ଭୁକ୍ତୀକରଣ, ନାଗରିକଙ୍କ ପ୍ରତି ସମ୍ବେଦନଶୀଳତା ଏବଂ ସୁଶାସନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଜନସେବାରେ ନୈତିକତା ଓ ସଚ୍ଚୋଟତାର ସର୍ବୋଚ୍ଚ ମାନଦଣ୍ଡ ବଜାୟ ରଖିବା ପାଇଁ ପ୍ରଶିକ୍ଷାର୍ଥୀଙ୍କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଅଧିକାରୀ ପ୍ରଶିକ୍ଷାର୍ଥୀଙ୍କୁ ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ ଏବଂ ଶାସନ ଦକ୍ଷତା ପ୍ରଦାନ କରିବାରେ ସହାୟକ ହେବ। ଶ୍ରେଣୀଭିତ୍ତିକ ଶୈକ୍ଷିକ ଅଧିବେଶନ ତଥା କ୍ୟାମ୍ପସ୍ ବାହାରେ ଶିକ୍ଷଣ କାର୍ଯ୍ୟକଳାପ ସହିତ ବିଭିନ୍ନ ମଡ୍ୟୁଲ୍‌କୁ ନେଇ ପ୍ରସ୍ତୁତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ଏକାଡେମୀର ଉପ ମହାନିର୍ଦ୍ଦେଶକ ଲାଲା ମନୋଜ କୁମାର ରାୟ ଅଧିକାରୀ ପ୍ରଶିକ୍ଷାର୍ଥୀଙ୍କୁ ସ୍ୱାଗତ କରିବା ସହ ଏକାଡେମୀର ବିଭିନ୍ନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ପ୍ରଶିକ୍ଷଣ ଢାଞ୍ଚା ରୂପରେଖ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଏର ଅତିରିକ୍ତ ନିର୍ଦ୍ଦେଶିକା ତଥା ଓଏଏସ୍ (ଡିଆର-୨୦୨୨) ବ୍ୟାଚ୍‌ର ପାଠ୍ୟକ୍ରମ ନିର୍ଦ୍ଦେଶିକା ଡ. ମୋନାଲିସା ଲେଙ୍କା ପ୍ରଶିକ୍ଷଣ ପାଠ୍ୟକ୍ରମ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ସେଣ୍ଟର ଫର୍ ଗୁଡ୍ ଗଭର୍ନାନ୍ସ, ଓଡ଼ିଶା (ସିଜିଜିଓ)ର ନିର୍ଦ୍ଦେଶକ ଡ. ଶଶାଙ୍କ ଗ୍ରହାଚାର୍ଯ୍ୟ ଏକାଡେମିକ୍ ଅଧିବେଶନ ତଥା କ୍ୟାମ୍ପସ୍ ବାହାରେ ଶିକ୍ଷଣ କାର୍ଯ୍ୟକଳାପ ଏବଂ ସେମାନଙ୍କ ଦ୍ୱାରା ମୂଲ୍ୟାୟନ ରଣନୀତି ତଥା ମଡ୍ୟୁଲଭିତ୍ତିକ ମାନଦଣ୍ଡ ବିଷୟରେ ଉଲ୍ଲେଖ କରିଥିଲେ।



ହେ ଈଶ୍ୱରଙ୍କର ବୀର ସୈନିକ ! ତୁମ ପାଇଁ ଦୁଃଖ, ଲଜ୍ଜା ବା ଯନ୍ତ୍ରଣା କାହିଁ ? କାରଣ ତୁମ ଜୀବନ ହିଁ ଏକ ମହାନ୍ ବିଜୟ– ତୁମର କର୍ମ ଏକ ଉତ୍ସର୍ଗ–ବିଜୟ ହିଁ ତୁମର ଭଗବାନ ଏବଂ ପରାଜୟ ମଧ୍ୟ ତୁମର ବିଜୟ । –ଶ୍ରୀଅରବିନ୍ଦ

–ନିତ୍ୟାନନ୍ଦ ମହାପ୍ରଭୁଙ୍କ ଜନ୍ମୋତ୍ସବ



# ଦିଲ୍ଲୀ ମତ

ବିଜୟ ଓ ପରାଜୟ ରାଜନୀତିର ଏକ ଅଂଶ । ଭାରତୀୟ ରାଜନୀତିରେ ଯେତେବେଳେ କୌଣସି ବୃହତ୍ ରାଜନୈତିକ ଦଳ କିମ୍ବା ବଡ଼ ନେତା ହାରିଯାଆନ୍ତି, ସେତେବେଳେ ଇନ୍ଦିରା ଗାନ୍ଧୀଙ୍କ କଥାକୁ ଦୃଷ୍ଟାନ୍ତ ଦିଆଯାଇଥାଏ । କୁହାଯାଇଥାଏ ଇନ୍ଦିରା ଗାନ୍ଧୀଙ୍କ ପରି ନେତ୍ରୀ ହାରିଗଲେ ଇଏ ଆଉ କ'ଣ କି । କିନ୍ତୁ ୮ ଫେବୃଆରୀ ୨୦୨୫ରେ ଦିଲ୍ଲୀ ବିଧାନସଭା ନିର୍ବାଚନ ଫଳକୁ ଦେଖିଲେ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଓ ତାହାର ଆବାହକ ଅରବିନ୍ଦ କେଜ୍‌ରିୱାଲଙ୍କ ପରାଜୟ ସେହି ତଥାକଥିତ ଦୃଷ୍ଟିକୋଣରୁ ଦେଖାଯାଇ ନ ପାରେ । କାରଣ ଆପ୍‌ର ଉନ୍ମେଷ ପାରମ୍ପରିକ ରାଜନୈତିକ ଦଳ ଭଳି ହୋଇ ନ ଥିଲା । ଦୁର୍ନୀତି ବିରୋଧରେ ଆନ୍ନା ହାଜାରେ ସାମାଜିକ ଆନ୍ଦୋଳନ କରି ଦେଶବ୍ୟାପୀ ଯେଉଁ ଜାଗରଣ ସୃଷ୍ଟି କରିଥିଲେ, ସେଥିରେ କେଜ୍‌ରିୱାଲଙ୍କ ସମେତ ଅନ୍ୟ କେତେକ ବ୍ୟକ୍ତିବିଶେଷ ନିର୍ବାଚନ ଲଢ଼ିଲେ ; ଯାହାକି ଆଜିର ଆପ୍ ଦଳ ଭାବେ ପରିଚିତ । କ୍ଷମତା ରାଜନୀତିଠାରୁ ଭିନ୍ନ ଚିନ୍ତାଧାରା ଅଛି ବୋଲି ସେତେବେଳେ ଲୋକେ ଅନୁଭବ କରିବା ପରେ ଆପ୍‌କୁ ସହଜରେ ଗ୍ରହଣ କରିନେଇଥିଲେ । ଚାରିଆଡ଼େ ପ୍ରଚାର ହୋଇଯାଇଥିଲା ଯେ ଆପ୍ ହେଉଛି ସାଧାରଣ ଲୋକଙ୍କ ପାର୍ଟି । କେଜ୍‌ରିୱାଲ ଓ ତାଙ୍କ ସହଯୋଗୀମାନଙ୍କ ବେଶଭୂଷା ଓ ବ୍ୟବହାର ଭୋଟରଙ୍କୁ ଆକୃଷ୍ଟ କରିବାରୁ ୨୦୧୫ରେ ଆପ୍ ଦିଲ୍ଲୀର ୭୦ ଆସନ ବିଶିଷ୍ଟ ବିଧାନସଭାରେ ୬୭ ଆସନ ହାସଲ କରି ଜାତୀୟ ଦଳ କଂଗ୍ରେସକୁ '୦' ଓ ଭାରତୀୟ ଜନତା ପାର୍ଟି (ଭାଜପା)କୁ ୩ ଆସନରେ ସୀମିତ ରଖିଥିଲା । ଉଲ୍ଲେଖ କରାଯାଇପାରେ ଯେ ସେତେବେଳେ ଦେଶବ୍ୟାପୀ ନରେନ୍ଦ୍ର ମୋଦିଙ୍କ ପ୍ରତି ଜନସମର୍ଥନ ସର୍ବୋଚ୍ଚରେ ଥିବା ବେଳେ କେଜ୍‌ରିୱାଲ ଯେଉଁ ଗୁଗ୍‌ଲି ଫିଙ୍ଗିଥିଲେ ପ୍ରାରମ୍ଭିକ ପର୍ଯ୍ୟାୟରେ ରାଜନୈତିକ ଚିନ୍ତାଧାରା ପୋଷଣ କରୁଥିବା ନାଗରିକ ତାଙ୍କୁ ମୋଦିଙ୍କ ବିକଳ୍ପ ଭାବେ ଧରିନେଇଥିଲେ । ୨୦୨୦ରେ ମଧ୍ୟ ଦଳ ଦିଲ୍ଲୀ ବିଧାନସଭା ନିର୍ବାଚନରେ ୬୨ ଆସନ ଅକ୍ତିଆର କରିବା ଓ ପରେ ପଞ୍ଜାବରେ ଆପ୍ ସରକାର ଗଢ଼ିବା କେଜ୍‌ରିୱାଲଙ୍କ ଭାବମୂର୍ତ୍ତିକୁ ଆକାଶଛୁଆଁ କରିଦେଲା ।

୨୦୨୫ ବିଧାନସଭା ନିର୍ବାଚନର ଯଥେଷ୍ଟ ପୂର୍ବରୁ ମଦ ଦୁର୍ନୀତିର ଷ୍ଟାମ୍ପ ଆପ୍ ଉପରେ ଲଗାଇ ଭାଜପା ଯେଉଁଭଳି ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଥିଲା, ତାହା ସଫଳ ହେବାରୁ କେଜ୍‌ରିୱାଲ ଓ ତାଙ୍କ ଟିମ୍ ଦୁମ୍‌କରି ତଳେ ପଡ଼ିଗଲେ । ୨୦୨୫ ବିଧାନସଭା ନିର୍ବାଚନରେ ଭାଜପା ୪୮ ଆସନ ପାଇଥିବା ବେଳେ ଆପ୍ ୨୨ରେ ସୀମିତ ରହିଲା । କଂଗ୍ରେସ ଭାଗରେ ସେହି '୦' । କୁହାଯାଉଛି ଦୁର୍ନୀତି ବିରୋଧରେ ଡାକରା ଦେଇ କ୍ଷମତାକୁ ଆସିଥିବା ଆପ୍‌କୁ ସେହି ଦୁର୍ନୀତି ଅଭିଯୋଗରେ ଘାଣ୍ଟି ଦିଆଗଲା ।

କେଜ୍‌ରିୱାଲଙ୍କ ହାରିବା ପଛରେ ଲୌକିକ ସ୍ତରରେ ଭାଜପାକୁ ଶ୍ରେୟ ଦିଆଯାଉଛି । କିନ୍ତୁ ବାସ୍ତବତା ଭିନ୍ନ କାହାଣୀ ସୂଚାଉଛି । ୨୦୨୪ ଲୋକ ସଭା ନିର୍ବାଚନରେ କଂଗ୍ରେସର ସଫଳତା ଭାଜପାକୁ ବ୍ୟସ୍ତ କରିପକାଇଥିଲା । ଏହା ସମ୍ଭବ ହୋଇଥିଲା କଂଗ୍ରେସ ସମେତ ଅଣ–ଭାଜପା ଶକ୍ତିଗୁଡ଼ିକ ମଧ୍ୟରେ ସାମାନ୍ୟ ମତୈକ୍ୟ ଥିବା ସତ୍ତ୍ୱେ ଏକସ୍ୱରରେ ଭାଜପା ବିରୋଧରେ ଲାଗି ପଡ଼ିଥିଲେ । କିନ୍ତୁ ଦିଲ୍ଲୀ ନିର୍ବାଚନ ପୂର୍ବରୁ କଂଗ୍ରେସ, ଆପ୍ ପରସ୍ପର ବିରୋଧରେ ଲଢ଼ିବାରୁ ଭାଜପା ଫାଇଦାରେ ରହିଲା । ହିସାବ ଦେଖିଲେ ଗତ ବିଧାନସଭା ନିର୍ବାଚନ ଅପେକ୍ଷା ଭାଜପା ୭.୧ ପ୍ରତିଶତ ଅଧିକ ଭୋଟ ଲାଭ କରିଥିବାବେଳେ ଆପ୍ ୧୦.୨ ପ୍ରତିଶତ ଖସିଛି । ଅନ୍ୟପକ୍ଷରେ କଂଗ୍ରେସର ଭୋଟ ପ୍ରାୟ ୨ ପ୍ରତିଶତ ବଢ଼ିଥିବା ସତ୍ତ୍ୱେ ତାହା ଆସନ ସଂଖ୍ୟାରେ ପ୍ରଭାବ ପକାଇ ପାରିନାହିଁ । ରାଜନୀତିରେ ସମ୍ପୂର୍ଣ୍ଣ ରୁଚି ରଖୁଥିବା ବ୍ୟକ୍ତି ନିଶ୍ଚୟ ବୁଝିପାରୁଥିବେ ଯେ, ଭାଜପା ସର୍ବଦା କଂଗ୍ରେସକୁ ବିରୋଧୀ ଆସନରେ ବସାଇବାକୁ ଯାଇ ଅନ୍ୟ ଆଞ୍ଚଳିକ ଦଳଗୁଡ଼ିକୁ ମାରିବାକୁ ଚେଷ୍ଟା କରିଆସିଛି । ସେହି ରଣନୀତି ଦିଲ୍ଲୀରେ ମଧ୍ୟ କାମ ଦେଲା । ଭାଜପା ମଦ ଦୁର୍ନୀତିକୁ ମୁଖ୍ୟ ବିନ୍ଦୁ ଭାବେ ସୃଷ୍ଟିକରି କେଜ୍‌ରିୱାଲ, ମନୀଷ ସିସୋଡିଆଙ୍କଠାରୁ ଆହୁରି ଅନେକ ନେତାଙ୍କୁ ଜେଲରେ ପୂରାଇଦେଲା । ଭାରତର ଭୋଟର ଭଲଭାବେ ଜାଣନ୍ତି ଯେ ଆପ୍ ନେତାମାନଙ୍କୁ ଯେତିକି ସମୟ ଜେଲଦଣ୍ଡ ମିଳିଥିଲା, ତାହାଦ୍ୱାରା ସେମାନେ ବଦ୍‌ନାମ ହୋଇ ନିର୍ବାଚନ ହାରିଗଲେ । କିନ୍ତୁ ଭବିଷ୍ୟତରେ କଚେରିରେ ମାମଲାକୁ ପ୍ରମାଣ କରି ଜିତିବା ପାଇଁ କେନ୍ଦ୍ର ସରକାରଙ୍କ ସକାଶେ ସମ୍ଭବପର ହେବନାହିଁ । ସାଧାରଣରେ, କେବଳ ଲାଲୁ ଓ ଜଣେ ଦୁଇଜଣଙ୍କୁ ଛାଡ଼ିଦେଲେ ଏହିଭଳି ଦୁର୍ନୀତି ମାମଲାରେ ସବୁ ବ୍ୟବସ୍ଥା ସମ୍ପୃକ୍ତ ରହିଥାନ୍ତି, ସେଥିପାଇଁ କେହି କାହାରି ଲାଞ୍ଜରେ ନିଆଁ ଲଗାଇ ଧ୍ୱଂସ କରିପାରନ୍ତି ନାହିଁ । କେବଳ 'ଚେଙ୍କ' ଦିଅନ୍ତି ।

ଆଉ ଏକ କଥା ହେଲା ଦଳିତ, ମୁସଲମାନ, ଗରିବଙ୍କୁ ତୁଷ୍ଟ କରିବା ଲାଗି କେଜ୍‌ରିୱାଲ ଯେଉଁ ମଡେଲ ସୃଷ୍ଟି କରିଥିଲେ ତାହାକୁ ଆଗକୁ ନେବାରେ ସଫଳ ହୋଇପାରିଲେ ନାହିଁ ବୋଲି କୁହାଯାଉଛି । ରାଜନୈତିକ ସମୀକ୍ଷକଙ୍କ ମତରେ 'ପୋଷ୍ଟ କ୍ଲିଭେଜ୍ ପଲିଟିକ୍ସ'ର ସଂଜ୍ଞା ବ୍ୟାପକ ହେବାରେ ଲାଗିଛି । ରାଜନୀତି ବିଜ୍ଞାନ ଓ ସମାଜବିଜ୍ଞାନରେ 'କ୍ଲିଭେଜ୍' ଶବ୍ଦର ଅର୍ଥ ହେଉଛି ଏହା ଏକ ସାମାଜିକ କିମ୍ବା ସାଂସ୍କୃତିକ ରେଖା ଯାହା ନାଗରିକମାନଙ୍କୁ ଗୋଟେ ସମାଜରେ ଥିବା ଗୋଷ୍ଠୀଗୁଡ଼ିକୁ ବିଭିନ୍ନ ପ୍ରକାର ରାଜନୈତିକ ସ୍ୱାର୍ଥ ଦୃଷ୍ଟିରୁ ଭାଗ କରିଥାଏ । ଫଳରେ ସେହି ଗୋଷ୍ଠୀଗୁଡ଼ିକ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥାଏ । ତାହା ଅଧିକ ରାଜନୀତିକରଣ ହୋଇଯାଉଥିବାରୁ ତାହା ରାଜନୈତିକ ବିଭାଜନ ଆଖ୍ୟା ପାଉଛି । ଏବେ ଦଳିତ, ମୁସଲମାନ, ଗରିବ ମଡେଲ ଅପେକ୍ଷା ଯୁବ, ମହିଳା, ମଧ୍ୟବିତ୍ତ ଆୟ ବର୍ଗଙ୍କୁ ଟାର୍ଗେଟ କରାଯାଇ ରାଜନୀତି କରାଯିବାରୁ ଆପ୍‌ର ପରାଜୟ ଘଟିଲା ବୋଲି କୁହାଯାଉଛି । ଆପ୍ ଯେତେଦିନ ଯାଏ ଗୋଟେ ଆଦର୍ଶ ରଖି ରାଜନୀତି କରୁଥିଲା, ତାହା ଠିକ୍ ଥିଲା । ଏହା ଲୋକଙ୍କ ସମର୍ଥନ ପାଉଥିଲା । ଯେତେବେଳେ ପୂରା କ୍ଷମତା ରାଜନୀତିକୁ ଆସି ଆଦର୍ଶରୁ ବିଚ୍ୟୁତ ହେଲା, ତାହା କଂଗ୍ରେସ ଭଳି ଫୁଟା ଡଙ୍ଗାରେ ବସିଲା ଭଳି ହୋଇଯାଇଛି । ୨୪ ବର୍ଷରୁ ଊର୍ଦ୍ଧ୍ୱ କ୍ଷମତା ହାସଲ କରିଥିବା ବିଜୁ ଜନତା ଦଳ (ବିଜେଡି) ପରାଜୟ ପରେ ଯେଭଳି ଦବି ଯାଇଛି, ଆପ୍ ସେଭଳି ନ ହୋଇ ପୁଣି ନୂଆ ରଣନୀତି କରି ଉଠିବାକୁ ନ ଚାହିଁଲେ ଆଗକୁ ଭାଜପାକୁ ସାମ୍ନା କରିବା କଷ୍ଟକର ହୋଇପଡ଼ିବ । କଂଗ୍ରେସ କଥା ବେଶି ଆଲୋଚନାର ଅପେକ୍ଷା ରଖୁ ନାହିଁ ।

# ଆମ ସଂସ୍କୃତି ହିଁ ଆମ ପରିଚୟ



ଡ. ଅଶ୍ୱିନୀ କୁମାର ଶତପଥୀ

ଗାନ୍ଧିଜୀ ନିଜକୁ ଜଣେ ସ୍ୱାଭିମାନୀ ଓ ସନାତନୀ ହିନ୍ଦୁ ବୋଲି ଭାବୁଥିଲେ । ହିନ୍ଦୁଧର୍ମର ଏପରି ବହୁସଂଖ୍ୟକ ଦୁର୍ଲଭ ଗୁଣମାନ ଥିଲା, ଯାହା ସେ ପସନ୍ଦ କରୁଥିଲେ । ଏଣୁ ସତ୍ୟ, ଅହିଂସା ପାଳନ କରିବା, ଅସ୍ପୃଶ୍ୟତାର ବିରୋଧ, ସମସ୍ତ ଧର୍ମକୁ ନିଜ ଧର୍ମ ସଦୃଶ ସମ୍ମାନ ଦେବା, ସମସ୍ତ ଧର୍ମକୁ ସତ୍ୟ ରୂପେ ସ୍ୱୀକାର କରିବା, ସବୁ ପ୍ରକାର କଠୋରତା ବର୍ଜନ କରିବା, ପ୍ରତ୍ୟହ ଗୀତାପାଠ ଓ ପ୍ରାର୍ଥନା ପାଇଁ କିଛି ସମୟ ଦେବା, ମନୁଷ୍ୟ ମାତ୍ରକେ ସମସ୍ତଙ୍କ ପ୍ରତି ଦୟା ଓ ପ୍ରେମ ରଖିବା ଏସବୁ ଗୁଣଗୁଡ଼ିକ ତାଙ୍କର ଅତ୍ୟନ୍ତ ପ୍ରିୟ ଥିଲା । ରାମ ନାମ ତାଙ୍କର ସବୁଠାରୁ ପ୍ରିୟ ଉଚ୍ଚାରଣ ଥିଲା । ରାମରାଜ୍ୟ ଥିଲା ତାଙ୍କର ସର୍ବଶ୍ରେଷ୍ଠ ଲକ୍ଷ୍ୟ । ୟଙ୍ଗ ଇଣ୍ଡିଆର ତା୮.୬.୧୯୨୧ ସଂଖ୍ୟାରେ ଏକ ବକ୍ତବ୍ୟରେ ସେ ଉଲ୍ଲେଖ କରି କହିଥିଲେ – ''ଗୋରକ୍ଷା ହେଉଛି ହିନ୍ଦୁ ହୃଦୟର ପ୍ରିୟତମ ବୃତ୍ତି ଓ ସମ୍ପତ୍ତି । ସମସ୍ତ ହିନ୍ଦୁଙ୍କ ପକ୍ଷେ ସମାନ ରୂପେ ଏହା ଏକମାତ୍ର ନିର୍ଦ୍ଦିଷ୍ଟ ବିଶ୍ୱାସ । ଗୋରକ୍ଷାରେ ଯାହାର ଆସ୍ଥା ନାହିଁ ସେ କୌଣସି ମତେ ହିନ୍ଦୁ ପଦବାଚ୍ୟ ହୋଇ ନ ପାରେ ।'' ଏହା ଏକ ମହତ୍ ବିଶ୍ୱାସ । କିନ୍ତୁ ଗୋରକ୍ଷା ନିମନ୍ତେ ଆକ୍ରମଣାତ୍ମକ ହିଂସକ ପନ୍ଥା ଅନୁସରଣ କରିବାର ପକ୍ଷପାତୀ ସେ ନଥିଲେ । ପ୍ରେମ, ଭ୍ରାତୃତ୍ୱ ଓ ନିଜ ତପସ୍ୟାର ବିକାଶ ଦ୍ୱାରା ଗୋରକ୍ଷାର ସଫଳତାକୁ ସମ୍ଭବ କରାଇବା ପାଇଁ ସେ ପରାମର୍ଶ ଦେଇଥିଲେ । ଏଥିପାଇଁ ହିନ୍ଦୁମାନଙ୍କୁ ନିରାମିଷ ଆହାର ଗ୍ରହଣ କରିବା ସକାଶେ ସେ ଆଗ୍ରହ କରୁଥିଲେ ।

ଏସବୁ ଉଦାହରଣରୁ ତାଙ୍କର ଭାରତୀୟ ସଂସ୍କୃତି ପ୍ରତି ନିଷ୍ଠା ଏବଂ ଏହାର ସାଂସ୍କୃତିକ ବିଭବ ପ୍ରତି ଗୌରବବୋଧ ପ୍ରମାଣିତ ହୁଏ । ବିଶ୍ୱର ବିବିଧ ସଂସ୍କୃତି ପ୍ରାୟୋଜିତ ଯେଉଁ ପରମ୍ପରା ଏବଂ ପୋଷକ ତତ୍ତ୍ୱ ଆମ ଦେଶରେ କାଳକାଳ ଧରି ଭାରତୀୟ ଜୀବନକୁ ପ୍ରଭାବିତ କରି ଆସିଛି ଅଥବା ଏଇ ଭୂମିର ବାତାବରଣରେ ନିଜେ ପ୍ରଭାବିତ ହୋଇ ଏହା ସହ ମିଶ୍ରିତ ହୋଇଯାଇଛି ସେଗୁଡ଼ିକ ଆମ ଦ୍ୱାରା ଅଙ୍ଗୀକୃତ ହେବାରେ କୌଣସି ବାଧା ନାହିଁ । ଅବଶ୍ୟ ଏହା ସ୍ୱଦେଶୀ ଢଙ୍ଗରେ ହିଁ ହେବା ଉଚିତ, ଯଦ୍ୱାରା ପ୍ରତ୍ୟେକ ବାହ୍ୟସଂସ୍କୃତି ମଧ୍ୟ ଏଥିମଧ୍ୟରେ ଉଚିତ ସ୍ଥାନ ପ୍ରାପ୍ତ କରିପାରିବ । ଏହି ପ୍ରକ୍ରିୟା ଏପରି ଭାବରେ ଅନୁଷ୍ଠିତ ହେବା ଆବଶ୍ୟକ, ଯାହାଫଳରେ



କୌଣସି ଗୋଟିଏ ପ୍ରମୁଖ ସଂସ୍କୃତି ଯେପରି ବାକି ସମସ୍ତଙ୍କୁ ଆତ୍ମସାତ୍ କରି ସେ ସଭିଙ୍କ ମଧ୍ୟରେ ସମନ୍ୱୟ ପ୍ରତିଷ୍ଠା କରିବା ପରିବର୍ତ୍ତେ ସେମାନଙ୍କ ଉପରେ ଏକପ୍ରକାର କୃତ୍ରିମ ଓ ଜୋରଜବରଦସ୍ତି ଏକତାର ଗୋଟିଏ ନିର୍ମମ ବୋଝ ଲଦି ଦେବା ନିମିତ୍ତ ସକ୍ଷମ ନ ହେବ । ଏହି ମର୍ମରେ ନିଜେ ଗାନ୍ଧିଜୀ ତା୧୭.୧୧.୧୯୨୦ ୟଙ୍ଗ ଇଣ୍ଡିଆର ସଂଖ୍ୟାରେ ଏକ ଲେଖା ପ୍ରକାଶ କରିଥିଲେ ।

କାରଣ ସେ ବିଶ୍ୱାସ କରୁଥିଲେ ଯେ, ବାକି ସଂସାରର ସଭ୍ୟତା ଓ ସଂସ୍କୃତି ଠାରୁ ଭାରତୀୟ ସଂସ୍କୃତିକୁ ଦୂରେଇ ରଖିବା ଅଥବା ସେ ସମସ୍ତ ସଂସ୍କୃତି ଓ ଆମ ମଧ୍ୟରେ ଏକ ପ୍ରାଚୀର ନିର୍ମାଣ କରିବା ଏକାନ୍ତ ଅନୁଚିତ କାର୍ଯ୍ୟ । ଏହାକୁ ତାଙ୍କ ବିଚାରର ସଂପୂର୍ଣ୍ଣ ବିପରୀତ କୃତ୍ୟ ରୂପେ ସେ ବିବେଚନା କରୁଥିଲେ । ଏଥିପାଇଁ ପ୍ରଥମେ ଆମେ ଆମର ସଂସ୍କୃତିକୁ ସମ୍ମାନ କରିବାର ଶିକ୍ଷାଗ୍ରହଣ କରିବା ସହିତ ଏହାକୁ ଆତ୍ମସାତ୍ କରିବାର ଆବଶ୍ୟକତା ରହିଛି । ତାହାପରେ ଯାଇ ଅନ୍ୟମାନଙ୍କ ସଂସ୍କୃତିକୁ ସମ୍ମାନ କରିବା ଓ ସେଗୁଡ଼ିକୁ ସ୍ୱୀକାର କରିବା ଅଥବା ହୃଦ୍‌ବୋଧ କରିବା ପ୍ରଶ୍ନ ଆସିପାରେ । ତା' ପୂର୍ବରୁ କେବେହେଲେ ନୁହେଁ । ସେ ବାରମ୍ବାର ଦୋହରାଉଥିଲେ ଯେ ଆମ ସଂସ୍କୃତିରେ ଯେପରି ମୂଲ୍ୟବାନ ଓ ଦୁର୍ଲଭ ରତ୍ନଗୁଡ଼ିକ ଭରି ରହିଛି ସେପରି ଅନ୍ୟକୌଣସି ବି ସଂସ୍କୃତିରେ ନାହିଁ । ଏଣୁ ଆମ ସଂସ୍କୃତି ସବୁମନ୍ତେ ଅଦ୍ୱିତୀୟ । ଏହାକୁ ଆମ୍ଭେ ଚିହ୍ନି ପାରିନାହୁଁ । କାରଣ ଏହାର ଅଧ୍ୟୟନ ଅନାବଶ୍ୟକ, ଏହାକୁ ତିରସ୍କାର କରିବା ଏବଂ ଏହାର ସମାଲୋଚନା କରିବା ପାଇଁ ଆମ୍ଭକୁ ଶିକ୍ଷା ଦିଆଯାଇଛି । ନିଜ ବ୍ୟବହାର ଅଥବା ଆଚରଣରେ ଆମ ସଂସ୍କୃତି ସମ୍ବଳିତ ଶିକ୍ଷାଗୁଡ଼ିକୁ ଅଭ୍ୟାସ କରିବା – ଏସବୁ ଆମେ ପ୍ରାୟ ପରିତ୍ୟାଗ କରିସାରିଛୁ । ଆଚରଣ ବିନା ଯେକୌଣସି ବୌଦ୍ଧିକ ଜ୍ଞାନ ଠିକ୍ ଆତ୍ମାବିହୀନ ନିର୍ଜୀବ ଶରୀର ସଦୃଶ ପ୍ରତୀୟମାନ ହୋଇଥାଏ । ନିର୍ଜୀବ ଶରୀର ଅଥବା ଶବକୁ ରାସାୟନିକ ବସ୍ତୁ ସହାୟତାରେ ସୁରକ୍ଷିତ ରଖାଗଲେ ତାହା ଦେଖିବା ଦୃଷ୍ଟିରୁ ହୁଏତ ରୋଚକ ହୋଇପାରେ କିନ୍ତୁ ସେଥିରେ ପ୍ରେରଣା ଦେବାର ସାମର୍ଥ୍ୟ ନଥାଏ । ଆମ ଧର୍ମ ଆମକୁ ଆଦେଶ ଦେଇଥାଏ ଯେ, ଆମେ ଆମ ସଂସ୍କୃତିକୁ ଶିଖୁ, ଗ୍ରହଣ କରୁ ଏବଂ ଏହା ଅନୁରୂପ ଆଚରଣ କରୁ ; ଅନ୍ୟଥା ନିଜ ସଂସ୍କୃତିରୁ ବିଚ୍ଛିନ୍ନ ହୋଇପଡ଼ିବା ଫଳରେ ଏକ ସମାଜ ରୂପରେ ଏହା ଆମମାନଙ୍କ ଆତ୍ମହତ୍ୟା ସହ ସମାନ ହେବ । ଏହା ସହିତ ଆମ ସଂସ୍କୃତି ଆମକୁ ଅନ୍ୟ ସଂସ୍କୃତିକୁ ନିରାଦର କରିବା ଅଥବା ତୁଚ୍ଛ ବୋଲି ବିବେଚନା କରିବାକୁ ମଧ୍ୟ ବାରଣ କରିଥାଏ । ଏହି ମର୍ମରେ ଗାନ୍ଧିଜୀ 'ୟଙ୍ଗ ଇଣ୍ଡିଆ' (୧।୯।୧୯୨୧)ରେ ନିଜ ମତ ପ୍ରକାଶ କରିଥିଲେ ।

ଆମ ଦେଶରେ ଅବସ୍ଥାନ କରୁଥିବା ପୃଥିବୀର ବିଭିନ୍ନ ସଂସ୍କୃତିକୁ ନେଇ ଆମ ସଂସ୍କୃତି ସହ ସମନ୍ୱୟର ଆଧାରରେ ଆମେ ଆମ ସଂସ୍କୃତିକୁ ଏକ ନୂତନ ରୂପ ପ୍ରଦାନ କରିପାରିବା । ଏପ୍ରକାର ସମନ୍ୱୟବାଦିତାର ପୃଷ୍ଠଭୂମିରେ ନିଜ ନିଜ ମଧ୍ୟରେ ଦେଖାଯାଉଥିବା ଲଢ଼େଇ ଝଗଡ଼ାର ପରିସମାପ୍ତି ଘଟିବା ସମ୍ଭବ ହୋଇପାରେ । ଏପରି କୌଣସି ସଂସ୍କୃତି ଯିଏ ଅନ୍ୟମାନଙ୍କଠାରୁ ଦୂରେଇ ରହି ନିଜ ଚତୁର୍ପାର୍ଶ୍ୱରେ ପ୍ରାଚୀର ନିର୍ମାଣ କରିବାକୁ ଚାହେଁ ସେ ଜୀବିତ ରହିବା ସମ୍ଭବ ନୁହେଁ । ଆମର ପୂର୍ବଜମାନେ ଅତି ପ୍ରାଚୀନ କାଳରୁ ପରସ୍ପର ସହ ଅତି ପ୍ରେମପୂର୍ବକ ସହାବସ୍ଥାନ କରି ଯେଉଁ ସର୍ବୋଚ୍ଚ ଆଦର୍ଶ ପ୍ରତିଷ୍ଠା କରିଥିଲେ, ଆମେ ସେମାନଙ୍କର ଆଜିର ସନ୍ତାନ, ସେଇ ଆଦର୍ଶର ପରିଣାମ ଅଟୁ । ନିଜର ଜନ୍ମଭୂମି ଏବଂ ପୃଥିବୀମାତା, ଯିଏ ଆମର ପୋଷଣ କରୁଛି ଆମ୍ଭେ ତାହା ଉପରେ ବୋଝ ସ୍ୱରୂପ ବା ତାହା ପାଇଁ ହିତକାରୀ ହୋଇଛୁ– ତାହା ଭବିଷ୍ୟତ ହିଁ କହିବ । (ଗାନ୍ଧିଜୀଙ୍କ ବିଚାରର ମର୍ମାନୁବାଦ – ହରିଜନ ପତ୍ରିକା ୯।୫।୧୯୩୬) ଗାନ୍ଧିଜୀଙ୍କ ଉପରୋକ୍ତ ବିଚାର ଆମର ବିଶ୍ୱବନ୍ଦ୍ୟ ସଂସ୍କୃତି, ଆମର ମହାନ ପୂର୍ବଜ, ସମାଜ ଓ ରାଷ୍ଟ୍ର ଭାବରେ ଆମର କର୍ତ୍ତବ୍ୟ ଓ ସ୍ୱାଭିମାନ, ଆମର ଗର୍ବ ଓ ଗୌରବମୟ ଅତୀତର ପୃଷ୍ଠଭୂମିରେ ବର୍ତ୍ତମାନ ଓ ଭବିଷ୍ୟତର ନିର୍ମାଣ ସକାଶେ ଆମର ଆଚରଣ, ବ୍ୟବହାର ତଥା ଏକନିଷ୍ଠତା ସକାଶେ ସମୁଚିତ ମାର୍ଗଦର୍ଶନ ଏବଂ ପ୍ରେରଣା ପ୍ରଦାନ କରିଥାଏ ।

**ଗାୟତ୍ରୀ ଭବନ, ନଳମଗଞ୍ଜ ଛକ,**
**ମୋତିଗଞ୍ଜ, ବାଲେଶ୍ୱର**
**ମୋ: ୮୩୨୮୮୪୨୨୦୯**

# ଶିକ୍ଷାନୁଷ୍ଠାନର ମାନ ଓ ଦୁର୍ନୀତି



ଡ. ଗୌରୀଶଙ୍କର ସାହୁ

ଦେଶର ସୁନାମଧନ୍ୟ ଓ ପ୍ରତିଷ୍ଠିତ ଅନୁଷ୍ଠାନ ଭୁବନେଶ୍ୱରସ୍ଥିତ ନାଇଜର(ରାଷ୍ଟ୍ରୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ)ର ବିଶ୍ୱପ୍ରସିଦ୍ଧ ଗବେଷକ ଓ ଜନପ୍ରିୟ ଶିକ୍ଷକ ପ୍ରଫେସର ବେଦାଙ୍ଗ ମହାନ୍ତି ଥରେ କଥା ପ୍ରସଙ୍ଗରେ କହିଥିଲେ, ଯଦି ରେଭେନ୍‌ଶାରେ ସେ ମୋଚିରାମ ସାର୍ ଓ ଜ୍ୟୋତିଷ ସାରଙ୍କ କ୍ଲାସ୍‌ର ମାଧୁର୍ଯ୍ୟରେ ବିମୋହିତ ହୋଇନଥାନ୍ତେ ଓ ଉତ୍କଳ ବିଶ୍ୱବିଦ୍ୟାଳୟରେ ଲମ୍ବୋଦର ସାର୍ ଓ ବାରିକ୍ ସାରଙ୍କ ଶିକ୍ଷାଦାନ ଓ ସାନ୍ନିଧ୍ୟ ଲାଭ କରିନଥାନ୍ତେ ତେବେ ହୁଏତ ଆମ ସମାଜରେ ଶ୍ରେଷ୍ଠ ବୃତ୍ତି ଭାବେ ଆଦୃତ ପ୍ରଶାସକ ବୃତ୍ତି ବା ବୈଜ୍ଞାନିକଟିଏ ହୋଇଥାନ୍ତେ । ହାତଗଣତି ଅଧ୍ୟାପକଙ୍କ ସାଧନା ଓଡ଼ିଶାର ପ୍ରତିଷ୍ଠିତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଶିକ୍ଷାଦାନକୁ ଉଚ୍ଚକୋଟୀର କରି ଗଢ଼ି ତୋଳିଥିଲା ଓ ରାଜ୍ୟ ତଥା ରାଜ୍ୟ ବାହାରର ଛାତ୍ରୀଛାତ୍ରମାନଙ୍କ ବାଲ୍ୟକାଳର ସ୍ୱପ୍ନ ରହି ଆସିଥିଲା ରେଭେନ୍‌ଶା, ଉତ୍କଳ, ଭଞ୍ଜବିହାର, ଜ୍ୟୋତିବିହାର, ଅମୃତବିହାର, ବ୍ୟାସବିହାର ଓ ଅନ୍ୟାନ୍ୟ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନରେ ପଢ଼ିବା ।

ହେଲେ କ୍ୟୁ.ଏସ୍. ୟୁନିଭର୍ସିଟି ର୍‌ୟାଙ୍କିଙ୍ଗ ଆସିଲେ ବିଶ୍ୱରେ ଯେମିତି ଚହଳ ପଡ଼େ, ଏନ୍.ଆଇ.ଆର୍.ଏଫ୍. ର୍‌ୟାଙ୍କିଙ୍ଗ ଆସିଲେ ଦିଲ୍ଲୀରୁ ପଲ୍ଲୀ ପର୍ଯ୍ୟନ୍ତ ଆଲୋଚନା – ପର୍ଯ୍ୟାଲୋଚନା ଚାଲେ । ପ୍ରମୁଖ ପ୍ରସଙ୍ଗ କିପରି ବେସରକାରୀ ଶିକ୍ଷାନୁଷ୍ଠାନ ଭଲ ର୍‌ୟାଙ୍କ ପାଉଥିବାବେଳେ ସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକର ନାଁ ଗନ୍ଧ ନାହିଁ ଏଇ ତାଲିକାରେ । ନାମଲେଖା ଋତୁ ଆସିଲେ ଖବରକାଗଜରେ ବଡ଼ ବଡ଼ ବିଜ୍ଞାପନ ଛପାହୁଏ– ବେସରକାରୀ ଶିକ୍ଷାନୁଷ୍ଠାନ କିପରି ନ୍ୟାଶନାଲ୍ ଆସେସ୍‌ମେଣ୍ଟ ଓ ଆକ୍ରେଡେସନ କାଉନସିଲ୍(ନାକ) ଦ୍ୱାରା ଉତ୍ତମ ଗ୍ରେଡିଂ ପାଇଛନ୍ତି । ନାକ୍ ଦ୍ୱାରା ଭିତ୍ତିଭୂମି, ଛାତ୍ରୀଛାତ୍ରଙ୍କ ଶୈକ୍ଷିକ ପ୍ରଗତିର ହାର, ପ୍ରଶାସନିକ ଦକ୍ଷତା ଓ ନେତୃତ୍ୱ, ଶ୍ରେଷ୍ଠ ଉପଲବ୍ଧି ପ୍ରଭୃତି ମାନଦଣ୍ଡକୁ ସଂଖ୍ୟାର ପରିସଂଖ୍ୟାନ ମପାଯାଏ ଓ ଗ୍ରେଡିଂ ପ୍ରଦାନ କରାଯାଏ । ଏନ୍.ଆଇ.ଆର୍.ଏଫ୍.ରେ ମଧ୍ୟ ସଂଖ୍ୟା ଦ୍ୱାରା ନିର୍ଦ୍ଧାରିତ ହୁଏ ଶିକ୍ଷାର ମାନ ଓ ଶିକ୍ଷାନୁଷ୍ଠାନର ତାଲିକାରେ ସ୍ଥାନ । ୧୯୯୫ରୁ ନାକ୍ ଗ୍ରେଡିଂ ବ୍ୟବସ୍ଥା ଆରମ୍ଭ ହୋଇଛି ।

କ୍ୟୁ.ଏସ୍.ୟୁନିଭର୍ସିଟି ର୍‌ୟାଙ୍କିଙ୍ଗ ତ୍ରୁଟିପୂର୍ଣ୍ଣ ଦର୍ଶାଇ ଏହାକୁ ବର୍ଜନ କରିଛନ୍ତି ବିଶ୍ୱର ଶିକ୍ଷା ଓ ଗବେଷଣା ମାନଚିତ୍ରରେ ଏକ ପ୍ରମୁଖ ସ୍ଥାନ ଅଧିକାର କରିଥିବା ଦକ୍ଷିଣକୋରିଆ, ସୁଇଜରଲାଣ୍ଡର ପ୍ରମୁଖ ଶିକ୍ଷାନୁଷ୍ଠାନ । ଆମର ଏଠି ସରକାରଙ୍କ ଦ୍ୱାରା ପ୍ରଦତ୍ତ ଅନୁଦାନ ସହ ନାକ୍ ଓ ଏନ୍.ଆଇ.ଆର୍.ଏଫ୍. ର୍‌ୟାଙ୍କିଙ୍ଗକୁ ଯୋଡ଼ାଗଲାଣି । ଗଣମାଧ୍ୟମ ଓ ସରକାରୀ ନିୟାମକ ସମ୍ଭବତଃ ସରକାରୀ ଶିକ୍ଷାନୁଷ୍ଠାନର ପଦାଧିକାରୀମାନଙ୍କୁ କଳେବଳେ କୌଶଳେ ଏଇସବୁ ର୍‌ୟାଙ୍କିଙ୍ଗରେ ଭଲ ପ୍ରଦର୍ଶନ ପାଇଁ ପ୍ରେରିତ କରୁଛି । ବେସରକାରୀ ଶିକ୍ଷାନୁଷ୍ଠାନ ଅନୈତିକ ମାର୍ଗ ଆପଣାଇଲେ ଯେତିକି ବିପଦରେ ପଡ଼ନ୍ତି ନାହିଁ ସରକାରୀ ଶିକ୍ଷାନୁଷ୍ଠାନ ସେତିକି ବିପତ୍ତି ଡାକିଆଣନ୍ତି କାଳେକାଳେ । ସମ୍ପ୍ରତି ସରସ୍ୱତୀ ପୂଜା(ବସନ୍ତ ପଞ୍ଚମୀ) ପୂର୍ବଦିନ ସିବିଆଇ(କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ) ଦ୍ୱାରା ଦେଶର ବିଭିନ୍ନ ସ୍ଥାନରେ ନାକ୍ ସଦସ୍ୟମାନଙ୍କ ଘରେ ଚଢ଼ାଉରୁ ଯେଉଁ ଫଳାଫଳ ମିଳିଛି ତାହା ଚିନ୍ତାଜନକ ନିଶ୍ଚୟ ।



ଗତ ୧ ଫେବୃଆରୀ ଦିନ ସିବିଆଇ ଟିମ୍ ଚେନ୍ନାଇ, ବେଙ୍ଗାଲୁରୁ, ବିଜୟୱାଡ଼ା, ପଲାମୁ, ଭୋପାଳ, ବିଳାସପୁର, ଗୌତମବୁଦ୍ଧ ନଗର, ଦିଲ୍ଲୀ, ସମ୍ବଲପୁର ପ୍ରଭୃତି ସହରରେ ଅଧ୍ୟାପକମାନଙ୍କ ଘରେ ଚଢ଼ାଉ କରି ନଗଦ ୩୭ ଲକ୍ଷ ଟଙ୍କା, ୬ଟି ଲାପ୍‌ଟପ୍, ସ୍ୱର୍ଣ୍ଣମୁଦ୍ରା ଓ ଆୟବହିର୍ଭୂତ ଅଚଳାଚଳ ସମ୍ପତ୍ତି ଠାବ କରିଛି । ଅନେକ ଆପତ୍ତିଜନକ ସାମଗ୍ରୀ ରଖିଥିବା ପ୍ରମାଣ ଯୋଗୁ ନାକ୍‌ର ସଦସ୍ୟ ଓ ବିଶେଷଜ୍ଞ ଥିବା ୧୦ଜଣଙ୍କୁ ଗିରଫ କରିଛି । ରେଟିଂ ଘୋଟାଲା ଆଜି ଦେଶରେ ଚର୍ଚ୍ଚାର ପ୍ରମୁଖ ବିଷୟ ପାଲଟିଛି । ସମ୍ବଲପୁର ବିଶ୍ୱବିଦ୍ୟାଳୟଠାରୁ ଆରମ୍ଭ କରି ଜବାହରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟର ପ୍ରଫେସର, ସରକାରୀ ଶିକ୍ଷାନୁଷ୍ଠାନଠାରୁ ଆରମ୍ଭକରି ବେସରକାରୀ ଶିକ୍ଷାନୁଷ୍ଠାନର କୁଳପତି ମଧ୍ୟ ଏହି ଗିରଫ ଲୋକମାନଙ୍କ ଭିତରେ ତାଲିକାଭୁକ୍ତ ! ସିବିଆଇର କହିବା ମୁତାବକ କ ପ୍ଲସ୍(ଇ+), କ ପ୍ଲସ୍ ପ୍ଲସ୍(ଇ++) ରେଟିଙ୍ଗ ଦେବାପାଇଁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଲାଞ୍ଚ ମଗାଯାଇଛି ଆରୋପି ପ୍ରଫେସରମାନଙ୍କ ଦ୍ୱାରା । ଏମାନେ ନାକ୍ ନିରୀକ୍ଷଣ ଟିମ୍‌ର ସଦସ୍ୟ ଥିଲେ । ଏଇ ଧରପଗଡ଼ ପରେ ଯେଉଁ ଶିକ୍ଷାନୁଷ୍ଠାନଗୁଡ଼ିକ ନାକ୍ ଦ୍ୱାରା ଇ+ ଓ ଇ++ ଗ୍ରେଡିଂ ପାଇଥିଲେ ଓ ଏଇ ଉପଲବ୍ଧିକୁ ସ୍ୱକୀୟ ନଥି ଓ ବିଜ୍ଞାପନ ମାଧ୍ୟମରେ ବିଜ୍ଞାପିତ କରି କ୍ରେଡିଟ୍ ନେବାକୁ ଚେଷ୍ଟା କରୁଥିଲେ ପଛଘୁଞ୍ଚା ଦେବେ ନିଶ୍ଚୟ । କିନ୍ତୁ ଏଇ ପୃଷ୍ଠଭୂମିରେ ନାକ୍ ଗ୍ରେଡିଂ ସହ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଓ ଅନ୍ୟାନ୍ୟ ସରକାରୀ ଅନୁଦାନ ପ୍ରଦାନ ସଂସ୍ଥା ଦ୍ୱାରା ପ୍ରଦତ୍ତ ଅନୁଦାନର ପରିମାଣକୁ ଯୋଡ଼ିବାର ନିୟମକୁ ବଦଳାଇବା ପାଇଁ ପୁନର୍ବିଚାରର ଆବଶ୍ୟକତା ନାହିଁ କି? ଏଇ ଦୁର୍ନୀତି ପ୍ରକରଣ ଉଜାଗର ହେବା ପରେ ସରକାର ବାହାଦୁର ଏନ୍.ଆଇ.ଆର୍.ଏଫ୍. ର୍‌ୟାଙ୍କିଙ୍ଗରେ ଅପ୍ରତ୍ୟାଶିତ ଓ ଅବିଶ୍ୱନୀୟ ର୍‌ୟାଙ୍କ ଆଣୁଥିବା ଶିକ୍ଷାନୁଷ୍ଠାନଗୁଡ଼ିକର କାର୍ଯ୍ୟକଳାପକୁ ତଦନ୍ତର ପରିଧି ଭିତରେ ଆଣିବାର ଆବଶ୍ୟକତା ନାହିଁ କି? ଏନ୍.ଆଇ.ଆର୍.ଏଫ୍. ର୍‌ୟାଙ୍କିଙ୍ଗରେ ଅସଦ୍‌ମାର୍ଗ ଆପଣାଯାଉଛି କି ନାହିଁ ଏହାର ତଦନ୍ତ ହେବାର ଆବଶ୍ୟକତା ଅନୁଭବ ହେଉନାହିଁ କି?

ବିଭିନ୍ନ ର୍‌ୟାଙ୍କିଙ୍ଗ ଓ ଗ୍ରେଡିଂ ଦ୍ୱାରା ଅନୁଷ୍ଠାନଗୁଡ଼ିକୁ ଭଲ ପ୍ରଦର୍ଶନ ପାଇଁ ପ୍ରୋତ୍ସାହିତ କଲେ କ୍ଷତି ନାହିଁ । କିନ୍ତୁ ର୍‌ୟାଙ୍କିଙ୍ଗ ଓ ଗ୍ରେଡିଂ ସହ ସରକାରୀ ଅନୁଦାନକୁ ଯୋଡ଼ିଲେ ଏହା ପରୋକ୍ଷରେ ଦୁର୍ନୀତି ଓ ପ୍ରିୟାପ୍ରୀତି ତୋଷଣକୁ କିପରି ପ୍ରୋତ୍ସାହିତ କରେ ସଦ୍ୟ ଉଜାଗର ହୋଇଥିବା ଗ୍ରେଡିଂ ଦୁର୍ନୀତି ଏହାର ପ୍ରମାଣ । ସରକାର ବାହାଦୁର ବେଳହୁଁ ସାବଧାନ ନ ହେଲେ ଆଗକୁ ବିପଦ ।

**ଅଧ୍ୟାପକ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ**
**ହିମାଚଳ ପ୍ରଦେଶ, ଧର୍ମଶାଳା**
**ମୋ: ୭୯୭୮୪୨୧୮୩୫**

## ଏଇ ଭାରତରେ

ପରିବେଶ ଭଲ ରହିଲେ ଆମେ ଭଲ ରହିବା । ଏକଥା ସମସ୍ତେ ଜାଣନ୍ତି, କିନ୍ତୁ ବ୍ୟକ୍ତିଗତ ସ୍ତରରେ କିଛି କରିବା ପାଇଁ କଷ୍ଟକର ମନେକରନ୍ତି । ହେଲେ ଏଭଳି ଆହ୍ୱାନକୁ କେତେକ ଜୀବନର ଲକ୍ଷ୍ୟଭାବେ ଗ୍ରହଣ କରି ଏକ ବୈପ୍ଲବିକ ପରିବର୍ତ୍ତନ ଆଣିଥାନ୍ତି । ଦରକାର ହେଲେ ଅନ୍ୟ ସମସ୍ତଙ୍କୁ ଛାଡି ଦିଅନ୍ତି ପଛେ ଲକ୍ଷ୍ୟରୁ ଓହରନ୍ତି ନାହିଁ । ଠିକ୍ ଏମିତି ଏକ ଉଦାହରଣ ସୃଷ୍ଟି କରିଛନ୍ତି ରାଜସ୍ଥାନ ଭରତପୁରର ବଚ୍ଚୁ ସିଂ । ପରିବେଶ ସୁରକ୍ଷା ଦିଗରେ କାମ କରିବା ପାଇଁ ସେ ତାଙ୍କ ଜୀବନକୁ ସମ୍ପୂର୍ଣ୍ଣ ସମର୍ପିତ କରିଦେଇଛନ୍ତି । ଏବେ ସୁଦ୍ଧା ଦେଢ ଲକ୍ଷ ଗଛ ଲଗାଇ ଜଙ୍ଗଲ ସୃଷ୍ଟି କରି ସାରିଲେଣି । ଏବେ ବି ପ୍ରତିଦିନ ସେ ଗଛ ଲଗାଇବା, ତା'ର ଯତ୍ନ ନେବା ଆଦି ବିଭିନ୍ନ ପ୍ରକାର କାମ କରୁଛନ୍ତି । ଏମିତି କି ଗଛକୁ ସୁରକ୍ଷା ଦେବା ପାଇଁ ସେ ଆମ୍ବୁଲାନ୍ସ ସେବା ମଧ୍ୟ ସୃଷ୍ଟି କରିଛନ୍ତି । ମଣିଷଙ୍କ ଦେହ ଖରାପ ହେଲେ ଯେପରି ଆମ୍ବୁଲାନ୍ସ ସେବା ମିଳେ ଠିକ୍ ସେହିପରି ଗଛର କୌଣସି ଅସୁବିଧା ହେଲେ ସେ ତୁରନ୍ତ ସୁରକ୍ଷା ଦେବା ପାଇଁ ଏଭଳି ଏକ ସେବା ସୃଷ୍ଟି କରିଛନ୍ତି । ତାଙ୍କ ମତରେ ପରିବେଶ ସୁରକ୍ଷା ଓ ଜଙ୍ଗଲ ରକ୍ଷା କରିବା କେବଳ ସରକାର ବା କୌଣସି ଅନୁଷ୍ଠାନର କାମ ନୁହେଁ, ପ୍ରତ୍ୟେକ ବ୍ୟକ୍ତି ଏଥିପାଇଁ ସଚେତନ ହେବା ଜରୁରୀ । ତେବେ ସବୁ ସମୟରେ ଗଛର ଯତ୍ନ ନେବା ପାଇଁ ସେ ନିଜ ଚାକିରିରୁ ସ୍ୱେଚ୍ଛାକୃତ ଅବସର ମଧ୍ୟ ନେଇଥିଲେ । ଏହାପରେ ସବୁ ସମୟ ଗଛର ଯତ୍ନ ନେବାରେ ସେ କଟାଇ ଦେଉଛନ୍ତି । ଗଛକୁ ନିଜର ସନ୍ତାନ ଭଳି ସେ ଦେଖନ୍ତି, ସବୁ ସମୟରେ ନିରନ୍ତରଭାବେ ଏହି କାମ କରି ସେ ଏବେ ଜଙ୍ଗଲ ସୃଷ୍ଟି କରିବାରେ ସକ୍ଷମ ହୋଇଛନ୍ତି । ଏଭଳି କାମ ପାଇଁ ତାଙ୍କୁ ଏବେ ରାଜ୍ୟ ସରକାରଙ୍କଠାରୁ ସମ୍ମାନ ମଧ୍ୟ ମିଳିପାରିଛି ।

## ୫୦ ବର୍ଷ ତଳର ଧରିତ୍ରୀ

୧୦ ଫେବୃଆରୀ ୧୯୭୬

- ଚାସନଳା କୋଇଲାଖଣି ଦୁର୍ଘଟଣାରେ ପ୍ରାଣ ହରାଇଥିବା ଶ୍ରମିକଙ୍କ ବିଧବା ପତ୍ନୀମାନଙ୍କୁ ମାସିକ ୨୫ ଟଙ୍କା ପରିବର୍ତ୍ତେ ୭୫ ଟଙ୍କା ଭତ୍ତା ଦିଆଯିବାକୁ ସରକାର ସ୍ଥିର କରିଛନ୍ତି ।
- ଭାରତୀୟ ଜାତୀୟ କଂଗ୍ରେସ ଆନୁକୂଲ୍ୟରେ ଗଠିତ ଜାତୀୟ ଆଇନଜୀବୀ ଫୋରମ ଓ ଜାତୀୟ ଆଇନ ସହାୟତା କମିଟି ମିଶିଯିବା ପାଇଁ ସ୍ଥିର କରିଛନ୍ତି ।

## ଚିରନ୍ତନୀ

କଜଳପାତି ସେ ସ୍ୱାମୀ ସଙ୍ଗତେ
କଳହେ ରହିଛି ମଗନ
ତୁଟାଇବି ତାହା, ତୃଷିତ ଚାତକ–
ହାହାକାରେ ପୂରେ ଗଗନ ।
–(ବିଶ୍ୱର ଆହ୍ୱାନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ–ଡୋ–କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 6 | 8 | | 5 | | | |
| 9 | | 2 | | | | | | 1 |
| | | 4 | | 6 | | | | |
| | 1 | | 5 | | 4 | | | 9 |
| | | | | | 3 | | 8 | |
| 6 | | | 2 | 1 | | | | 7 |
| | | | | 4 | 1 | | 7 | |
| | | | | | | | | |
| 7 | | | | | | | 2 | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 6 | 7 | 1 | 4 | 5 | 9 | 2 | 3 | 8 |
| 4 | 9 | 2 | 8 | 3 | 1 | 5 | 7 | 6 |
| 3 | 5 | 8 | 2 | 7 | 6 | 1 | 4 | 9 |
| 2 | 6 | 9 | 5 | 4 | 8 | 7 | 1 | 3 |
| 1 | 4 | 7 | 3 | 9 | 2 | 6 | 8 | 5 |
| 8 | 3 | 5 | 1 | 6 | 7 | 9 | 2 | 4 |
| 5 | 8 | 6 | 7 | 1 | 4 | 3 | 9 | 2 |
| 9 | 1 | 4 | 6 | 2 | 3 | 8 | 5 | 7 |
| 7 | 2 | 3 | 9 | 8 | 5 | 4 | 6 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଦେଶସେବା ଗୌଣ ହୋଇଯାଇଛି

ମହାଶୟ,

ଦିଲ୍ଲୀର ନିର୍ବାଚନ ଶେଷ ହୋଇଛି । ଭାଜପା ଜେରିୱାଲଙ୍କ ଆପକୁ ଶୋଚନୀୟ ଭାବେ ପରାସ୍ତ କରିଛି । ହେଲେ ନିର୍ବାଚନ ପୂର୍ବରୁ ପ୍ରଧାନମନ୍ତ୍ରୀ ଓ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ବିଳାସପୂର୍ଣ୍ଣ ବାସଭବନକୁ ନେଇ ଭାଜପା ଓ ଆପ୍ ମଧ୍ୟରେ ଆକ୍ଷେପ ଓ ପ୍ରତି ଆକ୍ଷେପ କଥା ସମସ୍ତେ ଜାଣନ୍ତି । ରାଜନେତାଙ୍କ ବିଳାସକୁ ନେଇ ଆଉ ଏକ ରୋଚକ ଖବର ଗଣମାଧ୍ୟମରେ ପ୍ରକାଶ ପାଇଥିଲା । ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ବିଳାସପୂର୍ଣ୍ଣ ବାସଭବନ ନିର୍ମାଣ ପାଇଁ ୪୦୦କୋଟି ଟଙ୍କା ଖର୍ଚ୍ଚ କରାଯାଇଥିବା ଭାଜପା ଅଭିଯୋଗ କରିଥିବା ବେଳେ ପ୍ରଧାନମନ୍ତ୍ରୀଙ୍କ ବିଳାସପୂର୍ଣ୍ଣ ବାସଭବନ ନିର୍ମାଣରେ ୨୭୦୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ଆପ୍ ଅଭିଯୋଗ କରିଛି । ଏବେ ଆଉ ଏକ ଖବର ପ୍ରକାଶ ପାଇଥିଲା ଯେ, ଛତିଶଗଡ଼ର ଜଣେ ପୂର୍ବତନ ଭାଜପା ବିଧାୟକଙ୍କ ଘରେ ଆୟକର ବିଭାଗ ଚଢ଼ାଉକରି ନଗଦ ୩ କୋଟି ଟଙ୍କା, ୪ କୋଟି ଟଙ୍କା ମୂଲ୍ୟର ସୁନା ଅଳଙ୍କାର, ୬ଟି ବିଦେଶୀ ଗାଡ଼ି ଓ ୩ଟି ପୋଷା କୁମ୍ଭୀର ଜବତ କରାଯାଇଛି । ଏହି ଖବରର ସତ୍ୟତା ଯେତେ ଥାଉ ବା ନ ଥାଉ ତାହା ପରେ ସ୍ପଷ୍ଟହେବ । ତେବେ ଏଥିରୁ ଗୋଟିଏ କଥା ସ୍ପଷ୍ଟ ହୋଇଯାଇଛି, ରାଜନେତାଙ୍କ ଅୟସ ତୁଳନାରେ ଦେଶସେବା ଏବେ ଗୌଣ ହୋଇଯାଇଛି । ଏହା ଆମ ଗଣତନ୍ତ୍ର ପ୍ରତି ଏକ ଆହ୍ୱାନ ସୃଷ୍ଟି କରିଛି ।

**–ଅକ୍ଷୟ କୁମାର ମହାନ୍ତି ,**
**ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

### ସୀମାନ୍ତ ଗ୍ରାମରେ ଆନ୍ଧ୍ରର ପାଣିଟାଙ୍କି ନିର୍ମାଣକୁ ବନ୍ଦ କଲା ଓଡ଼ିଶା ପୋଲିସ

# ବ୍ୟାନର ଧରି ପ୍ରତିବାଦ କଲା ଆନ୍ଧ୍ର ଜନ ସଂଗଠନ

## ଜିଲାପାଳଙ୍କୁ ରିପୋର୍ଟ ଦେଲେ ବିଡିଓ, ତହସିଲଦାର

ପଟ୍ଟାଙ୍ଗି,୯।୨(ଶରତ କୁମାର ଧଳ)



ଆଦିବାସୀ ଜନ ସଂଗଠନ ଦଳ ଓ ଗ୍ରାମବାସୀ ବ୍ୟାନର ଧରି ପ୍ରତିବାଦ କରୁଛନ୍ତି।

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ଅଧିନ କୋଟିଆ ପଞ୍ଚାୟତ ଧୂଳିପଦର ଗ୍ରାମରେ ଆନ୍ଧ୍ର ପକ୍ଷରୁ କରାଯାଉଥିବା ବିଭିନ୍ନ ଉନ୍ନୟନମୂଳକ ଓ ପାଣିଟାଙ୍କି ନିର୍ମାଣ କାର୍ଯ୍ୟକୁ ଶନିବାର ଓଡ଼ିଶା ପୋଲିସ ପ୍ରଶାସନ ବନ୍ଦ କରିଥିଲା। ସ୍ଥାନୀୟ ବିଡିଓ ରାମକୃଷ୍ଣ ନାୟକ ଏବଂ ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆ ସମ୍ପୃକ୍ତ ଗ୍ରାମରେ ପହଞ୍ଚି ନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ ତାଗିଦା କରିଥିବା ବେଳେ ସେଠାରେ କୋଟିଆ ପୋଲିସ ଉପସ୍ଥିତ ଥିଲା। ସେପଟେ ଏହି ବନ୍ଦ ପଦକ୍ଷେପକୁ ୨୪ ଘଣ୍ଟା ନ ପୂରୁଣୁ ରବିବାର ଆନ୍ଧ୍ର ଆଦିବାସୀ ଜନ ସଂଗଠନର ସଦସ୍ୟ ଉକ୍ତ ଗ୍ରାମରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରି ଓଡ଼ିଶା ପ୍ରଶାସନର ପଦକ୍ଷେପକୁ ନିନ୍ଦା କରିଥିବା ବେଳେ ଏକ ବ୍ୟାନର ଧରି ପ୍ରତିବାଦ କରିଥିଲେ। ଏହା ଉପରେ ଓଡ଼ିଶା ପ୍ରଶାସନିକ ଅଧିକାରୀଙ୍କଠାରୁ ଆରମ୍ଭ କରି ପୋଲିସ ପ୍ରଶାସନ ଦୃଷ୍ଟି ରଖିଥିଲେ ସୁଦ୍ଧା ସୀମାନ୍ତ ଗ୍ରାମବାସୀଙ୍କ ହାତ କରି ଆନ୍ଧ୍ରର ଆଦିବାସୀ ଜନ ସଂଗଠନ ଏହାର ପ୍ରତିବାଦ କରିବାରେ ପଛଘୁଞ୍ଚା ଦେଉ ନ ଥିବା ସୂଚନା ମିଳିଛି। ସୀମା ବିବାଦକୁ ନେଇ ସୁପ୍ରିମକୋର୍ଟ ଦେଇଥିବା ରାୟକୁ ଦୁଇ ରାଜ୍ୟର ପ୍ରଶାସନ ପାଳନ କରୁ ନ ଥିବା ବେଳେ ପାନୀୟ ଜଳ ବ୍ୟବସ୍ଥାକୁ ବନ୍ଦ କରିବା କେତେ ଦୂର ଠିକ୍ ହେଉଛି ବୋଲି ପ୍ରଶ୍ନ ଉଠାଇ ଗ୍ରାମବାସୀଙ୍କ ପାଇଁ ପାନୀୟଜଳ ବ୍ୟବସ୍ଥା ଓଡ଼ିଶା ବା ଆନ୍ଧ୍ର ଯିଏବି କରୁ, ଏହା ଲୋକଙ୍କ କାର୍ଯ୍ୟରେ ଲାଗିବ। ଏଥିରେ ଓଡ଼ିଶା ପ୍ରଶାସନ ହସ୍ତକ୍ଷେପ କରି ବନ୍ଦ କରିବା ଠିକ୍ ନୁହେଁ ବୋଲି ଉକ୍ତ ସଙ୍ଗଠନକୁ ଗ୍ରାମବାସୀ ସମର୍ଥନ କରି ସ୍ୱର ଉତ୍ତୋଳନ କରିଛନ୍ତି।

ସୂଚନାଯୋଗ୍ୟ, ଓଡ଼ିଶା ସରକାର ଗ୍ରାମବାସୀଙ୍କ ପାଇଁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରିଥିବା ବେଳେ ଆନ୍ଧ୍ରର ପାର୍ବତୀପୁରମ୍ ମାନ୍ୟାମ୍ ଜିଲା ପ୍ରଶାସନ ଅଧିନ ସାଲୁର ବ୍ଲକ୍ ପ୍ରଶାସନ ପକ୍ଷରୁ ଧୂଳିପଦର ଗ୍ରାମରେ ପାଣିଟାଙ୍କି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ପଟ୍ଟାଙ୍ଗି ବ୍ଲକ୍ ପ୍ରଶାସନର ଦୃଷ୍ଟିକୁ ଆସିଥିଲା। ଏ ସମ୍ପର୍କରେ ବିଡିଓ ନାୟକଙ୍କୁ ଯୋଗାଯୋଗ କରିବାରୁ ଉପରୋକ୍ତ ଘଟଣା ସମ୍ପର୍କରେ ଖବର ପାଇ ତହସିଲଦାର ଏବଂ ମୁଁ ଘଟଣାସ୍ଥଳକୁ ଯାଇ କାମ ବନ୍ଦ କରିବା ସହ ଏକ ରିପୋର୍ଟ ଜିଲାପାଳଙ୍କୁ ପ୍ରଦାନ କରିଥିବା ସେ କହିଥିଲେ।

ସୂଚନାଯୋଗ୍ୟ, ଆନ୍ଧ୍ରର ଉକ୍ତ ସଙ୍ଗଠନ ଗତ ଶନିବାର ଉପର ସେମ୍ଭି ଓ ତଳ ସେମ୍ଭି ଗ୍ରାମବାସୀଙ୍କୁ ନେଇ ଓଡ଼ିଶାର ଉନ୍ନୟନମୂଳକ କାର୍ଯ୍ୟ ଏବଂ ଏଭଳି ପଦକ୍ଷେପର ପ୍ରତିବାଦ କରିଥିବା ବେଳେ ପୁଣି ଦ୍ୱିତୀୟ ଥର ଅନୁପ୍ରବେଶ କରି ନିଜର କାର୍ଯ୍ୟ ପଛାକୁ ଜାରି ରଖିଛି।

# ଆଭ୍ଟା ସଭାପତି ହେଲେ ରିପୁଦମନ ସୌରଭ ମିଶ୍ର



ଶପଥ ପାଠ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ଭୁବନେଶ୍ୱର,୯।୨(ସୁଚିସ୍ମିତା ସାହୁ)

ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଟିଚର୍ସ ଆସୋସିଏଶନ (ଆଭ୍ଟା)ର ରାଜ୍ୟସ୍ତରୀୟ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ରିପୁଦମନ ସୌରଭ ମିଶ୍ର ସଭାପତି ଓ ଶୁଭାଶିଷ ଦାସ ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ଆଭ୍ଟା ଉପସଭାପତି (ପୁରୁଷ) ଭାବେ ପ୍ରଫୁଲ୍ଲ କୁମାର ଗେରୁ, ଉପସଭାପତି (ମହିଳା) ମଞ୍ଜୁଷା ମିଶ୍ର, କୋଷାଧକ୍ଷ ହରେକୃଷ୍ଣ ମହାପାତ୍ର, ଯୁଗ୍ମ ସମ୍ପାଦିକା ଅମ୍ବିକା ସାମଲ ଓ ସହକାରୀ କୋଷାଧକ୍ଷ ଗୁରୁ ବଦରବିନ୍ଦ ରାଉତ ନିର୍ବାଚିତ ହୋଇଛନ୍ତି। ଏହି ଅବସରରେ ରବିବାର ଖାରବେଳନଗରସ୍ଥିତ ଓଏଏସ୍ ଆସୋସିଏଶନ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ନବନିର୍ବାଚିତ କର୍ମକର୍ତ୍ତାମାନେ ଶପଥ ପାଠ କରିଥିଲେ। ଆଗାମୀ ଦିନରେ ଆଦର୍ଶ ବିଦ୍ୟାଳୟର ମୌଳିକ ଦାବିଗୁଡ଼ିକ ସରକାରଙ୍କ ନିକଟରେ ଉପସ୍ଥାପନ କରି ତାହାର ସମାଧାନ ନେଇ ଶତଚେଷ୍ଟିତ କରିବେ ବୋଲି ସେମାନେ କହିଛନ୍ତି। ଆଦର୍ଶ ବିଦ୍ୟାଳୟ ନିର୍ବାଚନ କମିଶନର ମିନକେତନ ରାୟ ନିର୍ବାଚନର ଆୟୋଜନ କରିଥିବାବେଳେ ଦେବରାଜ ଦାସ, ଅମରଜିତ ରାୟ, ସୌଭାଗ୍ୟ ପ୍ରହରାଜ, ଲିଙ୍ଗରାଜ ପଣ୍ଡା, ସୌମ୍ୟ ରଞ୍ଜନ ଯୋଶୀ ଓ ରଞ୍ଜନ କୁମାର ପାତ୍ର ସହଯୋଗ କରିଥିଲେ।

## ମ୍ୟୁଜିକ୍ କମ୍ପୋଜର ପ୍ରୀତମ ଚକ୍ରବର୍ତ୍ତୀଙ୍କ ଅଫିସ୍‌ରୁ ୪୦ ଲକ୍ଷ ଚୋରି

ମୁମ୍ବାଇ,୯।୨

ବଲିଉଡ୍ ମ୍ୟୁଜିକ କମ୍ପୋଜର ପ୍ରୀତମ ଚକ୍ରବର୍ତ୍ତୀଙ୍କ ମୁମ୍ବାଇସ୍ଥିତ ଅଫିସ୍‌ରୁ ୪୦ ଲକ୍ଷ ଟଙ୍କା ଚୋରି ହୋଇଯାଇଛି। ଗତ ୪ ତାରିଖରେ ତାଙ୍କ ଅଫିସର ଆଶିଷ ଶ୍ୟାଲ ନାମକ ଜଣେ କର୍ମଚାରୀ ୪୦ ଲକ୍ଷ ଟଙ୍କା ନେଇ ଫେରାର ହୋଇଯାଇଛନ୍ତି ବୋଲି ପ୍ରୀତମଙ୍କ ମ୍ୟାନେଜର ମୁମ୍ବାଇର ମଲାଡ଼ ଥାନାରେ ରବିବାର ଅଭିଯୋଗ କରିଛନ୍ତି। ଗତ ୪ରୁ ଆଶିଷଙ୍କ ଫୋନ୍ ବନ୍ଦ ଆସୁଥିବା ପ୍ରୀତମଙ୍କ ମ୍ୟାନେଜର କହିଛନ୍ତି। ଏହି ଅଭିଯୋଗ ଆଧାରରେ ମଲାଡ଼ ପୋଲିସ ମାମଲା ରୁଜୁ କରିବା ସହ ନିଜର ସ୍ୱତନ୍ତ୍ର ଟିମ୍ ସହ ଅଭିଯୁକ୍ତଙ୍କୁ ଧରିବାକୁ ପ୍ରୟାସ ଜାରି ରଖିଛି।

kotak କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍

ଶାଖା କାର୍ଯ୍ୟାଳୟ:- କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍, ୭ମ ମହଲା, ବ୍ଲକ୍-ସି, ଏପିକେ ହାଉସ୍, ୧୫ ପାର୍କ ଷ୍ଟ୍ରିଟ୍, କୋଲକାତା-୭୦୦୦୧୬ ଏବଂ ଆହୁରି ମଧ୍ୟ ସ୍ଥାନ: ''କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍'' । ୧ମ ମହଲା ନରୁଲା ବିଲଡିଂ, ୟୁନିଟ୍-୩, ଖାରବେଳ ନଗର, ଶ୍ରୀୟା ଛକ ନିକଟ, ଭୁବନେଶ୍ୱର, ଓଡ଼ିଶା- ୭୫୧୦୦୧ । କର୍ପୋରେଟ୍ ପରିଚୟ ନଂ. ଏଲ୍‌୬୫୧୧୦ଏମ୍‌ଏଚ୍‌୧୯୮୫ପିଏଲ୍‌ସି୦୩୮୧୩୭

ପରିଶିଷ୍ଟ IV [ନିୟମ ୮ (୧) ଦେଖନ୍ତୁ] ଦଖଲ ନୋଟିସ (ସ୍ଥାବର ସମ୍ପତ୍ତି ନିମନ୍ତେ)

ଯେହେତୁ,
ନିମ୍ନ ସ୍ୱାକ୍ଷରକାରୀ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍‌ର ପ୍ରାଧିକୃତ ଅଧିକାରୀ, ବ୍ୟାଙ୍କିଙ୍ଗ୍ ନିୟାମକ ଅଧିନିୟମ, ୧୯୪୯ର ଅର୍ଥ ମଧ୍ୟରେ ଥିବା ଏକ ବ୍ୟାଙ୍କିଂ କମ୍ପାନୀ, ପଞ୍ଜୀକୃତ କାର୍ଯ୍ୟାଳୟ ସ୍ଥାନ: ୨୭ବିକେସି, ସି ୨୭, ଜି ବ୍ଲକ୍, ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସ, ବାନ୍ଦ୍ରା (ଇ), ମୁମ୍ବାଇ - ୪୦୦୦୫୧ ଏବଂ ଶାଖା କାର୍ଯ୍ୟାଳୟ ସ୍ଥାନ ୪ର୍ଥ ମହଲା, ବ୍ଲକ୍-ଏ, ୨୨ କାମାକ୍ ଷ୍ଟ୍ରିଟ୍, କୋଲକାତା- ୭୦୦୦୧୬, ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (''ସରଫାଏସି ଅଧିନିୟମ'') ଅଧୀନରେ ତଥା ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ଧାରା ୧୩ (୧୨) ସହିତ ପଠନପୂର୍ବକ ନିୟମ ୩ ଅଧୀନରେ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗ କରି ତା୨୯।୧୧।୨୦୨୪ରିଖରେ ଋଣ ଖାତା ନଂ.- ଏଲ୍‌ଏପି୧୭୬୮୧୪୩୫ ଏବଂ ଏଲ୍‌ଏପି୧୭୭୨୦୪୯ ନିମନ୍ତେ ଋଣଗ୍ରହୀତା/ଗଣ / ପକ୍ଷବୃନ୍ଦ ଜଗନ୍ନାଥ ପ୍ଲାଷ୍ଟିପ୍ୟାକ୍ସ ଲିମିଟେଡ୍ (ଋଣଗ୍ରହୀତା), ମନୋଜ କୁମାର ସୁବୁଦ୍ଧି (ଗ୍ୟାରେଣ୍ଟିଦାତା), ମାଧବ କୁମାର ସୁବୁଦ୍ଧି (ବନ୍ଧକଦାତା ଏବଂ ଗ୍ୟାରେଣ୍ଟିଦାତା), କ୍ଷୀରୋଦ କୁମାର ସୁବୁଦ୍ଧି (ଗ୍ୟାରେଣ୍ଟିଦାତା), ଜଗନ୍ନାଥ ପଲିମର୍ସ ଲିମିଟେଡ୍ (ଗ୍ୟାରେଣ୍ଟିଦାତା), ଜଗନ୍ନାଥ ପଲିପ୍ୟାକ୍ସ ଲିମିଟେଡ୍ (ଗ୍ୟାରେଣ୍ଟିଦାତା) ଓ ସରୋଜ କୁମାର ସୁବୁଦ୍ଧି (ଗ୍ୟାରେଣ୍ଟିଦାତା)ଙ୍କୁ ଏକ ଡିମାଣ୍ଡ ନୋଟିସ୍ ଜାରି କରି ନୋଟିସରେ ଦର୍ଶିତ ଅର୍ଥରାଶି ଅର୍ଥାତ୍ ଋଣ ଖାତା ନଂ. ଏଲ୍‌ଏପି୧୭୬୮୧୪୩୫ ଅଧୀନରେ ଟ.୧,୪୯,୭୪,୬୭୭.୯୩/- (ଏକ କୋଟି ଅଣଚାଶ ଲକ୍ଷ ଚଉସ୍ତରି ହଜାର ଛଅଶହ ସତସ୍ତରି ଟଙ୍କା ତେୟାନବେ ପଇସା ମାତ୍ର) ଏବଂ ଋଣ ଖାତା ନଂ. ଏଲ୍‌ଏପି୧୭୭୨୦୪୯ ଅଧୀନରେ ଟ.୪୨,୭୦,୮୪୪.୦୩/- (ବୟାଳିଶ ଲକ୍ଷ ସତୁରି ହଜାର ଆଠଶହ ଚଉରାଳିଶ ଟଙ୍କା ତିନି ପଇସା ମାତ୍ର) ଉକ୍ତ ଡିମାଣ୍ଡ ନୋଟିସ୍ ପ୍ରାପ୍ତିର ୬୦ ଦିନ ମଧ୍ୟରେ ପରିଶୋଧ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।
ଉପରୋକ୍ତ ଋଣଗ୍ରହୀତା/ଗଣ / ଗ୍ୟାରେଣ୍ଟିଦାତା/ଗଣ /ବନ୍ଧକଦାତା ଅର୍ଥରାଶିକୁ ପରିଶୋଧ କରିବାରେ ବିଫଳ ହୋଇଥିବାରୁ ଏତଦ୍ୱାରା ଋଣଗ୍ରହୀତା/ଗଣ / ଗ୍ୟାରେଣ୍ଟିଦାତା/ଗଣ /ବନ୍ଧକଦାତା ତଥା ସାଧାରଣ ଭାବେ ଜନସାଧାରଣଙ୍କୁ ନୋଟିସ ଦିଆଯାଉଛି ଯେ, ନିମ୍ନ ସ୍ୱାକ୍ଷରକାରୀ ଉପରୋକ୍ତ ନିୟମାବଳୀର ନିୟମ ୮ ସହିତ ପଠନପୂର୍ବକ ଉପରୋକ୍ତ ଅଧିନିୟମର ଧାରା ୧୩(୪) ଅଧୀନରେ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗ କରି ତା୦୭।୦୨।୨୦୨୫ରିଖ ଦିନ ନିମ୍ନବର୍ଣ୍ଣିତ ସମ୍ପତ୍ତିର ସାଙ୍କେତିକ ଦଖଲ କରିଛନ୍ତି।
ବନ୍ଧକ ପରିସମ୍ପତ୍ତିକୁ ମୁକୁଳାଇବା ପାଇଁ ଉପଲବ୍ଧ ସମୟ ସଂକ୍ରାନ୍ତରେ ଅଧିନିୟମର ଧାରା ୧୩ର ଉପ-ଧାରା (୮)ର ପ୍ରାବଧାନ ପ୍ରତି ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି।
ଉପରେ ବିଶେଷ ଭାବେ ଦର୍ଶିତ ଋଣଗ୍ରହୀତା/ଗଣ / ଗ୍ୟାରେଣ୍ଟିଦାତା/ଗଣ /ବନ୍ଧକଦାତା ଏବଂ ସାଧାରଣ ଭାବେ ଜନସାଧାରଣଙ୍କୁ ଏତଦ୍ୱାରା ସମ୍ପତ୍ତି ସହିତ କୌଣସି କାରବାର ନ କରିବାକୁ ସତର୍କ କରିଦିଆଯାଉଛି ଏବଂ ସମ୍ପତ୍ତି ସହିତ କୌଣସି କାରବାର କରାଗଲେ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍ ଦ୍ୱାରା ତା୨୯।୧୧।୨୦୨୪ରିଖଠାରୁ ଋଣ ଖାତା ନଂ. ଏଲ୍‌ଏପି୧୭୬୮୧୪୩୫ ଅଧୀନରେ ଟ.୧,୪୯,୭୪,୬୭୭.୯୩/- (ଏକ କୋଟି ଅଣଚାଶ ଲକ୍ଷ ଚଉସ୍ତରି ହଜାର ଛଅଶହ ସତସ୍ତରି ଟଙ୍କା ତେୟାନବେ ପଇସା ମାତ୍ର) ଏବଂ ଋଣ ଖାତା ନଂ. ଏଲ୍‌ଏପି୧୭୭୨୦୪୯ ଅଧୀନରେ ଟ.୪୨,୭୦,୮୪୪.୦୩/- (ବୟାଳିଶ ଲକ୍ଷ ସତୁରି ହଜାର ଆଠଶହ ଚଉରାଳିଶ ଟଙ୍କା ତିନି ପଇସା ମାତ୍ର) ସମେତ ଚୁକ୍ତିମୂଳକ ହାରରେ ପରବର୍ତ୍ତୀ ସୁଧ ଏବଂ ବିକଳ୍ପ ସୁଧ, ଆନୁଷଙ୍ଗିକ ବ୍ୟୟ, ଖର୍ଚ୍ଚ ଓ ଶୁଳ୍କ ଆଦାୟ କରାଯିବ।

ସ୍ଥାବର ସମ୍ପତ୍ତିର ବର୍ଣ୍ଣନା

ରାଜସ୍ୱ ପ୍ଲଟ୍ ନଂ. ୩୯୮, ଏ- ୦.୧୨୨ ଡେସିମିଲ, ରକବା ୫୦୪୦ ବର୍ଗ ଫୁଟ, ଡ୍ରଇଂ ନଂ. ସି/୩୨୦୪ ବିସ୍ତାର (ପରିମାପ ଓ ରକବା) ୬୦' x ୮୪' ଅନୁରୂପ ଜିଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଗ୍ରାମ- ଶହୀଦନଗର, ମୌଜା- ଶହୀଦନଗର, ଖାତା ନଂ. ୨୨୫୦ାରେ ଅବସ୍ଥିତ ଜମିରେ ସଂରଚନା ସହିତ ସମସ୍ତ ଭାଗ ଓ ଅଂଶବିଶେଷ । ଆବଦ୍ଧତା ଓ ଚଉହଦୀ ନିମ୍ନ ଅନୁଯାୟୀ ଅଟେ - ଉତ୍ତର: ସଡ଼କ, ଦକ୍ଷିଣ: କନ୍‌ଭର୍ଡାଙ୍କି ଲେନ୍, ପୂର୍ବ: ପ୍ଲଟ୍ ନଂ. ୪୫୯, ପଶ୍ଚିମ: ପ୍ଲଟ୍ ନଂ. ୪୬୧ ।

ତାରିଖ: ୦୭।୦୨।୨୦୨୫ (ପ୍ରାଧିକୃତ ଅଧିକାରୀ)
ସ୍ଥାନ: ଭୁବନେଶ୍ୱର କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍

# ନିଷ୍ଠାପର ଅଧ୍ୟୟନ, ଗବେଷଣା ହିଁ ଭାଷା-ସାହିତ୍ୟକୁ ସମୃଦ୍ଧ କରେ

ଭୁବନେଶ୍ୱର,୯।୨(ସୌମ୍ୟରଞ୍ଜନ ରାଉତ)

## ବିଶ୍ୱଭାରତୀ ପ୍ରାକ୍ତନୀ ଓଡ଼ିଶାର ବାର୍ଷିକ ଉତ୍ସବ



ଉତ୍ସବରେ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକଙ୍କ ସହ ଅନ୍ୟ ଅତିଥିମାନେ।

ବିଶ୍ୱ ଭାରତୀ ପ୍ରାକ୍ତନୀ ଓଡ଼ିଶାର ୮ମ ବାର୍ଷିକ ଉତ୍ସବ ରବିବାର ବୁଦ୍ଧ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ଶାନ୍ତି ନିକେତନରେ ଅଧ୍ୟୟନ, ଅଧ୍ୟାପନା ଓ ଗବେଷଣା କରିଥିବା ଓଡ଼ିଆମାନଙ୍କ ଦ୍ୱାରା ଆୟୋଜିତ ଏହି ସମାରୋହକୁ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ପ୍ରଥମେ ଦିବଂଗତ ପ୍ରଫେସର ଶ୍ୟାମସୁନ୍ଦର ମହାପାତ୍ର ଓ ଡ. ନିରଞ୍ଜନ ପଣ୍ଡାଙ୍କ ସ୍ମୃତିରେ ନୀରବ ପ୍ରାର୍ଥନା କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ପ୍ରଫେସର ଡ. ନୀଳାଦ୍ରି ଭୂଷଣ ହରିଚନ୍ଦନ ଯୋଗଦେଇ କହିଲେ, ନିଷ୍ଠାପର ଅଧ୍ୟୟନ ଓ ଗବେଷଣା ହିଁ ଭାଷା-ସାହିତ୍ୟ ଆଲୋଚନାକୁ ସମୃଦ୍ଧ କରିଥାଏ, ଯାହା ଏବେ କ୍ରମ-ହ୍ରାସମାନ। ଏ କ୍ଷେତ୍ରରେ ପୁନର୍ଜୀବନ ପ୍ରୟାସର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ତଥା ଶାସ୍ତ୍ରୀୟ ଭାଷା ପ୍ରତିଷ୍ଠାନର ନିର୍ଦ୍ଦେଶକ ଡ. ବସନ୍ତ କୁମାର ପଣ୍ଡା କହିଲେ, ବିଶ୍ୱଭାରତୀକୁ ଏକ ଭୌଗୋଳିକ ସୀମାବଦ୍ଧ ସ୍ଥାନ ଭାବେ ଚିନ୍ତା ନ କରି ଗୋଟିଏ ଭାବଧର୍ମର ପ୍ରଚାର ପ୍ରସାର ଭାବରେ ଗ୍ରହଣ କରିବା ଉଚିତ।

ଏହି ଅବସରରେ ଆୟୋଜିତ ସମ୍ବର୍ଦ୍ଧନା ପର୍ବରେ ପ୍ରଫେସର ଡ. ବୈଷ୍ଣବ ଚରଣ ସାମଲଙ୍କୁ 'ପ୍ରାକ୍ତନୀ ସୃଜନା ସମ୍ମାନ', ପ୍ରଫେସର ବେଣୁଧର ଚିନାରାଙ୍କୁ 'ବିଶ୍ୱଭାରତୀ ପ୍ରାକ୍ତନୀ ଅଧ୍ୟାପକ ସମ୍ମାନ' ଏବଂ ୧୯୭୭-୭୮ ମସିହା ମଧ୍ୟରେ ବିଶ୍ୱଭାରତୀରେ ଅଧ୍ୟୟନ କରିଥିବା ଛାତ୍ରୀଛାତ୍ରଙ୍କୁ 'ବିଶ୍ୱଭାରତୀ ଛାତ୍ରଗୌରବ ସମ୍ମାନ', ଜଳନ୍ଧର ନାଗଙ୍କୁ 'ଡକ୍ଟର ମାନସ ରଞ୍ଜନ ସ୍ମୃତିସମ୍ମାନ' ଏବଂ ୨୦୨୪ ମସିହାରେ ଏସ୍ଏସ୍‌ବି ଓ ଓପିଏସସି ପରୀକ୍ଷାରେ ସଫଳତା ପାଇଥିବା ଛାତ୍ରୀଛାତ୍ରଙ୍କୁ 'ଛାତ୍ରପ୍ରତିଭା ସମ୍ମାନ' ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ଅନୁଷ୍ଠିତ ସ୍ମୃତି ଅନୁଭୂତି ପର୍ବରେ ପ୍ରାକ୍ତନୀର ଡ. ନରେଶ ନାୟକ, ଡ. ରତ୍ନଲତା ବିଶ୍ୱାଳ, ହିମାଂଶୁ ମହନ୍ତ, ରଞ୍ଜିତା ଅଧିକାରୀ, ଡ. ଇନ୍ଦିରା ଶୁଭଦର୍ଶିନୀ ଦେବବନ୍ଦିତା ଚକ୍ର ପ୍ରମୁଖ ସଂଯୋଜନା କରିଥିଲେ। ଡ. ମିହିର୍ କୁମାର ସାହୁ ସଭାପତି ଅଭିଭାଷଣ ରଖିଥିବାବେଳେ ପ୍ରଫେସର ଅନନ୍ତ କିଶୋର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଡ. ନୀହାର ରଞ୍ଜନ ସାହୁ, ରବୀନ୍ଦ୍ର ବେହେରା, ଡ. ସଂଗ୍ରାମ ରାଉତ, ଡ. ଶଙ୍କର ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ।

No.A-1033

GOVERNMENT OF ODISHA
OFFICE OF THE SUPERINTENDING ENGINEER
AUL EMBANKMENT DIVISION, AUL

Dist. : Kendrapara, Odisha - 754219, Tel/Fax : 06729-295188, Mail id : aulembankment@gmail.com

'e' Procurement Notice No.AED-06 OF 2024-25

1. No. of the work : **36 no. Flood Control & Road works**. 2. Tender Cost : Varies from ₹ 15,67,027.00 to 79,52,701.00. 3. Bid Document Cost : Rs. 10000.00 & 6000.00. 4. Bid Security : Varies from Rs. 15,700.00 to 79,600.00. 5. Class of Contractor : D, C & B Class. 6. Period of Completion : Four calendar months. 7. Other details are as follows.

| Procurement Officer | Bid Identification No. | Availability of Tender On-line for bidding | | Date of Opening of Technical Bid |
|---|---|---|---|---|
| | | From | To | |
| Superintending Engineer, Aul Embankment Division, Aul | AUL 01 of 2024-25 To AUL 36 of 2024-25 (36 no. work) | **12.02.2025** 10.00 A.M. | **20.02.2025** 5.00 P.M. | **21.02.2025** 11.00 A.M. |

8. e-mail Id : aulembankment@gmail.com
**9. If required Lottery will be held on dtd.11.03.2025 at 11.00 A.M.**
Further detail conditions can be seen from the Govt. website www.tendersodisha.gov.in

**Sd./- Superintending Engineer**
**Aul Embankment Division, Aul**

**OIPR-32004/11/0004/2425**

# ନିଆଁ ଲାଗି ଜଳିଗଲା ଦୋକାନ: ମହିଳା ଜୀବନ୍ତ ଦଗ୍ଧ

ପଟ୍ଟାମୁଣ୍ଡାଇ,୯।୨(କଳ୍ପତରୁ ନାୟକ)

## ବେଆଇନ ଭାବେ ବିକ୍ରି ହେଉଥିଲା ପେଟ୍ରୋଲ




କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ବକ୍ତାରପୁର ଛକରେ ଥିବା ଏକ ପୂଜା ସାମଗ୍ରୀ ଦୋକାନରେ ରବିବାର ସକାଳେ ନିଆଁ ଲାଗି ସାମଗ୍ରୀ ଜଳିପୋଡ଼ି ପାଉଁଶ ହୋଇଯାଇଥିବାବେଳେ ମାଲିକିଆଣୀ ଜୀବନ୍ତ ଦଗ୍ଧ ହୋଇଛନ୍ତି। ସେ ହେଲେ ସ୍ଥାନୀୟ ବକ୍ତାରପୁର ଗାଁର କମଳା ସାହୁ (୪୭)। କମଳା ସକାଳ ସାଢ଼େ ୮ ବେଳେ ଦୋକାନ ପୂଜା କରି ଧୂପକାଠି ଦେବା ପରେ ତାହାର ନିଆଁ ଝୁଲ ପେଟ୍ରୋଲ ବୋତଲ ଉପରେ ପଡ଼ି ଏହି ଅଗ୍ନିକାଣ୍ଡ ଘଟିଥିବା ସ୍ଥାନୀୟ ଲୋକେ କହିଛନ୍ତି।

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, କମଳା ଏକ ଛୋଟ ଦୋକାନ କରି ପୂଜା ସାମଗ୍ରୀ ସହ ବେଆଇନ ଭାବେ ପେଟ୍ରୋଲ ବୋତଲରେ ରଖି ବିକ୍ରି କରୁଥିଲେ। ସକାଳେ ଧୂପ ଦେବା ପରେ ଅଚାନକ ପେଟ୍ରୋଲରେ ନିଆଁ ଲାଗିଯାଇଥିଲା। ସେତେବେଳେ କମଳା ଦୋକାନ ବାହାରେ ଥିଲେ। ସେ ହଠାତ ଚିଲାଇ କିଛି ସାମଗ୍ରୀ ଆଣିବାକୁ ଭିତରକୁ ପଶି ଯାଇ ଆଉ ବାହାରି ପାରି ନ ଥିଲେ। ଫଳରେ ଦେଖୁ ଦେଖୁ ସମ୍ପୂର୍ଣ୍ଣ ଦୋକାନ ହୁତୁ ହୁତୁ ହୋଇ ଜଳି ଉଠିଥିଲା। ସ୍ଥାନୀୟ ଲୋକେ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ପରେ ଅଗ୍ନିଶମ ବିଭାଗର କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ହେଲେ ସେତେବେଳକୁ କମଳା ସମ୍ପୂର୍ଣ୍ଣ ଜଳିଯାଇଥିଲେ। ଆଦର୍ଶ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଦୋକାନରେ ଥିବା ଘିଅ, ରାଶି, ଜଡ଼ା ତେଲରେ ନିଆଁ ଲାଗିବାରୁ ବେଶି ଜୋରରେ ଜଳିଥିଲା। ନିଆଁକୁ ଆୟତ୍ତ କରାଯିବାରୁ ଅନ୍ୟ ଦୋକାନ ସବୁ ବର୍ତ୍ତିଗଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏ ନେଇ ଏଡିଏମ୍ ନିଲୁ ମହାପାତ୍ରଙ୍କୁ ପଚାରିବାରେ ମୃତ ମହିଳାଙ୍କ ପରିବାରକୁ ଭେଟି ସରକାରଙ୍କ ପକ୍ଷରୁ ସହଯୋଗ କାମନା କରିଛି। ଏପରି ବେଆଇନ ପେଟ୍ରୋଲ ବିକ୍ରିଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

DSPL-382

## ଜାତୀୟ କୃମିନାଶକ ଦିବସ - ୨୦୨୫

ଚଳିତ ଫେବୃଆରୀ ୧୦ ତାରିଖରେ ୨୪ଟି ଜିଲ୍ଲା - ଅନୁଗୁଳ, ବୌଦ୍ଧ, ବାଲେଶ୍ୱର, ଭଦ୍ରକ, ବରଗଡ଼, ଦେଓଗଡ଼, ଢେଙ୍କାନାଳ, ଗଞ୍ଜାମ, ଗଜପତି, ଝାରସୁଗୁଡ଼ା, ଯାଜପୁର, ଜଗତସିଂହପୁର, ଖୋର୍ଦ୍ଧା, କେନ୍ଦୁଝର, କୋରାପୁଟ, କେନ୍ଦ୍ରାପଡ଼ା, ମାଲକାନଗିରି, ମୟୂରଭଞ୍ଜ, ନବରଙ୍ଗପୁର, ନୂଆପଡ଼ା, ପୁରୀ, ସମ୍ବଲପୁର, ସୁବର୍ଣ୍ଣପୁର, ସୁନ୍ଦରଗଡ଼ରେ ଜାତୀୟ କୃମିନାଶକ ଦିବସ ପାଳନ କରାଯାଉଅଛି। ଏହି ଜିଲ୍ଲା ଗୁଡିକରେ ୧-୧୯ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲା ଓ ୨୦-୨୪ ବର୍ଷ ବୟସର ପ୍ରଜନନକ୍ଷମ ମହିଳାମାନଙ୍କୁ କୃମିନାଶକ ଔଷଧ ଖାଇବାକୁ ଦିଆଯିବ। ଏହା ଛଡ଼ା ଅନ୍ୟ ୬ଟି ଜିଲ୍ଲା (ବଲାଙ୍ଗିର, କଟକ, କଳାହାଣ୍ଡି, କନ୍ଧମାଳ, ନୟାଗଡ଼ ଓ ରାୟଗଡ଼ା)ରେ ଲିମ୍ଫାଟିକ୍ ଫାଇଲେରିଆ ସମୂହ ଔଷଧ ସେବନ କାର୍ଯ୍ୟକ୍ରମ ଅନୁସାରେ ୨ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତଙ୍କୁ ଡ଼ି.ଇ.ସି. ବଟିକା ସହିତ କୃମିନାଶକ ଔଷଧ ଖାଇବାକୁ ଦିଆଯିବ ଏବଂ ୧-୨ ବର୍ଷର ପିଲାମାନଙ୍କୁ କେବଳ କୃମିନାଶକ ଔଷଧ ଖାଇବାକୁ ଦିଆଯିବ। ୬ଟି ଜିଲ୍ଲାର ଯେଉଁ ବ୍ଲକ୍‌ମାନଙ୍କରେ ଫାଇଲେରିଆ ସମୂହ ଔଷଧ ସେବନ କାର୍ଯ୍ୟକ୍ରମ ହେଉନାହିଁ ସେହି ବ୍ଲକ୍‌ମାନଙ୍କରେ ଜାତୀୟ କୃମିନାଶକ ଦିବସ ପାଳନ କରାଯିବ। ଯେଉଁମାନେ ୧୦ ତାରିଖରେ କୌଣସି କାରଣରୁ ଏହି ଔଷଧ ଖାଇପାରିନଥିବେ ସେମାନେ ଫେବୃଆରୀ ୧୭ ତାରିଖରେ ଏହି ଔଷଧ ଖାଇପାରିବେ। ବିଦ୍ୟାଳୟ ଯାଉଥିବା ସମସ୍ତ ପିଲାମାନଙ୍କୁ ଶିକ୍ଷକମାନେ କୃମିନାଶକ ଔଷଧ ଖାଇବାକୁ ଦେବେ। ବିଦ୍ୟାଳୟ ଯାଉନଥିବା ପିଲାମାନଙ୍କୁ ସେମାନଙ୍କ ଅଞ୍ଚଳରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ରରେ ଅଙ୍ଗନୱାଡ଼ି କର୍ମୀ କିମ୍ବା ଆଶା କର୍ମୀ ଏହି ଔଷଧ ଖାଇବାକୁ ଦେବେ।

ଏହା ସହିତ ଫେବୃଆରୀ ମାସରେ ଅନୁଷ୍ଠିତ ହେଉଥିବା ସମସ୍ତ ଟୀକାକରଣ ଶିବିରରେ ୯ ମାସରୁ ୫ ବର୍ଷ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ଭିଟାମିନ୍ "କ" ଦ୍ରବଣ ଖାଇବାକୁ ଦିଆଯିବ।

NATIONAL HEALTH MISSION
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

OIPR-10003/13/0125/2425

# ମୁଖ୍ୟ ଶାସନ ସଚିବଙ୍କୁ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

କେନ୍ଦୁଝର/ହାଟଡିହି,୯।୨(ନରେଶ ଚନ୍ଦ୍ର ପଟ୍ଟନାୟକ/ଶୁଭକାନ୍ତ ନାୟକ)

## ଡିଏମ୍ଏଫ୍ ପାଣ୍ଠି ଖର୍ଚ୍ଚରେ ଅନିୟମିତତା

କେନ୍ଦୁଝର ଡିଏମ୍ଏଫ୍ ଟ୍ରଷ୍ଟ ପାଣ୍ଠି ଖର୍ଚ୍ଚରେ ଅନିୟମିତତା, ହେରଫେର, ଅପବ୍ୟବହାର ନେଇ ହୋଇଥିବା ଅଭିଯୋଗରେ ଭାରତ ସରକାରଙ୍କ ଖଣିମନ୍ତ୍ରଣାଳୟ (ମିନିଷ୍ଟ୍ରିଅଫ୍‌ମାଇନ୍ସ) ତରଫରୁ ତଦନ୍ତ ଏବଂ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ହୋଇଛି। ୩ ଫେବୃୟାରୀ ୨୦୨୫ରେ ଖଣି ମନ୍ତ୍ରଣାଳୟ ତରଫରୁ ଫାଇଲ ନଂ. ଏମ୍‌ଆଇଭି ୭/୫୮/୨୦୨୩-ମାଇନ୍ସ ଆଇଭି ଅନୁସାରେ ଓଡ଼ିଶା ମୁଖ୍ୟ ଶାସନ ସଚିବଙ୍କୁ ତଦନ୍ତ ଏବଂ କାର୍ଯ୍ୟାନୁଷ୍ଠାନ ଲାଗି ନିର୍ଦ୍ଦେଶ ଜାରି ହୋଇଛି।

ସୂଚନାଯୋଗ୍ୟ, ଟ୍ରଷ୍ଟ ବୋର୍ଡ ବୈଠକରେ କମ୍‌ସଂଖ୍ୟକ ପ୍ରକଳ୍ପ ଅନୁମୋଦନ ହୋଇଥିବା ବେଳେ ଅଧିକ ସଂଖ୍ୟକ ପ୍ରକଳ୍ପର ପ୍ରଶାସନିକ ଅନୁମୋଦନ ହୋଇ ଅନେକ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ୧୦ମ ଟ୍ରଷ୍ଟ ବୋର୍ଡ ବୈଠକରେ ଅନୁମୋଦିତ ପ୍ରକଳ୍ପ ତାଲିକାର ୨୦୭ ନଂ. ସିରିଏଲରେ ବିଦ୍ୟାଳୟ ରୂପାନ୍ତରୀକରଣ ନାମରେ ୩୦ କୋଟି ଟଙ୍କାର ବଜେଟ ଏଷ୍ଟିମେଟ୍ ହୋଇ ପ୍ରକଳ୍ପ ଅନୁମୋଦନ ହୋଇଥିଲା। କିନ୍ତୁ ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ପ୍ରକଳ୍ପ ପ୍ରଶାସନିକ ଅନୁମୋଦନ ହୋଇ ପ୍ରାୟ ୮୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଛି। ସ୍ୱାସ୍ଥ୍ୟ ବାବଦରେ ୯ମ ଟ୍ରଷ୍ଟ ବୋର୍ଡ ପ୍ରକଳ୍ପ ତାଲିକା ସିରିଏଲ ନଂ. ୩୫ରେ ମନଇଚ୍ଛା ପ୍ରକଳ୍ପର ପ୍ରଶାସନିକ ଅନୁମୋଦନ କରାଯାଇ ଅନେକ କୋଟି ଟଙ୍କା ଅଯଥା ଖର୍ଚ୍ଚ ହୋଇଛି। ଏହିପରି ୪ର୍ଥ, ୬ଷ୍ଠ, ୭ମ, ୮ମ, ୯ମ, ୧୦ମ, ୧୧ତମ ଟ୍ରଷ୍ଟ ବୋର୍ଡର ଅନେକ ପ୍ରକଳ୍ପର ଉଦାହରଣ ରହିଛି। ସେହିପରି ପ୍ରାୟ ୧୯୦ଟି ପ୍ରକଳ୍ପର ମିଥ୍ୟା ଟ୍ରଷ୍ଟ ବୋର୍ଡ ନମ୍ବର ଏବଂ ସିରିଏଲ ନମ୍ବର ଦର୍ଶାଯାଇ ଅନେକ କୋଟି ଖର୍ଚ୍ଚ ହୋଇଥିବା ଜଣାପଡ଼ିଛି। ୭୬ଟି ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିବା ବେଳେ ସେ ସବୁ ପ୍ରକଳ୍ପ ଟ୍ରଷ୍ଟ ବୋର୍ଡ ଦ୍ୱାରା ଅନୁମୋଦନ ହୋଇନାହିଁ। ଡିଏମ୍ଏଫ୍ ପିଏମ୍‌ୟୁ (ଇଆଣ୍ଡ ୱାଇଏଲ୍‌ଏଲ୍‌ପି)ର ଉପସ୍ଥାନ ଖାତା, ଆବ୍‌ସେଣ୍ଟି ଷ୍ଟେଟ୍‌ମେଣ୍ଟ ନ ଥିବା ବେଳେ ପିଏମ୍‌ୟୁ (ପ୍ରୋଜେକ୍ଟ ମ୍ୟାନେଜମେଣ୍ଟ ୟୁନିଟ୍)କୁ ନକଲି ଇନ୍‌ଭଏସ୍ ଫର୍ମାଟରେ ଦରମା ଦିଆଯାଉଛି। ପିଏମ୍‌ୟୁର ଏଗ୍ରିମେଣ୍ଟ, କର୍ମଚାରୀ ଏବଂ ଦରମା ବୃଦ୍ଧି, ବିଭିନ୍ନ ଖର୍ଚ୍ଚ ବିଲ୍, କର୍ମଚାରୀ ନିଯୁକ୍ତି ଏବଂ ଯୋଗଦାନରେ ଅନିୟମିତତା ହୋଇଛି। ପୂର୍ବରୁ ଡିଏମ୍ଏଫ୍ ଅନୁଦାନରେ ହେରଫେର, ଅପବ୍ୟବହାର ଏବଂ ଅନିୟମିତତା ବାବଦରେ ହୋଇଥିବା ବିଭିନ୍ନ ଅଭିଯୋଗ ଉପରେ ଡିଏମ୍ଏଫ୍ ସିଇଓ କେବଳ ମିଥ୍ୟା ରିପୋର୍ଟ ଦେଇଛନ୍ତି। ନିୟମିତ ଭାବେ ଡିଏମ୍ଏଫ୍ ବୈଠକ ବସୁ ନ ଥିବା, ଠିକ୍ ସମୟରେ ଟ୍ରଷ୍ଟ ବୋର୍ଡ ବୈଠକ ପ୍ରୋସିଡିଂ ରିଲିଜ ହେଉ ନ ଥିବା ଏବଂ ଗ୍ରାମ ସଭା ଅନୁଷ୍ଠିତ ହେଉ ନ ଥିବା, ବିନା ଟେଣ୍ଡରରେ ଅନେକ କୋଟି ଟଙ୍କା ଖର୍ଚ୍ଚ ହେବା, ପ୍ରକଳ୍ପର ଫିଲ୍ଡ ଭିଜିଟ ରିପୋର୍ଟ ନ ଥିବା, ଟ୍ରଷ୍ଟ ବୋର୍ଡରେ ଅନୁମୋଦିତ ପ୍ରକଳ୍ପ ପ୍ରସ୍ତାବ ରେକର୍ଡ ନ ଥିବା, ମନଇଚ୍ଛା ବିଭିନ୍ନ ସେକ୍ଟରରେ ନିଯୁକ୍ତି କରି ଅର୍ଥ ଖର୍ଚ୍ଚ, ୩୦-୪୦-୩୦ ଅନୁପାତରେ ଅର୍ଥ ମଞ୍ଜୁର କରା ନ ଯିବା, ପିଏମ୍‌ୟୁକୁ ଅଗ୍ରିମ ଦରମା ପ୍ରଦାନ, କଣ୍ଟିଜେନ୍ସି ଅର୍ଥ ହେର୍‌ଫେର ଏବଂ ଅପବ୍ୟବହାର, ଅନିୟମିତତା ହେବା ନେଇ ବିଭିନ୍ନ ଅଭିଯୋଗ ହୋଇଥିଲା।



ଭାରତ-ଇଂଲଣ୍ଡ ମ୍ୟାଚ ଦେଖିବା ପାଇଁ ଆସିଥିବା ଦର୍ଶକ।



ଭାରତ ମ୍ୟାଚ୍ ଜିତିବା ପରେ ବାରବାଟୀ ଷ୍ଟାଡିୟମରେ ବାଣ ଫୁଟାଯାଉଛି।

# ବାରବାଟୀରେ ରୋମାଞ୍ଚ

କଟକ,୯।୨
(କାର୍ତ୍ତିକ ସାହୁ/ ଶିଳ୍ପା ପ୍ରିୟଦର୍ଶିନୀ)

କଟକ ବାରବାଟୀ ଷ୍ଟାଡିୟମରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟ୍ ମ୍ୟାଚ୍ ରବିବାର ଅନୁଷ୍ଠିତ ହୋଇଥିଲା। ଇଂଲଣ୍ଡ ଟିମ୍ ପ୍ରଥମେ ବ୍ୟାଟିଂ କରି ୪୯.୫ ଓଭରରେ ୩୦୪ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ଭାରତୀୟ ଟିମ୍ ୪୪.୩ ଓଭରରେ ୩୦୮ ରନ୍ କରି ବିଜୟୀ ହୋଇଛି। ଏହାକୁ ନେଇ କ୍ରିକେଟ୍‌ପ୍ରେମୀ ଖୁସିରେ ଆତ୍ମହରା ହେବା ସହ ନୃତ୍ୟ କରିଥିଲେ। ଫଳରେ ଷ୍ଟାଡିୟମ ପରିସରରେ ରୋମାଞ୍ଚକର ପରିବେଶ ସୃଷ୍ଟି ହୋଇଥିଲା। ପୂର୍ବାହ୍ନ ପ୍ରାୟ ୧୧ଟାରେ ଷ୍ଟାଡିୟମ ଫାଟକ ଖୋଲାଯିବା ପରେ ଦର୍ଶକମାନେ ଧାଡ଼ିରେ ଆସି ଭିତରେ ପ୍ରବେଶ କରିଥିଲେ। ଏହା ପୂର୍ବରୁ ସେମାନେ ମୁହଁରେ ଜାତୀୟ ପତାକା ଆଙ୍କିବା ସହ ଜର୍ସି ପିନ୍ଧିଥିବା ଦେଖିବାକୁ ମିଳିଥିଲା। କଟକର ଚିତ୍ରକାର ରଞ୍ଜନ ଚୌଧୁରୀ ଲୋକଙ୍କ ମୁହଁରେ ଏହି ଚିତ୍ର ଆଙ୍କୁଥିଲେ। ଏହାର ଦର ୨୦ ଟଙ୍କା ଥିଲା। ମୁହଁରେ ଚିତ୍ର ଆଙ୍କି ଟିମ୍ ଇଣ୍ଡିଆକୁ ଉତ୍ସାହିତ କରିବାକୁ ଲୋକେ ବେଶ୍ ଆଗ୍ରହ ପ୍ରକାଶ କରିଥିଲେ। ବିରାଟ କୋହଲିଙ୍କୁ ଦେଖି ଦର୍ଶକ ଉଲ୍ଲସିତ ହୋଇଥିଲେ। ସେ ପଡିଆକୁ ପ୍ରବେଶ କରିବାବେଳେ ଦର୍ଶକ ଉତ୍ସାହିତ ହୋଇଥିଲେ। ବିରାଟ ବିରାଟ ଡାକରେ କମ୍ପିଥିଲା ଷ୍ଟାଡିୟମ ପରିସର। ଟିମ୍ ଇଣ୍ଡିଆକୁ ଜିତାଇବା ପାଇଁ ବିରାଟଙ୍କୁ ସବୁ ଗ୍ୟାଲେରିରୁ ଉଚ୍ଛ୍ୱସିତ ସ୍ୱାଗତ କରାଯାଇଥିଲା। ଦର୍ଶକ ଆନନ୍ଦରେ ନାଚିବା ସହ ଜାତୀୟ ପତାକା ଉଡ଼ାଇଥିଲେ। ବାରବାଟୀ ଷ୍ଟାଡିୟମରେ କ୍ରିକେଟ୍ ମ୍ୟାଚ୍ ଦେଖିବା ପାଇଁ ଲଣ୍ଡନରୁ ଅର୍ଚିଡ଼ ନାମକ କ୍ରିକେଟ୍‌ପ୍ରେମୀ ଆସିଛନ୍ତି। ମୁହଁରେ ଭାରତର ଜାତୀୟ ପତାକା ଚିତ୍ର ଆଙ୍କି ଇଣ୍ଡିଆ ଟିମ୍‌ର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। କଟକରେ ମ୍ୟାଚ୍ ଦେଖିବା ପାଇଁ ବେଶ୍ ଖୁସି ଥିବା ସେ କହିଥିଲେ।

## ଜୋର ଧରିଲା ଟିକେଟ୍ କଳାବଜାର

ମ୍ୟାଚ୍ ଦେଖିବା ପାଇଁ କ୍ରୀଡ଼ାପ୍ରେମୀ ଉତ୍ସାହିତ ଥିବାବେଳେ ଟିକେଟ ନ ପାଇ ନିରାଶ ହୋଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଟିକଟ କଳାବଜାର କରିଥିଲେ। ପୋଲିସ ଏହି ଘଟଣାରେ ପୂର୍ବରୁ ୭ ଜଣଙ୍କୁ ଗିରଫ କରିବା ସହ ଟିକେଟ ଜବତ କରିଥିଲେ। ହେଲେ ଏହି କଳାବଜାରକୁ ରୋକିପାରି ନ ଥିଲା। ରବିବାର ମ୍ୟାଚ୍ ଆରମ୍ଭ ହୋଇଥିବାବେଳେ କେତେଜଣ ଦଲାଲ ଟିକେଟ କଳାବଜାର କରୁଥିବା ଜଣାପଡିଥିଲା। ଷ୍ଟାଡିୟମରେ ମ୍ୟାଚ୍ ଓ ନିଜର ପ୍ରିୟ ଖେଳାଳିଙ୍କୁ ଦେଖିବା ପାଇଁ ବ୍ୟାକୁଳ ହେଉଥିବା ଲୋକେ ନିର୍ଦ୍ଧାରିତ ଦରଠାରୁ ୨ ଗୁଣା ଅଧିକ ଅର୍ଥ ଦେଇ ଟିକେଟ୍ କିଣିଥିଲେ।




## ଶାନ୍ତି, ପ୍ରେମର ବାର୍ତ୍ତା ବାଣ୍ଟିଲେ ବ୍ରହ୍ମାନନ୍ଦ

ଗଞ୍ଜାମ ଜିଲା କବିସୂର୍ଯ୍ୟନଗରର ଏ. ବ୍ରହ୍ମାନନ୍ଦ ଆଚାରି ବାରବାଟୀ ଷ୍ଟାଡିୟମ ନିକଟରେ ଶାନ୍ତି ଓ ପ୍ରେମର ବାର୍ତ୍ତା ବାଣ୍ଟିଛନ୍ତି। ନିଜକୁ ସେହି ଭାବରେ ସଜେଇ କ୍ରିକେଟପ୍ରେମୀ ଦୃଷ୍ଟି ଆକର୍ଷଣ କରିଛନ୍ତି। ଆଜୀବନ ଅବିବାହିତ ରହିଥିବା ଏହି ବ୍ୟକ୍ତି ଜଣକ ନିଶା ନିବାରଣଠାରୁ ଆରମ୍ଭ କରି ଚାରାରୋପଣ, ପୀଡିତ, ରୋଗୀଙ୍କୁ ସହାୟତା କରିବା ଜୀବନର ବ୍ରତ ଭାବେ ନେଇଛନ୍ତି। ଏହାବାଦ କବି, ଲେଖକ ଭାବେ ମଧ୍ୟ ଜନକଲ୍ୟାଣ ଦିଗରେ କାର୍ଯ୍ୟ ଜାରି ରଖିଛନ୍ତି।




## ପୋଷ୍ଟରରେ ଖେଳାଳିଙ୍କୁ ଉତ୍ସାହିତ

ବାରବାଟୀ ଷ୍ଟାଡିୟମ ବାହାରେ କ୍ରିକେଟ୍‌ପ୍ରେମୀ ନିଜ ପସନ୍ଦର ଖେଳାଳିଙ୍କୁ ଉତ୍ସାହିତ କରିବା ପାଇଁ ସେମାନଙ୍କ ଚିତ୍ର ସହ କିଛି ଲେଖାଥିବା ବ୍ୟାନର ଓ ପୋଷ୍ଟର ଧରିଥିଲେ। ଟିମ୍ ଇଣ୍ଡିଆ ହିପ୍ ହିପ୍ ହୁରେ, ବିରାଟ୍ ୟୁ ଆର ହିରୋ, ରୋହିତ ୟୁ ଆର ଗ୍ରେଟ୍ ଭଳି ଅନେକ ଲେଖା ପୋଷ୍ଟରରେ ଲେଖାଯାଇଥିଲା। ଢେଙ୍କାନାଳର ବ୍ୟବସାୟୀ ଅବିନାଶ ସାହୁ ଓ ରାଜକିଶୋର ମହାରଣା ପୋଷ୍ଟରରେ ଲୋକଙ୍କ ପସନ୍ଦ ମୁତାବକ ଚିତ୍ର, ଢଗ ଓ ଶୁଭେଚ୍ଛା ଆଙ୍କି ଦେଉଥିଲେ। ଏହାର ଦର ୧୦୦ ଟଙ୍କାରୁ ଆରମ୍ଭ କରି ୩୦୦ ଟଙ୍କା ପର୍ଯ୍ୟନ୍ତ ରହିଥିଲା।



## ଷ୍ଟାଡିୟମ ବାହାରେ ମୋ' ସଂଗ୍ରହାଳୟ

ଇଣ୍ଡିଆ ଟିମ୍ ବିଭିନ୍ନ ଦଳ ବିପକ୍ଷରେ ଅନେକ ଷ୍ଟାଡିୟମରେ ଖେଳିବାବେଳର ୧ ହଜାରରୁ ଅଧିକ ଟିକେଟ୍, ବିଭିନ୍ନ ଦେଶର ମୁଦ୍ରାକୁ ସଂଗୃହ କରି ରଖିଛନ୍ତି ଭୁବନେଶ୍ୱର ଭିଏସ୍ଏସ୍ ନଗର ଅଞ୍ଚଳର ସମରଞ୍ଜନ ମହାନ୍ତି। ସେଗୁଡିକୁ ମୋ ସଂଗ୍ରହାଳୟ ନାମରେ ସେ ସଂଗୃହୀତ କରିଛନ୍ତି। ରବିବାର ପୂର୍ବାହ୍ନରେ ସେ ବାରବାଟୀ ଷ୍ଟାଡିୟମ ବାହାରେ ଏହାକୁ ପ୍ରଦର୍ଶନ କରିଥିଲେ। ଫଳରେ କେଉଁ ମ୍ୟାଚ୍ କେବେ ହୋଇଥିଲା ତାହାକୁ ଦେଖି କ୍ରୀଡାପ୍ରେମୀ ମନେପକାଇଥିଲେ।




## ପୂର୍ବତନ ଖେଳାଳିଙ୍କୁ ମନେ ପକାଇଲେ

ଭାରତୀୟ ଦଳର ପୂର୍ବତନ ଅଧିନାୟକ ଏମ୍.ଏସ୍. ଧୋନୀ ଓ ଖ୍ୟାତନାମା ବ୍ୟାଟର ଯୁବରାଜ ସିଂହଙ୍କୁ ଫ୍ୟାନ୍‌ମାନେ ମନେପକେଇଥିଲେ। ସେମାନେ ଟିମ୍ ଇଣ୍ଡିଆର ପୋଷାକ ପିନ୍ଧିବା ସହ ହାତରେ ବ୍ୟାନର ଧରି ୨୦୧୭ରେ ବାରବାଟୀରେ ହୋଇଥିବା ମ୍ୟାଚ୍‌ରେ ଦୁହିଁଙ୍କ ସଫଳତାକୁ ମନେ ପକାଇଥିଲେ। ସେମ୍ ସେମ୍ ବଟ୍ ଡିଫରେଣ୍ଟ ଲେଖି ୨୦୧୭ରେ ଭାରତ-ଇଂଲଣ୍ଡ ମଧ୍ୟରେ ହୋଇଥିବା କଡ଼ା ମୁକାବିଲାକୁ ଦର୍ଶାଇଥିଲେ। ଏହି ମ୍ୟାଚ୍‌ରେ ଯୁବରାଜ ୧୨୭ ବଲ୍‌ରେ ୧୫୦ ରନ୍ କରିଥିବାବେଳେ ଧୋନୀ ୧୨୨ ବଲ୍‌ରେ ୧୩୪ ରନ୍ କରିଥିଲେ। ଆଜି ବି ସେହି ମୁହୂର୍ତ୍ତ, ସେହି ଏକା ଦେଶର ଟିମ୍ ଖେଳୁଛନ୍ତି। ହେଲେ ଖେଳାଳି ଅଲଗା ହୋଇଛନ୍ତି।



ମ୍ୟାଚ ଦେଖିବା ପାଇଁ ଆସିଥିବା ବିଦେଶୀ ଦର୍ଶକ।

## ମିସ୍ ୟୁ ତେନ୍ଦୁଲକର

ପ୍ରଖ୍ୟାତ କ୍ରିକେଟିୟର ସଚିନ ତେନ୍ଦୁଲକରଙ୍କ ବଡ଼ ଫ୍ୟାନ୍ ହେଉଛନ୍ତି ସୁଧୀର କୁମାର ଚୌଧାରୀ। ସେ ମ୍ୟାଚ୍ ଦେଖିବା ପାଇଁ ମୁଜାଫରପୁରରୁ ଆସି କଟକରେ ପହଞ୍ଚିଥିଲେ। ବାରବାଟୀ ଷ୍ଟାଡିୟମର ବିସିସିଆଇ ଗ୍ୟାଲେରିରେ ବସି ସେ ଇଣ୍ଡିଆ ଟିମ୍‌ର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଖେଳାଳିଙ୍କ ପ୍ରତିଟି ସଫଳତାରେ ସେ ଦୀର୍ଘ ତ୍ରିରଙ୍ଗା ପତାକା ହଲାଇ ମନୋବଳ ବଢାଇବା ସହ ଜାତୀୟତା ଭାବ ଉଦ୍ରେକ କରିଥିଲେ। ଏଥିସହ ତେନ୍ଦୁଲକରଙ୍କୁ କ୍ରିକେଟପ୍ରେମୀଙ୍କ ନିକଟରେ ସ୍ମୃତି ରୋମନ୍ଥନ ପାଇଁ ସେ ପ୍ରୟାସ କରିଥିଲେ। ସେଥିପାଇଁ ସେ ପିଠିରେ ମିସ୍ ୟୁ ତେନ୍ଦୁଲକର୍ ଲେଖି ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲେ।



ଜଣେ ବାଳକ ମୁଣ୍ଡରେ କ୍ରିକେଟ୍ ଷ୍ଟାଡିୟମ୍ ଷ୍ଟାଇଲରେ ଚୁଟି କାଟିଛନ୍ତି।



ମ୍ୟାଚ ପାଇଁ ଉତ୍ସାହିତ କ୍ରିକେଟ୍‌ପ୍ରେମୀ।




ମ୍ୟାଚ ସମୟରେ ଫ୍ଲଡ୍ ଲାଇଟ୍ ଅଚଳ ହୋଇପଡ଼ିଛି।



ଭାରତ-ଇଂଲଣ୍ଡ ମ୍ୟାଚ ଦେଖିବା ପାଇଁ ଆସିଥିବା ଦର୍ଶକ।



ଭାରତ ମ୍ୟାଚ୍ ଜିତିବା ପରେ ବାରବାଟୀ ଷ୍ଟାଡିୟମରେ ବାଣ ଫୁଟାଯାଉଛି।

# ବାରବାଟୀରେ ରୋମାଞ୍ଚ

କଟକ,୯।୨
(କାର୍ତ୍ତିକ ସାହୁ/ ଶିଳ୍ପା ପ୍ରିୟଦର୍ଶିନୀ)

କଟକ ବାରବାଟୀ ଷ୍ଟାଡିୟମରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟ୍ ମ୍ୟାଚ୍ ରବିବାର ଅନୁଷ୍ଠିତ ହୋଇଥିଲା। ଇଂଲଣ୍ଡ ଟିମ୍ ପ୍ରଥମେ ବ୍ୟାଟିଂ କରି ୪୯.୫ ଓଭରରେ ୩୦୪ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ଭାରତୀୟ ଟିମ୍ ୪୪.୩ ଓଭରରେ ୩୦୮ ରନ୍ କରି ବିଜୟୀ ହୋଇଛି। ଏହାକୁ ନେଇ କ୍ରିକେଟ୍‌ପ୍ରେମୀ ଖୁସିରେ ଆତ୍ମହରା ହେବା ସହ ନୃତ୍ୟ କରିଥିଲେ। ଫଳରେ ଷ୍ଟାଡିୟମ ପରିସରରେ ରୋମାଞ୍ଚକର ପରିବେଶ ସୃଷ୍ଟି ହୋଇଥିଲା। ପୂର୍ବାହ୍ଣ ପ୍ରାୟ ୧୧ଟାରେ ଷ୍ଟାଡିୟମ ଫାଟକ ଖୋଲାଯିବା ପରେ ଦର୍ଶକମାନେ ଧାଡ଼ିରେ ଆସି ଭିତରେ ପ୍ରବେଶ କରିଥିଲେ। ଏହା ପୂର୍ବରୁ ସେମାନେ ମୁହଁରେ ଜାତୀୟ ପତାକା ଆଙ୍କିବା ସହ ଜର୍ସି ପିନ୍ଧିଥିବା ଦେଖିବାକୁ ମିଳିଥିଲା। କଟକର ଚିତ୍ରକାର ରଞ୍ଜନ ଚୌଧୁରୀ ଲୋକଙ୍କ ମୁହଁରେ ଏହି ଚିତ୍ର ଆଙ୍କୁଥିଲେ। ଏହାର ଦର ୨୦ ଟଙ୍କା ଥିଲା। ମୁହଁରେ ଚିତ୍ର ଆଙ୍କି ଟିମ୍ ଇଣ୍ଡିଆକୁ ଉତ୍ସାହିତ କରିବାକୁ ଲୋକେ ବେଶ୍ ଆଗ୍ରହ ପ୍ରକାଶ କରିଥିଲେ। ବିରାଟ କୋହଲିଙ୍କୁ ଦେଖି ଦର୍ଶକ ଉଲ୍ଲସିତ ହୋଇଥିଲେ। ସେ ପଡିଆକୁ ପ୍ରବେଶ କରିବାବେଳେ ଦର୍ଶକ ଉତ୍ସାହିତ ହୋଇଥିଲେ। ବିରାଟ ବିରାଟ ଡାକରେ କମ୍ପିଥିଲା ଷ୍ଟାଡିୟମ ପରିସର। ଟିମ୍ ଇଣ୍ଡିଆକୁ ଜିତାଇବା ପାଇଁ ବିରାଟଙ୍କୁ ସବୁ ଗ୍ୟାଲେରିରୁ ଉଚ୍ଛ୍ୱସିତ ସ୍ୱାଗତ କରାଯାଇଥିଲା। ଦର୍ଶକ ଆନନ୍ଦରେ ନାଚିବା ସହ ଜାତୀୟ ପତାକା ଉଡ଼ାଇଥିଲେ। ବାରବାଟୀ ଷ୍ଟାଡିୟମରେ କ୍ରିକେଟ୍ ମ୍ୟାଚ୍ ଦେଖିବା ପାଇଁ ଲଣ୍ଡନରୁ ଅର୍ଚିଡ଼ ନାମକ କ୍ରିକେଟ୍‌ପ୍ରେମୀ ଆସିଛନ୍ତି। ମୁହଁରେ ଭାରତର ଜାତୀୟ ପତାକା ଚିତ୍ର ଆଙ୍କି ଇଣ୍ଡିଆ ଟିମ୍‌ର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। କଟକରେ ମ୍ୟାଚ୍ ଦେଖିବା ପାଇଁ ବେଶ୍ ଖୁସି ଥିବା ସେ କହିଥିଲେ।

## ଜୋର ଧରିଲା ଟିକେଟ୍ କଳାବଜାର

ମ୍ୟାଚ୍ ଦେଖିବା ପାଇଁ କ୍ରୀଡ଼ାପ୍ରେମୀ ଉତ୍ସାହିତ ଥିବାବେଳେ ଟିକେଟ ନ ପାଇ ନିରାଶ ହୋଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଟିକଟ କଳାବଜାର କରିଥିଲେ। ପୋଲିସ ଏହି ଘଟଣାରେ ପୂର୍ବରୁ ୭ ଜଣଙ୍କୁ ଗିରଫ କରିବା ସହ ଟିକେଟ ଜବତ କରିଥିଲେ। ହେଲେ ଏହି କଳାବଜାରକୁ ରୋକିପାରି ନ ଥିଲା। ରବିବାର ମ୍ୟାଚ୍ ଆରମ୍ଭ ହୋଇଥିବାବେଳେ କେତେଜଣ ଦଲାଲ ଟିକେଟ କଳାବଜାର କରୁଥିବା ଜଣାପଡିଥିଲା। ଷ୍ଟାଡିୟମରେ ମ୍ୟାଚ୍ ଓ ନିଜର ପ୍ରିୟ ଖେଳାଳିଙ୍କୁ ଦେଖିବା ପାଇଁ ବ୍ୟାକୁଳ ହେଉଥିବା ଲୋକେ ନିର୍ଦ୍ଧାରିତ ଦରଠାରୁ ୨ ଗୁଣା ଅଧିକ ଅର୍ଥ ଦେଇ ଟିକେଟ୍ କିଣିଥିଲେ।




## ଶାନ୍ତି, ପ୍ରେମର ବାର୍ତ୍ତା ବାଣ୍ଟିଲେ ବ୍ରହ୍ମାନନ୍ଦ

ଗଞ୍ଜାମ ଜିଲା କବିସୂର୍ଯ୍ୟନଗରର ଏ. ବ୍ରହ୍ମାନନ୍ଦ ଆଚାରି ବାରବାଟୀ ଷ୍ଟାଡିୟମ ନିକଟରେ ଶାନ୍ତି ଓ ପ୍ରେମର ବାର୍ତ୍ତା ବାଣ୍ଟିଛନ୍ତି। ନିଜକୁ ସେହି ଭାବରେ ସଜେଇ କ୍ରିକେଟପ୍ରେମୀ ଦୃଷ୍ଟି ଆକର୍ଷଣ କରିଛନ୍ତି। ଆଜୀବନ ଅବିବାହିତ ରହିଥିବା ଏହି ବ୍ୟକ୍ତି ଜଣକ ନିଶା ନିବାରଣଠାରୁ ଆରମ୍ଭ କରି ଚାରାରୋପଣ, ପୀଡିତ, ରୋଗୀଙ୍କୁ ସହାୟତା କରିବା ଜୀବନର ବ୍ରତ ଭାବେ ନେଇଛନ୍ତି। ଏହାବାଦ କବି, ଲେଖକ ଭାବେ ମଧ୍ୟ ଜନକଲ୍ୟାଣ ଦିଗରେ କାର୍ଯ୍ୟ ଜାରି ରଖିଛନ୍ତି।




## ପୋଷ୍ଟରରେ ଖେଳାଳିଙ୍କୁ ଉତ୍ସାହିତ

ବାରବାଟୀ ଷ୍ଟାଡିୟମ ବାହାରେ କ୍ରିକେଟ୍‌ପ୍ରେମୀ ନିଜ ପସନ୍ଦର ଖେଳାଳିଙ୍କୁ ଉତ୍ସାହିତ କରିବା ପାଇଁ ସେମାନଙ୍କ ଚିତ୍ର ସହ କିଛି ଲେଖାଥିବା ବ୍ୟାନର ଓ ପୋଷ୍ଟର ଧରିଥିଲେ। ଟିମ୍ ଇଣ୍ଡିଆ ହିପ୍ ହିପ୍ ହୁରେ, ବିରାଟ୍ ୟୁ ଆର ହିରୋ, ରୋହିତ ୟୁ ଆର ଗ୍ରେଟ୍ ଭଳି ଅନେକ ଲେଖା ପୋଷ୍ଟରରେ ଲେଖାଯାଇଥିଲା। ଢେଙ୍କାନାଳର ବ୍ୟବସାୟୀ ଅବିନାଶ ସାହୁ ଓ ରାଜକିଶୋର ମହାରଣା ପୋଷ୍ଟରରେ ଲୋକଙ୍କ ପସନ୍ଦ ମୁତାବକ ଚିତ୍ର, ଢଗ ଓ ଶୁଭେଚ୍ଛା ଆଙ୍କି ଦେଉଥିଲେ। ଏହାର ଦର ୧୦୦ ଟଙ୍କାରୁ ଆରମ୍ଭ କରି ୩୦୦ ଟଙ୍କା ପର୍ଯ୍ୟନ୍ତ ରହିଥିଲା।



## ଷ୍ଟାଡିୟମ ବାହାରେ ମୋ' ସଂଗ୍ରହାଳୟ

ଇଣ୍ଡିଆ ଟିମ୍ ବିଭିନ୍ନ ଦଳ ବିପକ୍ଷରେ ଅନେକ ଷ୍ଟାଡିୟମରେ ଖେଳିବାବେଳର ୧ ହଜାରରୁ ଅଧିକ ଟିକେଟ୍, ବିଭିନ୍ନ ଦେଶର ମୁଦ୍ରାକୁ ସଂଗ୍ରହ କରି ରଖିଛନ୍ତି ଭୁବନେଶ୍ୱର ଭିଏସ୍‌ଏସ୍ ନଗର ଅଞ୍ଚଳର ସମରଞ୍ଜନ ମହାନ୍ତି। ସେଗୁଡିକୁ ମୋ ସଂଗ୍ରହାଳୟ ନାମରେ ସେ ସଂଗୃହୀତ କରିଛନ୍ତି। ରବିବାର ପୂର୍ବାହ୍ଣରେ ସେ ବାରବାଟୀ ଷ୍ଟାଡିୟମ ବାହାରେ ଏହାକୁ ପ୍ରଦର୍ଶନ କରିଥିଲେ। ଫଳରେ କେଉଁ ମ୍ୟାଚ୍ କେବେ ହୋଇଥିଲା ତାହାକୁ ଦେଖି କ୍ରୀଡାପ୍ରେମୀ ମନେପକାଇଥିଲେ।




## ପୂର୍ବତନ ଖେଳାଳିଙ୍କୁ ମନେ ପକାଇଲେ

ଭାରତୀୟ ଦଳର ପୂର୍ବତନ ଅଧିନାୟକ ଏମ୍.ଏସ୍. ଧୋନୀ ଓ ଖ୍ୟାତନାମା ବ୍ୟାଟର ଯୁବରାଜ ସିଂହଙ୍କୁ ଫ୍ୟାନ୍‌ମାନେ ମନେପକେଇଥିଲେ। ସେମାନେ ଟିମ୍ ଇଣ୍ଡିଆର ପୋଷାକ ପିନ୍ଧିବା ସହ ହାତରେ ବ୍ୟାନର ଧରି ୨୦୧୭ରେ ବାରବାଟୀରେ ହୋଇଥିବା ମ୍ୟାଚ୍‌ରେ ଦୁହିଁଙ୍କ ସଫଳତାକୁ ମନେ ପକାଇଥିଲେ। ସେମ୍ ସେମ୍ ବଟ୍ ଡିଫରେଣ୍ଟ ଲେଖି ୨୦୧୭ରେ ଭାରତ-ଇଂଲଣ୍ଡ ମଧ୍ୟରେ ହୋଇଥିବା କଡ଼ା ମୁକାବିଲାକୁ ଦର୍ଶାଇଥିଲେ। ଏହି ମ୍ୟାଚ୍‌ରେ ଯୁବରାଜ ୧୨୭ ବଲ୍‌ରେ ୧୫୦ ରନ୍ କରିଥିବାବେଳେ ଧୋନୀ ୧୨୨ ବଲ୍‌ରେ ୧୩୪ ରନ୍ କରିଥିଲେ। ଆଜି ବି ସେହି ମୁହୂର୍ତ୍ତ, ସେହି ଏକା ଦେଶର ଟିମ୍ ଖେଳୁଛନ୍ତି। ହେଲେ ଖେଳାଳି ଅଲଗା ହୋଇଛନ୍ତି।



ମ୍ୟାଚ ଦେଖିବା ପାଇଁ ଆସିଥିବା ବିଦେଶୀ ଦର୍ଶକ।

## ମିସ୍ ୟୁ ତେନ୍ଦୁଲକର

ପ୍ରଖ୍ୟାତ କ୍ରିକେଟିୟର ସଚିନ ତେନ୍ଦୁଲକରଙ୍କ ବଡ଼ ଫ୍ୟାନ୍ ହେଉଛନ୍ତି ସୁଧୀର କୁମାର ଚୌଧାରୀ। ସେ ମ୍ୟାଚ୍ ଦେଖିବା ପାଇଁ ମୁଜାଫରପୁରରୁ ଆସି କଟକରେ ପହଞ୍ଚିଥିଲେ। ବାରବାଟୀ ଷ୍ଟାଡିୟମର ବିସିସିଆଇ ଗ୍ୟାଲେରିରେ ବସି ସେ ଇଣ୍ଡିଆ ଟିମ୍‌ର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଖେଳାଳିଙ୍କ ପ୍ରତିଟି ସଫଳତାରେ ସେ ଦୀର୍ଘ ତ୍ରିରଙ୍ଗା ପତାକା ହଲାଇ ମନୋବଳ ବଢାଇବା ସହ ଜାତୀୟତା ଭାବ ଉଦ୍ରେକ କରିଥିଲେ। ଏଥିସହ ତେନ୍ଦୁଲକରଙ୍କୁ କ୍ରିକେଟପ୍ରେମୀଙ୍କ ନିକଟରେ ସ୍ମୃତି ରୋମନ୍ଥନ ପାଇଁ ସେ ପ୍ରୟାସ କରିଥିଲେ। ସେଥିପାଇଁ ସେ ପିଠିରେ ମିସ୍ ୟୁ ତେନ୍ଦୁଲକର୍ ଲେଖି ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲେ।



ଜଣେ ବାଳକ ମୁଣ୍ଡରେ କ୍ରିକେଟ୍ ଷ୍ଟାଡିୟମ୍ ଷ୍ଟାଇଲରେ ଚୁଟି କାଟିଛନ୍ତି।



ମ୍ୟାଚ ପାଇଁ ଉତ୍ସାହିତ କ୍ରିକେଟ୍‌ପ୍ରେମୀ।




ମ୍ୟାଚ ସମୟରେ ଫ୍ଲଡ୍ ଲାଇଟ୍ ଅଚଳ ହୋଇପଡ଼ିଛି।

# ୮ମାସ ପରେ ବି ଦୁର୍ବୃତ୍ତଙ୍କୁ ଧରିପାରିନି ପୋଲିସ

## ୬୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନାଗହଣା, ଟଙ୍କା ଲୁଟ୍ ଘଟଣା

- ମୁଖ୍ୟମନ୍ତ୍ରୀଙ୍କ ନିକଟରେ ହେବ ଅଭିଯୋଗ
- ପୋଲିସ ଉପରୁ ତୁଟୁଛି ଲୋକଙ୍କ ଭରସା

ଖୋର୍ଦ୍ଧା,୯।୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ପୋଲିସ ଜିଲାରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଛି। ଜିଲା ସଦର, ବାଘମାରୀ ଏବଂ ବେଗୁନିଆ ଥାନା ଅଞ୍ଚଳରେ ଲୁଟେରାଙ୍କ ପ୍ରାଦୁର୍ଭାବ ବଢ଼ିଚାଲିଛି। ଏହି ୩ ଥାନା ଅଞ୍ଚଳରେ ସିରିଜ ଲୁଟପାଟ ଚାଲିଥିବା ବେଳେ ପୋଲିସ ମାମଲା ରୁଜୁକରି ଚୁପ ବସିଛି। ଟେକ୍ନିକାଲ ସମସ୍ୟା ଥିବା ଦର୍ଶାଇ ପୋଲିସ ନିଜ ଉପରୁ ଦାୟିତ୍ୱ ଖସାଇ ଦେଇଛି। ସିରିଜ ଲୁଟ ଘଟଣାରେ ଲକ୍ଷାଧିକ ଟଙ୍କା ହରାଇଥିବା ପରିବାର ଟଙ୍କା ଫେରିପାଇବା ଏବଂ ଲୁଟେରାଙ୍କୁ ଗିରଫ ଦାବିରେ ସ୍ଥାନୀୟ ପୋଲିସଠାରୁ ନିରାଶ ହେବା ପରେ ଗତ ଡିସେମ୍ବର ୩ରେ ଜିଲା ଆରକ୍ଷୀ କାର୍ଯ୍ୟାଳୟରେ ଧାରଣା ଦେଇଥିଲେ। ଏହି ୩ ଥାନା ଅଞ୍ଚଳର ୬ଜଣ ପରିବାର ପ୍ରାୟ ୬୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନାଅଳଙ୍କାର ଏବଂ ଟଙ୍କା ଲୁଟ ହୋଇଛି। ଲୁଟ୍ ଘଟଣାକୁ ୮ମାସ ଏବଂ ଅଭିଯୋଗକୁ ୨ମାସ ବିତିଥିଲେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କୁ ଧରିବାରେ ବିଫଳ ହୋଇଛି। ଧରାପଡିଲେ, ଜଣାଯିବ କହି ପୋଲିସ ଦିନ ଗଡ଼ାଇ ଚାଲିଛି। ଲୁଟେରାଙ୍କୁ ଠାବ କରିବାରେ ପୋଲିସର ନିଷ୍କ୍ରିୟତା ଉପରେ ପ୍ରଶ୍ନ ଉଠାଇଛନ୍ତି ଅଭିଯୋଗକାରୀ।

ପ୍ରକାଶ ଯେ, ୨୦୨୪ ଜୁନ ୬ରେ ବ୍ୟାଙ୍କ ମିତ୍ର ରିନା ବେହେରା ସ୍ୱାମୀ ବଳରାମ ବେହେରାଙ୍କ ସହ ଗ୍ରାହକଙ୍କଠାରୁ ସଂଗୃହୀତ ଅର୍ଥ ଧରି ସ୍କୁଟିରେ ଘରକୁ ଫେରୁଥିଲେ। ଗୁଡୁମ ରାସ୍ତାରେ କଳା ପଲ୍‌ସରଧାରୀ ଯୁବକମାନେ ସେମାନଙ୍କୁ ପିଛା କରିବା ସହ ଅଟକାଇଥିଲେ। ମୁଣ୍ଡରେ ବନ୍ଧୁକ ଲଗାଇ ୧.୭୦ଲକ୍ଷ ଟଙ୍କା, ଲାପଟାପ ଏବଂ ବାୟୋମେଟ୍ରିକ ମେଶିନ ଲୁଟିନେଇ ଯୁବକମାନେ ଫେରାର ହୋଇଯାଇଥିଲେ। ବଳରାମଙ୍କ ଅଭିଯୋଗକ୍ରମେ ସଦର ଥାନାରେ ଏକ ମାମଲା(ନଂ.୧୪୦/୨୪) ରୁଜୁ ହୋଇଛି। ସେହିପରି ଗତ ସେପ୍ଟେମ୍ବର ୪ ରାତିରେ ସଦର ଥାନା ଅନ୍ତର୍ଗତ ବରପଦା ଗ୍ରାମର ଗୋପୀନାଥ ଜେନାଙ୍କ ଝରକା ଗ୍ରୀଲ ତାଡ଼ି ଦୁର୍ବୃତ୍ତମାନେ ଘରେ ପଶିଥିଲେ। ଆଲମିରାରୁ ୧୦ଭରି ସୁନା, ୨.୭୦ ଲକ୍ଷ ଟଙ୍କା ନେଇ ଫେରାର ହୋଇଗଲେ। ଏନେଇ ଗୋପୀନାଥଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା(ନଂ.୨୦୪/୨୪) ରୁଜୁହୋଇଛି। ସେହି ମାସ ୮ତାରିଖ ବାଘମାରୀ ଥାନା ଅନ୍ତର୍ଗତ ପୋଡ଼ାଡ଼ିହ ଗ୍ରାମ ସମୀର କୁମାର ମାଣିକଙ୍କ ଘରେ ପଶି ଦୁର୍ବୃତ୍ତମାନେ ୯ଭରି ସୁନାଅଳଙ୍କାର ନେଇଯାଇଥିଲେ। ସମୀରଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା(ନଂ.୧୫୬/୨୪) ରୁଜୁ ହୋଇଛି। ପୁଣି ସେହି ମାସ ୧୪ତାରିଖରେ ପଣସବସ୍ତ ଗ୍ରାମର ମାଗୁଣି ସାହୁଙ୍କ ଝରକା, କବାଟ ତାଡ଼ି ଦୁର୍ବୃତ୍ତମାନେ ଘରେ ପଶି ୧୦ଭରି ସୁନା, ଏକ କେଜି ରୁପା ଏବଂ ୫୦ହଜାର ଟଙ୍କା ନେଇ ଫେରାର ହୋଇଯାଇଥିଲେ। ମାଗୁଣିଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା(ନଂ.୧୫୯/୨୪)ରୁଜୁ ହୋଇଛି। ସେହିପରି ଗତ ଅଗଷ୍ଟ ୨୬ତାରିଖ ରାତିରେ ବେଗୁନିଆ ଥାନା ଅନ୍ତର୍ଗତ ଚୋଡିପାଳଙ୍ଗ ଗ୍ରାମର ପ୍ରାଣବନ୍ଧୁ ସାହୁଙ୍କ ଘରେ ଦୁର୍ବୃତ୍ତମାନେ ପଶି ୮ରୁ ୧୦ଭରି ସୁନା ଏବଂ ୫୦ହଜାର ଟଙ୍କା ଲୁଟି ନେଇଯାଇଥିଲେ। ଏନେଇ ପ୍ରାଣବନ୍ଧୁଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା(ନଂ.୨୩୬/୨୪)ରୁଜୁ ହୋଇଛି। ଗତ ନଭେମ୍ବର ୭ତାରିଖ ରାତିରେ ବେଗୁନିଆ ଥାନା ଅନ୍ତର୍ଗତ ବାଦବାରବାଟି ଗ୍ରାମର ନାରାୟଣ ସେଠୀଙ୍କ ଘରେ ଦୁର୍ବୃତ୍ତମାନେ ପଶି ୧୫ଭରି ସୁନା ଏବଂ ୫୦ହଜାର ଟଙ୍କା ନେଇ ଫେରାର ହୋଇଯାଇଥିଲେ। ନାରାୟଣଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା(ନଂ.୩୧୯/୨୪) ରୁଜୁ ହୋଇଛି। ଲୁଟ୍‌ର ଶିକାର ହୋଇଥିବା ରିନା ବେହେରା କୁହନ୍ତି, ଦିନ ଦ୍ୱିପହରରେ ବନ୍ଧୁକ ଲଗାଇ ଲୁଟିନେଲେ। ଥାନାକୁ ବାରମ୍ବାର ଦୌଡିବା ସତ୍ତ୍ୱେ କୌଣସି ସନ୍ତୋଷଜନକ ଉତ୍ତର ନାହିଁ। ଧରାପଡିଲେ, ଜଣାଯିବ କହି ପୋଲିସ ଦିନ ଗଡ଼ାଇ ଚାଲିଛି। ସେହିପରି ପ୍ରଦୀପ କୁହନ୍ତି ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀଙ୍କୁ ଦେଖା କରି ଅଭିଯୋଗ କରାଯିବ। ଅନ୍ୟପଟେ ଘଟଣାର ତଦନ୍ତ ଚାଲିଛି ବୋଲି ବାଘମାରୀ ଏବଂ ସଦର ଥାନା ପୋଲିସ କହିଛି।

# 'ପାଠ ପଢ଼ି ଭଲ ମଣିଷ ହୁଅ'



ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥିମାନେ।

ଯାଁଳା,୯।୨(ବୁଲା ବାରିକ)

ମହୁରା ଜାଭିଅର ସ୍କୁଲର ବାର୍ଷିକ ଉତ୍ସବ ଅଧ୍ୟକ୍ଷ ମନୋଜ କୁମାର ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ ମୁଖ୍ୟ ଅତିଥି ଏବଂ ଅଜୟ ମିଶ୍ର ମୁଖ୍ୟ ବକ୍ତାଭାବେ ଯୋଗଦେଇଥିଲେ। ଅତିଥିଭାବେ ସମୀର ରଞ୍ଜନ ସ୍ୱାଇଁ, ବିବେକାନନ୍ଦ ଦାସ, ପଞ୍ଚପଲ୍ଲୀ ସରପଞ୍ଚ ବନଜା ଜେନା, ମୁଖ୍ୟ ସଂଯୋଜକ ରମା ବଲ୍ଲଭ ପରିଡ଼ା ପ୍ରମୁଖ ଯୋଗଦେଇ ପାଠପଢ଼ି ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ପରେ ୨୧୫ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ଟ୍ରଫି ସହିତ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ସେହିପରି ୨୧ ଶିକ୍ଷୟିତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ତପସ୍ୱିନୀ ପଟ୍ଟନାୟକ ମଞ୍ଚ ପରିଚାଳନା, ବିଦ୍ୟାଳୟର ନିର୍ଦ୍ଦେଶକ ଅନ୍ନପୂର୍ଣ୍ଣା ଜେନା ଧନ୍ୟବାଦ ଦେଇଥିଲେ।

# ଅଶୋକ ସଭାପତି, ଦିନେଶ ସମ୍ପାଦକ

ଖୋର୍ଦ୍ଧା,୯।୨(ପ୍ରଭାତ ପାଣିଗ୍ରାହୀ)

କନିଷ୍ଠ ଶିକ୍ଷକ ସଂଘ ଖୋର୍ଦ୍ଧା ଶାଖା ବୈଠକ ବରୁଣେଇଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖୋର୍ଦ୍ଧା ଜିଲା ଅଧୀନ ବିଭିନ୍ନ ବ୍ଲକର ନବନିଯୁକ୍ତ କନିଷ୍ଠ ଶିକ୍ଷକମାନେ ଯୋଗଦେଇଥିଲେ। ଏହି ଅବସରରେ ସଂଘର ନୂତନ କାର୍ଯ୍ୟକାରିଣୀ ଗଠନ ହୋଇଥିଲା। ଶିକ୍ଷକ ମନୋଜ କୁମାର କର ଯୋଗଦେଇ ନିର୍ବାଚନ ପରିଚାଳନା କରିଥିଲେ। ଅଶୋକ କୁମାର ସେଠୀ ସଭାପତି, ଗଦାଧର ସାହୁ ଏବଂ କରୁଣାସିନ୍ଧୁ ବାରିକ କାର୍ଯ୍ୟକାରୀ ସଭାପତି, ନୃସିଂହମଣି ବେହେରା ଉପସଭାପତି, ଦିନେଶ କୁମାର ମହାରଥୀ ସମ୍ପାଦକ ଏବଂ ସହ ସମ୍ପାଦକ ଭାବେ ବିରଞ୍ଚି ନାରାୟଣ ଜେନା ମନୋନୀତ ହୋଇଛନ୍ତି। ସେହିପରି ଯୁଗ୍ମ ସମ୍ପାଦକଭାବେ ରାଜକିଶୋର ଦାଶ, କୃଷ୍ଣଚନ୍ଦ୍ର ମହାପାତ୍ର, ଶୁଭସ୍ମିତା ରାଉତ ମନୋନୀତ ହୋଇଛନ୍ତି। ଶ୍ୱେତପଦ୍ମା ସେଠୀ କୋଷାଧ୍ୟକ୍ଷ, ଜଗମୋହନ ପଟ୍ଟନାୟକ ସହ କୋଷାଧ୍ୟକ୍ଷ, ସୁବ୍ରତ କୁମାର ପଣ୍ଡା ଜିଲ୍ଲା ସଂଯୋଜକ, ସୌଭାଗିନୀ ସାହୁ ମହିଳା ଶାଖା ସଂଯୋଜକ, ସତ୍ୟରଞ୍ଜନ ବାରିକ ଗଣମାଧ୍ୟମ ସଂଯୋଜକ ଓ ସହ ଗଣମାଧ୍ୟମ ସଂଯୋଜକ ଅନନ୍ୟା ଅତ୍ରେୟା ହରିଚନ୍ଦନ, ମାନସ ରଞ୍ଜନ ପଲେଇ ପ୍ରମୁଖ ମନୋନୀତ ହୋଇଛନ୍ତି। ଶିକ୍ଷକ ମନୋରଞ୍ଜନ ମହାରଣା, ବିପିନ ବିହାରୀ ବେହେରା, ସ୍ୱପ୍ନେଶ୍ୱର ପ୍ରଧାନ ପ୍ରମୁଖ ଯୋଗଦେଇ ମାର୍ଗଦର୍ଶନ କରିଥିଲେ।

## ସଂକ୍ଷେପରେ

### ନୀଳକଣ୍ଠେଶ୍ୱର ଦେବଙ୍କ ସ୍ୱଜନ୍ମ ନକ୍ଷତ୍ରାଦି ପୂଜା, ବିଶ୍ୱଶାନ୍ତି ମହାଯଜ୍ଞ

ଜଟଣୀ,୯।୨(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀଗାଁ ହାଟବଜାର ଓ ଗୋପୀନାଥପୁର ଗ୍ରାମସ୍ଥିତ ନୀଳକଣ୍ଠେଶ୍ୱର ଦେବଙ୍କ ୧୯ତମ ସ୍ୱଜନ୍ମ ନକ୍ଷତ୍ରାଦି ପୂଜା ଏବଂ ସାର୍ବଜନୀନ ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି ସହିତ ରବିବାର ଉଦ୍‌ଯାପିତ ହୋଇଯାଇଛି। ୫ଦିନ ଧରି ଅନୁଷ୍ଠିତ ହୋଇଥିବା ଏହି ଯଜ୍ଞ ଉତ୍ସବର ପ୍ରଥମ ଦିବସରେ ଅଙ୍କୁରାରୋପଣ ହୋଇଥିଲା।ଦ୍ୱିତୀୟଦିବସରେ ଜଳଯାତ୍ରାରେ ଶ୍ରଦ୍ଧାଳୁ କଳସ ଶୋଭାଯାତ୍ରାରେ ସାମିଲ ହୋଇଥିବା ବେଳେ ଶାଳାମଣ୍ଡନ, ଅଗ୍ନିସ୍ଥାପନ ହୋଇଥିଲା। ସେହିପରି ତୃତୀୟ ଦିବସରେ ସୂର୍ଯ୍ୟପୂଜା, ଗୋପୂଜା, ରୁଦ୍ରାଭିଶେଷକ, ଆଳତି ଏବଂ ପୁଷ୍ପାଞ୍ଜଳି ପ୍ରଦାନ କରାଯାଇଥିଲା। ଚତୁର୍ଥ ଦିବସରେ ସୂର୍ଯ୍ୟପୂଜା, ଗୋପୂଜା, ସର୍ବଦେବଦେବୀ ଉପଚାର ପୂଜା, ହୋମ ଆଳତି ଏବଂ ପୁଷ୍ପାଞ୍ଜଳି ଅର୍ପଣ କରାଯାଇଥିଲା। ରବିବାର ଅନ୍ତିମ ଦିବସରେ ସୂର୍ଯ୍ୟପୂଜା, ଗୋପୂଜା ସହିତ ଅନ୍ୟାନ୍ୟ ପୂଜାର୍ଚ୍ଚନା ପରେ ଗୋଧୂଳି ବେଳାରେ ପୂର୍ଣ୍ଣାହୁତି ହୋଇଥିଲା। ମୁଖ୍ୟ ପୂଜକ ମୃତ୍ୟୁଞ୍ଜୟ ନନ୍ଦଙ୍କ ତତ୍ତ୍ୱାବଧାନରେ ଯଜ୍ଞ କାର୍ଯ୍ୟ ସମାପନ ହୋଇଥିବା ବେଳେ ମନ୍ଦିର ପରିଚାଳନା କମିଟିର ସଦସ୍ୟଙ୍କ ସହିତ ଗ୍ରାମବାସୀ ସହଯୋଗ କରିଥିଲେ।

### ବ୍ୟବସାୟୀ ସମୀରଙ୍କ ପରଲୋକରେ ବଜାର ବନ୍ଦ

ବୋଲଗଡ଼,୯।୨(ଦେବବ୍ରତ ହୋତା):

ବୋଲଗଡ଼ ସଦର ଗଣେଶ ବଜାରରେ ତେଜରାତି ଦୋକାନ କରିଥିବା ସମୀର କୁମାର ପରିଡ଼ା(୩୪)ଙ୍କ ଶନିବାର ଅପରାହ୍ନରେ ପରଲୋକ ହୋଇଯାଇଛି। ସେ କିଛିଦିନ ହେବ ଲିଭର ସମସ୍ୟାରେ ପିଡ଼ୀତ ଥାଇ ଚିକିତ୍ସିତ ହେଉଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ବଣିଆସାହିସ୍ଥିତ ବାସଭବନରେ ଆଞ୍ଚଳିକ ବଣିକ ମହସଂଘ ସଭାପତି ପାଣ୍ଡବ ସାହୁ, ସମ୍ପାଦକ ସନାତନ ସାହୁଙ୍କ ସମେତ ଅନ୍ୟ କର୍ମକର୍ତ୍ତା ପହଞ୍ଚି ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ସମୀର ଜଣେ ମିଷ୍ଟଭାଷୀ, ପରୋପକାରୀ ଓ ବନ୍ଧୁବତ୍ସଳ ଯୁବକ ଥିଲେ। ତାଙ୍କ ସମ୍ମାନାର୍ଥେ ରବିବାର ବୋଲଗଡ଼ ଗଣେଶ ବଜାର ବନ୍ଦ ରହିଥିଲା।



କେରଙ୍ଗ ଅହମ୍ମଦୀୟା ମୁସ୍‌ଲିମ ସଙ୍ଗଠନର ଆନ୍ତଃ ସଙ୍ଗଠନ ମଜଲିସ୍ ଅନସାରୁଲ୍ଲାଃ ପକ୍ଷରୁ ରବିବାର ବିଶ୍ୱଶାନ୍ତି, ଭାଇଚାରା ଉଦ୍ଦେଶ୍ୟରେ ବାହାରିଥିବା ସାଇକେଲ ଶୋଭାଯାତ୍ରା।

# ବିଶ୍ୱଶାନ୍ତି, ଭାଇଚାରା ପାଇଁ ସାଇକେଲ ଶୋଭାଯାତ୍ରା

ଖୋର୍ଦ୍ଧା,୯।୨(ପ୍ରଭାତ ପାଣିଗ୍ରାହୀ)

କେରଙ୍ଗ ଅହମ୍ମଦୀୟା ମୁସ୍‌ଲିମ ସଙ୍ଗଠନର ଆନ୍ତଃ ସଙ୍ଗଠନ ମଜଲିସ୍ ଅନସାରୁଲ୍ଲାଃ ପକ୍ଷରୁ ବିଶ୍ୱଶାନ୍ତି ଓ ବିଶ୍ୱ ଭାଇଚାରା ତଥା ତୃତୀୟ ବିଶ୍ୱଯୁଦ୍ଧ ନ ହେବା ପାଇଁ ଏକ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରା କେରଙ୍ଗ ବଜାରରୁ ଆରମ୍ଭ ହୋଇ କୁଣ୍ଡିଲୋ, ଠାକୁରପଡ଼ା, ବରସାହି, କୁମ୍ଭିଲୋ ହୋଇ କେରଙ୍ଗ ଜାମେ ମସ୍‌ଜିଦଠାରେ ଶେଷ ହୋଇଥିଲା। ଶୋଭାଯାତ୍ରାର ଆଭିମୁଖ୍ୟ ହେଲା ବିଶ୍ୱରେ ସ୍ଥାୟୀ ଶାନ୍ତି ସ୍ଥାପନା, ବିଶ୍ୱ ଭାଇଚାରା ପ୍ରତିଷ୍ଠା, ବିଶ୍ୱ ଯୁଦ୍ଧଜନିତ ଭୟାବହ ଧ୍ୱଂସଲୀଳାରୁ ମାନବ ସମାଜକୁ ବର୍ତ୍ତିବା ପାଇଁ ଜନସଚେତନତା ସୃଷ୍ଟି କରିବା। ସମସ୍ତଙ୍କ ପ୍ରତି ଭଲପାଇବା, ବୃକ୍ଷ ହିଁ ସମ୍ପଦ, ସଡ଼କ ସୁରକ୍ଷା, ବିଶ୍ୱ ଶାନ୍ତି ଚାହେଁ, ଯୁଦ୍ଧ ନୁହେଁ ପରି ସଚେତନତାଧର୍ମୀ ପ୍ଲାକାର୍ଡ ଧରି ଭ୍ରମଣ କରିଥିଲେ। ଏହି ଶୋଭାଯାତ୍ରାରେ ମଜଲିସ୍ ଅନସାରୁଲ୍ଲାଃ କମିଟିର ମୁଖ୍ୟ ଅମ୍‌ଜାଦ ଖାଁ, ମୌଲାନା ମିର ଅବଦୁଲ ହଫିଜ, କିଶନ ଅହମଦ, ସଗିରୁଦ୍ଦିନ, ଓଲିମୁଦ୍ଦିନ, ଅଲିଉଦ୍ଦିନ, ଅବଦୁଲ ଲତିଫ, ସୋଏବ ଖାଁ, ଓସିମ ଅହମ୍ମଦ, ଓହିଦ ଖାଁଙ୍କ ସମେତ ୭୦ଜଣ ଯୋଗଦେଇଥିଲେ।

### ଶିକ୍ଷାବିତ୍ ପ୍ରମୋଦ ପଟ୍ଟନାୟକଙ୍କ ପରଲୋକ

ଖୋର୍ଦ୍ଧା,୯।୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧାର ଶିକ୍ଷାବିତ୍ ତଥା ସାମାଜିକକର୍ମୀ ପ୍ରମୋଦ ପଟ୍ଟନାୟକଙ୍କ କୋଣାର୍କନଗର ସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ସେ ଜଣେ ମେଳାପୀ ଏବଂ ବନ୍ଧୁବତ୍ସଳ ବ୍ୟକ୍ତି ଭାବେ ଜଣାଶୁଣା ଥିଲେ। ଖୋର୍ଦ୍ଧା କ୍ଲବ, ଖୋର୍ଦ୍ଧା ନାଗରିକ ମଞ୍ଚ, ବରିଷ୍ଠ ନାଗରିକ ମଞ୍ଚ, ଜାନକୀ ବଲ୍ଲଭ ଉଦ୍ୟାନ ଟ୍ରଷ୍ଟ, କୋଣାର୍କ ନଗର ବିକାଶ ପରିଷଦ, ପୂଜ୍ୟପୂଜା ସଂସଦ ଏବଂ ବିଭିନ୍ନ ସାମାଜିକ ଅନୁଷ୍ଠାନ ସହ ସେ ଜଡ଼ିତ ରହି ଖୋର୍ଦ୍ଧାର ବିକାଶରେ ନିଜକୁ ସାମିଲ କରିଥିଲେ। ସାମାଜିକ କର୍ମୀ ଡ.ସଞ୍ଜୟ ପଟ୍ଟନାୟକ, ଖୋର୍ଦ୍ଧା ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ, ମାନସ ପଟ୍ଟନାୟକ, ଅମିତ ମହାନ୍ତି, ଶିଳାଦିତ୍ୟ ପଟ୍ଟନାୟକ, ବିଶ୍ୱରଞ୍ଜନ ପ୍ରଧାନ, ପ୍ରଦୋଷ ସାହୁ, ପ୍ରଦୋଷ ହରିଚନ୍ଦନ, ବିଭାସ ମହାପାତ୍ର ପ୍ରମୁଖ ତାଙ୍କ ଶେଷ ଦର୍ଶନ କରିଥିଲେ। ଜନ୍ମସ୍ଥାନ ବାଜପୁର ଗ୍ରାମ ପରିକ୍ରମା ମରଶରୀରକୁ ଗାଁ ଶ୍ମଶାନରେ ସଂସ୍କାର କରାଯାଇଥିଲା।

# ଗତିଶୀଳତା ବିଶ୍ୱର ଅତ୍ୟାବଶ୍ୟକ ବୈଶିଷ୍ଟ୍ୟ

ଭୁବନେଶ୍ୱର, ୯।୨ (ବନ୍ଦନା ସେଠୀ)

ଆନନ୍ଦ ମାର୍ଗ ପ୍ରଚାରକ ସଂଘ ଦ୍ୱାରା ଆୟୋଜିତ ୩ଦିନିଆ ଯୋଗ ସାଧନା ଶିବିର ଏବଂ ସେମିନାର ନୟାପଲ୍ଲୀସ୍ଥିତ ଶ୍ରୀକୃଷ୍ଣ କ୍ଲବରେ ଉଦ୍‌ଯାପିତ ହୋଇଯାଇଛି। ସେମିନାରରେ କେନ୍ଦ୍ରୀୟ ଧାର୍ମିକ ପ୍ରଚାର ସଚିବ ଆଚାର୍ଯ୍ୟ ବିଶୁଦ୍ଧାତ୍ମାନନ୍ଦ ଅବଧୂତ ପ୍ରଶିକ୍ଷକ ଭାବେ ଯୋଗଦେଇ, ଶ୍ରୀଶ୍ରୀ ଆନନ୍ଦମୂର୍ତ୍ତିଜୀଙ୍କ ଦୃଷ୍ଟିକୋଣ ଉପରେ ବକ୍ତବ୍ୟ ରଖିଥିଲେ। ଗତିଶୀଳତା ଏହି ବିଶ୍ୱର ଏକ ଅତ୍ୟାବଶ୍ୟକ ବୈଶିଷ୍ଟ୍ୟ। ଯେପରି ବ୍ୟକ୍ତିଗତ ଗତି ଅଛି, ସେହିପରି ସାମୂହିକ ଜୀବନରେ ମଧ୍ୟ ଗତି ଅଛି। ପ୍ରାଚୀନ ମାନବମାନେ ସାମୂହିକ ଏବଂ ବ୍ୟକ୍ତିଗତ ଭାବରେ ଯେଉଁ ଗତି ଆରମ୍ଭ କରିଥିଲେ, ତାହା ଏପର୍ଯ୍ୟନ୍ତ ଶେଷ ହୋଇନାହିଁ। ସେହି ଗତିକୁ ବନ୍ଦ କରିବା ପାଇଁ କୌଣସି କମା, ସେମିକୋଲନ କିମ୍ବା ବିରାମ ଚିହ୍ନ ରହିବ ନାହିଁ, ଏହା ନିରନ୍ତର। ସେହିପରି ମାନବ ଗତି ଦୁଇଟି ଚିନ୍ତାଧାରା ଦ୍ୱାରା ପ୍ରେରିତ ଯଥା, ଆତ୍ମ-ସୁଖର ନୀତି ଏବଂ ସାମାଜିକ ସମାନତାର ନୀତି। ମଣିଷ ସାମାଜିକ ସମାନତାର ନୀତି ମାଧ୍ୟମରେ ସାମାଜିକ ସଦୟତା ଆଣେ ବୋଲି ମତ ରଖିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ, ମହାବିଦ୍ୟାଳୟ ଗୁଡିକରେ ଯୁବ ଛାତ୍ରମାନଙ୍କର ଚରିତ୍ର ନିର୍ମାଣ ପାଇଁ ବ୍ୟାପକସ୍ତରରେ ଯୋଗ ଓ ନୈତିକ ଶିକ୍ଷା ପ୍ରଦାନ ନିମନ୍ତେ ଆଲୋଚନା ଏବଂ ପ୍ରସ୍ତାବ ଗୃହୀତ ହେଲା। ଏହି ତ୍ରିଦିବସୀୟ ଯୋଗ ସାଧନା ଶିବିରକୁ ଆଚାର୍ଯ୍ୟ ଜୟଦୀପାନନ୍ଦ ଅବଧୂତ, ଆଚାର୍ଯ୍ୟ ଜୟକୃଷ୍ଣାନନ୍ଦ ଅବଧୂତ, ଆଚାର୍ଯ୍ୟ ନଟବର ବେହେରା, ଆଚାର୍ଯ୍ୟ କୈଳାସ ଚନ୍ଦ୍ର ଷଡ଼ଙ୍ଗୀ, ବିଷ୍ଣୁ ଚରଣ ରାଉତ, ହର୍ଷବର୍ଦ୍ଧନ ଲେଙ୍କା ପ୍ରମୁଖ ପରିଚାଳନା କରିଥିଲେ। ସାଧନା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ପାଇକ ଆଖଡ଼ା ବୀରତ୍ୱର ଗାଥା ବଖାଣିଲା



ନୀଳାମ୍ବୁ ମହୋତ୍ସବର ଷଷ୍ଠ ସନ୍ଧ୍ୟାରେ ରବିବାର ପରିବେଷିତ ପାଇକ ଆଖଡ଼ା।

ଟାଙ୍ଗୀ,୯।୨ (ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ଆନୁକୂଲ୍ୟରେ ଟାଙ୍ଗୀ ବାଇପାସ୍ ନିକଟ ରାଧାକ୍ରିଷ୍ଣ ଭିଲ୍ଲା ପରିସରରେ ଅନୁଷ୍ଠିତ ତୃତୀୟ ବାର୍ଷିକ ନୀଳାମ୍ବୁ ମହୋତ୍ସବର ରବିବାର ଥିଲା ଷଷ୍ଠ ସନ୍ଧ୍ୟା। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ କୁହୁଡ଼ି ଅଞ୍ଚଳର ପାଇକ ଆଖଡ଼ା ପ୍ରଦର୍ଶନ ବୀରତ୍ୱର ଗାଥା ବଖାଣିଥିଲା। ରାଜ୍ୟ ସଂସ୍କୃତି ବିଭାଗ ସହାୟତାରେ ଏକାଧିକ ସାଂସ୍କୃତିକ ଅନୁଷ୍ଠାନ ଏବଂ ଅଞ୍ଚଳରେ ଥିବା ବିଭିନ୍ନ କଳା ଓ ସାଂସ୍କୃତିକ ଅନୁଷ୍ଠାନର କଳାକାରମାନେ ସେମାନଙ୍କର କଳା ପ୍ରଦର୍ଶନ କରିଥିଲେ। ଏହି ଅବସରରେ ସାମ୍ବାଦିକ ସଂଘ ସଭାପତି ପଦ୍ମନାଭ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥିଭାବେ ସାମାଜିକ କର୍ମୀ ମନୋଜ ଦାସ, ଡ. ଆର୍ତ୍ତତ୍ରାଣ ସାହୁ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ସମ୍ପାଦକ ମନୋଜ କୁମାର ପଟ୍ଟନାୟକ ଏହି ମହୋତ୍ସବର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ କୋଷାଧ୍ୟକ୍ଷ ଦାମୋଦର ସାହୁ ଧନ୍ୟବାଦ ଦେଇଥିଲେ।

# ହାତୀ ପାଇଁ ବିଦ୍ୟୁତ୍ କାଟ, ପାଠପଢ଼ା ବ୍ୟାହତ

ବେଗୁନିଆ,୯।୨(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅଞ୍ଚଳରେ ହାତୀଙ୍କ ଉପଦ୍ରବ ଲାଗିରହିଛି। ସନ୍ଧ୍ୟା ହେଲେ ହାତୀପଲ ଖାଦ୍ୟ ଅନ୍ୱେଷଣରେ ଗାଁମୁହାଁ ହେଉଛନ୍ତି। ଲୋକଙ୍କ ବାରି ଏବଂ କ୍ଷେତରେ ପଶି ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରୁଛନ୍ତି। ଏପରିକି ଘର ଏବଂ ପାଚେରି ଭାଙ୍ଗୁଥିବା ନଜିର ରହିଛି। ଅନ୍ୟପଟେ ହାତୀଙ୍କ ସୁରକ୍ଷା ପାଇଁ ସିକୋ ପଞ୍ଚାୟତ ଏବଂ ଆଖପାଖ ଅଞ୍ଚଳରେ ବାରମ୍ବାର ବିଦ୍ୟୁତ୍ କାଟ କରାଯାଉଥିବା ସାଧାରଣରେ ଅଭିଯୋଗ ହେଉଛି। ବିଦ୍ୟୁତ୍ କାଟ ଯୋଗୁ ଅଞ୍ଚଳରେ ଚୋରି ବୃଦ୍ଧି ପାଇଥିବା ବେଳେ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି।ଗତ ଚାରିଦିନ ମଧ୍ୟରେ ସିକୋସ୍ଥିତ ଗଣେଶ ବଜାରରେ ଥିବା ମହାପାତ୍ର ବାଇକ୍ ପଏଣ୍ଟରେ ଲାଗିଥିବା ସିସି କ୍ୟାମେରା ନେଇଯିବା, ରାଜା ସାହୁଙ୍କ ମିଠା ଦୋକାନ ଭାଙ୍ଗି ମିଠା ନେଇଯିବା, ତାରେଶ୍ୱର ମନ୍ଦିର ନିକଟ କୁମ୍ଭାରସାହି ମୁଣ୍ଡରେ ଥିବା ଟ୍ରାନ୍ସଫର୍ମର ଚୋରି ଉଦ୍ୟମ ଏବଂ ଶଗଡ଼ଭଙ୍ଗା ପଞ୍ଚାୟତ ବେତରଜଙ୍ଗ ଗ୍ରାମରୁ ଟ୍ରାନ୍ସଫର୍ମର ଚୋରି ଘଟଣା ବଢ଼ିଚାଲିଛି। ଏ ସଂକ୍ରାନ୍ତରେ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଚଳାଇଛି। ତେବେ ବିଦ୍ୟୁତ୍ କାଟ୍ ସମ୍ପର୍କରେ ଜାଣିବା ପାଇଁ କନିଷ୍ଠ ଯନ୍ତ୍ରୀଙ୍କ ମୋବାଇଲ ନମ୍ବରକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ପ୍ରତିକ୍ରିୟା ମିଳିପାରି ନାହିଁ।

# ଓଡ଼ିଆ ଭାଷା ବ୍ୟବହାର ଉପରେ ଗୁରୁତ୍ୱାରୋପ



'ପ୍ରେମ ଗଳ୍ପ' ପୁସ୍ତକ ଲୋକାର୍ପଣ ଅବସରରେ ଉପସ୍ଥିତ ଅତିଥିମାନେ।

ଖୋର୍ଦ୍ଧା,୯।୨ (ପ୍ରଭାତ ପାଣିଗ୍ରାହୀ)

ବିଶିଷ୍ଟ ଗାଳ୍ପିକ ସୁନୀଲ ବୋଷଙ୍କ 'ପ୍ରେମ ଗଳ୍ପ' ପୁସ୍ତକ ବିଶ୍ୱାମିତ୍ର ଜନସେବା ଟ୍ରଷ୍ଟ କାର୍ଯ୍ୟାଳୟ ପରିସରରେ ଉନ୍ମୋଚିତ ହୋଇଯାଇଛି। ଅଭିବ୍ୟକ୍ତିର ସ୍ୱର-ଆସର ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଡ. ପ୍ରମୋଦ ଚନ୍ଦ୍ର ଦାସ, ଡ. ନଟବର ସାହୁ, ଅନୁବାଦକ ଆଶିଷ ରାୟ, ବିପିନ ବିହାରୀ ମିଶ୍ର, ସନ୍ତୋଷ କୁମାର ଦାସ, ପ୍ରାବନ୍ଧିକ ସମରେନ୍ଦ୍ର ବଳିୟାରସିଂ, ବାଇଧର ମିଶ୍ର, ଗୋବିନ୍ଦ ଚନ୍ଦ୍ର ମହାରଣା, ସମ୍ବିତ୍ ପଟ୍ଟନାୟକ, ଗୋବିନ୍ଦ ଚନ୍ଦ୍ର ମହାପାତ୍ର, ଶ୍ୱେତ କୁମାର ମିଶ୍ର, ବ୍ରଜ କିଶୋର ସାହୁ ପ୍ରମୁଖ ଯୋଗଦେଇ ଉକ୍ତ ଗଳ୍ପ ସଙ୍କଳନ ପୁସ୍ତକ ଉପରେ ମତ ରଖିଥିଲେ। ସାମାଜିକ ସମସ୍ୟା ଓ ମାନବୀୟ ଚରିତ୍ରଗୁଡ଼ିକୁ ପାଠକ, ପାଠିକାଙ୍କ ନିକଟରେ ପହଞ୍ଚାଇବାର ଆବଶ୍ୟକତା ଉପରେ ଗାଳ୍ପିକ ସୁନୀଲ ବୋଷ ଆଲୋକପାତ କରିଥିଲେ। ଟ୍ରଷ୍ଟ ଅଧ୍ୟକ୍ଷ ରାମଶଙ୍କର ଦୈନନ୍ଦିନ ଜୀବନରେ ଅନାବଶ୍ୟକ ଭାବେ ଇଂଲିଶ ଭାଷା ବ୍ୟବହାର ବନ୍ଦ କରି ଓଡ଼ିଆ ଭାଷାର ବ୍ୟବହାର ଉପରେ ରାଜ୍ୟବାସୀ ଗୁରୁତ୍ୱ ଦେବାକୁ ଆହ୍ୱାନ ଦେଇଥିଲେ। ପ୍ରତ୍ୟେକ ଓଡ଼ିଆ ଦୈନିକ ଓଡ଼ିଆ ଖବର କାଗଜ ଏବଂ ମାସିକ ପତ୍ରିକା କିଣିବାକୁ ସେ ଅନୁରୋଧ କରିଥିଲେ। ଓଡ଼ିଆ ଭାଷାରେ ନିମନ୍ତ୍ରଣପତ୍ର ଲେଖିବା, ପାରିବାରିକ ଏବଂ ସାମାଜିକ ସମ୍ବୋଧନ ବ୍ୟବହାର କରିବା, ବ୍ୟବସାୟିକ ନାମଫଳକ ଏବଂ ବିଜ୍ଞାପନ ଆଦି ଲେଖିବା ପାଇଁ ଅନୁରୋଧ କରିଛନ୍ତି।

# କଣ୍ଟାମଲିମ ୩୦ତମ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

# ବାଙ୍କୀ ଟାଉନ କ୍ଲବ୍ ଚାମ୍ପିୟନ

ବାଘମାରୀ,୯।୨
(ମିହିର ରଞ୍ଜନ ମହାପାତ୍ର)

ବେଗୁନିଆ ବ୍ଲକ ସିମୋର ପଞ୍ଚାୟତ କଣ୍ଟାମଲିମ ଖେଳପଡ଼ିଆରେ ଜୟଦୁର୍ଗା ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୩୦ତମ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ବାଙ୍କୀ ଟାଉନ କ୍ଲବ୍ ଚାମ୍ପିୟନ ହୋଇଛି। ରବିବାର ଫାଇନାଲ ମ୍ୟାଚ୍ ବାଙ୍କୀ ଟାଉନ କ୍ଲବ୍ ଏବଂ ଅରୁଗୁଳ ଗୋଲ୍ଡେନ କ୍ଲବ ମଧ୍ୟରେ ହୋଇଥିଲା। ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଟିମ୍ କେହି କାହାକୁ ଗୋଲ ଦେଇପାରି ନ ଥିଲେ। ଫଳରେ ଟାଇବ୍ରେକରରେ ୫-୪ ଗୋଲରେ ବାଙ୍କୀ ଟାଉନ କ୍ଲବ୍ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ରାଜୁ ମହାନ୍ତି, ଗିରିଶ ଚନ୍ଦ୍ର ଯାନୀ, ପ୍ରଫୁଲ୍ଲ କୁମାର ବେହେରା, ସଗିର ଅହମ୍ମଦ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ। ଦୟାନ ଖାଁ ମ୍ୟାଚ୍ କମିଶନର ଭାବେ ଦାୟିତ୍ୱ ତୁଲାଇଥିଲେ। ମିହିର ରଞ୍ଜନ ମହାପାତ୍ର ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଅନୁଷ୍ଠାନର ସଭାପତି ଶୁଭେନ୍ଦୁ କୁମାର ବଳିୟାରସିଂହ ଅଧ୍ୟକ୍ଷତା ଏବଂ ସମ୍ପାଦକ ଚିତ୍ତରଞ୍ଜନ ପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥିଭାବେ ବାଘମାରୀ ସରପଞ୍ଚ ମାନସ ରଞ୍ଜନ ବଳିୟାରସିଂହ, ଅତିଥିଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଚନ୍ଦ୍ର ଲେଙ୍କା, ସିମୋର ସରପଞ୍ଚ ହାଡୁବନ୍ଧୁ ମହାପାତ୍ର, ସମିତିସଭ୍ୟା ନଳିନୀ ପଣ୍ଡା, ନାଏବ ସରପଞ୍ଚ ଉଷାରାଣୀ ମାର୍ଥା, ପୂର୍ବତନ ଆମ୍ବା ଅଧ୍ୟକ୍ଷ ଶ୍ରୀନିବାସ ରାୟ, ସୁଶାନ୍ତ ସାହୁ, ନବ କିଶୋର ଖୁଣ୍ଟିଆ, ପ୍ରଦୀପ୍ତ ବଳିୟାରସିଂହ, ବିଜୟାନନ୍ଦ ସାହୁ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଟିମ ଏବଂ ରନର୍ସଅପ୍ ଟିମକୁ ପୁରସ୍କାର ପ୍ରଦାନ କରିଥିଲେ। କୃପାସିନ୍ଧୁ ମାର୍ଥା, ଅଜୟ ମାର୍ଥା, ଜ୍ଞାନ ରଞ୍ଜନ ଜଗଦେବ, ଆର୍ତ୍ତବନ୍ଧୁ ମାଝୀ, ପ୍ରକାଶ ପାତ୍ରଙ୍କ ସମେତ ଗ୍ରାମବାସୀ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ। ଗ୍ରାମ୍ୟ କମିଟି ସଭାପତି ଯଜ୍ଞେଶ୍ୱର ରାଉତରାୟ ଧନ୍ୟବାଦ ଦେଇଥିଲେ।




ଅତିଥିଙ୍କ ଗହଣରେ ଚାମ୍ପିୟନ ଟିମ୍‌ର ଖେଳାଳିମାନେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୯।୨।୨୦୨୫

| | |
|---|---|
| ୧୧,୧୪,୫୪୮ ଟଙ୍କା | |
| ସୁନା | ୪.୪୫୦ ଗ୍ରାମ୍ |
| ରୁପା | ୯୬.୪୦୦ ଗ୍ରାମ୍ |

# ଦେଶ ନିର୍ମାଣର ଧାରକ ସାଜନ୍ତୁ ଛାତ୍ରୀଛାତ୍ର: ରାଜ୍ୟପାଳ

## ଭାର୍ଗବୀ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ

ପୁରୀ,୯।୨(ଅଜିତ୍ କୁମାର ମହାନ୍ତି)

ଛାତ୍ରୀଛାତ୍ରମାନେ ବଡ଼ ସ୍ୱପ୍ନ ଦେଖିବା ସହ ଏହାକୁ ସାକାର କରିବା ପାଇଁ ଅଧ୍ୟବସାୟ ଜାରି ରଖନ୍ତୁ। ଶିକ୍ଷା ପ୍ରଗତିଶୀଳ ସମାଜର ଭିତ୍ତିଭୂମି। ଛାତ୍ରୀଛାତ୍ରମାନେ ଦେଶ ନିର୍ମାଣର ଧାରକ ସାଜନ୍ତୁ ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି କହିଛନ୍ତି। ରବିବାର ପୂର୍ବାହ୍ନରେ ବୀରନରସିଂହପୁରସ୍ଥିତ ଭାର୍ଗବୀ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି କହିଥିଲେ, ବିଦ୍ୟାଳୟ ସମୟ ଛାତ୍ରୀଛାତ୍ରଙ୍କ ପାଇଁ ଶ୍ରେଷ୍ଠ ସମୟ। ଏହା ଏକ ସୁନ୍ଦର ଭବିଷ୍ୟତ ଗଢ଼ିବାର ସୁବର୍ଣ୍ଣ ସୁଯୋଗ। ଶିକ୍ଷା କେବଳ ପରୀକ୍ଷାରେ ଅଧିକ ନମ୍ବର ହାସଲ ପାଇଁ ନୁହେଁ, ବରଂ ଏହା ଜ୍ଞାନ ଆହରଣ, ଜିଜ୍ଞାସା ଓ ଅନୁସନ୍ଧିତ୍ସୁ ଭାବନା ବଢାଇ ଉତ୍ତମ, ଦାୟିତ୍ୱବାନ୍ ନାଗରିକ ହେବାକୁ ପ୍ରେରଣା ଦିଏ। ବର୍ତ୍ତମାନ ବିଶ୍ୱ ନୂତନ ସୁଯୋଗ, ସମ୍ଭାବନା ଓ ଆହ୍ୱାନକୁ ନେଇ ଦ୍ରୁତଗତିରେ ବଦଳୁଛି। ଏହି ପରିପ୍ରେକ୍ଷୀରେ ଯେଉଁମାନେ ଦୃଢ ପ୍ରତିଜ୍ଞ, ଜ୍ଞାନୀ ଓ ନବସୃଜନର ଅଧିକାରୀ ହେବେ ସେହିମାନେ ହିଁ ଏହି ପରିବର୍ତ୍ତନରେ ସଫଳ ହେବେ। ବିଦ୍ୟାଳୟ କେବଳ ପାଠ୍ୟ ବିଷୟ ଶିକ୍ଷାଲାଭର ସ୍ଥାନ ନୁହେଁ ବରଂ କୋମଳମତି ପିଲାଙ୍କ ପାଇଁ ଜ୍ଞାନ ଆହରଣ, ମୂଲ୍ୟବୋଧ ଏବଂ ଉତ୍କୃଷ୍ଟ ଚରିତ୍ର ଗଠନ ଓ ଶୃଙ୍ଖଳା ଶିଖିବାର ପ୍ରକୃଷ୍ଟ ତଥା ପବିତ୍ର ସ୍ଥାନ। ହୀରକ ଜୟନ୍ତୀ ପାଳନର ଐତିହାସିକ ମୁହୂର୍ତ୍ତରେ ବିଦ୍ୟାଳୟ ଶିକ୍ଷାର ଦୃଶ୍ୟପଟ୍ଟରେ ଜାତୀୟ ଶିକ୍ଷାନୀତି-୨୦୨୦ର ରୂପାନ୍ତରଣ ଦୃଷ୍ଟିଭଙ୍ଗୀ ପ୍ରତିଫଳିତ ହେବା ଗୁରୁତ୍ୱପୂର୍ଣ୍ଣ। ନୂତନ ଶିକ୍ଷାନୀତି ଆମ ଶିକ୍ଷା ବ୍ୟବସ୍ଥାକୁ ଅଧିକ ଅନ୍ତର୍ନିବେଶୀ, ସ୍ୱୟଂସମ୍ପୂର୍ଣ୍ଣ ଏବଂ ଦକ୍ଷତା ଅଭିମୁଖୀ କରିବା ହେଉଛି ମୁଖ୍ୟ ଉଦ୍ଦେଶ୍ୟ। ଦ୍ରୁତ ପରିବର୍ତ୍ତନଶୀଳ ଦୁନିଆରେ ଏହା ପିଲାଙ୍କୁ ବୈଷୟିକ ଭାବେ ସୁଦକ୍ଷ କରିବା ସହ ବୌଦ୍ଧିକ ବିକାଶ ଓ ଉନ୍ନତ ଚରିତ୍ର ନିର୍ମାଣରେ ସହାୟକ ହେବ। ଶିକ୍ଷକମାନେ ପିଲାଙ୍କୁ ଉପଯୁକ୍ତ ମାର୍ଗଦର୍ଶନ ସହ ପରିବର୍ତ୍ତନର ଧାରା ଓ ବୈଷୟିକ ଜ୍ଞାନ ପ୍ରଦାନରେ ସହଯୋଗ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଧାନସଭା ବାଚସ୍ପତି ସୁରମା ପାଢ଼ୀ, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ସତ୍ୟବାଦୀସ୍ଥିତ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ସବିତା ପ୍ରଧାନ ପ୍ରମୁଖ ଯୋଗଦେଇ ଉତ୍ତମ ଛାତ୍ରୀଛାତ୍ର ଓ ଶୃଙ୍ଖଳିତ ସମାଜ ଗଠନରେ ଶିକ୍ଷାନୁଷ୍ଠାନର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ହୀରକ ଜୟନ୍ତୀ ସ୍ମରଣିକା 'ଭାର୍ଗବୀ ସୌରଭ'କୁ ରାଜ୍ୟପାଳ ଉନ୍ମୋଚନ କରିବା ସହ ପୁରାତନ ଛାତ୍ର ପଦ୍ମଶ୍ରୀ ଡା. ଅଶୋକ ମହାପାତ୍ର, ଶଲ୍ୟ ଚିକିତ୍ସକ ଡା. ବାଳକୃଷ୍ଣ କୁଅଁର, ଶିକ୍ଷାବିତ୍ ସୁରେଶ୍ୱର ମିଶ୍ର ଏବଂ ଦିବାକର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଶୈଳାଧିରାଜ ତନୟା ଶତପଥୀ ସମସ୍ତଙ୍କୁ ସ୍ୱାଗତ କରିବା ସହ ବିଦ୍ୟାଳୟ ସମ୍ପର୍କରେ ସୂଚନା ଦେଇଥିଲେ। ହୀରକ ଜୟନ୍ତୀ କମିଟିର ଅଧ୍ୟକ୍ଷ ପଦ୍ମଶ୍ରୀ ପ୍ରଫେସର ଡା. ଅଶୋକ ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିବା ସହ ଧନ୍ୟବାଦ ଦେଇଥିଲେ।




ଉତ୍ସବରେ ପଦ୍ମଶ୍ରୀ ଡା. ଅଶୋକ ମହାପାତ୍ରଙ୍କୁ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ସମ୍ମାନିତ କରୁଛନ୍ତି।

# କୋଣାର୍କରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ

କୋଣାର୍କ,୯।୨(ଜ୍ୟୋତିରାଜ ମହାନ୍ତି)

ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନରେ ବିଳମ୍ବ ଓ ବିଭିନ୍ନ ସମୟରେ ଘଟୁଥିବା ଘଟଣା ଉପରେ କୋଣାର୍କ ପୋଲିସ ଗୁରୁତ୍ୱ ଦେଉ ନ ଥିବାରୁ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଅଞ୍ଚଳବାସୀ ଅଭିଯୋଗ ଆଣିବା ସହ ଥାନା ଅଧିକାରୀଙ୍କ ବଦଳି ଦାବି କରିଛନ୍ତି। ସୂଚନା ଅନୁଯାୟୀ, ସାଧାରଣ ଲୋକେ ପୋଲିସକୁ ଆଉ ଭରସି ପାରୁନାହାନ୍ତି। ସେମାନେ ମଧ୍ୟସ୍ଥିମାନଙ୍କ ଦ୍ୱାରା ଶୋଷିତ ହେଉଛନ୍ତି। କୋଣାର୍କ ଥାନା ପରିସରରେ ଲାଗିଥିବା ସିସିଟିଭି କ୍ୟାମେରା ଅଚଳ ହୋଇପଡ଼ିଥିବାବେଳେ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି। ପୋଲିସ ପକ୍ଷରୁ ପାଟ୍ରୋଲିଂ ବ୍ୟବସ୍ଥା ଠିକ୍ ଭାବେ କରାଯାଉ ନ ଥିବାରୁ କୋଣାର୍କ ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି। କୋଣାର୍କ ଥାନା ଅଞ୍ଚଳରେ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥା ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁନାହିଁ। ସୂର୍ଯ୍ୟମନ୍ଦିର ମୁଖ୍ୟରାସ୍ତା ମଝିରେ ବେଆଇନ ଭାବେ ଖଟ ପକାଇ ଦୋକାନ କରିବା ଯୋଗୁ ପର୍ଯ୍ୟଟକ ମନ୍ଦିର ପରିଦର୍ଶନ କରିବାରେ ବ୍ୟାହତ ସୃଷ୍ଟି ହେଉଛି। ଏ ସମ୍ପର୍କରେ କୋଣାର୍କ ପୋଲିସ କୌଣସି ପଦକ୍ଷେପ ଗ୍ରହଣ କରିବା ବଦଳରେ ଚୁପ୍ ବସୁଛି। କୋଣାର୍କ ଟୁରିଷ୍ଟ ମାର୍କେଟରେ ଅଗ୍ନିକାଣ୍ଡ ଘଟି ୧୩ରୁ ଊର୍ଦ୍ଧ୍ୱ ଦୋକାନ ଜଳିଯାଇଥିଲା। କେଉଁ ପରିସ୍ଥିତିରେ ଏପରି ଅଭାବନୀୟ ଘଟଣା ଘଟିଲଣି, ତାହାର ବିଧିବଦ୍ଧ ତଦନ୍ତ ନ କରି ଚୁପ ହୋଇ ବସିରହିବା ଥାନା ଅଧିକାରୀଙ୍କ କାର୍ଯ୍ୟକଳାପ ପ୍ରତି ସନ୍ଦେହ ସୃଷ୍ଟି କରୁଛି। ତୁରନ୍ତ ସାଧାରଣ ଲୋକଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ସହିତ ଘଟୁଥିବା ଅସାମାଜିକ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିବାକୁ କାର୍ଯ୍ୟରତ ଥାନା ଅଧିକାରୀଙ୍କୁ ଅନ୍ୟତ୍ର ବଦଳି କରି ନୂତନ ଥାନା ଅଧିକାରୀ ନିଯୁକ୍ତି ଦେବାକୁ ମୁଖ୍ୟମନ୍ତ୍ରୀ, ଗୃହ ବିଭାଗ ସଚିବ, ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ, ପୁରୀ ଏସ୍‌ପି ଏବଂ ଜିଲାପାଳଙ୍କୁ କୋଣାର୍କ ଅଞ୍ଚଳବାସୀ ଓ ପର୍ଯ୍ୟଟକ ଦାବି କରିଛନ୍ତି। ଅନ୍ୟପକ୍ଷରେ ଏ ନେଇ କୋଣାର୍କ ପୋଲିସ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

## ସଂକ୍ଷେପରେ

## ଅଷ୍ଟପ୍ରହର ନାମଯଜ୍ଞ

ଚାରିଛକ,୯।୨(ଶିଶିର ସ୍ୱାଇଁ)

ଚାରିଛକ ନିକଟ ଆମ୍ବର ବଜାରରେ ଚଳିତବର୍ଷ ୪୩ତମ ଅଷ୍ଟପ୍ରହର ନାମଯଜ୍ଞ ରବିବାର ଅନୁଷ୍ଠିତ ହୋଇଯାଇଛି। ବଜାରର ବିଶିଷ୍ଟ ବ୍ୟବସାୟୀ ସନାତନ ପରିଡ଼ାଙ୍କ ଦ୍ୱାରା ଆୟୋଜିତ ଅଷ୍ଟପ୍ରହର ନାମଯଜ୍ଞରେ ମୁଖ୍ୟ କର୍ତ୍ତା ଭାବେ ସୁକାନ୍ତ ବେହେରା ଓ କର୍ତ୍ତ୍ରୀ ଭାବେ ବିଜୟଲକ୍ଷ୍ମୀ ଦାସ ଯୋଗଦେଇଥିଲେ। ନିକଟସ୍ଥ କନ୍ତିଲୋ ପୁଷ୍କରିଣୀରୁ କଳସିଆମାନେ ଜଳ କଳସ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ପରେ ପଣ୍ଡିତ ଭାଗୀରଥି ପାଢ଼ୀ ଓ ସାଥୀମାନଙ୍କ ଦ୍ୱାରା ପୂଜାକାର୍ଯ୍ୟ ଆରମ୍ଭ ହୋଇଥିଲା। ବିଭିନ୍ନ ଅଞ୍ଚଳରୁ ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ନାମ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ନାମ ସଂକୀର୍ତ୍ତନ ଦେଖିବାକୁ ଆଖପାଖ ଅଞ୍ଚଳରୁ ଭକ୍ତମାନେ ଆସି ଦର୍ଶନ କରିବା ସହ ପ୍ରସାଦ ସେବନ କରିଥିଲେ। କାର୍ଯ୍ୟକ୍ରମରେ ବଜାରର ସମସ୍ତ ବ୍ୟବସାୟୀ ପୂର୍ଣ୍ଣ ସହଯୋଗ କରିଥିଲେ।

## କାକଟପୁର ହାଇସ୍କୁଲରେ ଏନ୍‌ସିସି(ଏ) ପରୀକ୍ଷା

ଅସ୍ତରଙ୍ଗ,୯।୨(ମମତା ଜେନା)

କାକଟପୁର ସରକାରୀ ନୋଡାଲ ହାଇସ୍କୁଲରେ ସିକ୍ସ ବାଟାଲିୟନ ଏନ୍‌ସିସି ପୁରୀ ଦ୍ୱାରା ପରିଚାଳିତ ଏନ୍‌ସିସି(ଏ) ସାର୍ଟିଫିକେଟ ପରୀକ୍ଷା-୨୦୨୫ ଶାନ୍ତି ଶୃଙ୍ଖଳାର ସହ ରବିବାର ସମାପ୍ତ ହୋଇଯାଇଛି। ଏଥିରେ ପୁରୀ ଜିଲା ଅଧୀନ ୪ଟି ବ୍ଲକର ୧୦ଟି ହାଇସ୍କୁଲର ୨୩୪ ଜଣ ଏନ୍‌ସିସି କ୍ୟାଡେଟ୍ ପରୀକ୍ଷା ଦେଇଥିଲେ। ମେଜର କୁଳଦୀପ ସିଂ ଓ କୋଣାର୍କ ଭଗବତୀ କଲେଜ ସିନିୟର ସିଟିଓ ବିଜୟ କୁମାର ମହାନ୍ତି ପରୀକ୍ଷା ଅଧୀକ୍ଷକ ରୂପେ ପରିଚାଳନା କରିଥିଲେ। ବିଦ୍ୟାଳୟର ସିଟିଓ ସ୍ୱପ୍ନାମୟୀ ମହାପାତ୍ର ଓ ସନତ କୁମାର ପ୍ରଧାନ ସମସ୍ତ କ୍ୟାଡେଟ୍‌ଙ୍କୁ ପରେଡ ଓ ମୌଖିକ ପରୀକ୍ଷା କରିଥିଲେ। ଶିକ୍ଷକ ସୂର୍ଯ୍ୟ ନାରାୟଣ ସେଠୀ, ଦିଲୀପ କୁମାର କାଣ୍ଡି, ହରିଶ ଚନ୍ଦ୍ର ଦଳାଇ ଓ ଅଭୟ କୁମାର ଦଳାଇ ପ୍ରମୁଖ ପରୀକ୍ଷା ପରିଚାଳନାରେ ସହଯୋଗ କରିଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷକ ଶ୍ରୀକାନ୍ତ କୁମାର ସ୍ୱାଇଁ, ଅଧୀକ୍ଷକ, ସମସ୍ତ ନିରୀକ୍ଷକ ଓ ସିଟିଓଙ୍କୁ ଧନ୍ୟବାଦ ଜଣାଇ ଆଗାମୀ ଶିକ୍ଷାବର୍ଷରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ସିଟ୍ ସଂଖ୍ୟା ବୃଦ୍ଧି କରାଯିବ ବୋଲି ସୂଚନା ପ୍ରଦାନ କରିଛନ୍ତି।




ପୁରୀଠାରେ ରବିବାର ଅନୁଷ୍ଠିତ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନର ସାଧାରଣ ସଭାରେ ନବନିର୍ବାଚିତ କର୍ମକର୍ତ୍ତାମାନେ। (ଫଟୋ -ଯଜ୍ଞେଶ୍ୱର ମହାନ୍ତି)

# ଓରିଏଣ୍ଟାଲ ଏଜେଣ୍ଟ ୱେଲ୍‌ଫେୟାର ଫୋରମ୍‌ର ବାର୍ଷିକ ବୈଠକ

ପୁରୀ,୯।୨(ଅଜିତ୍ କୁମାର ମହାନ୍ତି)

ଅଲ୍ ଇଣ୍ଡିଆ ଓରିଏଣ୍ଟାଲ ଏଜେଣ୍ଟ ୱେଲ୍‌ଫେୟାର ଫୋରମ୍‌ର ବାର୍ଷିକ ସାଧାରଣ ବୈଠକ ରବିବାର ଟାଉନ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଆସିଥିବା ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ। ବୀମା ଏଜେଣ୍ଟମାନଙ୍କୁ ପ୍ରଭାବିତ କରୁଥିବା ବୃତ୍ତିଗତ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଅତିଥିଭାବେ ଡେପୁଟି ଜେନେରାଲ୍ ମ୍ୟାନେଜର ଯଦୁନାଥ ସେଠୀ, ଆଞ୍ଚଳିକ ପରିଚାଳକ ମୀନାକ୍ଷୀ ବ୍ରହ୍ମା ଏବଂ ସହଦେବ ସାହୁ ଯୋଗଦେଇଥିଲେ। ବିଭିନ୍ନ ସମସ୍ୟା ଓ ଆହ୍ୱାନର ସମାଧାନ ପାଇଁ ବୀମା ଏଜେଣ୍ଟମାନଙ୍କ ପ୍ରତିବଦ୍ଧତା ବିଷୟରେ ଆଲୋଚନା କରିଥିଲେ। ଅନୁଷ୍ଠାନର ରାଷ୍ଟ୍ରୀୟ ସଭାପତି ଏମ୍.ଜାକିର ଖାନ୍ ଓ ସାଧାରଣ ସମ୍ପାଦକ ଅଭୟ ଗୁପ୍ତା ଉପସ୍ଥିତ ଥିଲେ। ବଂଶାନୁକ୍ରମିକ ଆୟର ପ୍ରସଙ୍ଗ, ଯେଉଁଠାରେ ଜଣେ ମୃତ ଏଜେଣ୍ଟଙ୍କ ଆୟ ଓ ବ୍ୟବସାୟ ଏଜେଣ୍ଟଙ୍କ ପରିବାରକୁ ସ୍ଥାନାନ୍ତରିତ ହେବା ପରିବର୍ତ୍ତେ ଅନ୍ୟ ଏଜେଣ୍ଟଙ୍କ ଦ୍ୱାରା ଅନ୍ୟାୟ ଭାବେ ଗ୍ରହଣ କରାଯାଇଥାଏ, ସେ ନେଇ ଆଲୋଚନା ହୋଇଥିଲା। ସଦସ୍ୟମାନେ ଆବଶ୍ୟକ ପଦକ୍ଷେପ ଉପରେ ବିଚାରବିମର୍ଶ କଲେ ଯେ, ଯୋଗ୍ୟ ଉତ୍ତରାଧିକାରୀମାନେ ଏହାର ଲାଭ ପାଇବେ, ଯାହାଦ୍ୱାରା ମୃତ ଏଜେଣ୍ଟମାନଙ୍କ ପରିବାର ପାଇଁ ଆର୍ଥିକ ସୁରକ୍ଷା ଦୃଷ୍ଟିରୁ ସୁରକ୍ଷିତ ରହିବ। ଅନ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ମଧ୍ୟରେ ସାମାଜିକ ସୁରକ୍ଷା, ଗ୍ରାଚ୍ୟୁଇଟି ଏବଂ ଟର୍ମ ଇନ୍‌ସ୍ୟୁରାନ୍ସ ଆଦି କ୍ଷେତ୍ରରେ ବୀମା ଏଜେଣ୍ଟଙ୍କ ପାଇଁ ବର୍ଦ୍ଧିତ ଆର୍ଥିକ ସୁରକ୍ଷା ତଥା କଲ୍ୟାଣମୂଳକ ପଦକ୍ଷେପ ବିଷୟରେ ଦର୍ଶାଯାଇଥିଲା। ଅନୁଷ୍ଠାନ ସର୍ବଦା ବୀମା ଏଜେଣ୍ଟଙ୍କ ଅଧିକାର ଓ ସୁରକ୍ଷା ପାଇଁ ଦାବି ଉପସ୍ଥାପନ କରିବାକୁ ତଥା ସେମାନଙ୍କ ଆର୍ଥିକ ସ୍ଥିରତା ଓ ବୃତ୍ତିଗତ ସମ୍ମାନ ନିଶ୍ଚିତ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା।

# କିଣାଯାଇଛି ୧ ଲକ୍ଷ ୪୩ ହଜାର ୧୬୧ କୁଇଣ୍ଟାଲ ଧାନ

ଗୋପ,୯।୨(ଭାରତୀ ଭୂଷଣ ଉପାଧ୍ୟାୟ)

## ଗୋପ ବ୍ଲକରେ ଟାର୍ଗେଟ ଛୁଇଁବାକୁ ପ୍ରୟାସ

ଚଳିତ ବର୍ଷ ୨୯ଟି ସେବା ସମବାୟ ସମିତିରେ ୯୬୦୫ ଜଣ ଚାଷୀ ନାମ ପଞ୍ଜୀକରଣ କରିଥିବାବେଳେ ସରକାରୀ ନିୟମ ଅନୁଯାୟୀ ଧାନ କ୍ରୟ ପ୍ରକ୍ରିୟା ଜାରି ରହିଛି। ଗୋପ ବ୍ଲକରେ ଫେବୃଆରୀ ୮ ସୁଦ୍ଧା ୨ ଲକ୍ଷ ୧୩ ହଜାର ୭୬୧ କୁଇଣ୍ଟାଲ ଧାନ କ୍ରୟ ଲାଗି ଟାର୍ଗେଟ ରହିଥିବାବେଳେ ଅଦ୍ୟାବଧି ୧ ଲକ୍ଷ ୪୩ ହଜାର ୧୬୧ କୁଇଣ୍ଟାଲ ଧାନ କିଣାଯାଇଛି। ତେବେ କେତେକ ମଣ୍ଡିରେ କଟ୍‌ନି ଛଟ୍‌ନି ହେଉଥିବା ନେଇ ଅଭିଯୋଗ ହୋଇଆସୁଛି। ତେଣୁ ସ୍ୱଚ୍ଛତା ଅବଲମ୍ବନ ଲାଗି ବିଭିନ୍ନ ସମୟରେ ସରକାରୀ ଅଧିକାରୀମାନେ ଗସ୍ତ କରି ଧାନର ମାନ ନିର୍ଦ୍ଧାରଣ କରୁଛନ୍ତି। ଧାନ ବିକ୍ରିର ୪୮ ଘଣ୍ଟା ମଧ୍ୟରେ ଚାଷୀମାନେ ସେମାନଙ୍କ ପ୍ରାପ୍ୟ ବ୍ୟାଙ୍କ ଜମାଖାତା ଜରିଆରେ ପାଉଥିବା ଜଣାପଡ଼ିଛି। ଗୋପ ବ୍ଲକ ଅଧିନ ବଡ଼ତରା ସେବା ସମବାୟ ସମିତିରେ ୮୧ ପ୍ରତିଶତ, ବଗଲେଇ ସେବା ସମବାୟ ସମିତିରେ ୪୬, ବନାଖଣ୍ଡିରେ ୯୯, ବନ୍ତଳୀ ଗ୍ରାମରେ ୫୮, ବରିମୁଣ୍ଡରେ ୯୦, ବୀରତୁଙ୍ଗରେ ୭୮, ଛଇତନାରେ ୨୨, ଡଭାରରେ ୮୪, ଦୁର୍ଗେଶରରେ ୯୮, ଏରବଙ୍ଗରେ ୯୦, ଗଣେଶ୍ୱରପୁରରେ ୩୮, ଗଡ଼ବାଙ୍ଗୋରରେ ୩୨, ଗଡ଼ରୂପାସରେ ୭୨, ଗୋପରେ ୮୭, କରମଙ୍ଗା ପାଞ୍ଚଣାରେ ୮୧, ଖରାଗାଁରେ ୯୫, କୋଣାର୍କରେ ୯୯, ମହାପୁରରେ ୩୪, ନୟାହାଟରେ ୯୦, ନୀଳକଣ୍ଠେଶ୍ୱରପୁରରେ ୯୫, ନାଗପୁର ନିତେଇ ଗୌରୀରେ ୪୮, ରାହାଙ୍ଗଗୋରଡ଼ାରେ ୯୬, ସାମନ୍ତରାପୁରରେ ୨୭, ସିଦ୍ଧେଶ୍ୱରରେ ୪୯, ଶିଶୋରେ ୫୭, ସୁତନରେ ୪୧ ଏବଂ ୟୁନାଇଟେଡ୍ ଗଡ଼ଭିଙ୍ଗୁରାରେ ୩୨ ପ୍ରତିଶତ ଧାନ କିଣା ଯାଇଛି। ପ୍ରଥମ ପର୍ଯ୍ୟାୟ ଟାର୍ଗେଟରେ ପାଟେଲିଆ ଓ ରାଇସ ସେବା ସମବାୟ ସମିତି ଶତ ପ୍ରତିଶତ ଧାନ କିଣିଥିବା ଜଣାପଡ଼ିଛି। ତେବେ ଆବଶ୍ୟକ ଟାର୍ଗେଟ ମିଳୁ ନ ଥିବାରୁ ଧାନ କିଣାରେ ବାଧା ଉପୁଜୁଥିବା ଚାଷୀ ଶରତ କୁମାର ବେହେରା, ନବଘନ ବେହେରା, ନରହରି ଦଳାଇ ଓ ସୁଶାନ୍ତ ପରିଡ଼ା ପ୍ରମୁଖ କହିଛନ୍ତି। ଅନ୍ୟପକ୍ଷରେ ଗୋପ ବ୍ଲକ ଯୋଗାଣ ନୀରିକ୍ଷକ ରଚିତା ପଣ୍ଡା କହିଛନ୍ତି, ପ୍ରତ୍ୟେକ ମଣ୍ଡିକୁ ମୁଁ ବିଭିନ୍ନ ଦିନ ଗସ୍ତ କରି ଉପସ୍ଥିତ ଚାଷୀଙ୍କୁ ସମସ୍ୟା ସମ୍ପର୍କରେ ପଚାରିବା ସହିତ ସୁବିଧା ଅସୁବିଧା ଉପରେ ନଜର ରଖୁଛି। କଟ୍‌ନି ଛଟନି ଅଭିଯୋଗ ସେପରି ହେଉଥିବା ଅଭିଯୋଗ ନାହିଁ। ଯଦି ଚାଷୀମାନେ ଅଭିଯୋଗ ଆଣିବେ ତା' ଉପରେ ଗୁରୁତ୍ୱ ଦେବି ବୋଲି ପଣ୍ଡା ପ୍ରକାଶ କରିଛନ୍ତି।

## ନୟାହାଟ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

ଯୋଗେଶ୍ୱରପୁର,୯।୨(ରଶ୍ମିରଞ୍ଜନ ସାହୁ)

ଗୋପ ବ୍ଲକ ଅଧୀନ ନୟାହାଟ ଉଚ୍ଚ ବିଦ୍ୟାଳୟର ୪୬ତମ ବାର୍ଷିକୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୟାହାଟ ହାଇସ୍କୁଲ ପ୍ରଧାନ ଶିକ୍ଷକ ଅଶୋକ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ତହସିଲଦାର ପ୍ରଭାତ କୁମାର ତରାଇ, ମୁଖ୍ୟବକ୍ତା ଭାବେ ମଙ୍ଗଳା କଲେଜ ପୂର୍ବତନ ଅଧ୍ୟକ୍ଷ ଅଶୋକ କୁମାର ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ନିମାପଡ଼ା କଲେଜ ପୂର୍ବତନ ଅଧ୍ୟାପକ ପ୍ରସନ୍ନ ସ୍ୱାଇଁ, ଏସ୍ଏମ୍ସି ସଭାପତି ପ୍ରମୋଦ ମହାନ୍ତି, ଜଙ୍ଗଲବୋରି ସରପଞ୍ଚ ପ୍ରଭାତୀ ସାହୁ, ଧୂମାଳ ସରପଞ୍ଚ ମୋନାଲିସା ସିଂ, ସାମାଜିକ କର୍ମୀ ପ୍ରଣୟ କୁମାର ସାହୁ ଓ ଅଭିଭାବକ ଯୋଗଦେଇଥିଲେ। ଶିକ୍ଷକ ପ୍ରଫୁଲ୍ଲ ମିଶ୍ର ଧନ୍ୟବାଦ ଦେଇଥିଲେ।

# ୨ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା, ବାର୍ଷିକୋତ୍ସବ

ପୁରୀ,୯।୨(ଅଜିତ୍ କୁମାର ମହାନ୍ତି)

ସଦର ବ୍ଲକ ଅନ୍ତର୍ଗତ ପ୍ରତାପରାମଚନ୍ଦ୍ରପୁର ନୋଡାଲ ଉ.ପ୍ରା. ବିଦ୍ୟାଳୟ ଓ ଗୋପୀନାଥ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଓ ବାର୍ଷିକୋତ୍ସବ ମହାସମାରୋହରେ ପାଳିତ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିରେଖା ମିଶ୍ରଙ୍କ ତତ୍ତ୍ୱାବଧାନରେ ତଥା ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୋହନ କୁମାର ସାହୁଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭ୍ୟା ମୋନାଲି ମିଶ୍ର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ସରପଞ୍ଚ ଦେବପ୍ରିୟ ଦାସ, ନୋମିନି ମିତା ମାର୍ଥା, ୱାର୍ଡମେମ୍ବର ବାଳକୃଷ୍ଣ ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରମେଶ ଚନ୍ଦ୍ର ଭୋଇ, ମଳୟ କୁମାର ମହାପାତ୍ର ଓ ସିଆର୍‌ସିସି ମନୋଜ କୁମାର ସାହୁ, ଅତିଥି ଭାବେ ସାମାଜିକ କର୍ମୀ ପ୍ରକାଶ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଚ୍ଚବିଦ୍ୟାଳୟର ସୂର୍ଯ୍ୟନାରାୟଣ ପତି, ସ୍ମୃତିରେଖା ସାହୁ ଓ ଉ.ପ୍ରା. ବିଦ୍ୟାଳୟର ବିଶ୍ୱରଞ୍ଜନ ବିଶ୍ୱାଳ ଓ ଶୁଭଶ୍ରୀ ବରାଳ ଚାମ୍ପିୟନ ହୋଇଥିଲେ। ଏହାପରେ ଛାତ୍ରୀଛାତ୍ରମାନେ ଚିତ୍ତାକର୍ଷକ ନୃତ୍ୟମାନ ପରିବେଷଣ କରିଥିଲେ। ଶିକ୍ଷୟିତ୍ରୀଶିକ୍ଷକଙ୍କ ମଧ୍ୟରେ ବିଦ୍ୟାଧର ବେହେରା, ସୁବାସ ଚନ୍ଦ୍ର ପତି, ଅରବିନ୍ଦ ମିଶ୍ର, ଶତ୍ରୁଘ୍ନ ପ୍ରଧାନ, ସୌମ୍ୟଶେଖର ରଥ, ରାମକୃଷ୍ଣ ମିଶ୍ର, ବାଇଧର ଦାଶ, ସବିତା ମହାପାତ୍ର, ଦୀପ୍ତି ମିଶ୍ର, କୃଷ୍ଣଚନ୍ଦ୍ର ଭୋଇ, ଚୌଧୁରୀ ସତ୍ୟବ୍ରତ ଦାସ, ସୁମିତ୍ରା ପରିଡ଼ା, ମଞ୍ଜୁଲତା ଦେବୀ, ସ୍ୱପ୍ନା କୁମାରୀ ପାଣିଗ୍ରାହୀ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ। ଶେଷରେ ଜ୍ୟୋତିରେଖା ମିଶ୍ର ଧନ୍ୟବାଦ ଦେଇଥିଲେ।

# ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କଲେ ଏମ୍‌ପି




ଶିବିରରେ ଉଦ୍‌ଘାଟନରେ ଏମ୍‌ପିଙ୍କ ଗହଣରେ ଡାକ୍ତର ଓ ମେଡିକାଲ କର୍ମଚାରୀମାନେ।

## ରକ୍ତଦାନ ଶିବିର ଉଦ୍‌ଘାଟିତ

ନିମାପଡ଼ା,୯।୨(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଶ୍ରୀହରିବଂଶ ଚ୍ୟାରିଟି ଟ୍ରଷ୍ଟ ସହାୟତାରେ ଏକ ମେଗା ରକ୍ତଦାନ ଶିବିର ସ୍ୱାସ୍ଥ୍ୟକେନ୍ଦ୍ରଠାରେ ରବିବାର ଅନୁଷ୍ଠିତ ହୋଇଥିଲା। ଶିବିରକୁ ଜଗତ୍‌ସିଂହପୁର ଏମ୍‌ପି ବିଭୁପ୍ରସାଦ ତରାଇ ଉଦ୍‌ଘାଟନ କରିଥିଲେ। ଏମ୍‌ପି ତରାଇ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ବିଭିନ୍ନ ୱାର୍ଡ ବୁଲି ମେଡିକାଲରେ ସ୍ୱାସ୍ଥ୍ୟସେବାର ସ୍ଥିତି ପରଖି ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଏମ୍‌ପିଙ୍କ ପ୍ରତିନିଧି ମୀନଲତା ମହାନ୍ତି, ଯତିନ୍ଦ୍ରନାଥ ସ୍ୱାଇଁ, କାଉନସିଲର ନିରଞ୍ଜନ ନାୟକ, ଡାକ୍ତର ପ୍ରବିଣ ଜେନା, ଡ. ଆଶୁତୋଷ ଜେନା, ଡ. ସୁବ୍ରତ ମହାପାତ୍ର ପାତ୍ର, ଡ. ବିଜୟିନୀ ସାହୁ, ଡ. ସୋନାଲି ତ୍ରିପାଠୀ, ଡ. ଶାଶ୍ୱତ ଶ୍ରୀମୟ ମାର୍ଥା, ଫାର୍ମାସିଷ୍ଟ ଆଇ. ତ୍ରିନାଥ ପାତ୍ରଙ୍କ ସମେତ ନର୍ସିଂ ଅଫିସର, ବହୁ ନର୍ସ, ସ୍ୱାସ୍ଥ୍ୟକର୍ମୀ ପ୍ରମୁଖ ସାମିଲ ହୋଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଏମ୍‌ପିଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶିବିରରେ ମୋଟରେ ୬୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଶିବିରରେ ବହୁ ପୋଲିସ, ଜେଲ କର୍ମଚାରୀ, କଲେଜ ଛାତ୍ରୀଛାତ୍ର, ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତାମାନେ ରକ୍ତଦାନର ସଚେତନତା ବାର୍ତ୍ତା ବାଣ୍ଟିଥିଲେ। ରକ୍ତଦାତାମାନଙ୍କୁ ଏମ୍‌ପି ତରାଇ ସାଧୁବାଦ ଓ କୃତଜ୍ଞତା ଜଣାଇଥିଲେ।

# 'କୃଷି ଓ କୃଷକଙ୍କ ବିକାଶ ପାଇଁ ସ୍ୱତନ୍ତ୍ର ନୀତି ପ୍ରଣୟନ କରାଯାଉ'

## ନୀଳାଚଳ କୃଷକ ମହାସଂଘ ସାଙ୍ଗଠନିକ ବୈଠକ, ନିର୍ବାଚନ

ଡେଲାଙ୍ଗ,୯।୨(ରଶ୍ମିରଞ୍ଜନ ପ୍ରଧାନ)

ରାଜ୍ୟସ୍ତରୀୟ ସଙ୍ଗଠନ ନୀଳାଚଳ କୃଷକ ମହାସଂଘର ସାଙ୍ଗଠନିକ ବୈଠକ ଓ କର୍ମକର୍ତ୍ତା ନିର୍ବାଚନ ଅଧିବେଶନ ଡେଲାଙ୍ଗ ବ୍ଲକ୍‌ର ପ୍ରସିଦ୍ଧ କୁଆପଦା ବଣି ବକ୍ରେଶ୍ୱର ମହାଦେବ ମନ୍ଦିର ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭାପତି ଗୋପୀନାଥ ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକର କୃଷି ଓ କୃଷକଙ୍କ ସାମଗ୍ରିକ ବିକାଶ ପାଇଁ ସ୍ୱତନ୍ତ୍ର ନୀତି ପ୍ରଣୟନ କରିବା ଉପରେ ବିଶଦ ଆଲୋଚନା ହୋଇଥିଲା। ଗୋପୀନାଥ ମିଶ୍ର ସର୍ବସମ୍ମତିକ୍ରମେ ଆଗାମୀ ୫ ବର୍ଷ ପାଇଁ ରାଜ୍ୟ ସଭାପତି ଭାବେ ନିର୍ବାଚିତ ହୋଇଥିଲେ।

ଜିଲା ସମନ୍ୱୟ କମିଟି ଅଧ୍ୟକ୍ଷ ଭାବେ ଦୁଃଶାସନ ସ୍ୱାଇଁ, ଜିଲା ସଙ୍ଗଠକ ପ୍ରତାପ ପାଇକରାୟ, ଦଳିତ ସେଲ୍‌ର ଅଧ୍ୟକ୍ଷ ମହେଶ୍ୱର ବେହେରା ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ପ୍ରକାଶ ନାୟକ, ବିପ୍ରବର ପାତ୍ର ସମ୍ପାଦକ, ଶରତଚନ୍ଦ୍ର ବରାଳ ସଙ୍ଗଠକ ସମ୍ପାଦକ, ଚନ୍ଦ୍ରକାନ୍ତ ରାଉତରାୟ ଯୁଗ୍ମ ସମ୍ପାଦକ, ଏକାଦଶୀ ଜେନା ସହ ସମ୍ପାଦକ, ଫଗୁଚରଣ ପରିଡ଼ା କୋଷାଧ୍ୟକ୍ଷ ଓ କାର୍ଯ୍ୟକାରୀ ସଦସ୍ୟ ଭାବେ ହରପ୍ରସାଦ ଶତପଥୀ, ଅନାଥ ଚରଣ ଦାସ ଓ ବାନାମ୍ବର ପ୍ରଧାନ, ବ୍ଲକ ସଭାପତି ଭାବେ ଡେଲାଙ୍ଗର ଶରତଚନ୍ଦ୍ର ରାଉତ, ପିପିଲିର କୃପାସିନ୍ଧୁ ଦାସ, ସତ୍ୟବାଦୀର ସୁଶାନ୍ତ ଶତପଥୀ, ପୁରୀ ସଦରର ଅରକ୍ଷିତ ଦାସ, କଣାସର ବବ୍ରୁବାହନ ପରିଡ଼ା, ବ୍ରହ୍ମଗିରିର ମାର୍କଣ୍ଡ ସ୍ୱାଇଁ, କୃଷ୍ଣପ୍ରସାଦର ନିଧି ପଲାଇ, ଗୋପର ପ୍ରଫୁଲ୍ଲ ପାତ୍ର, ନିମାପଡ଼ାର ଦିବାକର ନାୟକ, କାକଟପୁରର ଶିଶିରକାନ୍ତ ବିଶ୍ୱାଳ ଓ ଅସ୍ତରଙ୍ଗର ସୁରେଶ ଚନ୍ଦ୍ର ଦାସ ଚୟନ ହୋଇଥିଲେ। ଅନୁରୂପ ଭାବେ ନୀଳାଚଳ କୃଷକ ମହାସଂଘର ଉପଦେଷ୍ଟା ମଣ୍ଡଳୀ ଅଧ୍ୟକ୍ଷ ଭାବେ ନିରନ ମହାପାତ୍ର ମନୋନୀତ ହୋଇଥିବାବେଳେ ଗୁଣନିଧି ସ୍ୱାଇଁ ଓ ଗଦାଧର ସ୍ୱାଇଁ ଉପାଧ୍ୟକ୍ଷ ଏବଂ ବରିଷ୍ଠ ସଭ୍ୟ ଭାବେ ନଟବର ଭାରତୀ, ବୁଦ୍ଧିନାଥ ମଲ୍ଲିକ, ଅଖାରିଜେନା, ମାଧବ ବରାଳ ଓ ଆବାହକ ଭାବେ ଗୋପୀନାଥ ମିଶ୍ରଙ୍କୁ ମନୋନୀତ କରାଯାଇଛି। ମହାସଂଘକୁ ସର୍ବଭାରତୀୟସ୍ତରରେ ୧ ନମ୍ବର ସଙ୍ଗଠନ ଭାବେ ପ୍ରତିଷ୍ଠିତ କରିବାକୁ ନବ ନିର୍ବାଚିତ ସଭ୍ୟମାନେ ସଂକଳ୍ପ ନେଇଥିଲେ। ପୁରୀ ଜିଲାର ମୁଖ୍ୟ ସମସ୍ୟା ଜଳସେଚନ, ଜଳ ନିଷ୍କାସନ, ଜଳ ସଂରକ୍ଷଣ, ଫସଲ ସଂରକ୍ଷଣ, ଶୀତଳଭଣ୍ଡାର ନିର୍ମାଣ, ଚାଷୀଙ୍କୁ ଠିକ୍ ଭାବେ ବିନା ସୁଧରେ ଋଣ ପ୍ରଦାନ ଓ ଚାଷୀଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ପ୍ରଣୟନ ହୋଇଥିବା ଯୋଜନାର ସୁଫଳ ଚାଷୀଙ୍କୁ ପ୍ରଦାନ କରିବା ଆଦି କାର୍ଯ୍ୟକ୍ରମ ମହାସଂଘ ଗୁରୁତର ସହ କରିବ ବୋଲି ବୈଠକରେ ଉପସ୍ଥିତ ସମସ୍ତ ସଭ୍ୟ ଦୃଢ଼ୋକ୍ତି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଉପସଭାପତି ପ୍ରକାଶ କୁମାର ନାୟକ ସ୍ୱାଗତ ଭାଷଣ ଓ ଜିଲା ସମନ୍ୱୟ କମିଟି ଅଧ୍ୟକ୍ଷ ଦୁଃଶାସନ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।




ବୈଠକରେ ଉପସ୍ଥିତ କୃଷକମାନେ।

# ଗ୍ରାମାଞ୍ଚଳର ପ୍ରତିଭା ଲୋକଲୋଚନକୁ ଆଣିବାକୁ ପ୍ରୟାସ

## ଉପଖଣ୍ଡସ୍ତରୀୟ, ପଲ୍ଲୀପ୍ରତିଭା ଯୁବ କବି ସମ୍ମିଳନୀ

ବାଙ୍କୀ,୯।୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ଶୁଭେନ୍ଦୁ ମହାପାତ୍ର )

ବାଙ୍କୀର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଭୂତନାଥ ସାହିତ୍ୟ ଓ ସାଂସ୍କୃତିକ ସଂସଦ ଆନୁକୂଲ୍ୟରେ ଉପଖଣ୍ଡସ୍ତରୀୟ ପଲ୍ଲୀପ୍ରତିଭା ଯୁବକବି ସମ୍ମିଳନୀ ଏନ୍‌ଏସି ଅନ୍ତର୍ଗତ ଚକାପଦା ଯୁବବନ୍ଧୁ ଭବନରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ଜିଲା ପରିଷଦ ସଦସ୍ୟା ମିନତୀ ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିବା ସହ ବିଭିନ୍ନ ଗ୍ରାମାଞ୍ଚଳରୁ ଆସିଥିବା ଯୁବ କବିମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମାଞ୍ଚଳର ଯୁବ ପ୍ରତିଭାମାନଙ୍କୁ ଲୋକଲୋଚନକୁ ଅଣାଯିବାକୁ ପ୍ରୟାସ କରାଯାଉଛି। ସମ୍ମାନିତ ଅତିଥି ଭାବେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟାପକ ନିରଞ୍ଜନ ଉପାଧ୍ୟାୟ, ବ୍ୟଙ୍ଗକବି କାହ୍ନୁଚରଣ ବେହେରା, କବି ଜଗମୋହନ ରାଉତ ଓ ଯୁବ ସଂଯୋଜକ କବି ସଞ୍ଜୀବ କୁମାର ଦାସ ପ୍ରମୁଖ ଯୋଗଦେଇ ଯୁବକବିମାନଙ୍କୁ ପ୍ରେରଣା ଓ ଉତ୍ସାହିତ କରିଥିଲେ। ଅନୁଷ୍ଠାନର ଆବାହକ ଅକ୍ଷୟ କୁମାର ସାମଲଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ପଣ୍ଡିତ ମନୋଜ କୁମାର ରାଉତ ସଂଯୋଜନା କରିବା ସହ ଗାଁର ମହକ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ପରିପ୍ରେକ୍ଷୀରେ ଭାଗ୍ୟଶ୍ରୀ ନାୟକ, ସୂର୍ଯ୍ୟକାନ୍ତ ସେଠୀ, ସନ୍ଧ୍ୟାରାଣୀ କର, ରଞ୍ଜିତା ରାଉତ, ତୁଳସୀ ପଣ୍ଡା, ସୁରଜ ରାଉତ, ଲଭଲି ପ୍ରିୟଦର୍ଶିନୀ, ସୁଲଂଗ୍ନା ନନ୍ଦ, ବିଶ୍ୱରଞ୍ଜନ ସ୍ୱାଇଁ, ଜ୍ୟୋତିରଞ୍ଜନ ରାଉତ, ରୁଦ୍ରନାରାୟଣ ରଣା ପ୍ରମୁଖ କବି ଓ କବୟିତ୍ରୀ ସ୍ୱରଚିତ ପଲ୍ଲୀକବିତା ଗାନ କରିଥିଲେ । ଏଥିସହ କବିତା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କବିମାନେ ଅତିଥିଙ୍କଠାରୁ ମାନପତ୍ର ଓ ପୁରସ୍କାର ଗ୍ରହଣ କରିଥିଲେ । ସେହିପରି ବ୍ୟଙ୍ଗକବି କାହ୍ନୁଚରଣ ବେହେରା ଓ ଜଗବନ୍ଧୁ ରାଉତଙ୍କୁ ସ୍ୱତନ୍ତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଶଶିଭୂଷଣ ତ୍ରିପାଠୀ, ଅର୍ପିତ ସାମଲ, କଂଗ୍ରେସ ରଣା, ବାଣୀପଦ ଦିକ୍ଷୀତ୍ , ସନ୍ତୋଷ ମଙ୍ଗୁଆଳ, ସୋମ ରଣା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ କବି ଲଲାଟେନ୍ଦୁ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



ଜଣେ କୃତୀ ଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି ।

## ସଂକ୍ଷେପରେ

### ଆନ୍ତଃବିଦ୍ୟାଳୟ ଚିତ୍ରାଙ୍କନ ପ୍ରତିଯୋଗିତା



କଟକ,୯।୨(କାର୍ତ୍ତିକ ସାହୁ): ଜଷ୍ଟିସ୍ ଯୁଗଳ କିଶୋର ମହାନ୍ତି ସ୍ମୃତି ସଂସଦ ପକ୍ଷରୁ ରେଭେନ୍‌ଶା କଲିଜିଏଟ ସ୍କୁଲଠାରେ ଆନ୍ତଃସ୍କୁଲ ଚିତ୍ରାଙ୍କନ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଶ୍ରେଣୀର ପ୍ରାୟ ୧୫୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସ୍ମୃତି ସଂସଦର ସାଧାରଣ ସମ୍ପାଦକ ଡ. ସତ୍ୟ ରାୟ, ଆଇନଜୀବୀ ପ୍ରକାଶ ରଞ୍ଜନ ବାରିକ, ସଙ୍ଗଠନ ସମ୍ପାଦକ ଶଶିଭୂଷଣ ଦାସ, ଅଶୋକ କୁମାର ମହାନ୍ତି, ଆଭାସ ମହାନ୍ତି, ସୁନୀଲ କୁମାର ପ୍ରଧାନ ଓ ସୁଶାନ୍ତ କୁମାର ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବ୍ରାଇଟ୍ ଫ୍ୟୁଚର ସ୍କୁଲର ବାର୍ଷିକୋତ୍ସବ

ତ୍ରିଶୂଳିଆ,୯।୨(ତୁଷାରକାନ୍ତ ବେହେରା) ବ୍ରାଇଟ ଫ୍ୟୁଚର ସ୍କୁଲର ୧୯ତମ ବାର୍ଷିକୋତ୍ସବ ରବିବାର ପାଳନ ହୋଇଯାଇଛି। ଏହି ଅବସରରେ ସ୍କୁଲ ଚେୟାରମ୍ୟାନ ରାଜକିଶୋର ଅଗ୍ରୱାଲ, ସଭାପତି ଅନିଲ ଅଗ୍ରୱାଲ, ପ୍ରଧାନ ଶିକ୍ଷକ ତୃପ୍ତିରାଣୀ ମିଶ୍ର ପ୍ରଥମେ ପ୍ରଦୀପ ପ୍ରଜ୍ଜ୍ୱଳନ କରିବା ସହ ପିଲାଙ୍କ ଭବିଷ୍ୟତ କିପରି ଉନ୍ନତ ହେବ, ସେ ସମ୍ବନ୍ଧୀୟ ଅନେକ ଆଲୋଚନା ହୋଇଥିଲା। ମନୋରଞ୍ଜନ ପାଇଁ ଛାତ୍ରୀଛାତ୍ରମାନେ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଅବସରରେ ସମସ୍ତ ଅଭିଭାବକ, ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

### ଅଚିହ୍ନା ମହିଳାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କଲା ପୋଲିସ

ସାଲେପୁର,୯।୨(ଅରବିନ୍ଦ ଭୂୟାଁ): ସାଲେପୁର ବଜାରରେ ଏଣେତେଣେ ଘୂରିବୁଲୁଥିବା ଜଣେ ଅଚିହ୍ନା ମହିଳାଙ୍କୁ ରବିବାର ସାଲେପୁର ପୋଲିସ ଉଦ୍ଧାର କରି ଚିକିତ୍ସା ନିମନ୍ତେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛି। ପୂର୍ବାହ୍ନ ପ୍ରାୟ ୧୦ଟା ବେଳେ ସାଲେପୁର ଡାକପୋଲ ନିକଟରେ ସମ୍ପୃକ୍ତ ମହିଳା ଏଣେତେଣେ ଘୂରି ବୁଲୁଥିଲେ। ସେ ଏକ ଟିଶାର୍ଟ ଓ ସର୍ଟ ପ୍ୟାଣ୍ଟ ପିନ୍ଧିଥିଲେ। ତାଙ୍କ ବୟସ ଆନୁମାନିକ ୩୭ରୁ ଉର୍ଦ୍ଧ୍ୱ ହେବ। ତାଙ୍କ ଆଚରଣରୁ ମାନସିକ ବିକାରଗ୍ରସ୍ତ ଭଳି ଲାଗୁଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ସାଲେପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ ମଧ୍ୟ ସମ୍ପୃକ୍ତା ମହିଳାଙ୍କୁ କାବୁ କରିବା ପାଇଁ ନାକେଦମ ହେବାକୁ ପଡ଼ିଥିଲା। ବହୁ କଷ୍ଟରେ ତାଙ୍କୁ ଧରି ଶେଷରେ ଚିକିତ୍ସା ପାଇଁ ପଠାଯାଇଥିବା ନେଇ ଆଇଆଇସି ମନୋଜ କୁମାର ସ୍ୱାଇଁ କହିଛନ୍ତି।

### ଆହତ ଗରୁଡ଼ପକ୍ଷୀକୁ ବନବିଭାଗକୁ ହସ୍ତାନ୍ତର



ନିଶ୍ଚିନ୍ତକୋଇଲି,୯।୨(ଅଶୋକ ମହାପାତ୍ର): ନିଶ୍ଚିନ୍ତକୋଇଲି ବ୍ଲକ କଟରପଡା ନିକଟରୁ ଶନିବାର ରାତିରେ ଆହତ ଅବସ୍ଥାରେ ଏକ ଗରୁଡ ପକ୍ଷୀକୁ ସ୍ଥାନୀୟ ଲୋକେ ଉଦ୍ଧାର କରିଛନ୍ତି। ଉକ୍ତ ପକ୍ଷୀକୁ ବନ ବିଭାଗକୁ ହସ୍ତାନ୍ତର କରାଯାଇଛି। ଶନିବାର ରାତି ପ୍ରାୟ ୧୧ଟାବେଳେ କଟରପଡା ଅଞ୍ଚଳର ୨ଜଣ ଯୁବକ ଏକ ବାଇକରେ ଘରକୁ ଫେରୁଥିଲେ। ଏହି ସମୟରେ ଆକସ୍ମିକ ଭାବେ ଏକ ଗରୁଡ ପକ୍ଷୀ ଉଡିଆସି ତାଙ୍କ ବାଇକ ଆଗରେ ପଡ଼ିଯାଇଥିଲା। ବାଇକ ଚାଳକ ଦ୍ୱୟ ଗାଡି ଅଟକାଇ ଏହି ଗରୁଡ ପକ୍ଷୀକୁ ଆହତ ଅବସ୍ଥାରେ ଉଦ୍ଧାର କରିଥିଲେ। ଖବରପାଇ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏ ସମ୍ପର୍କରେ ଗ୍ରାମବାସୀ ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗର ଫରେଷ୍ଟଗାର୍ଡ ସକୋ ମୁର୍ମୁ ଓ କ୍ଷୀରୋଦ ଭଞ୍ଜ ସେଠାରେ ପହଞ୍ଚିବାପରେ କଟରପଡା ସରପଞ୍ଚ ରାକେଶ କୁମାର ସାମଲ, ଯୁବ ସାମାଜିକ କର୍ମୀ ମନୋଜ କୁମାର ସାମଲ, ଗଗନ ବିହାରୀ ସାମଲ, ସୟଦ ମହମ୍ମଦ ଗୁଫ୍ରାନ, ଈଶ୍ୱର ସାମଲ, ବାସୁଦେବ ସାମଲ, ପ୍ରଶାନ୍ତ ସାମଲ, ସ୍ୱାଧୀନ ସାମଲଙ୍କ ଉପସ୍ଥିତିରେ ଏହି ଗରୁଡ ପକ୍ଷୀକୁ ହସ୍ତାନ୍ତର କରାଯାଇଥିଲା।

# 'କଳଙ୍କ ମୋ ପାଇଁ ଚନ୍ଦନଟିପା' ମଞ୍ଚସ୍ଥ

## କନ୍ତପଡା ଗଜଲକ୍ଷ୍ମୀ ପୂଜା ଉଦ୍‌ଯାପିତ

ବଡ଼ମ୍ବା, ୯।୨(ମାୟାଧର ମଲ୍ଲିକ): ବଡ଼ମ୍ବା ବ୍ଲକ ଅନ୍ତର୍ଗତ କନ୍ତପଡ଼ା ଗ୍ରାମ ଲକ୍ଷ୍ମୀ ପୂଜା କମିଟି ଆନୁକୂଲ୍ୟରେ ଲକ୍ଷ୍ମୀଛକ ସ୍ଥିତ ଲକ୍ଷ୍ମୀ ମନ୍ଦିରରେ ୩ ଦିନ ଧରି ଚାଲିଥିବା ମା'ଗଜଲକ୍ଷ୍ମୀ ପୂଜା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ କଳସ ଯାତ୍ରା ସହ ପ୍ରତ୍ୟହ ଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସେହିପରି ୩ ଦିନ ଧରି ଚାଲିଥିବା ନାଟକ ପ୍ରତିଯୋଗିତା ଶେଷ ହୋଇଛି। ପ୍ରଥମ ଦିବସରେ ଗ୍ରାମର ନିଉଲାଇଫ କ୍ଲବ ତରଫରୁ ମନୋଜ ନାୟକଙ୍କ ନିର୍ଦ୍ଦେଶନାରେ ନାଟକ 'ଆସିଛି ଏକା ଯିବି ମୁଁ ଏକା' ମଞ୍ଚସ୍ଥ ହୋଇଥିଲା ଦ୍ୱିତୀୟ ଦିବସରେ ଗ୍ରାମର ଜଗନ୍ନାଥ କ୍ଲବ ତରଫରୁ ପ୍ରଶାନ୍ତ ପରିଡାଙ୍କ ନିର୍ଦ୍ଦେଶନାରେ 'କନ୍ଦେଇ ମାରୁଛି ଉପର ବାଲା' ମଞ୍ଚସ୍ଥ ହୋଇଥିଲା। ତୃତୀୟ ତଥା ଉଦଯାପନୀ ଦିବସରେ ଗ୍ରାମର ଭୈରବୀ କ୍ଲବ ତରଫରୁ ମନୋଜ ସାହୁଙ୍କ ନିର୍ଦ୍ଦେଶନାରେ 'କଳଙ୍କ ମୋ ପାଇଁ ଚନ୍ଦନ ଟିପା' ମଞ୍ଚସ୍ଥ ହୋଇଥିଲା। ଉଦଘାଟନୀ ଉତ୍ସବକୁ ସାମାଜିକ କର୍ମୀ ମାନସ ମୁଦୁଲି ଉଦଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଡ଼ମ୍ବା ପଞ୍ଚାୟତ ସମିତି ଅଧ୍ୟକ୍ଷ ରଘୁପତି ମହାନ୍ତି ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ବ୍ଲକ ପ୍ରାକ୍ତନ ଅଧ୍ୟକ୍ଷ ବିଭୁଦତ୍ତ ପଟ୍ଟନାୟକ ଓ ସମ୍ମାନିତ ଅତିଥି ଭାବେ ବୈଦେଶର ମହାବିଦ୍ୟାଳୟ ଅଧ୍ୟକ୍ଷ କୃପାସିନ୍ଧୁ ପଲ୍ଲାଉ, ବଡ଼ମ୍ବା ଆମ୍ବା କମିଟି ଅଧ୍ୟକ୍ଷ ମହେନ୍ଦ୍ର ପଡ଼ିଆରୀ, ଆଇନଜୀବୀ ସରୋଜ କୁମାର ବେଉରା, ସାମାଜିକ କର୍ମୀ ସମୀର କୁମାର ସାମନ୍ତରାୟ, ଦିଲ୍ଲୀପ ପଙ୍ଗାରୀ, ବାପି ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଲକ୍ଷ୍ମୀପୂଜା କମିଟି ସଭାପତି କୃପାସିନ୍ଧୁ ମଲ୍ଲିକ ସ୍ୱାଗତ ଭାଷଣ ଓ ସମ୍ପାଦକ ଝରି ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ମାନସ ମୁଦୁଲିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ପରିଚାଳନାରେ କମିଟି ସଦସ୍ୟ ଶରତ ରାଉତ, ବିରଞ୍ଚି ମଲ୍ଲିକ, ପ୍ରମୋଦ ଦଳବେହେରା, ନଟବର ରାଉତ ପ୍ରମୁଖ ସହଯୋଗ କରିଥିଲେ।


ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ ।

## ଦକ୍ଷିଣ ଚଣ୍ଡୀମନ୍ଦିରରେ ବିଶ୍ୱଶାନ୍ତି ମହାଯଜ୍ଞ ଶୁଭାରମ୍ଭ

ଆଠଗଡ,୯।୨(ସତ୍ୟପ୍ରସାଦ ରଥ)

ଆଠଗଡ଼ ଏନ୍‌ଏସି ଅନ୍ତର୍ଗତ କନ୍ତୋଲସ୍ଥିତ ଆଠଗଡ଼ ରାଜବଂଶ ଦେବୀ ମା'ଦକ୍ଷୀଣ ଚଣ୍ଡୀଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ନିମନ୍ତେ କଳସଯାତ୍ରା ଅନୁଷ୍ଠିତ ହୋଯାଇଛି। ଏଥିରେ ପ୍ରାୟ ୨୦୦ ମହିଳା ଯୋଗ ଦେଇଥିଲେ। ଏହି ଅବସରରେ ସ୍ଥାନୀୟ ସାପୁଆ ନଦୀର ଜଳକୁ କଳସରେ ଆଣି ଗ୍ରାମ ପରିକ୍ରମା କରି ଚଣ୍ଡୀ ମନ୍ଦିର ଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇଥିଲା। ଏଥିରେ କର୍ତ୍ତାଭାବେ ମନୋଜ ନାୟକ ଯୋଗଦେଇଥିଲେ। ରାଜପୁରୋହିତ ସୁଶାନ୍ତ ମିଶ୍ରଙ୍କ ତତ୍ତ୍ୱାବଧାନରେ ସକାଳ ଧୂପ ଓ ସନ୍ଧ୍ୟା ଆଳତି ଆଦି କରାଯାଇଥିଲା। ସେବକ ମହେଶ୍ୱର ମହାପାତ୍ର, ହୃଷିକେଶ ମହାପାତ୍ର, ଶିବରାମ ବେହେରାଙ୍କ ସମେତ ମନ୍ଦିର ପରିଚାଳନା କମିଟି ସଭ୍ୟ ଓ ଗ୍ରାମ ମୁରବୀମାନେ ଏହାକୁ ପରିଚାଳନା କରିଥିଲେ।

# ସମାଜ, ପରିବାର ପ୍ରତି ଆଦର୍ଶ ନାରୀର କର୍ତ୍ତବ୍ୟକୁ ଗୁରୁତ୍ୱାରୋପ

## ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୭ତମ ଜୟନ୍ତୀ

ଆଠଗଡ଼,୯।୨(ସତ୍ୟ ପ୍ରସାଦ ରଥ)

ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୭ତମ ଜୟନ୍ତୀ ଓ ଆଠଗଡ଼ ସତସଙ୍ଗ କେନ୍ଦ୍ରର ୧୫ତମ ବାର୍ଷିକ ସତ୍‌ସଙ୍ଗ ସ୍ଥାନୀୟ ମିନି ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ଏନେଇ ପ୍ରତ୍ୟୁଷରୁ ଉଷା କୀର୍ତ୍ତନ, ସକାଳ ପ୍ରାର୍ଥନା, ବାଣୀ ପାଠ ଇତ୍ୟାଦି ସତ୍‌ସଙ୍ଗ କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଥିଲା। ଅପରାହ୍ନର ପ୍ରାୟ ୧ଟାରେ ସୁପ୍ରଭା ଦାସଙ୍କ ପୌରୋହିତ୍ୟରେ ମାତୃ ସମ୍ମିଳନୀ ଆୟୋଜନ କରାଯାଇଥିଲା। ହିଲ୍ଲୋଳିନି ଗୋଚ୍ଛାୟତ, ସୁଷମା ନାୟକ, ଜବମିତ୍ରା ବେହେରା ଓ ସବିତା ସାହୁ ପ୍ରମୁଖ ଠାକୁରଙ୍କ ଭଜନ କୀର୍ତ୍ତନ ସହ ବାଣୀ ପାଠ କରିଥିଲେ। ଏହି ଅବସରରେ ପରିବାର ଓ ସମାଜ ପ୍ରତି ଆଦର୍ଶନାରୀର କର୍ତ୍ତବ୍ୟ ଉପରେ ଆଲୋଚନା ହୋଇଥିଲା। ଏହାପରେ ଠାକୁରଙ୍କୁ ଏକ ସୁସଜ୍ଜିତ ରଥରେ ଆଠଗଡ ସହର ପରିକ୍ରମା କରାଯାଇଥିଲା। ସନ୍ଧ୍ୟାରେ ସ୍ଥାନୀୟ ମିନି ଷ୍ଟାଡିୟମ୍‌ରେ ସଂଗୀତାଞ୍ଜଳି ପରେ ରିତ୍ୱିକ ପାରେଶ୍ୱର ଜେନାଙ୍କ ପରିଚାଳନାରେ ସତ୍‌ସଙ୍ଗ ଓ ନାମ ସଙ୍କୀର୍ତ୍ତନ ଅନୁଷ୍ଠିତ ହେଇଥିଲା। ଏହି ଧର୍ମ ସଭାରେ ଭଜନ କୀର୍ତ୍ତନ ଆଦି କରାଯାଇଥିଲା। ବାଲେଶ୍ୱରର ଖଇରାରୁ ଆସିଥିବା ଧର୍ମ ଯାଜକ ବିଷ୍ଣୁ ମୋହନ ଉପାଧ୍ୟାୟ ଶ୍ରୀଶ୍ରୀ ଠାକୁରଙ୍କ ବାଣୀ ଉପରେ ଆଲୋକପାତ କରିଥିଲେ। ସଭା ଶେଷରେ ସମସ୍ତ ଭକ୍ତ ଅନୁରାଗୀଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଏହାକୁ ରିତ୍ୱିକ୍ ପ୍ରଫୁଲ୍ଲ କୁମାର ମହାପାତ୍ର, ଲକ୍ଷ୍ମୀଧର ନାୟକ, ଭାସ୍କର ମିଶ୍ର, ନିର୍ମଳ ରଞ୍ଜନ ଦାସ ପ୍ରମୁଖ ପରିଚାଳନା କରିଥିଲେ।

# ଫୁଟବଲ ଟୁର୍ଣ୍ଣାମେଣ୍ଟ: ସ୍ୱର୍ଣ୍ଣଦେବୀ କ୍ଲବ୍ ଚାମ୍ପିୟନ


କାର୍ଯ୍ୟକ୍ରମରେ ଚାମ୍ପିୟନ ଟିମ୍‌ର ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି।

ଫୁଲନଖରା,୯।୨ (ସତ୍ୟରଞ୍ଜନ ଦାସମହାପାତ୍ର):

କଟକ ସଦର ଥାନା ଅନ୍ତର୍ଗତ ଉରାଳିଠାରେ ଚାଲିଥିବା ଦୁଇଦିନିଆ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଗଣ୍ଡରପୁରସ୍ଥିତ ୟୁନାଇଟେଡ୍ କ୍ଲବ୍ ଏବଂ ମରିଚିଆର ୟୁଥ୍ କ୍ଲବ୍ ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ୟୁଥ୍ କ୍ଲବ୍‌କୁ ହରାଇ ୟୁନାଇଟେଡ୍ କ୍ଲବ୍ ଫାଇନାଲକୁ ଉନ୍ନୀତ ହୋଇଥିଲା। ସେହିପରି ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ବଉଳକୁଦସ୍ଥିତ ସ୍ୱର୍ଣ୍ଣଦେବୀ କ୍ଲବ ଓ ପ୍ରତାପ ନଗରୀସ୍ଥିତ ପ୍ରତାପ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ୱର୍ଣ୍ଣଦେବୀ କ୍ଲବ୍ ବିଜୟୀ ହୋଇ ଫାଇନାଲକୁ ଯାଇଥିଲା। ଫାଇନାଲ ମ୍ୟାଚ୍‌ରେ ୟୁନାଇଟେଡ୍ କ୍ଲବ୍‌କୁ ୨-୧ ଗୋଲ୍‌ରେ ହରାଇ ସ୍ୱର୍ଣ୍ଣଦେବୀ କ୍ଲବ୍ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ମନୋଜ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ରଘୁପତି ବିଲ୍ଡର୍ସର ଏମ୍‌ଡି ପ୍ରଭାସ ନନ୍ଦ, ମହାବୀର ମୋଟର୍ସର ଏମ୍‌ଡି ଉମାକାନ୍ତ ସାହୁ, ମୁଖ୍ୟବକ୍ତା ଭାବେ ଓଡ଼ିଶା ପୋଲିସ ଟିମ୍‌ର ପୂର୍ବତନ କୋଚ୍ ଭୀମସେନ ମହାଲିଙ୍ଗ ଯୋଗଦେଇଥିଲେ। ଏହି ଅବସରରେ ଚାମ୍ପିୟନ ଟିମ୍‌ର ଖେଳାଳିଙ୍କୁ ପୁରସ୍କୃତ କରାଯାଇଥିଲା। ଉରାଳି ଫୁଟ୍‌ବଲ ଟିମ୍‌ର ସଭାପତି ବିଭୂତି ଭୂଷଣ ମହାନ୍ତି, ସମ୍ପାଦକ ବିଶ୍ୱବିହାରୀ ଜେନାଙ୍କ ସମେତ ଆସୋସିଏଶନର କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କ୍ରିକେଟ୍, ଗୋପବନ୍ଧୁ ଟିମ୍ ଚାମ୍ପିୟନ

ଚୌଦ୍ୱାର,୯।୨(ଆଶୁତୋଷ ଦାସ):

ଚୌଦ୍ୱାର ପୌରପାଳିକା ଅଧୀନ ୧୭ ନମ୍ବର ୱାର୍ଡରେ ନୂଆସାହି କ୍ରିକେଟ କପ୍ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସ୍ଥାନୀୟ ଅଞ୍ଚଳର ୮ଟି ଟିମ୍ ଭାଗନେଇଥିଲେ। ପାଇକେରାପୁର ଟିମ୍ ଏବଂ ଓଟିଏମ୍ ଗୋପବନ୍ଧୁ କ୍ରିକେଟ ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ଏଥିରେ ଗୋପବନ୍ଧୁ ଟିମ୍ ଚାମ୍ପିୟନ ହୋଇଥିଲା। ଅମ୍ପାୟର ତ୍ରିନାଥ ଦାସ ଓ ଜ୍ଞାନରଞ୍ଜନ ବଳ ମ୍ୟାଚ୍ ପରିଚାଳନା କରିଥିଲେ। ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, କାଉନସିଲର ସୁବ୍ରତ ସାମଲ, ବିଜୟ ସାହୁ, ଚୌଦ୍ୱାର ନଗର ବିଜେଡି କାର୍ଯ୍ୟକାରୀ ସଭାପତି ବିମଳ କୁମାର ବେଉରା, ଭାସ୍କର ଚନ୍ଦ୍ର ପ୍ରଧାନ, ସୁବାସ ବାରିକ ପ୍ରମୁଖ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ କାଉନସିଲର ବିଷ୍ଣୁଚରଣ ପରିଡା, ଗିରିଧାରୀ ଦଳେଇ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ନୂଆସାହି ହଣ୍ଟର ଟିମ୍‌ର ଅକ୍ଷୟ ନାୟକ, ଶଶାଙ୍କ ଶେଖର ଦାସ, ଦୁଃଶାସନ ସାହୁ, ଅମିତ ଗୋଚ୍ଛାୟତ, ଅମୂଲ୍ୟ ବେହେରା ପ୍ରମୁଖ କ୍ରୀଡ଼ା ପରିଚାଳନା କରିଥିଲେ।

# ଓଡ଼ିଶା ରାଜନୀତି ବିଜ୍ଞାନ ସଂଘର ପ୍ରଦେଶ ସମ୍ମିଳନୀ


ସମ୍ମିଳନୀରେ ଉପସସ୍ଥିତ ଅତିଥିମାନେ ।

ବାରଙ୍ଗ,୯।୨(ଲିଙ୍ଗରାଜ ରାଉତ)

ପଟିଆ ରାଜା ମଧୁସୂଦନ ଦେବ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ୨ ଦିନ ଧରି ଚାଲିଥିବା ଓଡ଼ିଶା ରାଜନୀତି ବିଜ୍ଞାନ ସଂଘର ୩୦ତମ ପ୍ରଦେଶ ସମ୍ମିଳନୀ ଓ ରାଷ୍ଟ୍ରୀୟ କର୍ମଶାଳା ରବିବାର ଉଦ୍‌ଯାପିତ ହୋଇଯାଇଛି। ପଟିଆ କଲେଜ ଅଧ୍ୟକ୍ଷ ତଥା ଆବାହକ ପ୍ରଶାନ୍ତ ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସମ୍ମିଳନୀକୁ ବାଚସ୍ପତି ସୁରମା ପାଢ଼ୀ ଉଦ୍‌ଘାଟନ କରିଥିଲେ। ସମ୍ମିଳନୀରେ ଶତାଧିକ ରାଜନୀତି ବିଜ୍ଞାନୀ ଓ ଗବେଷକ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଦିନ ବ୍ୟାପୀ ଚାଲିଥିବା ଏହି କର୍ମଶାଳାରେ ନିର୍ବାଚନୀ ରାଜନୀତି, ଶାସନ ଓ ଓଡ଼ିଶା ରାଜନୀତି, ବୈଷୟିକ ପରିବେଶ ଓ ଆନ୍ତର୍ଜାତିକ ରାଜନୀତି ଉପରେ ଆଲୋଚନା ହୋଇଥିଲା। ଯେଉଁଥିରେ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ, ପ୍ରକାଶ ଷଡ଼ଙ୍ଗୀ, ଜୟକୃଷ୍ଣ ବରାଳ, ଯୁଗଳ ମିଶ୍ର, ସୂର୍ଯ୍ୟନାରାୟଣ ମିଶ୍ର, ବ୍ରହ୍ମାନନ୍ଦ ଶତପଥୀ, ବିଷ୍ଣୁ ଚୌଧୁରୀ, ଜୟନ୍ତ ମହାପାତ୍ର, ସ୍ମିତା ନାୟକ, ରବି ଶତପଥୀ, ଅମିୟ ପରିଜା, ସମ୍ପାଦକ ସଞ୍ଜୀବ ବର୍ମା, କାର୍ଯ୍ୟକାରୀ ସଭାପତି ପ୍ରଦୀପ ମିଶ୍ର ପ୍ରମୁଖ ଅତିଥି ଭାବେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ଉଲ୍ଲଂଘନ ଅଭିଯୋଗ

- ଗଣଶିକ୍ଷା ବିଭାଗର ନିର୍ଦ୍ଦେଶକଙ୍କ ବିରୋଧରେ ମାମଲା
- ବିଇଡି ହାରରେ ମିଳୁନାହିଁ ଦରମା

ବାଙ୍କୀ,୯।୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର):

ଉଚଚ ନ୍ୟାୟାଳୟଙ୍କ ଆଦେଶକୁ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶକ ଉଲ୍ଲଂଘନ କରୁଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେବି ଅବସରପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ଦୀକ୍ଷିତଙ୍କୁ ବିଇଡି ନିୟମ ଅନୁସାରେ ପେନସନ୍ ମିଳୁ ନ ଥିବା ଅଭିଯୋଗ ହୋଇଛି।

ଅଭିଯୋଗ ଅନୁଯାୟୀ, ଅବସରପ୍ରାପ୍ତ ଶିକ୍ଷକ ଦୀକ୍ଷିତ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ୧୯୯୬ ଓ ୨୦୦୮ପତ୍ର ଅନୁଯାୟୀ ବାଙ୍କୀ ବ୍ଲକ ସ୍କୁଲ ସବ୍‌ଇନ୍ସପେକ୍ଟର ପଦବୀରୁ ୨୦୦୭ରେ ଚାକିରିରୁ ଅବସର ନେଇଥିଲେ। ସେ ବିଇଡି ହାରରେ ପେନସନ୍ ପାଇବାକୁ ହକ୍‌ଦାର। ଏହି ହାରରେ ଅନ୍ୟ କେତେଜଣ ଅବସରପ୍ରାପ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ପେନସନ୍ ଗଣ ଶିକ୍ଷା ବିଭାଗର ନିର୍ଦ୍ଦେଶକ ପକ୍ଷରୁ ୧୯୯୬ରେ ଓ ୨୦୦୮ରୁ ୨୦୧୦ ମଧ୍ୟରେ ଦିଆଯାଇଛି। ମାତ୍ର ଦୀକ୍ଷିତଙ୍କ କ୍ଷେତ୍ରରେ ଅଣଦେଖା କରାଯାଇଛି। ଏପରିକି ଗଣଶିକ୍ଷା ବିଭାଗର ନିର୍ଦ୍ଦେଶକ ୨୦୧୨ରେ ଭୁଲ ତଥ୍ୟ ଦେଇ ତାଙ୍କ ଦାବିକୁ ଖାରଜ କରିଦେଇଥିଲେ। ସେଥିପାଇଁ ଦିକ୍ଷୀତ ହାଇକୋର୍ଟରେ (ସି) (ଓସି) ନଂ.୪୦୭୬/୨୦୧୩ରେ ଏକ ରିଟ୍ ପିଟିଶନ ଦାଖଲ କରିଥିଲେ। ହାଇକୋର୍ଟରେ ବିଚାରପତି ଏହି ମାମଲାର ଶୁଣାଣି କରି ୧୯।୪।୨୦୨୨ରେ ଦୀକ୍ଷିତଙ୍କୁ ଉପରୋକ୍ତ ପତ୍ର ଅନୁଯାୟୀ ଦରମା ପାଇବାକୁ ଯୋଗ୍ୟ ବିବେଚନା କରି ଗଣଶିକ୍ଷାବିଭାଗର ନିର୍ଦ୍ଦେଶକଙ୍କୁ ୩ ମାସ ଭିତରେ ତାଙ୍କର ଦାବିକୁ ଯଥାବିଧି ବିଚାର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଇତିମଧ୍ୟରେ ଅଢ଼େଇ ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶକ ଉଚ୍ଚନ୍ୟାୟାଳୟଙ୍କ ଆଦେଶକୁ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ କରିନାହାନ୍ତି। ଦୀକ୍ଷିତ ଏଥିରେ ହତାଶ ହୋଇ କୋର୍ଟ ଅବମାନନା କେସ୍ (ନଂ.୫୩୪୫/୨୪) ଦାଖଲ କରିଛନ୍ତି। ଏ ସମ୍ପର୍କରେ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କ ମତାମତ ମିଳିପାରି ନାହିଁ।


## ଜାତୀୟ ରାଜଧାନୀ କ୍ଷେତ୍ର ଯୋଜନା ପରିଷଦ

(ଆବାସ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧୀନରେ ଏକ ବୈଧାନିକ ନିକାୟ)

୧ମ ମହଲା, କୋର୍-୪ବି, ଇଣ୍ଡିଆ ହାବିଟାଟ୍ ସେଣ୍ଟର, ଲୋଧି ରୋଡ୍, ନୂଆଦିଲ୍ଲୀ – ୧୧୦୦୦୩

ଫାଇଲ୍ ନଂ. ୯୧୮୮୯୫୧

ଜାତୀୟ ରାଜଧାନୀ କ୍ଷେତ୍ର ଯୋଜନା ପରିଷଦରେ ନିମ୍ନଲିଖିତ ପଦବୀ ନିମନ୍ତେ ନିମ୍ନପ୍ରଦତ୍ତ ବିବରଣୀ ଅନୁଯାୟୀ ଇଚ୍ଛୁକ ଏବଂ ଯୋଗ୍ୟ ପ୍ରାର୍ଥୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି:-

| ପଦବୀର ନାମ | ନିଯୁକ୍ତିର ପଦ୍ଧତି | ବେତନ ହାର |
|---|---|---|
| ଷ୍ଟେନୋଗ୍ରାଫର୍ ଗ୍ରେଡ୍ ସି | ପ୍ରତ୍ୟକ୍ଷ ନିଯୁକ୍ତି ଦ୍ୱାରା | ସ୍ତର-୭ (₹୪୪,୯୦୦-୧,୪୨,୪୦୦) ପେ' ମାଟ୍ରିକ୍ସରେ । |
| ଷ୍ଟେନୋଗ୍ରାଫର୍ ଗ୍ରେଡ୍ ଡି | ପ୍ରତ୍ୟକ୍ଷ ନିଯୁକ୍ତି ଦ୍ୱାରା | ସ୍ତର-୪ (₹୨୫,୫୦୦-୮୧,୧୦୦) ପେ' ମାଟ୍ରିକ୍ସରେ । |
| ମଲ୍ଟି-ଟାସ୍କିଂ ଷ୍ଟାଫ୍ (ଏମ୍‌ଟିଏସ୍) | ପ୍ରତ୍ୟକ୍ଷ ନିଯୁକ୍ତି ଦ୍ୱାରା | ସ୍ତର-୧ (₹୧୮,୦୦୦-୫୬,୯୦୦) ପେ' ମାଟ୍ରିକ୍ସରେ । |

ସବୁ ଦୃଷ୍ଟିରୁ ବିଧିବଦ୍ଧ ଭାବେ ସମ୍ପୂର୍ଣ୍ଣ ଏବଂ ପ୍ରାର୍ଥୀଙ୍କ ଦ୍ୱାରା ସ୍ୱାକ୍ଷରିତ ନିର୍ଦ୍ଧାରିତ ଫର୍ମାଟ୍‌ରେ ଦରଖାସ୍ତ ସହିତ କାଗଜପତ୍ର ଇତ୍ୟାଦିର ସେଲ୍ଫ-ଆଟେଷ୍ଟେଡ୍ ପ୍ରତିଲିପି ସମେତ ଦରଖାସ୍ତ ଦେୟ ବାବଦରେ ଏନ୍‌ସିଆର୍ ଯୋଜନା ପରିଷଦ ସପକ୍ଷରେ ନୂଆଦିଲ୍ଲୀଠାରେ ପୈଠଯୋଗ୍ୟ ₹୧୦୦ର ଆଇପିଓ/ଡିମାଣ୍ଡ ଡ୍ରାଫ୍ଟ (ଅଣ-ଫେରସ୍ତଯୋଗ୍ୟ) ସଭ୍ୟ ସଚିବ, ଏନ୍‌ସିଆର୍ ଯୋଜନା ପରିଷଦ, ୧ମ ମହଲା, କୋର୍-୪ବି, ଇଣ୍ଡିଆ ହାବିଟାଟ୍ ସେଣ୍ଟର, ଲୋଧି ରୋଡ୍, ନୂଆଦିଲ୍ଲୀ-୧୧୦୦୦୩ଙ୍କ ନିକଟରେ ପହଞ୍ଚିବା ଆବଶ୍ୟକ । ଦରଖାସ୍ତ ଦେୟ ଅନ୍‌ଲାଇନ୍‌ରେ ମଧ୍ୟ ପୈଠ କରାଯାଇପାରିବ ।

ପଦବୀଗୁଡ଼ିକର ସଂଖ୍ୟା, ଯୋଗ୍ୟତା ମାନଦଣ୍ଡ, ଶିକ୍ଷାଗତ ଯୋଗ୍ୟତା, ସଂରକ୍ଷଣ, ବୟସ, ଦରଖାସ୍ତ ଫର୍ମର ଫର୍ମାଟ୍, ଅନ୍‌ଲାଇନ୍ ଦେୟ ପରିଶୋଧର ବିବରଣୀ ଏବଂ ଦରଖାସ୍ତ ପ୍ରାପ୍ତିର ଶେଷ ତାରିଖ ଆଦି ବିବରଣୀ ଆମର ୱେବ୍‌ସାଇଟ୍ https://ncrpb.nic.inରେ ଉପଲବ୍ଧ ।

କୌଣସି କାରଣ ନ ଦର୍ଶାଇ ଉପରୋକ୍ତ ପଦବୀଗୁଡ଼ିକୁ ପୂରଣ ନ କରିବାର ଅଧିକାର ପରିଷଦ ନିକଟରେ ସଂରକ୍ଷିତ ।

CBC 44103/12/0010/2425 ସ୍ୱା./- (ସଭ୍ୟ ସଚିବ)

**ସଂକ୍ଷେପରେ**

## ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

କଳାପଥର,୯।୨(ଗଙ୍ଗାଧର ସାହୁ)

ଧଳାପଥର ଗ୍ରାମର ଆରାଧ ବାବା ଧବେଳଶ୍ୱରଙ୍କ ପୀଠରେ ୧୭ତମ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଏହି ଯଜ୍ଞ ଗତ ୫ତାରିଖରୁ ଆରମ୍ଭ ହୋଇଥିବା ବେଳେ ଅଙ୍କୁରାରୋପଣ, କଳସ ଯାତ୍ରା, ମଣ୍ଡଳ କରଣ, ଅଗ୍ନି ସ୍ଥାପନ, ବ୍ରାହ୍ମଣ କରଣ, ଆହୁତି ପ୍ରଦାନ, ସୂର୍ଯ୍ୟପୂଜା, ଗୋପୂଜା, ଠାକୁରଙ୍କ ମହୋତ୍ସବ ପୂଜା, ଚଣ୍ଡୀ ପାଠ ହୋଇଥିଲା। ପ୍ରତ୍ୟେହ ସନ୍ଧ୍ୟାରେ ଓଁ ଶାନ୍ତି ସତସଙ୍ଗ, ହନୁମାନ ଚାଳିଶା ଏବଂ ଭଜନ ପରିବେଷଣ କରାଯାଇଥିଲା। ଅନ୍ତିମ ଦିବସରେ ପୂର୍ଣ୍ଣାହୁତି ଏବଂ କଳସ ବିସର୍ଜନ କାର୍ଯ୍ୟକ୍ରମରେ ବିଧାୟକ ପ୍ରଦୀପ ସାହୁ ଏବଂ ସାମାଜିକ କର୍ମୀ ମାନସ ବେହେରା ଯୋଗଦେଇଥିଲେ। ଯଜ୍ଞରେ କର୍ତ୍ତାଭାବେ ରବୀନ୍ଦ୍ର ଚୌଧୁରୀ ଏବଂ ତାଙ୍କ ସ୍ତ୍ରୀ କମଳା ଚୌଧୁରୀ ଦାୟିତ୍ୱ ତୁଲାଇଥିଲେ। ୫ଜଣ ବୈଦିକ ବ୍ରାହ୍ମଣ ଯଜ୍ଞ କାର୍ଯ୍ୟ ପରିଚାଳନା କରିଥିଲେ। ପ୍ରଶାନ୍ତ ମହାରଣା, ଦିଲୀପ ସାମନ୍ତରାୟ, ରମେଶ ଚନ୍ଦ୍ର ସାହୁ, ଜଗଦୀଶ ପ୍ରସାଦ ସାହୁ, ସରୋଜ ସାହୁ, ସୋମନାଥ ସାହୁ, ସ୍ଥାନୀୟ ସରପଞ୍ଚ ନାରାୟଣ ସାହୁ, ସମିତିସଭ୍ୟ ବିଜୟ ସୁବୁଦ୍ଧି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶ୍ରୀଜଗନ୍ନାଥ ମହୋତ୍ସବ ଉଦ୍‌ଯାପିତ

ବାଣପୁର,୯।୨(ଦିଲୀପ କୁମାର ସ୍ୱାଇଁ)


ଶ୍ରୀଜଗନ୍ନାଥ ମହୋତ୍ସବ ଉଦ୍‌ଯାପନୀ ଦିବସରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଚିଲିକା ବ୍ଲକର ନଇରୀ ଗଙ୍ଗାଯମୁନା ଘାଟ ଅନତିଦୂର ଚିଲିକା ଜଳ ପରିବେଷ୍ଟିତ ଲୀଳାକ୍ଷେତ୍ର କାଙ୍କଣଶିଖରୀ ପୀଠରେ ୭ମ ଶ୍ରୀଜଗନ୍ନାଥ ମହୋତ୍ସବ ଉଦ୍‌ଯାପିତ ହେବା ସହ ବିଶ୍ୱଶାନ୍ତି ଯଜ୍ଞର ପୂର୍ଣ୍ଣାହୁତି ରବିବାର ହୋଇଯାଇଛି। ଅତିଥିଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ଯଜ୍ଞାହୁତି ପ୍ରଦାନ ସହ ଶ୍ରୀଜଗନ୍ନାଥ ଚତୁର୍ଦ୍ଧା ମୂର୍ତ୍ତିଙ୍କ ୨୪ବେଶ ସ୍ଥାୟୀ ସ୍ଥାପନା ପାଇଁ ଉଦ୍ଦିଷ୍ଟ ଗୃହକର୍ମ ଶିଳାନ୍ୟାସ କରିଥିଲେ। ଏହି ଅବସରରେ କାଙ୍କଣଶିଖରୀ ପୀଠର ସଭାପତି ଡ. ସୁଶାନ୍ତ କୁମାର ସାହଙ୍କ ଅଧ୍ୟକ୍ଷତା ଏବଂ ସମ୍ପାଦକ ପ୍ରଦୋଷ କୁମାର ଦାସଙ୍କ ସଞ୍ଚାଳନରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ କଳିଙ୍ଗ ହସ୍ପିଟାଲର ମୁଖ୍ୟ ଡ. ଶିତିକଣ୍ଠ ଦାଶ ଯୋଗଦେଇଥିଲେ। ବକ୍ତାଭାବେ ରାଧାବଲ୍ଲଭ ମଠର ମହନ୍ତ ରାମକୃଷ୍ଣ ଦାସ ମହାପାତ୍ର, ନାଇଜର କୁଳସଚିବ ଡ. ଅଭୟ କୁମାର ନାୟକ, ତାମିଲନାଡୁ ବେଦ ବିଶ୍ୱବିଦ୍ୟାଳୟର କୁଳପତି ଡ. ହରିହର କାନୁନ୍‌ଗୋ, ଆନ୍ତର୍ଜାତିକ ଶ୍ରୀଜଗନ୍ନାଥ ପ୍ରତିଷ୍ଠାନର ସଭାପତି ଦିଲୀପ କୁମାର ପଟ୍ଟନାୟକ, ଚିଲିକା ବ୍ଲକର ପୂର୍ବତନ ଅଧ୍ୟକ୍ଷ ଲଳିତ ମୋହନ ପଟ୍ଟନାୟକ, ଶ୍ରୀଜଗନ୍ନାଥ ଗବେଷକ ପ୍ରଦୀପ୍ତ କୁମାର ସାହୁ, ବାଗ୍ମୀ ବାଳମୁକୁନ୍ଦ ଦାସ, ଅକ୍ଷୟ ନାୟକ, ତପନ ବେହେରା, ଚିଲିକା ବ୍ଲକ ଅଧ୍ୟକ୍ଷା ଜ୍ୟୋତ୍ସ୍ନା ବେହେରା, ଉପାଧ୍ୟକ୍ଷ ଅରୁଣ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ଶ୍ରୀଜଗନ୍ନାଥ କଥା ଲହରିର ସଭ୍ୟ ସ୍ଥପତି ଅରବିନ୍ଦ ପ୍ରସାଦ ଦାସ ଗୀତଗୋବିନ୍ଦ ପରିବେଷଣ କରିଥିଲେ। ଲୀଳା ମଣ୍ଡପରେ ଶ୍ରୀଜଗନ୍ନାଥ ଚତୁର୍ଦ୍ଧା ମୂର୍ତ୍ତିଙ୍କ ନିକଟରେ ପୁଷ୍ପମାଲ୍ୟ ଅର୍ପଣ କରି ପ୍ରଦୀପ ପ୍ରଜ୍ୱଳନ ପରେ ଯଜ୍ଞ ମୁଖ୍ୟ ପୁରୋହିତ ସୂର୍ଯ୍ୟ ନାରାୟଣ ଦାଶ ଓ ମୁଖ୍ୟ ସେବାୟତ ହାଡୁବନ୍ଧୁ ପଟ୍ଟନାୟକ ସମସ୍ତ ଅତିଥିଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ। କାଙ୍କଣଶିଖରୀ ପୀଠ ପକ୍ଷରୁ ଡ. ଅଭୟ କୁମାର ନାୟକଙ୍କୁ ଶ୍ରୀଜଗନ୍ନାଥ ସମ୍ମାନ ଏବଂ ଡ. ହରିହର କାନୁନ୍‌ଗୋଙ୍କୁ ଶ୍ରୀଦାରୁବ୍ରହ୍ମ ସମ୍ମାନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ଯଜ୍ଞ ପୁରୋହିତ ସୂର୍ଯ୍ୟ ନାରାୟଣ ଦାଶ, ମନୋଜ କୁମାର ଦାଶ, ରଞ୍ଜନ ସାମନ୍ତରାୟ, କୃପାସିନ୍ଧୁ ରଥ, ସାଗର ଆଚାର୍ଯ୍ୟଙ୍କ ସହିତ ଶ୍ରୀଜଗନ୍ନାଥ ବେଶ ରୂପକାର ସେବକ ଚିନ୍ତାମଣି ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚିଲିକା ବାଣପୁର ଅଞ୍ଚଳର ୩୦ ଶ୍ରୀଜଗନ୍ନାଥ ମନ୍ଦିରରୁ ଆସିଥିବା ଠାକୁରଙ୍କ ବିଜେ ଆଜ୍ଞାମାଳକୁ ପୀଠ ପକ୍ଷରୁ ଭେଟ ପୂଜାର୍ଚ୍ଚନା କରି ସଂକୀର୍ତ୍ତନ ସହ ଉପଢୌକନ ଦେଇ ମେଲାଣି ଦିଆଯାଇଥିଲା। ଚିନ୍ମୟ ଘଡ଼େଇ, ସ୍ମୃତି ରଞ୍ଜନ ସାହୁ, ପୂର୍ଣ୍ଣଚନ୍ଦ୍ର ବେହେରା, ସୁରଥ ସାହୁ, ପ୍ରଶାନ୍ତ ସାହୁ, ଅଜୟ ଖୁଣ୍ଟିଆ, ଡ. ଦେବେନ୍ଦ୍ର ଦାସ, ରୀତା ରାଣୀ ସାହୁଙ୍କ ସମେତ ନଇରୀ ଗ୍ରାମବାସୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଚିଲିକା ଆଳତି ସହିତ ଶ୍ରୀଜଗନ୍ନାଥ ମହୋତ୍ସବ ଉଦ୍‌ଯାପିତ ହୋଇଥିଲା।

## ଟାଏକୋଣ୍ଡୋ ଆସୋସିଏଶନ ପକ୍ଷରୁ କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧନା

ଜଟଣୀ,୯।୨(ରବିନ୍ଦ୍ରନାଥ ମହାକୁଡ଼)



ଖୋର୍ଦ୍ଧା ଜିଲା ଟାଏକୋଣ୍ଡୋ ଆସୋସିଏଶନ ପକ୍ଷରୁ ରବିବାର ଅନୁଷ୍ଠିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ କ୍ରୀଡ଼ାବିତ୍ ଏବଂ ଅନ୍ୟମାନେ।

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଖୋର୍ଦ୍ଧା ଜିଲା ଟାଏକୋଣ୍ଡୋ ଆସୋସିଏଶନ ପକ୍ଷରୁ କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଭଦ୍ରକ ଜିଲା ଚରମ୍ପାସ୍ଥିତ ମହାରାଜା ଉଗ୍ରସେନ ଭବନ ପରିସରରେ ଟାଏକୋଣ୍ଡୋ ଫେଡେରେଶନ ଅଫ୍ ଇଣ୍ଡିଆ ଦ୍ୱାରା ଆୟୋଜିତ ୨୧ତମ ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଖୋର୍ଦ୍ଧା ଜିଲା ଟାଏକୋଣ୍ଡୋ ଆସୋସିଏଶନ ପକ୍ଷରୁ ଜିଲା ସାଧାରଣ ସମ୍ପାଦକ ଅଶୋକ କୁମାର ସାହୁଙ୍କ ନେତୃତ୍ୱରେ ୩୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ୧୭ଜଣ ପ୍ରତିଯୋଗୀ କୃତିତ୍ୱ ହାସଲ କରିବା ସହିତ ସ୍ୱର୍ଣ୍ଣ, ରୌପ୍ୟ ଏବଂ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ମେଡାଲ ହାସଲ କରି ରାଜ୍ୟ ଏବଂ ନିଜ ଅଞ୍ଚଳର ଗୌରବ ବଢ଼ାଇଥିବାରୁ ଖୋର୍ଦ୍ଧା ଟାଏକୋଣ୍ଡୋ ଆସୋସିଏଶନ ପକ୍ଷରୁ କୃତୀ କ୍ରୀଡ଼ାବିତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ଐତିହାସିକ ସତ୍ୟବାଦୀ ବଳିୟାରସିଂ ଯୋଗଦେଇ ମତବ୍ୟକ୍ତ କରିବା ସହ କ୍ରୀଡ଼ାବିତ୍ ଏବଂ ସେମାନଙ୍କର ଅଭିଭାବକଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥିଭାବେ ଜାତୀୟ ଟାଏକୋଣ୍ଡୋ ରେଫରି ପ୍ରଭୁପାଦ ଖମାରି ଯୋଗଦେଇଥିଲେ। ଶେଷରେ କ୍ରୀଡ଼ାବିତ୍ ନିଜର କଳା କୌଶଳ ପ୍ରଦର୍ଶନ କରିଥିଲେ।

## ଦେଶ ନିର୍ମାଣର ଧାରକ ସାଜନ୍ତୁ ଛାତ୍ରୀଛାତ୍ର: ରାଜ୍ୟପାଳ

### ଭାର୍ଗବୀ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ

ପୁରୀ,୯।୨(ଅଜିତ୍ କୁମାର ମହାନ୍ତି)



କାର୍ଯ୍ୟକ୍ରମରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଏବଂ ଅନ୍ୟ ଅତିଥି।

ଛାତ୍ରୀଛାତ୍ରମାନେ ବଡ଼ ସ୍ୱପ୍ନ ଦେଖିବା ସହ ଏହାକୁ ସାକାର କରିବା ପାଇଁ ଅଧ୍ୟବସାୟ ଜାରି ରଖନ୍ତୁ। ଶିକ୍ଷା ପ୍ରଗତିଶୀଳ ସମାଜର ଭିତ୍ତିଭୂମି। ଛାତ୍ରୀଛାତ୍ରମାନେ ଦେଶ ନିର୍ମାଣର ଧାରକ ସାଜନ୍ତୁ ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି କହିଛନ୍ତି। ରବିବାର ପୂର୍ବାହ୍ନରେ ବୀରନରସିଂହପୁରସ୍ଥିତ ଭାର୍ଗବୀ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି କହିଥିଲେ, ବିଦ୍ୟାଳୟ ସମୟ ଛାତ୍ରୀଛାତ୍ରଙ୍କ ପାଇଁ ଶ୍ରେଷ୍ଠ ସମୟ। ଏହା ଏକ ସୁନ୍ଦର ଭବିଷ୍ୟତ ଗଢ଼ିବାର ସୁବର୍ଣ୍ଣ ସୁଯୋଗ। ଶିକ୍ଷା କେବଳ ପରୀକ୍ଷାରେ ଅଧିକ ନମ୍ବର ହାସଲ ପାଇଁ ନୁହେଁ, ବରଂ ଏହା ଜ୍ଞାନ ଆହରଣ, ଜିଜ୍ଞାସା ଓ ଅନୁସନ୍ଧିତ୍ସୁ ଭାବନା ବଢାଇ ଉତ୍ତମ, ଦାୟିତ୍ୱବାନ୍ ନାଗରିକ ହେବାକୁ ପ୍ରେରଣା ଦିଏ। ବର୍ତ୍ତମାନ ବିଶ୍ୱ ନୂତନ ସୁଯୋଗ, ସମ୍ଭାବନା ଓ ଆହ୍ୱାନକୁ ନେଇ ଦ୍ରୁତଗତିରେ ବଦଳୁଛି। ଏହି ପରିପ୍ରେକ୍ଷୀରେ ଯେଉଁମାନେ ଦୃଢ ପ୍ରତିଜ୍ଞ, ଜ୍ଞାନୀ ଓ ନବସୃଜନର ଅଧିକାରୀ ହେବେ ସେହିମାନେ ହିଁ ଏହି ପରିବର୍ତ୍ତନରେ ସଫଳ ହେବେ। ନୂତନ ଶିକ୍ଷାନୀତି ଆମ ଶିକ୍ଷା ବ୍ୟବସ୍ଥାକୁ ଅଧିକ ଅନ୍ତର୍ନିବେଶୀ, ସ୍ୱୟଂସମ୍ପୂର୍ଣ୍ଣ ଏବଂ ଦକ୍ଷତା ଅଭିମୁଖୀ କରିବା ହେଉଛି ମୁଖ୍ୟ ଉଦ୍ଦେଶ୍ୟ। ଦ୍ରୁତ ପରିବର୍ତ୍ତନଶୀଳ ଦୁନିଆରେ ଏହା ପିଲାଙ୍କୁ ବୈଷୟିକ ଭାବେ ସୁଦକ୍ଷ କରିବା ସହ ବୌଦ୍ଧିକ ବିକାଶ ଓ ଉନ୍ନତ ଚରିତ୍ର ନିର୍ମାଣରେ ସହାୟକ ହେବ। ଶିକ୍ଷକମାନେ ପିଲାଙ୍କୁ ଉପଯୁକ୍ତ ମାର୍ଗଦର୍ଶନ ସହ ପରିବର୍ତ୍ତନର ଧାରା ଓ ବୈଷୟିକ ଜ୍ଞାନ ପ୍ରଦାନରେ ସହଯୋଗ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଧାନସଭା ବାଚସ୍ପତି ସୁରମା ପାଢ଼ୀ, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ସତ୍ୟବାଦୀସ୍ଥିତ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ସବିତା ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ହୀରକ ଜୟନ୍ତୀ ସ୍ମରଣିକା 'ଭାର୍ଗବୀ ସୌରଭ'କୁ ରାଜ୍ୟପାଳ ଉନ୍ମୋଚନ କରିବା ସହ ପୁରାତନ ଛାତ୍ର ପଦ୍ମଶ୍ରୀ ଡା. ଅଶୋକ ମହାପାତ୍ର, ଶଲ୍ୟ ଚିକିତ୍ସକ ଡା. ବାଳକୃଷ୍ଣ କୁଅଁର, ଶିକ୍ଷାବିତ୍ ସୁରେଶ୍ୱର ମିଶ୍ର ଏବଂ ଦିବାକର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଶୈଳାଧିରାଜ ତନୟା ଶତପଥୀ ସମସ୍ତଙ୍କୁ ସ୍ୱାଗତ କରିବା ସହ ବିଦ୍ୟାଳୟ ସମ୍ପର୍କରେ ସୂଚନା ଦେଇଥିଲେ। ହୀରକ ଜୟନ୍ତୀ କମିଟିର ଅଧ୍ୟକ୍ଷ ପଦ୍ମଶ୍ରୀ ପ୍ରଫେସର ଡା. ଅଶୋକ ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିବା ସହ ଧନ୍ୟବାଦ ଦେଇଥିଲେ।

## ଓରିଏଣ୍ଟାଲ ଏଜେଣ୍ଟ ୱେଲ୍‌ଫେୟାର ଫୋରମ୍‌ର ବାର୍ଷିକ ବୈଠକ

ପୁରୀ,୯।୨(ଅଜିତ୍ କୁମାର ମହାନ୍ତି)

ଅଲ୍ ଇଣ୍ଡିଆ ଓରିଏଣ୍ଟାଲ ଏଜେଣ୍ଟ ୱେଲ୍‌ଫେୟାର ଫୋରମ୍‌ର ବାର୍ଷିକ ସାଧାରଣ ବୈଠକ ରବିବାର ଟାଉନ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଆସିଥିବା ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ। ବୀମା ଏଜେଣ୍ଟମାନଙ୍କୁ ପ୍ରଭାବିତ କରୁଥିବା ବୃତ୍ତିଗତ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଅତିଥିଭାବେ ଡେପୁଟି ଜେନେରାଲ୍ ମ୍ୟାନେଜର ଯଦୁନାଥ ସେଠୀ, ଆଞ୍ଚଳିକ ପରିଚାଳକ ମୀନାକ୍ଷୀ ବ୍ରହ୍ମା ଏବଂ ସହଦେବ ସାହୁ ଯୋଗଦେଇଥିଲେ। ବିଭିନ୍ନ ସମସ୍ୟା ଓ ଆହ୍ୱାନର ସମାଧାନ ପାଇଁ ବୀମା ଏଜେଣ୍ଟମାନଙ୍କ ପ୍ରତିବଦ୍ଧତା ବିଷୟରେ ଆଲୋଚନା କରିଥିଲେ। ଅନୁଷ୍ଠାନର ରାଷ୍ଟ୍ରୀୟ ସଭାପତି ଏମ୍.ଜାକିର ଖାନ୍ ଓ ସାଧାରଣ ସମ୍ପାଦକ ଅଭୟ ଗୁପ୍ତା ଉପସ୍ଥିତ ଥିଲେ। ବଂଶାନୁକ୍ରମିକ ଆୟର ପ୍ରସଙ୍ଗ, ଯେଉଁଠାରେ ଜଣେ ମୃତ ଏଜେଣ୍ଟଙ୍କ ଆୟ ଓ ବ୍ୟବସାୟ ଏଜେଣ୍ଟଙ୍କ ପରିବାରକୁ ସ୍ଥାନାନ୍ତରିତ ହେବା ପରିବର୍ତ୍ତେ ଅନ୍ୟ ଏଜେଣ୍ଟଙ୍କ ଦ୍ୱାରା ଅନ୍ୟାୟ ଭାବେ ଗ୍ରହଣ କରାଯାଇଥାଏ, ସେ ନେଇ ଆଲୋଚନା ହୋଇଥିଲା। ସଦସ୍ୟମାନେ ଆବଶ୍ୟକ ପଦକ୍ଷେପ ଉପରେ ବିଚାରବିମର୍ଶ କଲେ ଯେ, ଯୋଗ୍ୟ ଉତ୍ତରାଧିକାରୀମାନେ ଏହାର ଲାଭ ପାଇବେ, ଯାହାଦ୍ୱାରା ମୃତ ଏଜେଣ୍ଟମାନଙ୍କ ପରିବାର ପାଇଁ ଆର୍ଥିକ ସୁରକ୍ଷା ଦୃଷ୍ଟିରୁ ସୁରକ୍ଷିତ ରହିବ। ଅନ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ମଧ୍ୟରେ ସାମାଜିକ ସୁରକ୍ଷା, ଗ୍ରାଚ୍ୟୁଇଟି ଏବଂ ଟର୍ମ ଇନ୍‌ସ୍ୟୁରାନ୍ସ ଆଦି କ୍ଷେତ୍ରରେ ବୀମା ଏଜେଣ୍ଟଙ୍କ ପାଇଁ ବର୍ଦ୍ଧିତ ଆର୍ଥିକ ସୁରକ୍ଷା ତଥା କଲ୍ୟାଣମୂଳକ ପଦକ୍ଷେପ ବିଷୟରେ ଦର୍ଶାଯାଇଥିଲା। ଅନୁଷ୍ଠାନ ବୀମା ଏଜେଣ୍ଟଙ୍କ ଅଧିକାର ଓ ସୁରକ୍ଷା ପାଇଁ ଦାବି ଉପସ୍ଥାପନ କରିବାକୁ ତଥା ସେମାନଙ୍କ ଆର୍ଥିକ ସ୍ଥିରତା ଓ ବୃତ୍ତିଗତ ସମ୍ମାନ ନିଶ୍ଚିତ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା।

## ସାରସ୍ୱତ ସୃଷ୍ଟି ସମାଜକୁ ଦିଗ୍‌ଦର୍ଶନ ଦିଏ

### ତୃତୀୟ ଶ୍ରୀକ୍ଷେତ୍ର ସାହିତ୍ୟ ମହୋତ୍ସବ



ଅନୁଷ୍ଠାନର ମୁଖପତ୍ର 'ନାକଚଣା'କୁ ଅତିଥିମାନେ ଲୋକାର୍ପଣ କରୁଛନ୍ତି।

ପୁରୀ,୯।୨(ଅଜିତ୍ କୁମାର ମହାନ୍ତି)

ଓଡ଼ିଶା ସାହିତ୍ୟ ଏକାଡେମୀ ସହଭାଗିତାରେ ଶ୍ରୀକ୍ଷେତ୍ର ସାହିତ୍ୟ ମହୋତ୍ସବ କମିଟି ଆନୁକୂଲ୍ୟରେ ତୃତୀୟ ଶ୍ରୀକ୍ଷେତ୍ର ସାହିତ୍ୟ ମହୋତ୍ସବ ରବିବାର ଜିଲା ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ଭାଷା ସାହିତ୍ୟକୁ ଓଡ଼ିଶାର ଅବଦାନ ଯେପରି ଉଲ୍ଲେଖନୀୟ, ସେହିପରି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ଗରିମାମୟ କରିବାରେ ଶ୍ରୀକ୍ଷେତ୍ରର ସାରସ୍ୱତ ସାଧକ ସାଧିକାମାନଙ୍କ ଭୂମିକା ଅନନ୍ୟ। ଶ୍ରୀଜଗନ୍ନାଥଙ୍କୁ ନେଇ ସୃଷ୍ଟି ହୋଇଛି ବିପୁଳ ସାରସ୍ୱତ ଭଣ୍ଡାର। ସାରସ୍ୱତ ସୃଷ୍ଟି ସମାଜକୁ ଦିଗ୍‌ଦର୍ଶନ ଦେବା ସହିତ ସମାଜରେ ସଂସ୍କାର ଆଣି ପ୍ରଗତି ପଥରେ ଆଗେଇ ନିଏ ବୋଲି ଅତିଥିମାନେ କହିଥିଲେ। ଉଦ୍‌ଘାଟକ ଭାବେ ବଡ଼ଓଡ଼ିଆ ମଠ ତଥା ଅତିବଡ଼ୀ ସାଧନ ମଠର ମହନ୍ତ ଅଧିକାରୀ ବଂଶୀଧର ଦାସଗୋସ୍ୱାମୀ ଏବଂ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ମୁଖପତ୍ର 'ନାକଚଣା'କୁ ଅତିଥିମାନେ ଲୋକାର୍ପଣ କରିଥିଲେ। ଓଡ଼ିଆ ଭାଷା ସାହିତ୍ୟର ପ୍ରଚାର ପ୍ରସାର ଦିଗରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିବା ବିଶିଷ୍ଟ ସାହିତ୍ୟିକ ଡ. ଦାଶ ବେନ୍‌ହୁର, ଓଡ଼ିଶା ଲେଖିକା ସଂସଦ ସଭାପତି ଡ. ଶକୁନ୍ତଳା ବଳିୟାରସିଂ, ପ୍ରିୟପତ୍ର ସମ୍ପାଦକ ବିପିନ୍‌ବିହାରୀ ଦଳାଇ, ପୁସ୍ତକ ମେଳା କମିଟି କାର୍ଯ୍ୟକାରୀ ସଭାପତି ଅନାମ ଚନ୍ଦ୍ର ସାହୁ, ଶ୍ରୀକ୍ଷେତ୍ର ସାହିତ୍ୟ ସଂସଦ ସମ୍ପାଦକ ରବୀନ୍ଦ୍ରନାଥ ପଟ୍ଟନାୟକ ଏବଂ ଶ୍ରୀକ୍ଷେତ୍ର ଶିଶୁ ସାହିତ୍ୟ ସଂସଦ ସଭାପତି ପ୍ରାଣକୃଷ୍ଣ ମହାପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ମୁଖ୍ୟ ସଂଯୋଜକ ସଦାଶିବ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାପର୍ବ ଆରମ୍ଭରେ ଉପଦେଷ୍ଟା ଶିବସୁନ୍ଦର ମିଶ୍ର ମହୋତ୍ସବର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ଅଭ୍ୟର୍ଥନା ସମିତି ଅଧ୍ୟକ୍ଷା ବିଜୟଲକ୍ଷ୍ମୀ ସାହୁ ସ୍ୱାଗତ ଭାଷଣ ଓ ବିଜୟଲକ୍ଷ୍ମୀ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ଅଶୋକ କୁମାର ମିଶ୍ରଙ୍କ ସଭାପତିତ୍ୱରେ କବିତା ପାଠ ଅନୁଷ୍ଠିତ ହୋଇଥିଲା। ଆବାହକ ସୁରେଶ କୁମାର ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ଦେଇଥିଲେ। ସୁଶ୍ରୀ କ୍ରିଷ୍ଣା ମହାପାତ୍ର, ଅଧ୍ୟାପକ ଭାରତୀ ଭୂଷଣ ଦାସ, କୃଷ୍ଣଚନ୍ଦ୍ର ରଥ, ମଞ୍ଜୁଶ୍ରୀ ମିଶ୍ର ଓ ପ୍ରଲିପ୍ତା ଛୋଟରାୟ ପ୍ରମୁଖ ସହଯୋଗ କରିଥିଲେ। ମହୋତ୍ସବକୁ ଶ୍ରୀକ୍ଷେତ୍ର ଲେଖକ ସାମ୍ମୁଖ୍ୟ, ସୁଲେଖା ସାହିତ୍ୟ ସଂସ୍କୃତି ପରିଷଦ, ଶ୍ରୀକ୍ଷେତ୍ର ସାହିତ୍ୟ ସଂସଦ ଏବଂ ଅନୁରାଗ ସାହିତ୍ୟ ସଂଗୋଷ୍ଠୀ ମିଳିତ ଭାବେ ଆୟୋଜନ କରିଥିଲେ।

## ମାଟ୍ରିକ ପରୀକ୍ଷାରେ ଛାତ୍ରୀଛାତ୍ରଙ୍କ ସଫଳତା ପାଇଁ ଶୁଭ ମନାସିଲେ


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଅନ୍ୟମାନେ।

ବେଗୁନିଆ,୯।୨(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ସମସ୍ତ ମାଧ୍ୟମିକ ବିଦ୍ୟାଳୟର ଶତାଧିକ ଶିକ୍ଷକ, କର୍ମଚାରୀ ମିଳିତହୋଇ ଆସନ୍ତା ମାଟ୍ରିକ ପରୀକ୍ଷାରେ ପିଲାମାନେ କିଭଳି ସଫଳତାର ସହ କୃତକାର୍ଯ୍ୟ ହେବେ ସେଥିନିମନ୍ତେ ଗଡ଼ମାଣତୀରସ୍ଥିତ ମା'ରାମଚଣ୍ଡୀଙ୍କ ପୀଠରେ ପୂଜାର୍ଚ୍ଚନା କରିଥିଲେ। ଓଷ୍ଟା ବ୍ଲକ ସମ୍ପାଦକ ରତିକାନ୍ତ କହଲସିଂହଙ୍କ ଆବାହକତ୍ୱ ଏବଂ ସଭାପତି ଗଣେଶ୍ୱର ମିଶ୍ରଙ୍କ ସଭାପତିତ୍ୱରେ ଏକ ବୈଠକ ହୋଇଥିଲା। ଏଥିରେ ଶିକ୍ଷାବିତ୍ ବଳରାମ ରଣସିଂହ, ଉପେନ୍ଦ୍ର ଦାଶ, କୈଳାସ ଚନ୍ଦ୍ର ତ୍ରିପାଠୀ, ସଞ୍ଜୁକ୍ତା ପଟ୍ଟନାୟକ ପ୍ରମୁଖ ଯୋଗଦେଇ ମତାମତ ରଖିଥିଲେ। ଶେଷରେ ଓଷ୍ଟା ଉପସଭାପତି ଶ୍ରୀନିବାସ ମିଶ୍ର ଧନ୍ୟବାଦ ଦେଇଥିଲେ।

## 'କାନ୍ତକବିଙ୍କୁ ଇତିହାସରେ ଉପଯୁକ୍ତ ସ୍ଥାନ ଦିଆଯାଇନି'

ଖୋର୍ଦ୍ଧା,୯।୨(ପ୍ରଭାତ ପାଣିଗ୍ରାହୀ)



ଗୁରୁଜଙ୍ଗସ୍ଥିତ ଅଭିଳାଷ ବୃଦ୍ଧାଶ୍ରମର ୩ୟ ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥିମାନେ।

ବନ୍ଦେ ଉତ୍କଳ ଜନନୀର ସ୍ରଷ୍ଟା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କୁ ଇତିହାସରେ ଠିକ୍ ଭାବେ ସ୍ଥାନ ଦିଆଯାଇନାହିଁ। ତାଙ୍କ ପରିବାରର ୩ ପିଢ଼ି ଦେଶମାତୃକାର ସେବାରେ ନିଜକୁ ଉତ୍ସର୍ଗ କରିଥିଲେ। କାନ୍ତକବି ଶେଷ ସୋପାନରେ ରୋଗ ଯନ୍ତ୍ରଣାରେ ଛଟପଟ ହେଉଥିବା ସତ୍ତ୍ୱେ ଏହି କାଳଜୟୀ କବିତା ଲେଖିଥିଲେ। ୧୯୧୨ ମସିହାରେ ବାଲେଶ୍ୱର ଉତ୍କଳ ସମ୍ମିଳନୀ ଅଧିବେଶନରେ ଏହି କବିତା ପ୍ରଥମେ ଆବୃତ୍ତି ହୋଇଥିଲା। ଏହା ପରେ ୨୪ବର୍ଷ ଏହି କବିତା ସମସ୍ତ ସଭା, ସମିତିରେ ଗାନ କରାଯାଇଥିଲା। ପରବର୍ତ୍ତୀ ସମୟରେ ଉତ୍କଳ ପ୍ରଦେଶ ଗଠନର ବାଟ ପ୍ରଶସ୍ତ କରିଥିଲା ବୋଲି ରବିବାର ଗୁରୁଜଙ୍ଗସ୍ଥିତ ଅଭିଳାଷ ବୃଦ୍ଧାଶ୍ରମର ୩ୟ ବାର୍ଷିକୋତ୍ସବରେ ମୁଖ୍ୟବକ୍ତା ଭାବେ ବରିଷ୍ଠ ଖବରଦାତା ପ୍ରଭୁକଲ୍ୟାଣ ମହାପାତ୍ର ଯୋଗଦେଇ ଏହା କହିଛନ୍ତି।

ଏହି ଉତ୍ସବରେ ଡ. ସଦାଶିବ ମହାରଣା ସଭାପତିତ୍ୱ କରିଥିଲେ। ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ମୁଖ୍ୟ ଅତିଥି, ପୂର୍ବତନ ପ୍ରଶାସନିକ ଅଧିକାରୀ ମନୋରଞ୍ଜନ ପଟ୍ଟନାୟକ, ପ୍ରଫେସର ବିଜୟ କୁମାର ଜେନା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସଚିତ୍ର ମୁଖପତ୍ର 'ଅଭିଳାଷ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ମୁଖ୍ୟବକ୍ତା ଆହୁରି କହିଥିଲେ, ବିନା କୌଣସି ସରକାରୀ ଅନୁଦାନରେ ନିଜସ୍ୱ ଉଦ୍ୟମ ଏବଂ ସହକର୍ମୀ, ଶୁଭେଚ୍ଛୁଙ୍କ ସହଯୋଗରେ ବୃଦ୍ଧାଶ୍ରମ ଚଳାଇବା ସମାଜ ପ୍ରତି ପ୍ରେରଣାଦାୟୀ। ସମ୍ମାନିତ ଅତିଥି ପଟ୍ଟନାୟକ କହିଥିଲେ, ଲୋକଙ୍କ ସେବାରେ ପୂର୍ଣ୍ଣତା ମିଳିଥାଏ। ଏହି ବୃଦ୍ଧାଶ୍ରମରେ ସ୍ନେହ, ଶ୍ରଦ୍ଧା, ଆନନ୍ଦର ବାତାବରଣ ରହିଛି। ସେହିପରି ପ୍ରଫେସର ଜେନା କହିଥିଲେ, ପରିଣତ ବୟସରେ ପ୍ରାପ୍ତ ବୟସ୍କଙ୍କ ପ୍ରତି ସ୍ନେହ ସହାନୁଭୂତି ଜରୁରୀ। ଏଥିରେ ସମସ୍ତଙ୍କ ସହଭାଗିତା ରହିଲେ ଏହା ଏକ ଆଦର୍ଶ ବୃଦ୍ଧାଶ୍ରମରେ ପରିଣତ ହୋଇପାରିବ। ଦୈନିକ ଦିନଚର୍ଯ୍ୟା ଶ୍ରୀଜଗନ୍ନାଥଙ୍କୁ ସ୍ମରଣ କରି ଆରମ୍ଭ କରନ୍ତୁ। ଅନ୍ୟ ପ୍ରତି ଭଲପାଇବା ରଖିବାକୁ କହିଥିଲେ। ଅଧ୍ୟାପକ ବିରଞ୍ଚି ଦାସ ଅତିଥି ପରିଚୟ ଓ ବିବରଣୀ ପାଠ କରିଥିବା ବେଳେ ବୃଦ୍ଧାଶ୍ରମର ମୁଖ୍ୟ ପରିଚାଳକ ଡ. ପତିତପାବନ ଦଳେଇ ଧନ୍ୟବାଦ ଦେଇଥିଲେ। ଅଞ୍ଚଳର ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ୍, ସାମାଜିକ କର୍ମୀ ଉପସ୍ଥିତ ଥିଲେ।


## ଜାତୀୟ ରାଜଧାନୀ କ୍ଷେତ୍ର ଯୋଜନା ପରିଷଦ

(ଆବାସ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧୀନରେ ଏକ ବୈଧାନିକ ନିକାୟ)

୧ମ ମହଲା, କୋର୍-୪ବି, ଇଣ୍ଡିଆ ହାବିଟାଟ୍ ସେଣ୍ଟର, ଲୋଧି ରୋଡ୍, ନୂଆଦିଲ୍ଲୀ - ୧୧୦୦୦୩

ଫାଇଲ୍ ନଂ. ୯୧୮୯୫୧

ଜାତୀୟ ରାଜଧାନୀ କ୍ଷେତ୍ର ଯୋଜନା ପରିଷଦରେ ନିମ୍ନଲିଖିତ ପଦବୀ ନିମନ୍ତେ ନିମ୍ନପ୍ରଦତ୍ତ ବିବରଣୀ ଅନୁଯାୟୀ ଇଚ୍ଛୁକ ଏବଂ ଯୋଗ୍ୟ ପ୍ରାର୍ଥୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି:-

| ପଦବୀର ନାମ | ନିଯୁକ୍ତିର ପଦ୍ଧତି | ବେତନ ହାର |
|---|---|---|
| ଷ୍ଟେନୋଗ୍ରାଫର୍ ଗ୍ରେଡ୍ ସି | ପ୍ରତ୍ୟକ୍ଷ ନିଯୁକ୍ତି ଦ୍ୱାରା | ସ୍ତର-୭ (₹୪୪,୯୦୦-୧,୪୨,୪୦୦) ପେ' ମାଟ୍ରିକ୍ସରେ । |
| ଷ୍ଟେନୋଗ୍ରାଫର୍ ଗ୍ରେଡ୍ ଡି | ପ୍ରତ୍ୟକ୍ଷ ନିଯୁକ୍ତି ଦ୍ୱାରା | ସ୍ତର-୪ (₹୨୫,୫୦୦-୮୧,୧୦୦) ପେ' ମାଟ୍ରିକ୍ସରେ । |
| ମଲ୍ଟି-ଟାସ୍କିଂ ଷ୍ଟାଫ୍ (ଏମ୍‌ଟିଏସ୍) | ପ୍ରତ୍ୟକ୍ଷ ନିଯୁକ୍ତି ଦ୍ୱାରା | ସ୍ତର-୧ (₹୧୮,୦୦୦-୫୬,୯୦୦) ପେ' ମାଟ୍ରିକ୍ସରେ । |

ସବୁ ଦୃଷ୍ଟିରୁ ବିଧିବଦ୍ଧ ଭାବେ ସମ୍ପୂର୍ଣ୍ଣ ଏବଂ ପ୍ରାର୍ଥୀଙ୍କ ଦ୍ୱାରା ସ୍ୱାକ୍ଷରିତ ନିର୍ଦ୍ଧାରିତ ଫର୍ମାଟ୍‌ରେ ଦରଖାସ୍ତ ସହିତ କାଗଜପତ୍ର ଇତ୍ୟାଦିର ସେଲ୍‌ଫ-ଆଟେଷ୍ଟେଡ୍ ପ୍ରତିଲିପି ସମେତ ଦରଖାସ୍ତ ଦେୟ ବାବଦରେ ଏନ୍‌ସିଆର୍ ଯୋଜନା ପରିଷଦ ସପକ୍ଷରେ ନୂଆଦିଲ୍ଲୀଠାରେ ପୈଠଯୋଗ୍ୟ ₹୧୦୦ର ଆଇପିଓ/ଡିମାଣ୍ଡ ଡ୍ରାଫ୍ଟ (ଅଣ-ଫେରସ୍ତଯୋଗ୍ୟ) ସଭ୍ୟ ସଚିବ, ଏନ୍‌ସିଆର୍ ଯୋଜନା ପରିଷଦ, ୧ମ ମହଲା, କୋର୍-୪ବି, ଇଣ୍ଡିଆ ହାବିଟାଟ୍ ସେଣ୍ଟର, ଲୋଧି ରୋଡ୍, ନୂଆଦିଲ୍ଲୀ-୧୧୦୦୦୩ଙ୍କ ନିକଟରେ ପହଞ୍ଚିବା ଆବଶ୍ୟକ । ଦରଖାସ୍ତ ଦେୟ ଅନ୍‌ଲାଇନ୍‌ରେ ମଧ୍ୟ ପୈଠ କରାଯାଇପାରିବ ।

ପଦବୀଗୁଡ଼ିକର ସଂଖ୍ୟା, ଯୋଗ୍ୟତା ମାନଦଣ୍ଡ, ଶିକ୍ଷାଗତ ଯୋଗ୍ୟତା, ସଂରକ୍ଷଣ, ବୟସ, ଦରଖାସ୍ତ ଫର୍ମର ଫର୍ମାଟ୍, ଅନ୍‌ଲାଇନ୍ ଦେୟ ପରିଶୋଧର ବିବରଣୀ ଏବଂ ଦରଖାସ୍ତ ପ୍ରାପ୍ତିର ଶେଷ ତାରିଖ ଆଦି ବିବରଣୀ ଆମର ୱେବ୍‌ସାଇଟ୍ https://ncrpb.nic.inରେ ଉପଲବ୍ଧ ।

କୌଣସି କାରଣ ନ ଦର୍ଶାଇ ଉପରୋକ୍ତ ପଦବୀଗୁଡ଼ିକୁ ପୂରଣ ନ କରିବାର ଅଧିକାର ପରିଷଦ ନିକଟରେ ସଂରକ୍ଷିତ ।

CBC 44103/12/0010/2425 ସ୍ୱା./- (ସଭ୍ୟ ସଚିବ)

## ସଂକ୍ଷେପରେ

### ଭାଜପା ଜନସମ୍ପର୍କ ସମାବେଶ

**ବାଲକାଟୀ,୯।୨(ମନୋଜ ମଣ୍ଡଳ)**

ଭାଜପା ବାଲକାଟୀ ଜୋନ୍‌ର ଜନସମ୍ପର୍କ ସମାବେଶ ରବିବାର ବାଲକାଟୀସ୍ଥିତ ଏକ ଘରୋଇ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଚୌଧୁରୀ ଦ୍ୱାରିକା ନାଥ ଦାଶଙ୍କ ନେତୃତ୍ୱରେ ଆୟୋଜିତ ଏହି ସମାବେଶରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଯୋଗ ଦେଇଥିଲେ। ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାର ସଫଳ ରୂପାୟନ ନେଇ କର୍ମୀଙ୍କ ସହ ଷଡ଼ଙ୍ଗୀ ଆଲୋଚନା କରିଥିଲେ। ଏହି ଅବସରରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ନିର୍ବାଚନମଣ୍ଡଳୀରେ ପାନୀୟ ଜଳ, ଆତ୍ମନିଯୁକ୍ତି, ଆଲୋକୀକରଣ, ରାସ୍ତାଘାଟ ଆଦି ବିଭିନ୍ନ ଜନ କଲ୍ୟାଣ କାର୍ଯ୍ୟର ଠିକ୍ କାର୍ଯ୍ୟକାରିତାକୁ ନେଇ ଗୁରୁତ୍ୱାରୋପ କରିଥିଲେ। ସମାବେଶରେ ବାଲିପାଟଣା ବ୍ଲକର ପୂର୍ବତନ ଅଧ୍ୟକ୍ଷ ଶଶିଭୂଷଣ ପାତ୍ର, ସୁବାସ ଜେନା, ତାପସ ଜେନା, ବିଜୟ ମହାରଣା, ପ୍ରଦୀପ୍ତ ମହାନ୍ତି ପ୍ରମୁଖଙ୍କ ସମେତ ବିଭିନ୍ନ ପଞ୍ଚାୟତର ଶତାଧିକ କର୍ମୀ ଓ ନେତୃବୃନ୍ଦ ଉପସ୍ଥିତ ଥିଲେ।

### ବ୍ରାଇଟ୍ ଫ୍ୟୁଚର ସ୍କୁଲର ବାର୍ଷିକୋତ୍ସବ

**ତ୍ରିଶୂଳିଆ,୯।୨(ତୁଷାରକାନ୍ତ ବେହେରା)**

ବ୍ରାଇଟ ଫ୍ୟୁଚର ସ୍କୁଲର ୧୯ତମ ବାର୍ଷିକୋତ୍ସବ ରବିବାର ପାଳନ ହୋଇଯାଇଛି। ଏହି ଅବସରରେ ସ୍କୁଲ ଚେୟାରମ୍ୟାନ ରାଜକିଶୋର ଅଗ୍ରୱାଲ, ସଭାପତି ଅନିଲ ଅଗ୍ରୱାଲ, ପ୍ରଧାନ ଶିକ୍ଷକ ତୃପ୍ତିରାଣୀ ମିଶ୍ର ପ୍ରଥମେ ପ୍ରଦୀପ ପ୍ରଜ୍ୱଳନ କରିବା ସହ ପିଲାଙ୍କ ଭବିଷ୍ୟତ କିପରି ଉନ୍ନତ ହେବ, ସେ ସମ୍ବନ୍ଧୀୟ ଅନେକ ଆଲୋଚନା ହୋଇଥିଲା। ମନୋରଞ୍ଜନ ପାଇଁ ଛାତ୍ରୀଛାତ୍ରମାନେ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଅବସରରେ ସମସ୍ତ ଅଭିଭାବକ, ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

### ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ପୂଜ୍ୟପୂଜା ସମାରୋହ

**ପୁରୁଣା ଭୁବନେଶ୍ୱର,୯।୨(ସୁବାସ ଚନ୍ଦ୍ର ପ୍ରଧାନ)**

ଇଟିପୁର ପଞ୍ଚାୟତର ଡିହପୁର ନଦୀ ପଠାରେ ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ରବିବାର ଦ୍ୱିତୀୟ ପୂଜ୍ୟପୂଜା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ହଜାରରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯିବା ସହ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ପ୍ରଦାନ କରାଯାଇଥିଲା। ଏଥିସହ ଯୁବବର୍ଗଙ୍କ ଦ୍ୱାରା ରକ୍ତଦାନ ଶିବିର ହୋଇଥିଲା। ଏକାମ୍ର ବିଧାୟକ ବାବୁ ସିଂ, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ପୂର୍ବତନ ଖଦି ବୋର୍ଡ ସଭାପତି ସଂଗ୍ରାମ କେଶରୀ ପାଇକରାୟ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ବ୍ଲକ ଅଧ୍ୟକ୍ଷା ନିରୁପମା ସାହୁ, ବରିଷ୍ଠ ସାମ୍ବାଦିକ ଦୁର୍ଗାଶିଷ, ଦିଲୀପ ସିବୁଦ୍ଧି, ମାଧବାନନ୍ଦ ବେହୁରା, ରଜନୀ ରଞ୍ଜନ ଦାଶ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ପରିଷଦ ସଭାପତି ବୃନ୍ଦାବନ ସାହୁ ସଭାପତିତ୍ୱ କରିଥିବା ବେଳେ ଉପସଭାପତି ଅକ୍ଷୟ ସ୍ୱାଇଁ ସ୍ୱାଗତ ଭାଷଣ ଏବଂ ସମ୍ପାଦକ ଅରୁଣ ପୁରୋହିତ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ସେବା ଯୋଗାଇଥିବା ବିଭିନ୍ନ ଅନୁଷ୍ଠାନକୁ ସମ୍ମାନିତ କରାଯାଇଥିଲା।

# ଶ୍ରମକୋଡ୍ ପ୍ରତ୍ୟାହାର ଦାବି: ମେ'ରେ ଦେଶବ୍ୟାପୀ ଧର୍ମଘଟ

**ଭୁବନେଶ୍ୱର,୯।୨(ସୁଚିସ୍ମିତା ସାହୁ)**

କେନ୍ଦ୍ର ସରକାର ୪ଟି ଶ୍ରମକୋଡ୍‌କୁ କାର୍ଯ୍ୟକାରୀ କରିବାକୁ ଉଦ୍ୟମ କରୁଥିବାବେଳେ ସିଆଇଟିୟୁ ଓଡିଶା ରାଜ୍ୟ କମିଟି ପକ୍ଷରୁ ଏହାର ଦୃଢ଼ ବିରୋଧ କରାଯାଉଛି। ରବିବାର ମାଷ୍ଟରକ୍ୟାଣ୍ଟିନଠାରେ ଏକ ରାଜ୍ୟସ୍ତରୀୟ ଖୋଲା କନ୍‌ଭେନ୍‌ଶନ ଅନୁଷ୍ଠିତ ହୋଇଥିଲା। କର୍ପୋରେଟ ଓ ମାଲିକଙ୍କ ସ୍ୱାର୍ଥରେ ଅଣାଯାଉଥିବା ଶ୍ରମକୋଡ୍ ବିରୋଧରେ ରାଜ୍ୟର ଶ୍ରମିକ ଶ୍ରେଣୀ ବ୍ୟାପକ ପ୍ରତିବାଦ ପ୍ରତିରୋଧ ଆନ୍ଦୋଳନ ଗଢିତୋଳିବାକୁ ଆହ୍ୱାନ ଦିଆଯାଇଛି। ଆସନ୍ତା ମାର୍ଚ୍ଚ ୧୮ରେ ଦିଲ୍ଲୀରେ ଜାତୀୟ କନ୍‌ଭେନଶନ ଅନୁଷ୍ଠିତ ହେବ ଓ ମେ'ରେ ଦେଶବ୍ୟାପୀ ଧର୍ମଘଟ କରିବାକୁ ସମସ୍ତ କେନ୍ଦ୍ରୀୟ ଟ୍ରେଡ ୟୁନିୟନ ଆହ୍ୱାନ ଦେଇଛନ୍ତି।




ଗଣ କନ୍‌ଭେନ୍‌ଶନରେ ସିଆଇଟିୟୁ ରାଜ୍ୟ ସଭାପତି ଜନାର୍ଦ୍ଦନ ପତିଙ୍କ ସହ ଅନ୍ୟମାନେ।

ସିଆଇଟିୟୁ ରାଜ୍ୟ ସଭାପତି ଜନାର୍ଦ୍ଦନ ପତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କନ୍‌ଭେନଶନରେ ରାଜ୍ୟ ସାଧାରଣ ସମ୍ପାଦକ ବିଷ୍ଣୁ ମହାନ୍ତି, କୋଷାଧ୍ୟକ୍ଷ ଦୁଷ୍ମନ୍ତ ଦାସ, ସମ୍ପାଦକ ଉଲ୍ଲାସ ସ୍ୱାଇଁ କେନ୍ଦ୍ର ସରକାର ମଜୁରୀ କୋଡ୍, ଶିଳ୍ପ ସମ୍ପର୍କ କୋଡ୍, ଚାକିରୀ ନିରାପତ୍ତା, ସ୍ୱାସ୍ଥ୍ୟ ଓ କାର୍ଯ୍ୟସ୍ଥଳୀ ସ୍ଥିତି କୋଡ୍ ଓ ସାମାଜିକ ସୁରକ୍ଷା କୋଡ୍ ଆଦି ୪ଟି କୋଡ୍ କିପରି ଶ୍ରମିକଙ୍କ ପାଇଁ ସମସ୍ୟା ଆଣୁଛି ସେ ସମ୍ପର୍କରେ କହିଥିଲେ। ଏଥିସହ ଶ୍ରମିକଙ୍କ ୟୁନିୟନ ଗଠନ କରିବା, ୮ଘଣ୍ଟା କାର୍ଯ୍ୟ, ମଜୁରୀ, ବୋନସ, ଛୁଟି, କ୍ରେଚ୍, ବିଶ୍ରାମ ଗୃହ ଆଦି ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ରାଜ୍ୟସ୍ତରୀୟ କନଭେନସନରେ ଇସ୍ପାତ, ଏନ୍‌ଟିପିସି, କୋଇଲା, ବନ୍ଦର, ନାଲକୋ, ତୈଳ, ଖଣି ଆଦି ସଂଗଠିତ ଶିଳ୍ପର ଶ୍ରମିକ ପ୍ରତନିଧି ସମେତ ନିର୍ମାଣ, ପରିବହନ ଓ ମଧ୍ୟମ ଶିଳ୍ପର ସ୍ଥାୟୀ/ ଠିକା ଶ୍ରମିକ, ଅଙ୍ଗନୱାଡି, ଆଶା, ମଧ୍ୟାହ୍ନଭୋଜନ କର୍ମୀ, ସଫେଇ କର୍ମଚାରୀ, ବ୍ୟାଙ୍କ ମିତ୍ର ଶ୍ରମିକମାନେ ଯୋଗଦେବା ସହିତ ଆନ୍ଦୋଳନକୁ ବ୍ୟାପକ କରିବାକୁ ହାତ ମିଳାଥିଲେ। ବିଧାୟକ ଲକ୍ଷ୍ମଣ ମୁଣ୍ଡା, ସିଆଇଟିୟୁ ରାଜ୍ୟ ଉପସଭାପତି ପ୍ରମୋଦ ସାମଲ, ଯାହାଙ୍ଗୀର ଅଲ୍ଲୀ, ସତ୍ୟନନ୍ଦ ବେହେରା, ସମ୍ପାଦକ ପୁଷ୍ପା ଦାସ ପ୍ରମୁଖଙ୍କ ନେତୃତ୍ୱରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା।



ରାମମନ୍ଦିର ପରିସରରେ ପ୍ରୟାସ ଅନୁଷ୍ଠାନ ପକ୍ଷରୁ ରବିବାର ଆୟୋଜିତ 'ପ୍ରୟାସ ସାମୂହିକ ବିବାହ ମହୋତ୍ସବ'ରେ ୨୦ ଯୋଡି ନବଦମ୍ପତିଙ୍କ ବିବାହ ଚାଲିଛି। **(ଫଟୋ– ବିକାଶ ନାୟକ)**

## ଉଚ୍ଚଶିକ୍ଷା ବିଭାଗ ଦେଇଥିବା ପ୍ରସ୍ତାବ ଉପରେ ଅର୍ଥ ମଞ୍ଜୁରୀ ଦାବି

**ଭୁବନେଶ୍ୱର,୯।୨(ସୁଚିସ୍ମିତା ସାହୁ)**

ବ୍ଲକ କ୍ରାଇଟେରିଆ କଲେଜ ଅଧ୍ୟାପକ ଓ କର୍ମଚାରୀ ସଂଘ ସପକ୍ଷରେ ଉଚ୍ଚଶିକ୍ଷା ବିଭାଗ ଦେଇଥିବା ପ୍ରସ୍ତାବ ଉପରେ ଅର୍ଥ ମଞ୍ଜୁରୀ ଦାବି ନେଇ ଆସନ୍ତା ମଙ୍ଗଳବାର 'ଦାବି ଦିବସ' ଭାବେ ପାଳନ କରିବାକୁ ସଂଘର ସଭାପତି ଅଶ୍ୱିନୀ କୁମାର ମେହେର ରବିବାର ଓଡିଶା ଭବନରେ ଏକ ଖବରଦାତା ସମ୍ମିଳନୀ ଜରିଆରେ କହିଛନ୍ତି। ରାଜ୍ୟର ସମସ୍ତ ୩୯୧ ବ୍ଲକ କ୍ରାଇଟେରିଆ କଲେଜରୁ ଅଧ୍ୟାପକ ଓ କର୍ମଚାରୀମାନେ 'ସମୂହ ଛୁଟି' ନେଇ ଗାନ୍ଧୀମାର୍ଗରେ ସଂଘର ଏକମାତ୍ର ଦାବିକୁ ରାଜ୍ୟ ସରକାରଙ୍କ ସମ୍ମୁଖରେ ଉପସ୍ଥାପନ କରିବା ସହ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଉଚ୍ଚଶିକ୍ଷା ବିଭାଗର ପ୍ରସ୍ତାବିତ ଉକ୍ତ ଫାଇଲ ଉପରେ ପୁନର୍ବିଚାର କରି ଅର୍ଥ ମଞ୍ଜୁରୀ ପାଇଁ ଦାବି ଉପସ୍ଥାପନ ସହ ନିବେଦନ କରାଯିବ ବୋଲି ସଂଘର କାର୍ଯ୍ୟକାରୀ ସଭାପତି ଶ୍ରୀକାନ୍ତ ବଲ୍ଲଭ ସାମନ୍ତ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ବର୍ତ୍ତମାନ ସୁଦ୍ଧା କାଟେଗୋରୀ–୩ ପରିସରଭୁକ୍ତ ବ୍ଲକ କ୍ରାଇଟେରିଆ କଲେଜଙ୍କ ମଧ୍ୟରୁ ୧୪ଟି (ଉଭୟ ଜୁନିୟର ଓ ଡିଗ୍ରୀ) କଲେଜ ସର୍ବୋଚ୍ଚ ନ୍ୟାୟାଳୟରୁ ନ୍ୟାୟ ପାଇ ୧୯୯୪ ଅନୁଦାନ ପ୍ରାପ୍ତି କରିସାରିଛନ୍ତି। ନୂତନ ସରକାର ଶାସନକୁ ଆସିବା ପରେ ଏକ ନୂତନ ଆଶା ଓ ସମ୍ଭାବନା ନେଇ ସଂଘର କର୍ମକର୍ତ୍ତାମାନେ ମୁଖ୍ୟମନ୍ତ୍ରୀ, ଉପ–ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହ ଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ, ଆଇନ ମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଦାବିର ପ୍ରାସଙ୍ଗିକତା ଉପରେ ଦୃଷ୍ଟି ଆକର୍ଷଣ କରାଯାଇଛି ଏବଂ ପ୍ରତିଶ୍ରୁତି ମଧ୍ୟ ମିଳିଛି। କିନ୍ତୁ ଅଦ୍ୟାବଧି କୌଣସି ବିଧିବଦ୍ଧ ନିଷ୍ପତ୍ତି ନିଆଯାଇନାହିଁ।



ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ଓଡ଼ିଶା ନାଟ୍ୟ ସଂଘ ପକ୍ଷରୁ ରବିବାର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ନାଟ୍ୟଧାରାରେ ରାଉରକେଲାର ଆମେ ନାଟୁଆ ଅନୁଷ୍ଠାନ ପକ୍ଷରୁ ପରିବେଷିତ ନାଟକ 'ସୀମାରେଖା'ର ଏକ ଦୃଶ୍ୟ।

## ଶସ୍ତା ପ୍ରେମ, ପ୍ରାକ୍ ବିବାହ ସମ୍ପର୍କ ଭାରତୀୟ ସମାଜ ବ୍ୟବସ୍ଥାକୁ ବରବାଦ କରିସାରିଲାଣି



**ଭୁବନେଶ୍ୱର,୯।୨(ସୌମ୍ୟରଞ୍ଜନ ରାଉତ)**

### ଉପେନ୍ଦ୍ର ବିଶ୍ୱାଳଙ୍କ ୨ ପୁସ୍ତକ ଲୋକାର୍ପିତ

ସ୍ତମ୍ଭକାର ଉପେନ୍ଦ୍ର ବିଶ୍ୱାଳଙ୍କ ଦ୍ୱାରା ଲିଖିତ 'ପ୍ରେମ ବିବାହ ବିଚ୍ଛେଦ' ଏବଂ 'Bliss of Heaven: Keys to Conjugal Life' ରବିବାର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ 'ମାତୃଭୂମି ଓ ମାତୃଭାଷା' ପରିବାର ପକ୍ଷରୁ ଲୋକାର୍ପିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଶ୍ରୀ ଜଗନ୍ନାଥଙ୍କ ଅନନ୍ୟ ଭକ୍ତ ପ୍ରଫେସର ଶେଖ୍ ମକବୁଲ ଇସ୍ଲାମ, ମୁଖ୍ୟବକ୍ତା ଭାବେ ଆଧ୍ୟାତ୍ମିକ ଚିନ୍ତକ ବାଗ୍ମୀ ବାବାଜୀ ସନ୍ତ ସୁଜାତାନନ୍ଦ ଦାସ ମହାରାଜ ଯୋଗଦେଇ ପୁସ୍ତକର ସମୀକ୍ଷା କରିଥିଲେ। ଭାରତ ତା'ର ସୁଦୃଢ଼ ପାରିବାରିକ ଭିତ୍ତିଭୂମି, ନୈତିକ ମୂଲ୍ୟବୋଧକୁ ନେଇ ଗର୍ବ ଅନୁଭବ କରେ। ମାତ୍ର ଏବେ ଏଠାରେ ବିବାହ ବିଚ୍ଛେଦ ଏକ ମାମୁଲି ଘଟଣା ହେଲାଣି। ଶସ୍ତା ପ୍ରେମ ଓ ପ୍ରାକ୍ ବିବାହ ସମ୍ପର୍କ ଭାରତୀୟ ସମାଜ ବ୍ୟବସ୍ଥାକୁ ବରବାଦ କରିସାରିଲାଣି। ଏଭଳି ସ୍ଥଳେ 'ପ୍ରେମ ବିବାହ ବିଚ୍ଛେଦ' ପୁସ୍ତକଟି ଯୁବାବର୍ଗଙ୍କ ପାଇଁ ଏକପ୍ରକାର ମହୌଷଧି କହିଲେ ଅତ୍ୟୁକ୍ତି ହେବନାହିଁ। ବୟସର ଚପଳାମିରେ ପ୍ରେମ ପାଇଁ ପାଗଳ ସାଜୁଥିବା କିଶୋରବର୍ଗଙ୍କ ପାଇଁ ମଧ୍ୟ ଏହି ବହିଟି ମାର୍ଗଦର୍ଶିକା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଚିକିତ୍ସକ ପଦ୍ମଶ୍ରୀ ଅଶୋକ ମହାପାତ୍ରଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଲେଖକ ଉପେନ୍ଦ୍ର ବିଶ୍ୱାଳ ଲେଖକୀୟ ଅଭିବ୍ୟକ୍ତି ରଖିଥିବା ବେଳେ ଇଂ. ଅକ୍ଷୟ କୁମାର ସାହୁ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ ଓ ଅଧ୍ୟାପକ ପ୍ରବୀଣ କୁମାର ଖାଡ଼ଙ୍ଗା ଧନ୍ୟବାଦ ଅର୍ପଣ କରିଥିଲେ।

## ଓୟୁଟିଆର୍‌ରେ ଇଞ୍ଜିନିୟର କପ୍ ଉଦ୍‌ଯାପିତ



ଟ୍ରଫି ସହ ବିଜୟୀ ଓୟୁଟିଆର ଟିମ୍।

**ଭୁବନେଶ୍ୱର,୯।୨(ଅନୁରାଧା ମହାରଣା)**

ଓଡିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଟିଆର୍)ରେ ଚାଲିଥିବା ଇଞ୍ଜିନିୟର କପ୍ ୨୦୨୫ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ, ପ୍ରଫେସର ଜୀବିତେଶ ମିଶ୍ର, ପ୍ରଫେସର ଅଶ୍ୱିନୀ କୁମାର ଦାଶ, ପ୍ରଫେସର ଜିତେନ୍ଦ୍ର ନାୟକ, ପ୍ରଫେସର ଜଗନ୍ନାଥ ସେଠୀ ଏବଂ ପ୍ରଫେସର ଫାଲଗୁନି ବଳିଆର୍‌ସିଂ ପ୍ରମୁଖ ଯୋଗଦେଇଥିଲେ। ଏହି ଟୁର୍ନାମେଣ୍ଟରେ ଆଇଆଇଟି ଭୁବନେଶ୍ୱର, ଏମ୍‌ସ ଭୁବନେଶ୍ୱର, କିଟ୍, ସୋଆ, ଏବଂ ରେଭେନ୍‌ଶା ଆଦି ଶିକ୍ଷାନୁଷ୍ଠାନ ଅଂଶଗ୍ରହଣ କରିଥିଲେ। ଓୟୁଟିଆର ଖୋ–ଖୋ(ପୁରୁଷ), ବାସ୍କେଟବଲ(ପୁରୁଷ), କ୍ରିକେଟ, ଚେସ୍, ଇ–ସ୍ପୋର୍ଟସ ଏବଂ ଟଗ୍ ଅଫ ୱାର୍ ଜିତି ଉତ୍କୃଷ୍ଟ ପ୍ରଦର୍ଶନ କରିଥିଲା। ସୋଆ ଖୋ–ଖୋ(ମହିଳା), ଫୁଟ୍‌ବଲ ଏବଂ ବ୍ୟାଡମିଣ୍ଟନରେ ବିଜୟୀ ହୋଇଥିଲା। ସେହିଭଳି ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ବାସ୍କେଟବଲ (ମହିଳା)ରେ ବିଜୟୀ ହୋଇଥିଲା। ସେଞ୍ଚୁରିଆନ ଏବଂ ରେଭେନ୍‌ଶା ଟିମ୍ ଯଥାକ୍ରମେ ପୁରୁଷ ଏବଂ ମହିଳା କବାଡି ଜିତିଥିଲେ।

# ଓଡ଼ିଶା ଅବସରପ୍ରାପ୍ତ ଆୟକର କର୍ମଚାରୀ ସଂଘର ବାର୍ଷିକ ଅଧିବେଶନ

**ଭୁବନେଶ୍ୱର,୯।୨(ସୁଚିସ୍ମିତା ସାହୁ)**

ଓଡ଼ିଶା ଅବସରପ୍ରାପ୍ତ ଆୟକର କର୍ମଚାରୀ ସଂଘର ଷୋଡ଼ଶ ବାର୍ଷିକ ଅଧିବେଶନ ଭୁବନେଶ୍ୱର ଆୟକର ଭବନ ପରିସରରେ ସଂଘ ସଭାପତି ଅବସରପ୍ରାପ୍ତ ମୁଖ୍ୟ ଆୟକର ଆୟୁକ୍ତ ସ୍ୱରାଜ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆୟକର ଆୟୁକ୍ତ ସରୋଜ କୁମାର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଅଭିଭାଷଣ ପ୍ରଦାନ କରିଥିଲେ। ସଂଘ ଉପସଭାପତି ବିଧୁଭୂଷଣ ମହାନ୍ତି ଓ ଅନ୍ୟତମ ଉପସଭାପତି ଶରତ ଦାଶଙ୍କ ଦ୍ୱାରା ସଂଘର ସ୍ମରଣିକା ଉନ୍ମୋଚିତ ହୋଇଥିଲା। ସଂଘ ସମ୍ପାଦକ ରବୀନ୍ଦ୍ରନାଥ ମହାନ୍ତି ବାର୍ଷିକ ବିବରଣୀ ଓ ଆୟବ୍ୟୟ ସମୀକ୍ଷା ଉପସ୍ଥାପନ କରିଥିଲେ। ଅତିଥିଭାବେ ଓଡ଼ିଶା ଆୟକର ଗେଜେଟେଡ ଅଧିକାରୀ ତଥା ସଂଘ ସଭାପତି ଚନ୍ଦନ ଘଡାଇ, ସମ୍ପାଦକ ଦୁର୍ଗା ପ୍ରସାଦ ଆଚାର୍ଯ୍ୟ ଏବଂ ଓଡିଶା ଆୟକର କର୍ମଚାରୀ ଫେଡରେଶନ ସଭାପତି ରାଧାଶ୍ୟାମ ଗିରି, ପୂର୍ବତନ ପ୍ରତ୍ୟକ୍ଷ କର ବୋର୍ଡର ସଦସ୍ୟ ଶେଖ ନଇମୁଦ୍ଦିନ, ଓଡ଼ିଶାର ପୂର୍ବତନ ପ୍ରଧାନ ମୁଖ୍ୟ ଆୟକର ଆୟୁକ୍ତ ମନୋରଞ୍ଜନ ପାଣିଗ୍ରାହୀ ଓ ବରିଷ୍ଠ ସଦସ୍ୟ ଅନିଲ ଘୋଷାଲ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ତିନିଜଣ ପ୍ରତିଷ୍ଠାତା ସଦସ୍ୟ ବ୍ରଜସୁନ୍ଦର ନନ୍ଦ, ସି ବାଲେଶ୍ୱର ପାତ୍ର ଓ ଗୌରାଙ୍ଗ ଚରଣ ସାହୁ, ଦୁଇ ବରିଷ୍ଠ ସଦସ୍ୟ ଏନ୍. ସି. ସାମଲ ଓ ଗୋପୀନାଥ ଭୋଇଙ୍କୁ ଅଶୀ ବର୍ଷ ଅତିକ୍ରମ କରିଥିବାରୁ ସମ୍ବର୍ଦ୍ଧିତ କରଯାଇଥିଲା। ସଂଘର କାର୍ଯ୍ୟକାରିଣୀ ସଦସ୍ୟ କବି ଚିନ୍ତାମଣି ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବ୍ରଜେନ୍ଦ୍ରନାଥ ମହାନ୍ତି, ନିର୍ମଳେନ୍ଦୁ ଗୁପ୍ତା,ମନମୋହନ ରାଓ, ଶଙ୍କର ବୋଷ ପ୍ରମୁଖ ସହାୟତା କରିଥିଲେ। ଗତ ବର୍ଷକ ମଧ୍ୟରେ ପରଲୋକ ଗମନ କରିଥିବା ୧୧ଜଣ ସଦସ୍ୟଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ସହ ସେମାନଙ୍କ ପରିବାର ବର୍ଗ ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇଥିଲେ। ଲାଲମୋହନ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଟ୍ରାଇଡେଣ୍ଟ ଏକାଡେମୀରେ ସିଏସ୍‌ଆର୍ କନ୍‌କ୍ଲେଭ



କନ୍‌କ୍ଲେଭ୍‌ରେ ଜେଏସ୍‌ପିଏଲ୍ ସିଏସ୍‌ଆର୍ ଆଣ୍ଡ ଏଜୁକେଶନର କଣ୍ଟ୍ରି ହେଡ୍ ଡ. ପ୍ରଶାନ୍ତ କୁମାର ହୋତାଙ୍କ ସହ ଅନ୍ୟ ଅତିଥିମାନେ।

**ଭୁବନେଶ୍ୱର,୯।୨(ଅନୁରାଧା ମହାରଣା)**

ଚନ୍ଦ୍ରଶେଖରପୁରସ୍ଥିତ ଟ୍ରାଇଡେଣ୍ଟ ଏକାଡେମୀ ଅଫ୍ ଟେକ୍ନୋଲୋଜିର ବିଜ୍‌ନେଶ୍ ଆଡ୍‌ମିନିଷ୍ଟ୍ରେଶନ ବିଭାଗ ପକ୍ଷରୁ 'ସ୍ଥିରତା ପାଇଁ ସିଏସ୍‌ଆର୍: ପ୍ରଭାବ ପାଇଁ କାର୍ଯ୍ୟ' ଶୀର୍ଷକ ୨ ଦିନିଆ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଶନିବାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜେଏସ୍‌ପିଏଲ୍ ସିଏସ୍‌ଆର୍ ଆଣ୍ଡ ଏଜୁକେଶନର କଣ୍ଟ୍ରି ହେଡ୍ ଡ. ପ୍ରଶାନ୍ତ କୁମାର ହୋତା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ୱାନ୍ କ୍ଷେତ୍ରର ସିଇଓ ଡ. ପ୍ରତ୍ୟୁଷ କୁମାର ପଣ୍ଡା, ଓଡ଼ିଶା ସିଏସ୍‌ଆର ଫୋରମର ଚେୟାରମ୍ୟାନ ବି. କେ. ମିଶ୍ର, ଟ୍ରାଇଡେଣ୍ଟ ଏକାଡେମୀ ଅଫ୍ ଟେକ୍ନୋଲୋଜିର ପ୍ରିନ୍ସିପାଲ ପ୍ରଫେସର ଡିଏନ୍ ପଟ୍ଟନାୟକ ଏବଂ ଟ୍ରାଇଡେଣ୍ଟ ସ୍କୁଲ ଅଫ୍ ବିଜ୍‌ନେଶର ଡିନ୍ ପ୍ରଫେସର ପି. କେ. ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ସିଏସ୍‌ଆର ୬ଟି ଗୁରୁତ୍ୱପୂର୍ଣ୍ଣ ବିଷୟ ଓ ସ୍ଥିରତା ଉପରେ ୪ଟି ପ୍ୟାନେଲ ଆଲୋଚନା କରାଯାଇଥିଲା। ଉଭୟ ଦିନରେ ବିଭିନ୍ନ ଅନୁଷ୍ଠାନର ଉଚ୍ଚପଦସ୍ଥ ଅଧିକାରୀ ଯୋଗଦେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ପ୍ରକଳ୍ପ ପ୍ରସ୍ତାବ ବିକାଶ, ପ୍ରଯୁକ୍ତିବିଦ୍ୟା ଏକୀକରଣ, ପୁଷ୍ଟିହୀନତାର ସମାଧାନ, ଶିକ୍ଷାକୁ ପ୍ରୋତ୍ସାହିତ କରିବା, ଯତ୍ନ ସୁବିଧା ବୃଦ୍ଧି ଏବଂ ଡିକାର୍ବୋନାଇଜେଶନ ଓ ଜଳ ପରିଚାଳନା ମାଧ୍ୟମରେ ପରିବେଶ ସୁରକ୍ଷାକୁ ପ୍ରୋତ୍ସାହିତ କରିବା ଭଳି ପ୍ରସଙ୍ଗରେ ସ୍ଥିରତାକୁ ପ୍ରୋତ୍ସାହିତ କରିବାରେ ସିଏସ୍‌ଆରର ଭୂମିକା ଉପରେ ଆଲୋଚନା କରାଯାଇଥିଲା। ପ୍ରଭାବଶାଳୀ ସାମାଜିକ ଏବଂ ପରିବେଶ ପରିବର୍ତ୍ତନ ପାଇଁ ସିଏସ୍‌ଆର୍ ବ୍ୟବହାର କରିବାକୁ ଏକ ମିଳିତ ପ୍ରୟାସ ଆବଶ୍ୟକତା ଥିବା ସମ୍ମିଳନୀରେ ମତ ପ୍ରକାଶ ପାଇଥିଲା।

## ଗ୍ରାମ୍ୟ ଉନ୍ନୟନ ବିଭାଗ ଉପଖଣ୍ଡ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ

**ବାଲକାଟୀ,୯।୨(ମନୋଜ ମଣ୍ଡଳ)**

ବାଲିଅନ୍ତା ବ୍ଲକ ସତ୍ୟଭାମାପୁର ପଞ୍ଚାୟତ ଇନ୍ଦ୍ରପାଳ ଗ୍ରାମ ନିକଟରେ ରବିବାର ଗ୍ରାମ ଉନ୍ନୟନ ବିଭାଗ ଉପଖଣ୍ଡ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ ଗ୍ରାମ ଉନ୍ନୟନ ବିଭାଗ ମନ୍ତ୍ରୀ ରବିନାରାୟଣ ନାୟକ ଯୋଗଦେଇ ଉପଖଣ୍ଡ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଯୋଗଦେଇ ଜୟଦେବ ନିର୍ବାଚନମଣ୍ଡଳୀର ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହେବ, ସେନେଇ ମନ୍ତ୍ରୀ ନାୟକଙ୍କ ସହିତ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ତ୍ରିଲୋଚନ ନାୟକ, ସହକାରୀ ଯନ୍ତ୍ରୀ ନାରାୟଣ ସେଠୀ, ଚକ୍ରଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ମନ୍ତ୍ରୀ ରବିନାରାୟଣ ନାୟକ ଗ୍ରାମ୍ୟ ଉନ୍ନୟନ ବିଭାଗ ଉପଖଣ୍ଡ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।


## ଜାତୀୟ ରାଜଧାନୀ କ୍ଷେତ୍ର ଯୋଜନା ପରିଷଦ

(ଆବାସ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧୀନରେ ଏକ ବୈଧାନିକ ନିକାୟ)

୧ମ ମହଲା, କୋର୍–୪ବି, ଇଣ୍ଡିଆ ହାବିଟାଟ୍ ସେଣ୍ଟର, ଲୋଧି ରୋଡ୍, ନୂଆଦିଲ୍ଲୀ – ୧୧୦୦୦୩

ଫାଇଲ୍ ନଂ. ୯୧୮୯୫୧

ଜାତୀୟ ରାଜଧାନୀ କ୍ଷେତ୍ର ଯୋଜନା ପରିଷଦରେ ନିମ୍ନଲିଖିତ ପଦବୀ ନିମନ୍ତେ ନିମ୍ନପ୍ରଦତ୍ତ ବିବରଣୀ ଅନୁଯାୟୀ ଇଚ୍ଛୁକ ଏବଂ ଯୋଗ୍ୟ ପ୍ରାର୍ଥୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି:–

| ପଦବୀର ନାମ | ନିଯୁକ୍ତିର ପଦ୍ଧତି | ବେତନ ହାର |
|---|---|---|
| ଷ୍ଟେନୋଗ୍ରାଫର୍ ଗ୍ରେଡ୍ ସି | ପ୍ରତ୍ୟକ୍ଷ ନିଯୁକ୍ତି ଦ୍ୱାରା | ସ୍ତର–୭ (₹୪୪,୯୦୦–୧,୪୨,୪୦୦) ପେ' ମାଟ୍ରିକ୍ସରେ । |
| ଷ୍ଟେନୋଗ୍ରାଫର୍ ଗ୍ରେଡ୍ ଡି | ପ୍ରତ୍ୟକ୍ଷ ନିଯୁକ୍ତି ଦ୍ୱାରା | ସ୍ତର–୪ (₹୨୫,୫୦୦–୮୧,୧୦୦) ପେ' ମାଟ୍ରିକ୍ସରେ । |
| ମଲ୍ଟି–ଟାସ୍କିଂ ଷ୍ଟାଫ୍ (ଏମ୍‌ଟିଏସ୍) | ପ୍ରତ୍ୟକ୍ଷ ନିଯୁକ୍ତି ଦ୍ୱାରା | ସ୍ତର–୧ (₹୧୮,୦୦୦–୫୬,୯୦୦) ପେ' ମାଟ୍ରିକ୍ସରେ । |

ସବୁ ଦୃଷ୍ଟିରୁ ବିଧିବଦ୍ଧ ଭାବେ ସମ୍ପୂର୍ଣ୍ଣ ଏବଂ ପ୍ରାର୍ଥୀଙ୍କ ଦ୍ୱାରା ସ୍ୱାକ୍ଷରିତ ନିର୍ଦ୍ଧାରିତ ଫର୍ମାଟ୍‌ରେ ଦରଖାସ୍ତ ସହିତ କାଗଜପତ୍ର ଇତ୍ୟାଦିର ସେଲ୍‌ଫ–ଆଟେଷ୍ଟେଡ୍ ପ୍ରତିଲିପି ସମେତ ଦରଖାସ୍ତ ଦେୟ ବାବଦରେ ଏନ୍‌ସିଆର୍ ଯୋଜନା ପରିଷଦ ସପକ୍ଷରେ ନୂଆଦିଲ୍ଲୀଠାରେ ପୈଠଯୋଗ୍ୟ ₹୧୦୦ର ଆଇପିଓ/ଡିମାଣ୍ଡ ଡ୍ରାଫ୍ଟ (ଅଣ–ଫେରସ୍ତଯୋଗ୍ୟ) ସଭ୍ୟ ସଚିବ, ଏନ୍‌ସିଆର୍ ଯୋଜନା ପରିଷଦ, ୧ମ ମହଲା, କୋର୍–୪ବି, ଇଣ୍ଡିଆ ହାବିଟାଟ୍ ସେଣ୍ଟର, ଲୋଧି ରୋଡ୍, ନୂଆଦିଲ୍ଲୀ–୧୧୦୦୦୩ଙ୍କ ନିକଟରେ ପହଞ୍ଚିବା ଆବଶ୍ୟକ । ଦରଖାସ୍ତ ଦେୟ ଅନ୍‌ଲାଇନ୍‌ରେ ମଧ୍ୟ ପୈଠ କରାଯାଇପାରିବ ।

ପଦବୀଗୁଡ଼ିକର ସଂଖ୍ୟା, ଯୋଗ୍ୟତା ମାନଦଣ୍ଡ, ଶିକ୍ଷାଗତ ଯୋଗ୍ୟତା, ସଂରକ୍ଷଣ, ବୟସ, ଦରଖାସ୍ତ ଫର୍ମର ଫର୍ମାଟ୍, ଅନ୍‌ଲାଇନ୍ ଦେୟ ପରିଶୋଧର ବିବରଣୀ ଏବଂ ଦରଖାସ୍ତ ପ୍ରାପ୍ତିର ଶେଷ ତାରିଖ ଆଦି ବିବରଣୀ ଆମର ୱେବ୍‌ସାଇଟ୍ https://ncrpb.nic.inରେ ଉପଲବ୍ଧ ।

କୌଣସି କାରଣ ନ ଦର୍ଶାଇ ଉପରୋକ୍ତ ପଦବୀଗୁଡ଼ିକୁ ପୂରଣ ନ କରିବାର ଅଧିକାର ପରିଷଦ ନିକଟରେ ସଂରକ୍ଷିତ ।

CBC 44103/12/0010/2425 **ସ୍ୱା./- (ସଭ୍ୟ ସଚିବ)**

## ସଂକ୍ଷେପରେ

### ଜାଗେଶ୍ୱରୀ ମନ୍ଦିରରେ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି

ସାକ୍ଷୀଗୋପାଳ,୯।୨(ଭରତ ରାଉତ)

ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଅଳଗୁମ ଗ୍ରାମର ମା' ଜାଗେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଶୁକ୍ରବାର ଦଶମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୂତି ହୋଇଛି।ଏହା ୪ଦିନ ଧରି ଚାଲିଥିଲା। ଗ୍ରାମର ଶତାଧିକ ମହିଳା ଏକ ଶୋଭାଯାତ୍ରାରେ କଳସରେ ପାଣି ଆଣି ଗ୍ରାମ ପରିକ୍ରମା କରି ମନ୍ଦିର ଯଜ୍ଞସ୍ଥଳରେ ପହଞ୍ଚିବା ପରେ ଘଟ ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯଜ୍ଞରେ କର୍ତ୍ତା ଭାବେ ସୁରେନ୍ଦ୍ର ବରାଳ ଓ କର୍ତ୍ତ୍ରୀ ଭାବେ ତାଙ୍କ ସହଧର୍ମିଣୀ ମିନତି ବରାଳ ଦାୟିତ୍ୱ ତୁଲାଇଥିବାବେଳେ ବ୍ୟାସ ପଦ୍ମନାଭ ମହାପାତ୍ର ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ। ସନ୍ଧ୍ୟାରେ ପ୍ରସାଦ ସେବନ ହୋଇଥିଲା।

### ଅନ୍ନପୂର୍ଣ୍ଣା ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ବିଜ୍ଞାନାଗାର ପରିଦର୍ଶନ

ଚାରିଛକ,୯।୨(ଶିଶିର ସ୍ୱାଇଁ)

ଚାରିଛକସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ମନସ୍ୱିନୀ ଲେଙ୍କାଙ୍କ ତତ୍ତ୍ୱାବଧାନରେ ନବମ ଶ୍ରେଣୀ ଛାତ୍ରୀଛାତ୍ର ଶନିବାର କଟକ ଜିଲାର ଅଡ଼ସପୁରସ୍ଥ ଉଦୟନାଥ ସ୍ୱୟଂଶାସିତ ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟର ପାଠାଗାର ଓ ବିଜ୍ଞାନାଗାର ପରିଭ୍ରମଣ କରିଛନ୍ତି। ସେହି ମହାବିଦ୍ୟାଳୟର ଇନ୍‌ଫର୍‌ମେଶନ ଟେକ୍ନୋଲୋଜି ବିଭାଗ ଦ୍ୱାରା ଆୟୋଜିତ ବିଜ୍ଞାନ ମେଳା 'ଟେକ୍ନୋଭା ୨୦୨୫' ପରିଦର୍ଶନ କରିଥିଲେ। ଏତଦ୍ ସହ ଛାତ୍ରୀଛାତ୍ର ମହାବିଦ୍ୟାଳୟର ବୃହତ୍ ପାଠାଗାର ପଦାର୍ଥବିଜ୍ଞାନ, ରସାୟନ ବିଜ୍ଞାନ, ଉଦ୍ଭିଦ ବିଜ୍ଞାନ, ପ୍ରାଣୀ ବିଜ୍ଞାନର ବିଜ୍ଞାନାଗାର ଏବଂ ସନ୍ତରଣ ପୁଷ୍କରିଣୀ ପରିଦର୍ଶନ କରିଥିଲେ। ଏଥିରେ ବିଦ୍ୟାଳୟର ପ୍ରତ୍ୟୁଶ, ଆଶୁତୋଷ, ଜ୍ୟୋତ୍ସ୍ନାରାଣୀ, ଜ୍ୟୋତିପ୍ରଜ୍ଞା, ସୁପ୍ରିୟା, ଶୁଭଶ୍ରୀ, ରୋହନ ପ୍ରମୁଖ ଛାତ୍ରୀଛାତ୍ର ଯୋଗଦେଇ ଜ୍ଞାନ ଆହରଣର ସୁଯୋଗ ପାଇଥିଲେ। କାର୍ଯ୍ୟକ୍ରମରେ କ୍ରିଷ୍ଣା ମହାପାତ୍ର, ରାନୀ ବହିଆ ଓ ଶିବବ୍ରତ ମଲ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

### ପୂର୍ବତନ ସରପଞ୍ଚ ସଦାଶିବ ନାୟକଙ୍କ ପରଲୋକ

ସାକ୍ଷୀଗୋପାଳ,୯।୨(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର/ଭରତ ରାଉତ)

ସତ୍ୟବାଦୀ ବ୍ଲକ ଅଧୀନ ଅଳଗୁମ ଗ୍ରାମପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ତଥା ସାମାଜିକ କର୍ମୀ ସଦାଶିବ ନାୟକ ବାର୍ଦ୍ଧକ୍ୟଜନିତ ରୋଗରେ ଶନିବାର ମଧ୍ୟରାତ୍ରରେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ସ୍ୱର୍ଗତ ନାୟକଙ୍କ ଉଦ୍ୟମରେ ପଶ୍ଚିମ ସତ୍ୟବାଦୀରେ ଥିବା ଚିକିତ୍ସାଳୟର ବିକାଶ, ପୁରୀ ଜିଲାର ସର୍ବପୁରାତନ ଉଚ୍ଚ ବିଦ୍ୟାଳୟ ଜାଗେଶ୍ୱରୀ ବିଦ୍ୟାପୀଠ ଅଳଗୁମର ପ୍ରତିଷ୍ଠାତା ସଦସ୍ୟ, ସତ୍ୟବାଦୀ ଅଳଗୁମ ରାସ୍ତାର ଗମନାଗମନ ସୁବିଧା ନିମନ୍ତେ ଅନେକ ଉଦ୍ୟମ କରିଥିଲେ। ୯୦ ଦଶକରେ ସେ ଜାତୀୟ କଂଗ୍ରେସର ଜଣେ ଆଦର୍ଶ ସରପଞ୍ଚ ଥିଲେ। ମୃତ୍ୟୁ ପରେ ତାଙ୍କ ସହଧର୍ମିଣୀ ସଂଯୁକ୍ତା ନାୟକଙ୍କ ସମେତ ୪ ଝିଅ ଓ ଅନ୍ୟ ଆତ୍ମୀୟସ୍ୱଜନ ଅନ୍ତିମ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପ୍ରାକ୍ତନ ମନ୍ତ୍ରୀ ତଥା ସତ୍ୟବାଦୀ ବିଧାୟକ ପ୍ରସାଦ ହରିଚନ୍ଦନ, ସତ୍ୟବାଦୀ ବ୍ଲକ କଂଗ୍ରେସ ପକ୍ଷରୁ ସୁବାସ ମହାପାତ୍ର, ଜୟନ୍ତ ହୋତା, ଶିକ୍ଷାବିତ୍ କାହ୍ନୁଚରଣ ପ୍ରଧାନ, ପ୍ରଭାତ ଚନ୍ଦ୍ର ରଥ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ରବିବାର ପୁରୀ ସ୍ୱର୍ଗଦ୍ୱାରଠାରେ ସ୍ୱର୍ଗତ ନାୟକଙ୍କ ଅନ୍ତିମ ସଂସ୍କାର ସମାପନ ହୋଇଯାଇଛି।

### ସେବା ନିବୃତ୍ତ ସମ୍ବର୍ଦ୍ଧନା ସମାରୋହ

ସାକ୍ଷୀଗୋପାଳ, ୯।୨(ଭରତ ରାଉତ)

ଶୁକଳ ତୃତୀୟା ଦେବ ନୋଡାଲ ବିଦ୍ୟା ନିକେତନର ଶିକ୍ଷା କର୍ମଚାରୀ ଝରେନ୍ଦ୍ର ବାରିକଙ୍କ ସେବା ନିବୃତ୍ତ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପ୍ରାଙ୍ଗଣରେ ପ୍ରଧାନଶିକ୍ଷକ ଅରବିନ୍ଦ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଗୌତମ ଚରଣ ପ୍ରଧାନ, କାଶୀନାଥ ପରିଡ଼ା, ପ୍ରାକ୍ତନ ପ୍ରଧାନଶିକ୍ଷକ କୃଷ୍ଣମୋହନ ମହାନ୍ତି, ପ୍ରାକ୍ତନ ପ୍ରଧାନଶିକ୍ଷକ ନାରାୟଣ ରାଉତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷାବିତ୍ କାହ୍ନୁଚରଣ ପ୍ରଧାନ ଓ ସାମାଜିକ କର୍ମୀ ଗୋବିନ୍ଦ ଚନ୍ଦ୍ର ନାଥ, ସମିତିସଭ୍ୟ ବସନ୍ତ କୁମାର ବିଶ୍ୱାଳ, ପରିଚାଳନା କମିଟି ସଭ୍ୟାସଭ୍ୟ ବୃନ୍ଦ ବାରିକଙ୍କ ୪୦ବର୍ଷ ବିଦ୍ୟାଳୟର ସେବା ବିଷୟରେ ଆଲୋକପାତ କରିଥିଲେ। ସଭାକୁ ଶିକ୍ଷକ ଦେବାଶିଷ ମିଶ୍ର ଓ ଶିକ୍ଷୟିତ୍ରୀ ହରପ୍ରିୟା ନାଥ ସଂଯୋଜନା କରିଥିଲେ।

# ସାରସ୍ୱତ ସୃଷ୍ଟି ସମାଜକୁ ଦିଗ୍‌ଦର୍ଶନ ଦିଏ



ଅନୁଷ୍ଠାନର ମୁଖପତ୍ର 'ନାକଚଣା'କୁ ଅତିଥିମାନେ ଲୋକାର୍ପଣ କରୁଛନ୍ତି।

## ତୃତୀୟ ଶ୍ରୀକ୍ଷେତ୍ର ସାହିତ୍ୟ ମହୋତ୍ସବ

ପୁରୀ,୯।୨(ଅଜିତ୍ କୁମାର ମହାନ୍ତି)

ଓଡ଼ିଶା ସାହିତ୍ୟ ଏକାଡେମୀ ସହଭାଗିତାରେ ଶ୍ରୀକ୍ଷେତ୍ର ସାହିତ୍ୟ ମହୋତ୍ସବ କମିଟି ଆନୁକୂଲ୍ୟରେ ତୃତୀୟ ଶ୍ରୀକ୍ଷେତ୍ର ସାହିତ୍ୟ ମହୋତ୍ସବ ରବିବାର ଜିଲା ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ଭାଷା ସାହିତ୍ୟକୁ ଓଡ଼ିଶାର ଅବଦାନ ଯେପରି ଉଲ୍ଲେଖନୀୟ, ସେହିପରି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ଗରିମାମୟ କରିବାରେ ଶ୍ରୀକ୍ଷେତ୍ରର ସାରସ୍ୱତ ସାଧକ ସାଧିକାମାନଙ୍କ ଭୂମିକା ଅନନ୍ୟ। ଶ୍ରୀଜଗନ୍ନାଥଙ୍କୁ ନେଇ ସୃଷ୍ଟି ହୋଇଛି ବିପୁଳ ସାରସ୍ୱତ ଭଣ୍ଡାର। ସାରସ୍ୱତ ସୃଷ୍ଟି ସମାଜକୁ ଦିଗ୍‌ଦର୍ଶନ ଦେବା ସହିତ ସମାଜରେ ସଂସ୍କାର ଆଣି ପ୍ରଗତି ପଥରେ ଆଗେଇ ନିଏ ବୋଲି ଅତିଥିମାନେ କହିଥିଲେ। ଉଦ୍‌ଘାଟକ ଭାବେ ବଡ଼ଓଡ଼ିଆ ମଠ ତଥା ଅତିବଡ଼ୀ ସାଧନ ମାଠର ମହନ୍ତ ଅଧିକାରୀ ବଂଶୀଧର ଦାସଗୋସ୍ୱାମୀ ଏବଂ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ମୁଖପତ୍ର 'ନାକଚଣା'କୁ ଅତିଥିମାନେ ଲୋକାର୍ପଣ କରିଥିଲେ। ଓଡ଼ିଆ ଭାଷା ସାହିତ୍ୟର ପ୍ରଚାର ପ୍ରସାର ଦିଗରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିବା ବିଶିଷ୍ଟ ସାହିତ୍ୟିକ ଡ. ଦାଶ ବେନ୍‌ହୁର, ଓଡ଼ିଶା ଲେଖିକା ସଂସଦ ସଭାପତି ଡ. ଶକୁନ୍ତଳା ବଳିୟାରସିଂ, ପ୍ରିୟପତ୍ର ସମ୍ପାଦକ ବିପିନ୍‌ବିହାରୀ ଦଳାଇ, ପୁସ୍ତକ ମେଳା କମିଟି କାର୍ଯ୍ୟକାରୀ ସଭାପତି ଅନାମ ଚନ୍ଦ୍ର ସାହୁ, ଶ୍ରୀକ୍ଷେତ୍ର ସାହିତ୍ୟ ସଂସଦ ସମ୍ପାଦକ ରବୀନ୍ଦ୍ରନାଥ ପଟ୍ଟନାୟକ ଏବଂ ଶ୍ରୀକ୍ଷେତ୍ର ଶିଶୁ ସାହିତ୍ୟ ସଂସଦ ସଭାପତି ପ୍ରାଣକୃଷ୍ଣ ମହାପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ମୁଖ୍ୟ ସଂଯୋଜକ ସଦାଶିବ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାପର୍ବ ଆରମ୍ଭରେ ଉପଦେଷ୍ଟା ଶିବସୁନ୍ଦର ମିଶ୍ର ମହୋତ୍ସବର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ଅଭ୍ୟର୍ଥନା ସମିତି ଅଧ୍ୟକ୍ଷା ବିଜୟଲକ୍ଷ୍ମୀ ସାହୁ ସ୍ୱାଗତ ଭାଷଣ ଓ ବିଜୟଲକ୍ଷ୍ମୀ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ଅଶୋକ କୁମାର ମିଶ୍ରଙ୍କ ସଭାପତିତ୍ୱରେ କବିତା ପାଠ ଅନୁଷ୍ଠିତ ହୋଇଥିଲା। ଆବାହକ ସୁରେଶ କୁମାର ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ଦେଇଥିଲେ। ସୁଶ୍ରୀ କ୍ରିଷ୍ଣା ମହାପାତ୍ର, ଅଧ୍ୟାପକ ଭାରତୀ ଭୂଷଣ ଦାସ, କୃଷ୍ଣଚନ୍ଦ୍ର ରଥ, ମଞ୍ଜୁଶ୍ରୀ ମିଶ୍ର ଓ ପ୍ରଲିପ୍ତା ଛୋଟରାୟ ପ୍ରମୁଖ ସହଯୋଗ କରିଥିଲେ। ମହୋତ୍ସବକୁ ଶ୍ରୀକ୍ଷେତ୍ର ଲେଖକ ସାମ୍ମୁଖ୍ୟ, ସୁଲେଖା ସାହିତ୍ୟ ସଂସ୍କୃତି ପରିଷଦ, ଶ୍ରୀକ୍ଷେତ୍ର ସାହିତ୍ୟ ସଂସଦ ଏବଂ ଅନୁରାଗ ସାହିତ୍ୟ ସଂଗୋଷ୍ଠୀ ମିଳିତ ଭାବେ ଆୟୋଜନ କରିଥିଲେ।




ପୁରୀ ତାଳବଣିଆଠାରେ ରବିବାର ଆୟୋଜିତ ଓଡ଼ିଶା-ଜାପାନ ମହୋତ୍ସବରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ କଳାକାରମାନେ।

## ସତ୍ୟବାଦୀ ମହୋତ୍ସବ ପକ୍ଷରୁ ପ୍ରତିଯୋଗିତା

ସାକ୍ଷୀଗୋପାଳ,୯।୨ (ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ସତ୍ୟବାଦୀ ପଞ୍ଚସଖା ଖେଳପଡ଼ିଆରେ ଆସନ୍ତା ୧୪ ତାରିଖରୁ ୩ ଦିନ ବ୍ୟାପୀ ଅଷ୍ଟମ ସତ୍ୟବାଦୀ ମହୋତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ରବିବାର ମହୋତ୍ସବ ନିମନ୍ତେ ପ୍ରାକ୍ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଏହି ଅବସରରେ ମହୋତ୍ସବ କମିଟି ପକ୍ଷରୁ ସତ୍ୟବାଦୀ ହାଇସ୍କୁଲ ପରିସରରେ ବ୍ଲକର ବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବ୍ଲକର ୧୫୩ ବିଦ୍ୟାଳୟର ୨୭୦ ଜଣ ଛାତ୍ରୀଛାତ୍ର ଏଥିରେ ଭାଗ ନେଇଥିଲେ। କନିଷ୍ଠ, ମଧ୍ୟମ ଓ ବରିଷ୍ଠ ବିଭାଗରେ ପ୍ରତିଯୋଗୀ ଚିତ୍ରକଳା, ସାଧାରଣ ଜ୍ଞାନ, ସଙ୍ଗୀତ, ପ୍ରବନ୍ଧ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ତୃତୀୟରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଦଳଗତ ନୃତ୍ୟ, ଶାସ୍ତ୍ରୀୟ ନୃତ୍ୟ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ପ୍ରତ୍ୟେକ ବିଭାଗରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଷ୍ଠ କୃତୀ ପ୍ରତିଯୋଗୀଙ୍କୁ ମହୋତ୍ସବରେ ଅତିଥିମାନେ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯିବ ବୋଲି ମହୋତ୍ସବ କମିଟିର ସହ ସମ୍ପାଦକ ଭବାନୀ ଶଙ୍କର ନନ୍ଦ ସୂଚନା ଦେଇଛନ୍ତି। ମହୋତ୍ସବ କମିଟି ପକ୍ଷରୁ ସାଂସ୍କୃତିକ ସମ୍ପାଦକ ବଦ୍ରିନାରାୟଣ ଖୁଣ୍ଟିଆଙ୍କ ସହ ବରିଷ୍ଠ ସଦସ୍ୟ ଦିଲୀପ କୁମାର ମହାନ୍ତି, ପ୍ରଦ୍ୟୁମ୍ନ ଶତପଥୀ, ଅଶୋକ ରାଉତରାୟ, ଶରତ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ବିଚାରକ ଭାବେ ଜିତେନ୍ଦ୍ର କୁମାର ବେହେରା, ଅଶୋକ କୁମାର ଦାସ ଦାୟିତ୍ୱ ସମ୍ପାଦନା କରିଥିଲେ। ସତ୍ୟବାଦୀ ହାଇସ୍କୁଲ ଶିକ୍ଷୟିତ୍ରୀ ପ୍ରତୀକ୍ଷା ମିଶ୍ର ତାଙ୍କୁ ସହଯୋଗ କରିଥିଲେ। ଶିକ୍ଷକ ସୁନିଲ ବେହେରା, ବସନ୍ତ ସ୍ୱାଇଁ, ମୃତ୍ୟୁଞ୍ଜୟ ମହାପାତ୍ରଙ୍କ ସମେତ ହାଇସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନାରେ ସହଯୋଗ କରିଥିଲେ।

## ଏକଲବ୍ୟ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ




ସମାରୋହରେ ମଞ୍ଚାସୀନ ଅତିଥି।

ନିମାପଡ଼ା, ୯।୨(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ାପିଙ୍ଗଳାକ୍ଷୀପବ୍ଲିକୱେଲଫେୟାର ଅର୍ଗାନାଇଜେଶନ(ପିପିଡବ୍ଲ୍ୟୁଓ) ଦ୍ୱାରା ପରିଚାଳିତ ଏକଲବ୍ୟ ଶିକ୍ଷାକେନ୍ଦ୍ରର ୭ମ ବାର୍ଷିକୋତ୍ସବ, ସମ୍ବର୍ଦ୍ଧନା ଓ ପୁରସ୍କାର ବିତରଣ ସମାରୋହ ପିପିଡବ୍ଲ୍ୟୁଓ ପ୍ରଶାସନିକ କାର୍ଯ୍ୟାଳୟରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଚିନ୍ମୟ ଦାସ, ବିଶିଷ୍ଟ ଶିକ୍ଷାବିତ୍ ଡ. ପ୍ରଭାକର ତ୍ରିପାଠୀ, ବାଣିଶ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷା, ଶିକ୍ଷାବିତ୍ ଡ. ଜ୍ୟୋତ୍ସ୍ନାରାଣୀ ବହିଆ, ଅନୁଷ୍ଠାନ ସଭାପତି ଗୋବିନ୍ଦ ଚନ୍ଦ୍ର ନାୟକ, ସାଧାରଣ ସମ୍ପାଦକ ଗଗନ ବିହାରୀ ଦାସ, କୋଷାଧ୍ୟକ୍ଷ ପଦ୍ମଲୋଚନ ମହାନ୍ତି, ଏକଲବ୍ୟ ଶିକ୍ଷାକେନ୍ଦ୍ର ଅଧ୍ୟକ୍ଷ ଲିଙ୍ଗରାଜ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଗୁଣାତ୍ମକ ଶିକ୍ଷା, ଛାତ୍ରୀଛାତ୍ରଙ୍କ ବୌଦ୍ଧିକ ବିକାଶ ଦିଗରେ ଅତିଥିମାନେ ଆଲୋକପାତ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁଶ୍ରୀ ସଙ୍ଗୀତା ମହାରଣାଙ୍କୁ ସୃଜନଶୀଳ ଶିକ୍ଷକ ଭାବେ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନ ପକ୍ଷରୁ ମଧୁମିତା ଜେନା, ଶ୍ରଦ୍ଧାଞ୍ଜଳି ମିଶ୍ର, ଗାୟତ୍ରୀ ସେନାପତି, ମଞ୍ଜୁଲତା ମହାନ୍ତି, ଅଭୀପ୍ସା ସେନାପତି, ଡଲି ସ୍ୱାଇଁ, ବିଶ୍ୱଜିତା ରାଉତ ପ୍ରମୁଖ ସମାରୋହର ସଂଯୋଜନା ଓ ପରିଚାଳନା କରିଥିଲେ।

## ଇଟାଭାଟିରେ ଚଢ଼ାଉ

ଚାରିଛକ,୯।୨(ଶିଶିର ସ୍ୱାଇଁ)

ନିମାପଡ଼ା ବ୍ଲକ ଅଧୀନ କଳାପାଞ୍ଚଣ ପଞ୍ଚାୟତରେ ଏକ ବେଆଇନ ଇଟାଭାଟି ଉପରେ ତହସିଲ ପକ୍ଷରୁ ଚଢ଼ାଉ କରାଯାଇଛି। ବିଭିନ୍ନ ସରକାରୀ ଜାଗା ଓ ପ୍ରାଚୀନଦୀ ପଠାରୁ ଇଟା ବ୍ୟବସାୟୀ ମାଟି ସଂଗ୍ରହ କରି ରାତିରେ ଇଟା ତିଆରି କରି ପୋଡୁଥିଲେ। ନିମାପଡ଼ା ତହସିଲଦାର ବସନ୍ତ କୁମାର ହାତୀ, ସ୍ଥାନୀୟ ଆରଆଇ ଜ୍ୟୋତିରଞ୍ଜନ ବେହେରା, ନିମାପଡ଼ା ଅଗ୍ନିଶମ ବିଭାଗ କର୍ମଚାରୀ ଓ ଚାରିଛକ ପୋଲିସ ଉପସ୍ଥିତିରେ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ଦ୍ୱାରା ପୋଡ଼ା ହେବାକୁ ଲଦା ହୋଇଥିବା ଇଟା ଭାଟିରେ ପାଣି ପକାଇ ନଷ୍ଟ କରି ଦିଆଯାଇଛି।

# ୧୫୬୬ ରାଶନ କାର୍ଡରେ ଅଯୋଗ୍ୟ ହିତାଧିକାରୀ

## ଅସ୍ତରଙ୍ଗ ଓ କାକଟପୁର ବ୍ଲକରେ ଚାଲିଛି ତନାଘନା

କାକଟପୁର/ଅସ୍ତରଙ୍ଗ, ୯।୨ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

ଦେଶର ଗରିବ ପରିବାର ଏବଂ ଅସହାୟ ବ୍ୟକ୍ତିଙ୍କୁ ଖାଦ୍ୟ ଯୋଗାଇବା ପାଇଁ ଭାରତ ସରକାର ୨୦୧୪ ମସିହାରେ ଖାଦ୍ୟ ସୁରକ୍ଷା ଆଇନ ପ୍ରଣୟନ ସହ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଆରମ୍ଭ କରିଥିଲେ। ଏହି ଯୋଜନାରେ ରାଶନକାର୍ଡଧାରୀଙ୍କୁ ମାସକୁ ୫କେଜି ଚାଉଳ ସହ ଅନ୍ୟ ସୁବିଧା ମିଳୁଛି। ମାତ୍ର ରାଜ୍ୟରେ ପୂର୍ବ ସରକାରଙ୍କ ଉଦାସୀନତା ଯୋଗୁ ଅନେକ ଅଯୋଗ୍ୟ ବ୍ୟକ୍ତି ଅସାଧୁ ଉପାୟରେ ରାଶନ କାର୍ଡ ହାତେଇଛନ୍ତି। ବର୍ତ୍ତମାନର ରାଜ୍ୟ ସରକାର ଖାଉଟି ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବା ପାଇଁ ଅଣ୍ଟା ଭିଡ଼ିଛନ୍ତି। ଏହି କ୍ରମରେ ପୁରୀ ଜିଲା କାକଟପୁର ବ୍ଲକର ୧୬ଟି ପଞ୍ଚାୟତରେ ୪୮ଟି ରିଟେଲର ପଏଣ୍ଟ ଥିବାବେଳେ ୮୬ହଜାର ୪ଶହ ୨୮ଜଣ ହିତାଧିକାରୀ ଏବଂ ଅସ୍ତରଙ୍ଗ ବ୍ଲକର ୧୫ଟି ପଞ୍ଚାୟତରେ ଜାତୀୟ ଖାଦ୍ୟ ସୁରକ୍ଷା ଓ ରାଜ୍ୟ ସୁରକ୍ଷା ଯୋଜନାରେ ମୋଟ ୬୯ହଜାର ୪ଶହ ୨୯ଜଣ ହିତାଧିକାରୀ ଅନ୍ତର୍ଭୁକ୍ତ ହୋଇ ରାଶନ ପାଉଛନ୍ତି। ପ୍ରଥମେ ଏଚ୍‌ଆର୍‌ଏମ୍‌ଏସ୍ ଜରିଆରେ ସରକାରୀ ଚାକିରିଆ ଚିହ୍ନଟ କରି କାର୍ଡ ଫେରାଇବାକୁ ସୂଚନା ଦେଇଥିବା ବେଳେ କେତେଜଣ ଚିହ୍ନଟ ହେବା ପରେ ସେମାନଙ୍କ କାର୍ଡ କାଟିଦିଆଯାଇଛି। ରାଜ୍ୟ ଖାଉଟି ବିଭାଗ ପ୍ରମୁଖ ସଚିବଙ୍କ ପତ୍ର ସଂଖ୍ୟା ୨୦୭୬/୩/୨/୨୫ରୁ ଏହା ସ୍ପଷ୍ଟ ହୋଇଛି। କାକଟପୁର ବ୍ଲକରେ ୮୬୧ଟି କାର୍ଡରେ ୩୪୧୮ ଜଣ, ଅସ୍ତରଙ୍ଗ ବ୍ଲକର ୧୫ ପଞ୍ଚାୟତରୁ ୭୦୫ଟି କାର୍ଡରେ ୨୯୯୧ଜଣ ଅଯୋଗ୍ୟ ହିତାଧିକାରୀ ବହୁ ବର୍ଷ ଧରି ରାଶନ ସାମଗ୍ରୀ ହାତଉଛନ୍ତି। ଢୋଲ ଭିତରେ ମୂଷା ଭଳି ଆହୁରି ଅନେକ ଅଯୋଗ୍ୟ ହିତାଧିକାରୀ ଅଛନ୍ତି। ଅନ୍ୟପଟରେ ଏବେ ବି ବହୁ ଅସହାୟ, ଭିନ୍ନକ୍ଷମ ଏବଂ ଗରିବ ପରିବାର ରାଶନ କାର୍ଡ ପାଇବାରୁ ବଞ୍ଚିତ ଅଛନ୍ତି। ସରକାର ପ୍ରଥମ ପର୍ଯ୍ୟାୟରେ ସରକାରୀ ଚାକିରିଆଙ୍କୁ ଧରିଥିବା ବେଳେ ଏବେ ଆୟକରଦାତାଙ୍କ ପାଳି ପଡ଼ିଛି। ଆସନ୍ତା ୭ଦିନ ଭିତରେ ଅଯୋଗ୍ୟ ହିତାଧିକାରୀମାନେ ସେମାନଙ୍କ ରାଶନ କାର୍ଡ ଫେରାଇବାକୁ କାକଟପୁର ଓ ଅସ୍ତରଙ୍ଗ ଯୋଗାଣ ନିରୀକ୍ଷକ ଶିବଚରଣ ବେହେରା ପରାମର୍ଶ ଦେଇଛନ୍ତି।

# ଭକ୍ତ ଦାସିଆଙ୍କ ମହାପ୍ରୟାଣ ଦିବସ




କାର୍ଯ୍ୟକ୍ରମରେ ଅତିଥିମାନଙ୍କ ଦ୍ୱାରା ପତ୍ରିକା 'ଭାବକୁ ନିକଟ' ଲୋକାର୍ପଣ କରାଯାଉଛି।

ପିପିଲି,୯।୨(ଦୁର୍ଗା ମାଧବ ମିଶ୍ର)

ଭକ୍ତ ଶିରୋମଣି ଦାସିଆଙ୍କ ଜନ୍ମ ଓ ସାଧନାପୀଠ ବାଲିଗାଁଠାରେ ତାଙ୍କ ମହାପ୍ରୟାଣ ଦିବସ ଶନିବାର ଅନୁଷ୍ଠିତ ହୋଇଯାଇଛି। ଭକ୍ତ ଦାସିଆ ସ୍ମୃତି କମିଟି ଦ୍ୱାରା ପ୍ରଯୋଜିତ ଉକ୍ତ ଉତ୍ସବର ସ୍ମୃତି ସଭାରେ ଅନୁଷ୍ଠାନ ସଭାପତି ଡ. ପ୍ରତିଭା ମହାରଥୀ ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ଡ. ଘନଶ୍ୟାମ ସ୍ୱାଇଁ ପ୍ରାରମ୍ଭିକ ସୂଚନା ଦେଇ ଥିଲେ। ବିଶିଷ୍ଟ ଶିକ୍ଷାବିତ୍ ଡ. ଚିତ୍ତରଞ୍ଜନ ମିଶ୍ର, ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପ୍ରାକ୍ତନ ମହାପ୍ରବନ୍ଧକ ବିବେକାନନ୍ଦ ମହାପାତ୍ର, କଣ୍ଠଶିଳ୍ପୀ ହୃଦାନନ୍ଦ ମହାପାତ୍ର ପ୍ରମୁଖ ସ୍ମୃତିଚାରଣ କରିଥିଲେ। ପରେ ଆଧ୍ୟାତ୍ମିକ ପତ୍ରିକା 'ଭାବକୁ ନିକଟ'ର ଦଶମ ବର୍ଷର ପ୍ରଥମ ସଂସ୍କରଣ ଲୋକାର୍ପିତ ହୋଇଥିଲା। ପୁରୀ ଡ୍ୟାନ୍ସ ଏକାଡେମୀର ଓଡ଼ିଶୀ ନୃତ୍ୟଶିଳ୍ପୀମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ସଭା ପ୍ରାରମ୍ଭରୁ ଭାରତ ସରକାରଙ୍କ ଦ୍ୱାରା ଭେଷଜ ବିଜ୍ଞାନର ପଦ୍ମଶ୍ରୀ ପୁରସ୍କାର ନିମନ୍ତେ ମନୋନୀତ ହୋଇଥିବା ଡ. ଅଶୋକ କୁମାର ମହାପାତ୍ର ଏହିଦିବସରେ ଭକ୍ତିଅର୍ଘ୍ୟ ପ୍ରଦାନ କରିଥିଲେ। ଉତ୍ସବରେ ବରିଷ୍ଠ ସଦସ୍ୟ ଅର୍ଜୁନ ଚରଣ ସାମଲ, ବୃନ୍ଦାବନ ମହାପାତ୍ର, ମନୋରଞ୍ଜନ ମହାନ୍ତି, ସ୍ୱୟଂ ପ୍ରକାଶ ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। ମହାପ୍ରୟାଣ ଦିବସର ଶ୍ରାଦ୍ଧ କର୍ମରେ ବିଶିଷ୍ଟ କଣ୍ଠଶିଳ୍ପୀ ଅଜୟ ଦାସ ଓ ତାଙ୍କ ଧର୍ମପତ୍ନୀ କର୍ତ୍ତାକର୍ତ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ମୁଖ୍ୟ ପୂଜକ ଲିଙ୍ଗରାଜ ପଣ୍ଡା, ସହାୟକ ପୂଜକ ପ୍ରସନ୍ନ ପଣ୍ଡା ପ୍ରମୁଖ ପୂଜାକର୍ମ ସମ୍ପାଦନ କରିଥିଲେ। ସମସ୍ତେ ପ୍ରସାଦ ସେବନ କରିଥିଲେ।

# ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଅଭିଭାବକଙ୍କ ସଚେତନତା ଜରୁରୀ



କ୍ରୀଡ଼ା ଉତ୍ସବରେ ଭାଗ ନେଇଥିବା ଛାତ୍ରୀଛାତ୍ରମାନେ ମାର୍ଚ୍ଚପାଷ୍ଟ କରୁଛନ୍ତି।

ସାକ୍ଷୀଗୋପାଳ,୯।୨(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ସତ୍ୟବାଦୀ ହାଇସ୍କୁଲ ବାର୍ଷିକ କ୍ରୀଡ଼ା ଉତ୍ସବ ଆୟୋଜିତ ହୋଇଯାଇଛି। ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବୈଜୟନ୍ତୀ ମିଶ୍ର କ୍ରୀଡ଼ା ପତାକା ଉତ୍ତୋଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ଏଭଳି ଏକ ଅନୁଶାଳ, ଯେଉଁଠି ଖାଲି ପାଠ ନୁହେଁ ନିଜର ଆଚାର, ବ୍ୟବହାର ସହ କ୍ରୀଡ଼ା କ୍ଷେତ୍ରରେ ନିଜକୁ ଯୋଗ୍ୟ ପ୍ରତିପାଦନ କରିବାକୁ ପ୍ରଚୁର ସୁଯୋଗ ରହିଛି। ଏଥିପାଇଁ ଅଭିଭାବକ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ନିୟମିତ ସମ୍ପର୍କ ରଖି ବିଦ୍ୟାଳୟ ଓ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଢିବାକୁ ପ୍ରଧାନ ଶିକ୍ଷୟିତ୍ରୀ ମିଶ୍ର ଅନୁରୋଧ କରିଥିଲେ। ଆୟୋଜିତ କ୍ରୀଡ଼ାରେ ସିନିୟର, ଜୁନିୟର ଓ ସବ୍ ଜୁନିୟର ବିଭାଗରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦୌଡ଼, ଲଙ୍ଗଜମ୍ପ, ହାଇଜମ୍ପ, ଡିସ୍‌କସ, ମ୍ୟୁଜିକ ଚେୟାର, ସ୍କିପିଂ ଆଦି ପ୍ରତିଯୋଗିତା କରାଯାଇଥିଲା। ପ୍ରତିଯୋଗିତାରେ ସିନିୟର ବିଭାଗରୁ ସାଇ ଦୁର୍ଗା ପ୍ରସାଦ, ଜୁନିୟରରୁ ସ୍ୱପ୍ନଜିତ ବଳ, ସବ ଜୁନିୟରରୁ ଅଙ୍କିତା ଦାସ ଚାମ୍ପିୟନ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ପ୍ରଧାନ ଶିକ୍ଷୟିତ୍ରୀ ମିଶ୍ର କ୍ରୀଡ଼ା ପତାକା ଅବତରଣ କରିଥିଲେ। କ୍ରୀଡ଼ା ଶିକ୍ଷକ ସୁଚିତ୍ର ଖଟେଇ ଏହାର ପରିଚାଳନା କରିଥିଲେ।



## ଜାତୀୟ ରାଜଧାନୀ କ୍ଷେତ୍ର ଯୋଜନା ପରିଷଦ

(ଆବାସ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧୀନରେ ଏକ ବୈଧାନିକ ନିକାୟ)
୧ମ ମହଲା, କୋର୍-୪ବି, ଇଣ୍ଡିଆ ହାବିଟାଟ୍ ସେଣ୍ଟର, ଲୋଧି ରୋଡ୍, ନୂଆଦିଲ୍ଲୀ - ୧୧୦୦୦୩

ଫାଇଲ୍ ନଂ. ୯୧୮୮୯୫୧

ଜାତୀୟ ରାଜଧାନୀ କ୍ଷେତ୍ର ଯୋଜନା ପରିଷଦରେ ନିମ୍ନଲିଖିତ ପଦବୀ ନିମନ୍ତେ ନିମ୍ନପ୍ରଦତ୍ତ ବିବରଣୀ ଅନୁଯାୟୀ ଇଚ୍ଛୁକ ଏବଂ ଯୋଗ୍ୟ ପ୍ରାର୍ଥୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି:-

| ପଦବୀର ନାମ | ନିଯୁକ୍ତିର ପଦ୍ଧତି | ବେତନ ହାର |
|---|---|---|
| ଷ୍ଟେନୋଗ୍ରାଫର୍ ଗ୍ରେଡ୍ ସି | ପ୍ରତ୍ୟକ୍ଷ ନିଯୁକ୍ତି ଦ୍ୱାରା | ସ୍ତର-୭ (₹୪୪,୯୦୦-୧,୪୨,୪୦୦) ପେ' ମାଟ୍ରିକ୍ସରେ । |
| ଷ୍ଟେନୋଗ୍ରାଫର୍ ଗ୍ରେଡ୍ ଡି | ପ୍ରତ୍ୟକ୍ଷ ନିଯୁକ୍ତି ଦ୍ୱାରା | ସ୍ତର-୪ (₹୨୫,୫୦୦-୮୧,୧୦୦) ପେ' ମାଟ୍ରିକ୍ସରେ । |
| ମଲ୍ଟି-ଟାସ୍କିଂ ଷ୍ଟାଫ୍ (ଏମ୍‌ଟିଏସ୍) | ପ୍ରତ୍ୟକ୍ଷ ନିଯୁକ୍ତି ଦ୍ୱାରା | ସ୍ତର-୧ (₹୧୮,୦୦୦-୫୬,୯୦୦) ପେ' ମାଟ୍ରିକ୍ସରେ । |

ସବୁ ଦୃଷ୍ଟିରୁ ବିଧିବଦ୍ଧ ଭାବେ ସମ୍ପୂର୍ଣ୍ଣ ଏବଂ ପ୍ରାର୍ଥୀଙ୍କ ଦ୍ୱାରା ସ୍ୱାକ୍ଷରିତ ନିର୍ଦ୍ଧାରିତ ଫର୍ମାଟ୍‌ରେ ଦରଖାସ୍ତ ସହିତ କାଗଜପତ୍ର ଇତ୍ୟାଦିର ସେଲ୍‌ଫ-ଆଟେଷ୍ଟେଡ୍ ପ୍ରତିଲିପି ସମେତ ଦରଖାସ୍ତ ଦେୟ ବାବଦରେ ଏନ୍‌ସିଆର୍ ଯୋଜନା ପରିଷଦ ସପକ୍ଷରେ ନୂଆଦିଲ୍ଲୀଠାରେ ପୈଠଯୋଗ୍ୟ ₹୧୦୦ର ଆଇପିଓ/ଡିମାଣ୍ଡ ଡ୍ରାଫ୍ଟ (ଅଣ-ଫେରସ୍ତଯୋଗ୍ୟ) ସଭ୍ୟ ସଚିବ, ଏନ୍‌ସିଆର୍ ଯୋଜନା ପରିଷଦ, ୧ମ ମହଲା, କୋର୍-୪ବି, ଇଣ୍ଡିଆ ହାବିଟାଟ୍ ସେଣ୍ଟର, ଲୋଧି ରୋଡ୍, ନୂଆଦିଲ୍ଲୀ-୧୧୦୦୦୩ଙ୍କ ନିକଟରେ ପହଞ୍ଚିବା ଆବଶ୍ୟକ । ଦରଖାସ୍ତ ଦେୟ ଅନ୍‌ଲାଇନ୍‌ରେ ମଧ୍ୟ ପୈଠ କରାଯାଇପାରିବ ।

ପଦବୀଗୁଡ଼ିକର ସଂଖ୍ୟା, ଯୋଗ୍ୟତା ମାନଦଣ୍ଡ, ଶିକ୍ଷାଗତ ଯୋଗ୍ୟତା, ସଂରକ୍ଷଣ, ବୟସ, ଦରଖାସ୍ତ ଫର୍ମର ଫର୍ମାଟ୍, ଅନ୍‌ଲାଇନ୍ ଦେୟ ପରିଶୋଧର ବିବରଣୀ ଏବଂ ଦରଖାସ୍ତ ପ୍ରାପ୍ତିର ଶେଷ ତାରିଖ ଆଦି ବିବରଣୀ ଆମର ୱେବ୍‌ସାଇଟ୍ https://ncrpb.nic.inରେ ଉପଲବ୍ଧ ।

କୌଣସି କାରଣ ନ ଦର୍ଶାଇ ଉପରୋକ୍ତ ପଦବୀଗୁଡ଼ିକୁ ପୂରଣ ନ କରିବାର ଅଧିକାର ପରିଷଦ ନିକଟରେ ସଂରକ୍ଷିତ ।

CBC 44103/12/0010/2425 ସ୍ୱା./- (ସଭ୍ୟ ସଚିବ)

# ୧୧ରୁ ଗ୍ଲୋରି ଫେଷ୍ଟ

## ପୁରୀରେ ହେବ ଜାତୀୟସ୍ତରୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ସାଂସ୍କୃତିକ ମହୋତ୍ସବ

ପୁରୀ,୯।୨(ଅଜିତ୍ କୁମାର ମହାନ୍ତି)

ଜାତୀୟ ଯୁବ ସମନ୍ୱିତ କେନ୍ଦ୍ର ଆନୁକୂଲ୍ୟରେ ଚଳିତ ମାସ ୧୧ରୁ ୧୪ ତାରିଖ ପର୍ଯ୍ୟନ୍ତ ଜାତୀୟସ୍ତରୀୟ ଆନ୍ତଃବିଶ୍ୱବିଦ୍ୟାଳୟ ସାଂସ୍କୃତିକ ମହୋତ୍ସବ ୨୮ତମ ଗ୍ଲୋରି ଫେଷ୍ଟ-୨୦୨୫ ଅନୁଷ୍ଠିତ ହେବ। ଏଥିରେ ୧୫ଟି ବିଭାଗରେ ପ୍ରତିଯୋଗିତା ହେବ। ସେଗୁଡ଼ିକ ମଧ୍ୟରେ ବକ୍ତୃତା, ତର୍କ, ସାଧାରଣ ଜ୍ଞାନ, ଅନ୍ତାକ୍ଷରୀ, ରେକର୍ଡ ଡ୍ୟାନ୍ସ, ଲୋକନୃତ୍ୟ, ନୃତ୍ୟ, ନାଟକ, ଯନ୍ତ୍ରସଙ୍ଗୀତ, ଲଘୁସଙ୍ଗୀତ, ଗ୍ଲୋରି କୁଇନ ଓ ଗ୍ଲୋରି କିଙ୍ଗ୍ ପ୍ରଭୃତି ପ୍ରତିଯୋଗିତା ରହିଛି। ରାଜ୍ୟ ଓ ରାଜ୍ୟ ବାହାରର ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିବେ। ସର୍ବଶ୍ରେଷ୍ଠ ବିବେଚିତ ଛାତ୍ରୀ ଓ ଛାତ୍ରଙ୍କୁ ଗ୍ଲୋରି କୁଇନ ଓ କିଙ୍ଗ୍ ଉପାଧିରେ ଭୂଷିତ କରାଯିବ। ପୁରୀ ପୌରସଦନରେ ଫେବୃଆରୀ ୧୪ରେ ଏହି ମହୋତ୍ସବର ଉଦ୍‌ଯାପନୀ କାର୍ଯ୍ୟକ୍ରମ ରାତିରେ ବଲିଉଡ ନାଇଟ୍ ଆୟୋଜନ ହେବ। ଏଥିସହ ଜାତୀୟସ୍ତରୀୟ ଆଲୋଚନା ଚକ୍ର 'ସଂସ୍କୃତ ପାଠ୍ୟରେ ବର୍ଣ୍ଣିତ ପୁରୀ ରଥଯାତ୍ରା' ଆୟୋଜନ ହେବ ବୋଲି ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ କୋଷାଧ୍ୟକ୍ଷ ଦେବେନ୍ଦ୍ର ପ୍ରସାଦ ମହାପାତ୍ର, ଉପାଧ୍ୟକ୍ଷ ରାକେଶ ସାମଲ, ଶ୍ରୀନିବାସ ସାହୁ, ପୂର୍ଣ୍ଣେନ୍ଦୁ ପଟ୍ଟନାୟକ, ଦାମୋଦର ଶତପଥୀ, ଯୁଗ୍ମଉପାଧ୍ୟକ୍ଷ ହରପ୍ରସାଦ ବିଶ୍ୱାଳ, ସଂଗ୍ରାମ କେଶରୀ କାନୁନଗୋ, ସାଂସ୍କୃତିକ ସମ୍ପାଦକ ଜିତେନ୍ଦ୍ରନାଥ କର୍ସେ, ସୌମିତ୍ର ହରିଚନ୍ଦନ, ସଭ୍ୟ ଶିବଶଙ୍କର ପ୍ରଧାନ, ଜଗମୋହନ ଚୌଧୁରୀ, ସଞ୍ଜୀବ ରଥଶର୍ମା, ଅଶ୍ୱିନୀ ସ୍ୱାଇଁ, ଅଜୟ ରଣସିଂହ, ଆଲୋକ ବିଶୋଇ, ପ୍ରଦୀପ ପରିଡ଼ା, ସମୀର ଶତପଥୀ, ପ୍ରଭୁପାଦ ମହାପାତ୍ର, ଅଭ୍ୟୁଦୟ ଦାସ, ପ୍ରଜ୍ଞା ପ୍ରିୟଦର୍ଶନ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।



ଶାନ୍ତିସ୍ତୂପ ପାଦଦେଶରେ ଚାଲିଥିବା ଧଉଳି-କଳିଙ୍ଗ ମହୋତ୍ସବର ରବିବାର ଉଦ୍‌ଯାପନୀ ସନ୍ଧ୍ୟାରେ ବିଭିନ୍ନ ନୃତ୍ୟର ଫ୍ୟୁଜନ।

# ୪ ନୃତ୍ୟର ଫ୍ୟୁଜନ ସହ ମନ୍ତ୍ରମୁଗ୍ଧ କଲା ଛଉ

## ୨୧ତମ ଧଉଳି କଳିଙ୍ଗ ମହୋତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର(ସୌମ୍ୟରଞ୍ଜନ ରାଉତ)/ପୁରୁଣା ଭୁବନେଶ୍ୱର,୯।୨(ସୁବାସ ଚନ୍ଦ୍ର ପ୍ରଧାନ)



ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଡ୍ୟାନ୍ସ ଏକାଡେ଼ମୀ ଏବଂ ଆର୍ଟ ଭିଜନ୍ ପକ୍ଷରୁ ଧଉଳି ପାହାଡ଼ ପାଦଦେଶରେ ଚାଲିଥିବା ୨୧ତମ ଧଉଳି କଳିଙ୍ଗ ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଶେଷ ସନ୍ଧ୍ୟାରେ ଓଡ଼ିଶୀ, କଥକ, ଭାରତନାଟ୍ୟମ୍ ଓ ମୋହିନୀଆଟ୍ଟମ ନୃତ୍ୟର ଫ୍ୟୁଜନ ସହିତ ମୟୂରଭଞ୍ଜ ଛଉନୃତ୍ୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଓଡ଼ିଶା ଡ୍ୟାନ୍ସ ଏକାଡେ଼ମୀ ପକ୍ଷରୁ ଓଡ଼ିଶୀ, ବାଙ୍ଗାଲୋରର କର୍ଣ୍ଣକୋପିଆ କ୍ରିଏସନ୍ସ ଦ୍ୱାରା ସମସାମୟିକ ନୃତ୍ୟ, ନୂଆଦିଲ୍ଲୀର ଖାନକ ଇନ୍‌ଷ୍ଟିଚ୍ୟୁଟ ଅଫ୍ ପରଫର୍ମିଂ ଆର୍ଟସ କଳାକାରଙ୍କ ଦ୍ୱାରା କଥକ, ମୁମ୍ବାଇର ପବିତ୍ର ଆର୍ଟ ଭିଜୁଆଲ ଇନ୍‌ଷ୍ଟିଚ୍ୟୁଟ୍ ଶିଳ୍ପୀମାନେ ଭାରତନାଟ୍ୟମ ଏବଂ ଇଣ୍ଟରନ୍ୟାଶନାଲ ଏକାଡେମୀ ଅଫ୍ ମୋହିନୀଆଟ୍ଟମର କଳାକାରଙ୍କ ଦ୍ୱାରା ମୋହିନୀଆଟ୍ଟମର ମିଶ୍ରଣ ନିଆରା ପରିବେଶ ସୃଷ୍ଟି କରିଥିଲା। ଶିଳ୍ପୀଙ୍କ ପ୍ରଥମ ପରିବେଷଣ ଥିଲା ଗଣେଶ ବନ୍ଦନା ଓ ପରେ କୃଷ୍ଣଙ୍କ ଜୀବନର ଯାତ୍ରାକୁ ନେଇ ପ୍ରସ୍ତୁତ ମିଶ୍ରିତ ସୃଜନଶୀଳ ନୃତ୍ୟ 'ଶ୍ରୀ କୃଷ୍ଣ ଶରଣମ ନମଃ' ଭକ୍ତିଭାବର କଥା କହିଥିଲା। ପଦ୍ମଶ୍ରୀ ଅରୁଣା ମହାନ୍ତିଙ୍କ ଦ୍ୱାରା ସଂଗୃହୀତ ଓ ପରିକଳ୍ପିତ କାର୍ଯ୍ୟକ୍ରମଟିର ଓଡ଼ିଶୀ ନୃତ୍ୟ ସଂରଚନା ନିଜେ ଗୁରୁ ଅରୁଣା ମହାନ୍ତି କରିଥିଲା ବେଳେ ଜନାର୍ଦ୍ଦନ ରାଜ ଉର୍ସଙ୍କ ଦ୍ୱାରା ସମସାମୟିକ ନୃତ୍ୟ, ଜୟପ୍ରଭା ମେନନଙ୍କ ଦ୍ୱାରା ମୋହିନୀଆଟ୍ଟମ, ପବିତ୍ର ଭଟ୍ଟଙ୍କ ଦ୍ୱାରା ଭାରତନାଟ୍ୟମ୍ ଏବଂ ମୋନିସା ନାୟକଙ୍କ ଦ୍ୱାରା କଥକ ନୃତ୍ୟ ସଂରଚନା କରାଯାଇଥିଲା। ଅନ୍ତିମ ଉପସ୍ଥାପନା ଥିଲା ମୟୂର କଳା କେନ୍ଦ୍ରର ଶିଳ୍ପୀଙ୍କ ଦ୍ୱାରା ମୟୂରଭଞ୍ଜ ଛଉନୃତ୍ୟ। ସେମାନଙ୍କ ପ୍ରସ୍ତୁତିରେ ଥିଲା ଶୁମ୍ଭ-ନିଶୁମ୍ଭ ବଧ। କାର୍ଯ୍ୟକ୍ରମରେ ଅତିଥି ଭାବେ ଓଡ଼ିଶୀ ନୃତ୍ୟାଙ୍ଗନା ତଥା ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. ପ୍ରିୟମ୍ବଦା ମହାନ୍ତି ହେଜମାଦି, କଳା ସମିକ୍ଷକ ଡ.ଲୀଲା ଭେଙ୍କଟରମଣ, ମର୍ଦ୍ଦଳ ବାଦକ ଗୁରୁ ଧନେଶ୍ୱର ସ୍ୱାଇଁ, ସମାଜସେବୀ ସୁମିତ୍ରା ଜେନା ଏବଂ ଓଡ଼ିଶା ଡ୍ୟାନ୍ସ ଏକାଡେ଼ମୀ ସଚିବ ଗୁରୁ ଅରୁଣା ମହାନ୍ତି ଯୋଗଦେଇଥିଲେ। ଡ. ଶ୍ରୀନିବାସ ଘଟୁଆରୀ ଓ ଡ. ନାଜିଆ ଆଲାମ୍ କାର୍ଯ୍ୟକ୍ରମକୁ ସଞ୍ଚାଳନା କରିଥିଲେ। ଦେବୀପ୍ରସାଦ ମିଶ୍ର ପରିଚାଳନା କରିଥିଲେ।



@ ଶକ୍ତିପ୍ରସନ୍ନ



@ ଆଶିଷ



@ ସ୍ୱବ୍ରତ



@ ପ୍ରଦୀପ୍ତ

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com
ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# 'ନାଲି ଚା'ରେ ଗାଁର ପରିବର୍ତ୍ତିତ କାହାଣୀ



ୱେବ୍ ସିରିଜ୍ 'ନାଲି ଚା'ର ରିଲିଜ୍ ଅବସରରେ ଯୋଗଦେଇଥିବା କଳାକାର ଓ ଅନ୍ୟମାନେ।

ଭୁବନେଶ୍ୱର,୯।୨ (ସୌମ୍ୟରଞ୍ଜନ ରାଉତ)

## ରିଲିଜ୍ ହେଲା ନୂଆ ୱେବ୍ ସିରିଜ୍

ସ୍ମାର୍ଟଫୋନ୍‌ର ଆଗମନ ଏବଂ ସାମାଜିକ ଗଣମାଧ୍ୟମର ବ୍ୟାପକ ପ୍ରବେଶ ଗ୍ରାମାଞ୍ଚଳର ସରଳ ଜୀବନକୁ ଗଭୀର ଭାବେ ପ୍ରଭାବିତ କରୁଛି। ଗ୍ରାମୀଣ ପରମ୍ପରା, ସଂସ୍କୃତି ବି ବିଶ୍ୱରେ ପରିଚୟ ପାଉଛି। ଡିଜିଟାଲ ଯୁଗରେ ଦୈନନ୍ଦିନ ଜୀବନର ସନ୍ଧିକ୍ଷଣକୁ ନେଭିଗେଟ କରୁଥିବା ଅନେକ ଗ୍ରାମାଞ୍ଚଳ ଲୋକଙ୍କ ଜୀବନ କାହାଣୀକୁ ନେଇ ପ୍ରସ୍ତୁତ ହୋଇଛି ୱେବ୍ ସିରିଜ୍ 'ନାଲି ଚା'। ଏହି ୱେବ୍ ସରିଜ୍‌ଟି ରବିବାର ଉତ୍କଳ ରଙ୍ଗ ମଞ୍ଚ ପ୍ରେକ୍ଷାଳୟରେ ରିଲିଜ୍ ହୋଇଯାଇଛି। ଗ୍ରାମାଞ୍ଚଳର ଯୁବପିଢ଼ି ଅନେକ ସାମାଜିକ ଗଣମାଧ୍ୟମ ପ୍ଲାଟ୍‌ଫର୍ମ ବ୍ୟବହାର କରି ବହୁମୁଖୀ କାର୍ଯ୍ୟକଳାପ ଏବଂ ପ୍ରଯୁକ୍ତିବିଦ୍ୟାରେ ନିୟୋଜିତ ହୁଅନ୍ତି। ଏହାଦ୍ୱାରା ସେମାନଙ୍କ ଜୀବନ ବିଭିନ୍ନ ଭାବେ ପ୍ରଭାବିତ ହେଉଛି। ସାମାଜିକ ଗଣମାଧ୍ୟମ ବିଶ୍ୱସ୍ତରୀୟ ଘଟଣାବଳୀ ବିଷୟରେ ଅବଗତ କରିବା, ବନ୍ଧୁଙ୍କ ସହିତ ଯୋଗାଯୋଗ ଭଳି ବିଭିନ୍ନ କାର୍ଯ୍ୟରେ ସହଯୋଗ କରୁଥିବାବେଳେ ଅନ୍ୟ କ୍ଷେତ୍ରରେ ବ୍ୟବହାରକାରୀଙ୍କ ଆତ୍ମହତ୍ୟା, ଚିନ୍ତା, ଅବସାଦ, ଶାରୀରିକ, ଭାବପ୍ରବଣ ଏବଂ ମାନସିକ ସମସ୍ୟାର କିପରି ଏକ କାରଣ ପାଲଟିଛି ତାହା ଏହି କାହାଣୀରେ ନିଚ୍ଛକ ଭାବେ ପ୍ରତିଫଳିତ ହୋଇଛି। ଏହି ଅବସରରେ ଏହାର ନିର୍ଦ୍ଦେଶକ ସ୍ନେହାଶିଷ ଦାସ କହିଛନ୍ତି, ସାମାଜିକ ଗଣମାଧ୍ୟମ ବର୍ତ୍ତମାନ ଗ୍ରାମାଞ୍ଚଳ ଲୋକଙ୍କ ଜୀବନକୁ କିପରି ପ୍ରଭାବିତ କରୁଛି, ତାହାକୁ କାହାଣୀ ମାଧ୍ୟମରେ ଦର୍ଶକଙ୍କ ପାଖରେ ପହଞ୍ଚାଇବାକୁ ଚେଷ୍ଟା କରାଯାଇଛି।

# ଜଙ୍ଗଲୀ ଦନ୍ତା ପାଇଁ ଘଣ୍ଟାଏ ବିଳମ୍ବରେ ଖୋଲିଲା ନନ୍ଦନକାନନ

ବାରଙ୍ଗ,୯।୨(ଲିଙ୍ଗରାଜ ରାଉତ)



ପୁଣି ନନ୍ଦନକାନନରେ ପଶିଲା ଜଙ୍ଗଲୀ ଦନ୍ତା। ରବିବାର ସକାଳେ ନନ୍ଦନକାନନରେ ୨ଟି ଦନ୍ତା ପଶିଥିବା ଜଣାପଡ଼ିଥିଲା। ହାତୀ ୨ଟି ଚନ୍ଦକା ଜଙ୍ଗଲରୁ ବାହାରି ଶନିବାର ବିଳମ୍ବିତ ରାତିରେ ନନ୍ଦନକାନନର ସୁରକ୍ଷା ପାଚେରିର ପ୍ରାୟ ୧୨ ଫୁଟ ଲମ୍ବର ଅଂଶ ଭାଙ୍ଗି ଭିତରକୁ ପଶିଥିଲେ। ହାତୀ ସଫାରୀର ହାତୀଶାଳକୁ ସଂଯୋଗ ଥିବା ସୁରକ୍ଷା ଗେଟ୍ ପାଖ ଓ ମଇଁଷିକଟା ପଛପଟେ ଥିବା ସଫାରୀ ରାସ୍ତାରେ ଝାଡ଼ା ବସିଥିବା କର୍ମଚାରୀ ଦନ୍ତାହାତୀ ରବିବାର ସକାଳେ ଦେଖିବା ପରେ ନନ୍ଦନକାନନରେ ହାତୀ ପଶିଥିବା ଜଣାପଡ଼ିଥିଲା। ତେବେ ଏହି ୨ଟି ଦନ୍ତା ନନ୍ଦନକାନନରେ କୌଣସି କ୍ଷୟକ୍ଷତି କରି ନ ଥିବାବେଳେ ପର୍ଯ୍ୟଟକଙ୍କ ସୁରକ୍ଷା ଦୃଷ୍ଟିରୁ ୧ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ପର୍ଯ୍ୟନ୍ତ ନନ୍ଦନକାନନକୁ ବନ୍ଦ ରଖାଯାଇଥିଲା। ଜଙ୍ଗଲୀ ହାତୀ ପଶିଥିବା ଜଣାପଡ଼ିବା ପରେ ନନ୍ଦନକାନନ ଅଧିକାରୀ କର୍ମଚାରୀଙ୍କୁ ସାଙ୍ଗରେ ଧରି ହାତୀକୁ ଖୋଜାଖୋଜି କରିଥିଲେ। ଶେଷରେ ହମିରା ଟାଙ୍ଗିରେ ୨ଟି ଦନ୍ତା ଥିବା ଦେଖିବାକୁ ମିଳିଥିଲା। ହମିରା ଟାଙ୍ଗିରୁ ହାତୀ ୨ଟି ଯେପରି ନନ୍ଦନକାନନକୁ ନ ଆସନ୍ତି, ସେଥିପ୍ରତି ସଜାଗ ରହିବାକୁ ନନ୍ଦନକାନନ କର୍ତ୍ତୃପକ୍ଷ କର୍ମଚାରୀଙ୍କୁ ସତର୍କ କରାଇଥିଲେ। ଏହାସହ ୨ ଟିମ୍‌ରେ କର୍ମଚାରୀଙ୍କୁ ନିୟୋଜିତ କରାଯାଇ ୨ ଦନ୍ତାଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖାଯାଇଥିଲା। ସକାଳ ୮ଟାରୁ ପର୍ଯ୍ୟଟକଙ୍କ ପାଇଁ ନନ୍ଦନକାନନ ଖୋଲାଯାଉଥିବାବେଳେ ପ୍ରାୟ ଘଣ୍ଟାଏ ବିଳମ୍ବ ଅର୍ଥାତ୍ ୯ଟା ୧୦ ମିନିଟ୍‌ରେ ଖୋଲାଯାଇଥିଲା। ସନ୍ଧ୍ୟା ହେବା ପରେ ଦନ୍ତା ୨ଟିକୁ ଚନ୍ଦକା ଜଙ୍ଗଲକୁ ଫେରାଇ ନେବାକୁ କର୍ମଚାରୀ ଉଦ୍ୟମ କରିଥିବା ଜଣାପଡ଼ିଛି।

# ବ୍ୟବସାୟୀଙ୍କୁ ମରଣାନ୍ତକ ଆକ୍ରମଣ, ୨ ଗିରଫ

ପିପିଲି,୯।୨(ଦୁର୍ଗା ମାଧବ ମିଶ୍ର/ପ୍ରଭାତ ମହାପାତ୍ର)

ଜଣେ ବ୍ୟବସାୟୀଙ୍କୁ ମରଣାନ୍ତକ ଆକ୍ରମଣରେ ପିପିଲି ପୋଲିସ ୨ ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଭୁବନେଶ୍ୱର ଅଞ୍ଚଳର ଦୀପକ ରଞ୍ଜନ ବେହେରା(୨୨) ଓ ଅଭିଜିତ୍ ପଟ୍ଟନାୟକ(୨୩)। ଏ ସଂକ୍ରାନ୍ତରେ ପୋଲିସ ୬୯/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଶନିବାର ରାତିରେ ବ୍ୟବସାୟୀ କାହ୍ନୁଚରଣ ସାହୁ ଦୋକାନ ବନ୍ଦ କରିବା ସମୟରେ ୨ ଜଣ ଯୁବକ ଆସି ତାଙ୍କୁ ଗାଳିଗୁଲଜ କରିବା ସହ ମୁହଁ ଓ ମୁଣ୍ଡକୁ ଆକ୍ରମଣ କରିଥିଲେ। ସେମାନଙ୍କଠାରୁ ବଞ୍ଚିବାକୁ ଉଦ୍ୟମ କରି ଚିତ୍କାର କରିବାରୁ ଆଖପାଖର କେତେଜଣ ଯୁବକ ସେଠାରେ ପହଞ୍ଚି ଦୁହିଁଙ୍କଠାରୁ କାହ୍ନୁଚରଣଙ୍କୁ ରକ୍ଷା କରିଥିଲେ। ସେ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ସୂଚନା ମିଳିଛି। ଏନେଇ କାହ୍ନୁଚରଣଙ୍କ ବାପା କିଶୋର ସାହୁ ପିପିଲି ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି।

# ଭାଇଚାରା ସୃଷ୍ଟି କରୁଛି ଓଡ଼ିଶା-ଜାପାନ ମହୋତ୍ସବ



ଉତ୍ସବରେ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଉଛି। (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

## ସାଂସ୍କୃତିକ ବିଚିତ୍ରାରେ ଦର୍ଶକ ମନ୍ତ୍ରମୁଗ୍ଧ

ପୁରୀ,୯।୨(ଅଜିତ କୁମାର ମହାନ୍ତି)

ଓଡ଼ିଶା ଏବଂ ଜାପାନ କଳାକାରଙ୍କ ସାଂସ୍କୃତିକ ବିଚିତ୍ରା ଓ ବିବିଧତାରେ ମନ୍ତ୍ରମୁଗ୍ଧ ହୋଇଉଠିଥିଲେ ଦର୍ଶକ। କରତାଳିରେ ତାଳବଣିଆ କମ୍ପିଉଠିଥିଲା। ରବିବାର ସନ୍ଧ୍ୟାରେ ତାଳବଣିଆ ପାର୍କିଂସ୍ଥଳ ନିକଟରେ ଓଡ଼ିଶା- ଜାପାନ ସାଂସ୍କୃତିକ କଳାକାରଙ୍କ ମିଳିତ ଆନୁକୂଲ୍ୟରେ ଓଡ଼ିଆ-ଜାପାନ ମହୋତ୍ସବ ଆୟୋଜିତ ହୋଇଯାଇଛି। ଏଥିରେ ଇଣ୍ଡୋ-ଜାପାନ ଫ୍ରେଣ୍ଡଶିପ୍ ସେଣ୍ଟରର ସଭାପତି ଶ୍ରୀମନ୍ତ କୁମାର ଦାଶ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ଅତିରିକ୍ତ ଜିଲାପାଳ ନୀଳମାଧବ ଭୋଇ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲାପାଳ ରାଜକିଶୋର ଜେନା, ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଆଇଆଇସି ସୁନିଲ ପ୍ରଧାନ ପ୍ରମୁଖ ଯୋଗଦେଇ କହିଥିଲେ, ଏହି ପର୍ବ ଭାରତ-ଜାପାନ ମଧ୍ୟରେ ସାଂସ୍କୃତିକ ଭାବ ବିନିମୟ ସହ ଦୁଇଦେଶ ମଧ୍ୟରେ ଭାଇଚାରା ପ୍ରତିଷ୍ଠା କରିବାରେ ସହାୟକ ହୋଇଛି। ଶ୍ରୀଜଗନ୍ନାଥ ସଂସ୍କୃତିକୁ ଜାପାନରେ ଅଧିକ ପ୍ରଚାର ପ୍ରସାର ସହ ଦୁଇ ଦେଶର କଳାକାରଙ୍କ ମଧ୍ୟରେ ସାଂସ୍କୃତିକ ଭାବ ବିନିମୟ ଏହି ମହୋତ୍ସବ ମାଧ୍ୟମରେ ଅଧିକ ଋଦ୍ଧିମନ୍ତ ହୋଇପାରିବ ବୋଲି ଅତିଥିମାନେ କହିଥିଲେ। ଓଡ଼ିଶା-ଜାପାନ ଉତ୍ସବର ସଫଳତା କାମନା କରିବା ସହ ସମସ୍ତ ସଦସ୍ୟ ଓ କଳାକାରଙ୍କୁ ଅତିଥିମାନେ ଶୁଭେଚ୍ଛା ଜଣାଇଥିଲେ। ଜାପାନର ବିଶିଷ୍ଟ କଳାକାର ରୀନା ନାକାନୋ,କାନ ମିଜୁଓଚ୍ଛୁ,ଏଇକୋ ଓନୋ,ରାମ ତାମାକି, ଆକିଏ, ରୀକା ୟାନୋ, ମାମିକୋ ସିବୁକି, ଓଡ଼ିଆ କଳାକାର ଗୁରୁ ରୋଜାଲିନ ମହାନ୍ତି, ବିଶ୍ୱବନ୍ଧୁ ଦାସ, ସୁଶ୍ରୀ ଦିବ୍ୟଜ୍ୟୋତି ନନ୍ଦ, ଶିବସୁନ୍ଦର ମିଶ୍ର, ଶାଶ୍ୱତୀ ଦାସ ପ୍ରମୁଖ ଭାରତୀୟ ଏବଂ ଜାପାନୀ ନୃତ୍ୟସଙ୍ଗୀତ ପରିବେଷଣ କରିଥିଲେ। ଅଧ୍ୟାପକ ବିଶ୍ୱନାଥ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ନୃତ୍ୟ ପାଇଁ ରୋଜାଲିନ ମହାନ୍ତି, କଣ୍ଠସଙ୍ଗୀତ ପାଇଁ ଶାଶ୍ୱତୀ ଦାଶ ଓ ଦିବ୍ୟଜ୍ୟୋତି ନନ୍ଦ, ବାଦ୍ୟ ଯନ୍ତ୍ର ପାଇଁ ଲିଙ୍ଗରାଜ ଦାସ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ବଦ୍ରି ମିଶ୍ର, ରାମ ପ୍ରକାଶ ସେନାପତି ପ୍ରମୁଖ ଯୋଗଦେଇ କଳାକାରଙ୍କୁ ଉତ୍ସାହିତ କରିଥିଲେ। ଜାପାନ ତରଫରୁ ଆୟୋଜିତ ଷ୍ଟଲକୁ ଅତିଥିମାନେ ବୁଲି ଦେଖିଥିଲେ।

# ୫୧ କେଜି ଗଞ୍ଜେଇ ସହ କାର୍, ବାଇକ୍ ଜବତ: ୪ ଗିରଫ



ଜବତ ଗଞ୍ଜେଇ ଓ କାର୍ ସହ ଗିରଫ ଅଭିଯୁକ୍ତ।

ଖୋର୍ଦ୍ଧା,୯।୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ଜାଗୁଲେଇପାଟଣା ଛକ ତ୍ରିମୂର୍ତୀ ନିକଟରୁ ଅବକାରୀ ମୋବାଇଲ ସ୍କ୍ୱାଡ୍ ଚଢ଼ାଉ କରି ୫୧କେଜି ଗଞ୍ଜେଇ ସହ କାର୍ ଓ ବାଇକ୍ ଜବତ କରି ୪ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଭୁବନେଶ୍ୱର ଲକ୍ଷ୍ମୀସାଗର ଅଞ୍ଚଳର ରାହୁଲ ସାହା (୪୦), କନ୍ଧମାଳ ଶ୍ରାଡିମୁଣ୍ଡର ଅର୍ଜୁନ ଦିଗଲ(୩୧), ତଲକପଡାର ସରୋଜ କୁମାର ଦିଗଲ(୨୫) ଏବଂ ଶ୍ରୀଧର ଦିଗଲ(୪୧)। ସୂଚନା ମୁତାବକ, ଏକ କାରରେ ଫୁଲବାଣୀରୁ ଗଞ୍ଜେଇ ବୋଝେଇ ହୋଇ ଆସୁଥିବା ଖବରପାଇ ଅବକାରୀ ମୋବାଇଲ ସ୍କ୍ୱାଡ୍ ଜାଗୁଲେଇପାଟଣା ଛକ ତ୍ରିମୂର୍ତୀ ନିକଟରେ ଜଗିଥିଲା। ଏହି ସମୟରେ ଏକ କାର୍ ଓ ଆଗରେ ଆସୁଥିବା ବାଇକ୍‌କୁ ଅଟକାଇ ଯାଞ୍ଚ କରିବାରେ ସେଥିରେ ଗଞ୍ଜାଇ ଥିବା ଦେଖିବାକୁ ମିଳିଥିଲା। ପରେ ଅବକାରୀ ସ୍କ୍ୱାଡ୍ ଗାଡ଼ି ଜବତ କରିବା ସହ ୪ଜଣଙ୍କୁ ଗିରଫ କରିଥିଲା।

## ସଂକ୍ଷେପରେ

### ମହାକୁମ୍ଭରେ ୪ର୍ଥ ନିଆଁ

ମହାକୁମ୍ଭ ନଗର,୯ା୨

ପ୍ରୟାଗରାଜର ମହାକୁମ୍ଭ ମେଳା ସ୍ଥଳରେ ରବିବାର ପୁଣିଥରେ ଅଗ୍ନିକାଣ୍ଡ ଘଟିଛି। ଗ୍ୟାସ୍ ସିଲିଣ୍ଡରରେ ଲିକ୍ ଯୋଗୁ ସେକ୍ଟର ୧୯ସ୍ଥିତ କଳ୍ପବାସୀ ଶିବିରରେ ନିଆଁ ଲାଗିଥିଲା। ଅଗ୍ନିଶମ କର୍ମଚାରୀମାନେ ତୁରନ୍ତ ଉକ୍ତ ନିଆଁକୁ ଆୟତ୍ତ କରିଥିବାବେଳେ କେହି ମୃତାହତ ହୋଇନାହାନ୍ତି। ଓମ୍‌ପ୍ରକାଶ ପାଣ୍ଡେ ସେବା ସଂସ୍ଥାନ ପକ୍ଷରୁ ଏହି ଟେଣ୍ଟ ପକାଯାଇଥିଲା। ମହାକୁମ୍ଭ ନଗରରେ ଏହା ଚତୁର୍ଥ ଅଗ୍ନିକାଣ୍ଡ। ପୂର୍ବରୁ ଜାନୁଆରୀ ୧୯, ୨୫ ଏବଂ ଫେବୃଆରୀ ୭ରେ ସେଠାରେ ନିଆଁ ଲାଗି ବହୁସଂଖ୍ୟାରେ ଟେଣ୍ଟ ଜଳିଯାଇଥିଲେ ମଧ୍ୟ କେହି ମୃତାହତ ହୋଇ ନ ଥିଲେ।

### କୋଲକାତା ବସ୍ତିରେ ନିଆଁ: ଜଣେ ମୃତ



କୋଲକାତା,୯ା୨

କୋଲକାତା ମହାନଗର ଅନ୍ତର୍ଗତ ନାରକେଲଡାଙ୍ଗା ଅଞ୍ଚଳରେ ଥିବା ଝୁମ୍ପୁଡ଼ି ବସ୍ତିରେ ନିଆଁ ଲାଗିଯାଇଛି। ଏହି ଅଗ୍ନିକାଣ୍ଡରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟୁନ ୩୦ଟି ଝୁମ୍ପୁଡ଼ି ଜଳିଯାଇଛି। ଶନିବାର ବିଳମ୍ବିତ ରାତିରେ ଏହି ଅଗ୍ନିକାଣ୍ଡ ଘଟିଥିବାବେଳେ ନିଆଁକୁ ଆୟତ୍ତ କରିବା ପାଇଁ ୧୭ଟି ଦମକଳକୁ ନିୟୋଜିତ କରାଯାଇଥିଲା। ଅଗ୍ନିକାଣ୍ଡ ଯୋଗୁ ପ୍ରାୟ ୨୦୦ ଲୋକ ବାସହରା ହୋଇଥିବାବେଳେ ସେମାନଙ୍କୁ ଅସ୍ଥାୟୀ ଆଶ୍ରୟ ଯୋଗାଇଦିଆଯାଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ମୃତକ ଜଣକ ହବିବୁଲ୍ଲା ମୋଲ୍ଲା(୬୫) ବୋଲି ଜଣାପଡ଼ିଛି। ରବିବାର ପଶ୍ଚିମବଙ୍ଗ ପୌରାଞ୍ଚଳ ବ୍ୟାପାର ମନ୍ତ୍ରୀ ଓ କୋଲକାତା ମେୟର ଫିର୍‌ହାଦ ହାକିମ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି।

# ପଣବନ୍ଦୀ ମୁକ୍ତି ଖୁସି ରହିଲାନି



ସ୍ତ୍ରୀ ଓ ୨ ଝିଅଙ୍କ ସହ ଏଲି ଶାରାବୀ।



ଶନିବାର ହମାସ୍ ପକ୍ଷରୁ ଶାରାବୀଙ୍କୁ ମୁକ୍ତ କରାଯାଉଛି।

ଜେରୁଜେଲମ, ୯ା୨

**ସ୍ତ୍ରୀ, ୨ ଝିଅଙ୍କ ହତ୍ୟା ଖବର ପାଇ ସ୍ତବ୍ଧ ହୋଇଗଲେ**

ଗାଜାର ସଶସ୍ତ୍ର ଶାସକ ହମାସ୍ ପକ୍ଷରୁ ଶନିବାର ୩ ଇସ୍ରାଏଲୀ ପଣବନ୍ଦୀଙ୍କୁ ମୁକ୍ତ କରାଯାଇଥିଲା। ସେଥିରେ ୫୨ ବର୍ଷୀୟ ଏଲି ଶାରାବୀ ମଧ୍ୟ ସାମିଲ ଥିଲେ। ହମାସ୍ କବଳରେ ୪୯୧ ଦିନ ଧରି ପଣବନ୍ଦୀ ଭାବେ ରହିବା ପରେ ତାଙ୍କୁ ମୁକ୍ତ କରାଯାଇଥିଲା। ଏହି ସମୟରେ ସେ ଖୁବ୍ ଭାବବିହ୍ୱଳ ଥିଲେ। ମୁକ୍ତ ହେବା ପରେ ସେ ଇସ୍ରାଏଲୀ ସୈନିକଙ୍କୁ କହିଥିଲେ, ଦୀର୍ଘଦିନର ବ୍ୟବଧାନ ପରେ ନିଜ ସ୍ତ୍ରୀ ଓ ୨ ଝିଅଙ୍କୁ ଭେଟିବା ପାଇଁ ଉତ୍ସାହିତ ଅଛି। ତେବେ ତାଙ୍କ ବ୍ରିଟିଶ ବଂଶୋଦ୍ଭବ ସ୍ତ୍ରୀ ଲିଆନ୍ ଏବଂ ୨ ଝିଅ ନୋୟା (୧୬) ଏବଂ ୟହଲ (୧୩)ଙ୍କୁ ୨୦୨୩ ଅକ୍ଟୋବର ୭ରେ ହମାସ୍ ହତ୍ୟା କରିଦେଇଥିବା ନେଇ ସେତେବେଳ ସୁଦ୍ଧା ସେ ଜାଣି ନ ଥିଲେ।

୨୦୨୩ ଅକ୍ଟୋବର ୭ରେ ହମାସ୍ ଇସ୍ରାଏଲ ଉପରକୁ ଆକ୍ରମଣ କରିଥିଲା। ହମାସ୍‌ର ଆତଙ୍କବାଦୀମାନେ ଇସ୍ରାଏଲର ନୋଭା ମ୍ୟୁଜିକ୍ ଫେଷ୍ଟିଭାଲରେ ଆକ୍ରମଣ କରିଥିଲେ। ଏହି ସମୟରେ ସେମାନେ ଶାରାବୀଙ୍କୁ ଅପହରଣ କରି ଗାଜା ଆଣିଥିଲେ ଏବଂ ତାଙ୍କୁ ପଣବନ୍ଦୀ କରି ରଖିଥିଲେ। ଉକ୍ତ ଆକ୍ରମଣରେ ଶାରାବୀଙ୍କ ସ୍ତ୍ରୀ ଓ ତାଙ୍କ ୨ ଝିଅଙ୍କର ମଧ୍ୟ ହତ୍ୟା ହୋଇଥିଲା। ତେବେ ଏନେଇ ଶାରାବୀ ଜାଣି ନ ଥିଲେ। ମୁକ୍ତ ହେବା ପରେ ହମାସ୍ ଶାରାବୀଙ୍କୁ ତାଙ୍କ ଭାଇ ୟୋସିଙ୍କ ମୃତ୍ୟୁ ସମ୍ପର୍କରେ ଜଣାଇଥିଲା। ୟୋସିଙ୍କୁ ମଧ୍ୟ ହମାସ୍ ପଣବନ୍ଦୀ କରି ରଖିଥିଲା। ହମାସ୍ ପକ୍ଷରୁ ଶାରାବୀଙ୍କୁ ଗାଜା ସୀମାରେ ରେଡ୍‌କ୍ରସ୍‌କୁ ହସ୍ତାନ୍ତର କରାଯାଇଥିଲା। ଏହାପରେ ସେ ସେଠାରେ ତାଙ୍କ ଭାଇ ଓ ଭଉଣୀଙ୍କୁ ଭେଟିଥିଲେ। ସ୍ତ୍ରୀ ଓ ୨ ଝିଅଙ୍କର ହତ୍ୟା ହୋଇସାରିଥିବା ନେଇ ସେତେବେଳେ ଶାରାବୀ ଜାଣିବାକୁ ପାଇଥିଲେ। ଦୀର୍ଘବର୍ଷ ପରେ ସ୍ତ୍ରୀ ଓ ୨ ଝିଅଙ୍କ ହତ୍ୟା ଖବର ତାଙ୍କୁ ସ୍ତବ୍ଧ କରିଦେଇଥିଲା। ଶାରାବୀଙ୍କ ଭିଣୋଇ ଷ୍ଟିଭ୍ ବ୍ରିସ୍‌ଲେ କହିଛନ୍ତି, ଏତେଦିନ ପରେ ଶାରାବୀ ମୁକୁଳି ଥିବାରୁ ତାଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପଡ଼ିଛି। ଶନିବାର ପ୍ରଥମେ ସେ ପରିବାରକୁ ଭେଟିବେ ବୋଲି ଖୁସି ଥିଲେ। ପରେ ସେମାନଙ୍କର ମୃତ୍ୟୁ ହୋଇଯାଇଥିବା ଜାଣି ସେ ସ୍ତବ୍ଧ ହୋଇଯାଇଥିଲେ। ଏହି ଖବର ତାଙ୍କୁ ଗଭୀର ଆଘାତ ଦେଇଥିବା ବ୍ରିସ୍‌ଲେ କହିଛନ୍ତି। ପ୍ରକାଶ ଯେ, ଇସ୍ରାଏଲ ଓ ହମାସ୍ ମଧ୍ୟରେ ହୋଇଥିବା ଅସ୍ତ୍ରବିରତି ଚୁକ୍ତି ଅନୁଯାୟୀ, ଶନିବାର ଇସ୍ରାଏଲ ୧୮୩ ଜଣ ପାଲେଷ୍ଟିନୀୟ ବନ୍ଦୀଙ୍କୁ ମୁକ୍ତ କରିଥିଲା।

### ଗାଜାରୁ ଇସ୍ରାଏଲୀ ସେନା ପ୍ରତ୍ୟାହାର ଆରମ୍ଭ

ମୁଗ୍‌ରାକା (ଗାଜା ଷ୍ଟ୍ରିପ୍),୯ା୨

ହମାସ୍ ସହ ଯୁଦ୍ଧବିରତି ଚୁକ୍ତିନାମା ଅନୁଯାୟୀ, ଇସ୍ରାଏଲ୍ ଏହାର ପ୍ରତିଶ୍ରୁତିର ଅଂଶ ସ୍ୱରୂପ ରବିବାର ଗାଜାର ଏକ ମୁଖ୍ୟ କରିଡରରୁ ସୈନ୍ୟ ପ୍ରତ୍ୟାହାର ଆରମ୍ଭ କରିଛି। ତେବେ ଯୁଦ୍ଧବିରତିର ପରବର୍ତ୍ତୀ ଯୋଜନା କାର୍ଯ୍ୟକାରୀ କରିବାରେ ଉଭୟ ପକ୍ଷ ବଡ଼ ପରୀକ୍ଷାର ସମ୍ମୁଖୀନ ହୋଇଛନ୍ତି। ଚୁକ୍ତିନାମା ଅନୁଯାୟୀ ଇସ୍ରାଏଲ୍ ୬ କିଲୋମିଟର ନେଟ୍‌ଜାରିମ୍ କରିଡରରୁ ସୈନ୍ୟ ପ୍ରତ୍ୟାହାର କରିନେବାକୁ ରାଜି ହୋଇଥିଲା। ୧୫ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଇସ୍ରାଏଲ୍ ଓ ହମାସ୍ ମଧ୍ୟରେ ଯୁଦ୍ଧ ଲାଗି ରହିବା ପରେ ଗତ ମାସରେ ଅସ୍ତ୍ରବିରତି ଆରମ୍ଭ ହୋଇଥିଲା। ଇତିମଧ୍ୟରେ ହମାସ୍ ବିଭିନ୍ନ ପର୍ଯ୍ୟାୟରେ ୧୮ ଜଣ ପଣବନ୍ଦୀଙ୍କୁ ମୁକ୍ତ କଲାଣି। ସେହିପରି ଇସ୍ରାଏଲ୍ ମଧ୍ୟ ବହୁସଂଖ୍ୟାରେ ପାଲେଷ୍ଟିନୀୟ ବନ୍ଦୀଙ୍କୁ ମୁକ୍ତକରି ସେମାନଙ୍କୁ ନେଟ୍‌ଜାରିମ୍ ଅତିକ୍ରମ କରି ଗାଜା ଫେରିଯିବାକୁ ଅନୁମତି ଦେଇଛି। ସୈନ୍ୟ ପ୍ରତ୍ୟାହାର ସହ ଇସ୍ରାଏଲ୍ ଚୁକ୍ତିନାମାର ଆଉ ଏକ ପ୍ରତିଶ୍ରୁତି ପାଳନ କରିଛି। ଚୁକ୍ତିନାମାର ଦ୍ୱିତୀୟ ପର୍ଯ୍ୟାୟ ପାଇଁ ବୁଝାମଣା ଜାରି ରହିଥିଲେ ମଧ୍ୟ ବିଶେଷ ଅଗ୍ରଗତି ହୋଇନାହିଁ।

### ବାଂଲା ସୀମାରେ ହେମ୍ ରେଡିଓରେ ସନ୍ଦିଗ୍ଧ ସିଗ୍ନାଲ

କୋଲକାତା,୯ା୨

ଭାରତ-ବାଂଲାଦେଶ ସୀମା ଅନ୍ତର୍ଗତ ପଶ୍ଚିମବଙ୍ଗର ଦକ୍ଷିଣ ଭାଗରେ ଗତ ୨ ମାସ ହେଲା ଆମେଚ୍ୟୁର ହେମ୍ ରେଡିଓ ଅପରେଟରମାନେ ବେଙ୍ଗଲୀ, ଉର୍ଦ୍ଦୁ ଏବଂ ଆରବିକ୍ କୋଡ୍‌ରେ ସନ୍ଦିଗ୍ଧ ରେଡିଓ ସିଗ୍ନାଲ ଦେଖିବାକୁ ପାଉଛନ୍ତି। ବିଳମ୍ବିତ ରାତିରେ ଏଭଳି ସିଗ୍ନାଲ ଆସୁଥିବାରୁ ଏହା ଉଗ୍ରପନ୍ଥୀମାନଙ୍କ କାର୍ଯ୍ୟ ହୋଇଥାଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ବାଂଲାଦେଶରେ ଅଶାନ୍ତି ଲାଗିରହିଥିବାବେଳେ ଭାରତ ବିରୋଧୀ ମନୋଭାବ ବଢ଼ିଚାଲିଛି। ଏଭଳି ସମୟରେ ଗତ ଡିସେମ୍ବରରେ ଉତ୍ତର ୨୪ ପ୍ରଗଣାର ବସିରହାଟ୍ ଏବଂ ବଙ୍ଗାଓ ଅଞ୍ଚଳ ଏବଂ ଦକ୍ଷିଣ ୨୪ ପ୍ରଗଣାର ସୁନ୍ଦରବନରେ ସନ୍ଦେହଜନକ ସିଗ୍ନାଲ ପ୍ରଥମେ ଚିହ୍ନଟ ହୋଇଥିଲା। ଏ ସମ୍ପର୍କରେ ଯୋଗାଯୋଗ ମନ୍ତ୍ରଣାଳୟକୁ ଅବଗତ କରାଯିବା ସହ ଏହାକୁ ଟ୍ରାକ୍ କରିବା ପାଇଁ କୋଲ୍‌କାତାସ୍ଥିତ ଇଣ୍ଟରନ୍ୟାଶନାଲ ମନିଟରିଂ ଷ୍ଟେଶନ (ରେଡିଓ)କୁ ପଠାଯାଇଛି।

### ଆୱାମି ଲିଗ୍ ନେତାଙ୍କ ଘରକୁ ଆକ୍ରମଣ ମାମଲା: ୪୦ ଗିରଫ

ଢାକା, ୯ା୨ (ପି.ଟି.)

ଢାକା ଉପକଣ୍ଠସ୍ଥିତ ଗାଜିପୁରରେ ଗତ ଶୁକ୍ରବାର ଆୱାମି ଲିଗ ନେତା ତଥା ବାଂଲାଦେଶର ପୂର୍ବତନ ମନ୍ତ୍ରୀ ମୋଜମେଲ ହକ୍‌ଙ୍କ ଘରେ ଭଙ୍ଗାରୁଜା ଚାଲିଥିବା ସମୟରେ ଏକ ଛାତ୍ର ସଙ୍ଗଠନ ଉପରେ ହିଂସାତ୍ମକ ଆକ୍ରମଣ ହୋଇଥିଲା। ଏହି ଆକ୍ରମଣରେ ଅନେକ ଆହତ ହୋଇଥିଲେ। ରବିବାର ବାଂଲାଦେଶ ପୋଲିସ ଏହି ଘଟଣାରେ ୪୦ ଜଣଙ୍କୁ ଗିରଫ କରିଛି। ଗାଜିପୁରରେ ଛାତ୍ର ଏବଂ ସାଧାରଣ ଜନତାଙ୍କ ଉପରକୁ ହୋଇଥିବା ଆକ୍ରମଣ ମାମଲାରେ ଅଭିଯୁକ୍ତଙ୍କୁ ଧରିବା ପାଇଁ 'ଅପରେଶନ ଡବଲ ହଣ୍ଟ' ଆରମ୍ଭ କରିବାକୁ ଶନିବାର ବାଂଲାଦେଶ ଅନ୍ତରୀଣ ସରକାରଙ୍କ ମୁଖ୍ୟ ପରାମର୍ଶଦାତା ମହମ୍ମଦ ୟୁନୁସ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅଭିଯାନ ଅନ୍ତର୍ଗତ ଜିଲାର ବିଭିନ୍ନ ଅଞ୍ଚଳରୁ ୪୦ ଜଣଙ୍କୁ ଗିରଫ କରାଯାଇଥିବା ଗାଜିପୁର ଏସ୍‌ପି ଚୌଧୁରୀ ଜାବେର ସାଦିକ୍ ସୂଚନା ଦେଇଛନ୍ତି।

## ସବୁ ଭାରତୀୟ ମିଶନର ସୁରକ୍ଷା ଆକଳନ କରାଯାଉ

ନୂଆଦିଲ୍ଲୀ,୯ା୨

**ବହିର୍ବ୍ୟାପାର ମନ୍ତ୍ରଣାଳୟକୁ ସଂସଦୀୟ କମିଟିର ସୁପାରିସ**

ବହିର୍ବ୍ୟାପାର ମନ୍ତ୍ରଣାଳୟ ଭାରତୀୟମାନେ ରହୁଥିବା ଅନ୍ୟ ଦେଶଗୁଡ଼ିକର ଭୂରାଜନୈତିକ ସ୍ଥିତି, ସମ୍ଭାବ୍ୟ ବିପଦ ଏବଂ ଦୁର୍ବଳ ସ୍ଥିତିକୁ ଦୃଷ୍ଟିରେ ରଖି ସମସ୍ତ ଭାରତୀୟ ମିଶନ ଓ ପଦବୀଗୁଡ଼ିକର ବିସ୍ତୃତ ସୁରକ୍ଷା ଆକଳନ କରିବା ଉଚିତ ବୋଲି ସଂସଦୀୟ କମିଟି ସୁପାରିସ କରିଛି। ୪୨ଟି ଦେଶରେ ସମ୍ପ୍ରତି ଭାରତର ଆବାସିକ ମିଶନ ନ ଥିବା ବହିର୍ବ୍ୟାପାର ସମ୍ପର୍କିତ ସଂସଦୀୟ କମିଟି ରିପୋର୍ଟରେ ଦର୍ଶାଯାଇଛି। ନୂଆ ମିଶନ ପ୍ରତିଷ୍ଠା କରିବାରେ ସମ୍ମୁଖୀନ ହେବାକୁ ପଡୁଥିବା ଆହ୍ୱାନଗୁଡ଼ିକୁ କମିଟି ସ୍ୱୀକାର କରିଛି। ଭାରତର ଉଲ୍ଲେଖନୀୟ ଅର୍ଥନୈତିକ କିମ୍ବା ରଣନୀତିକ ସ୍ୱାର୍ଥ ଥିବା ଅଥବା ଅଧିକ ପ୍ରବାସୀ ଭାରତୀୟ ରହୁଥିବା ଦେଶଗୁଡ଼ିକରେ ଏହି ସମସ୍ୟା କମାଇବା ଦିଗରେ ଉଦ୍ୟମ ବଢ଼ାଇବାକୁ କମିଟି ସୁପାରିସ କରିଛି। କଂଗ୍ରେସ ଏମ୍‌ପି ଶଶୀ ଥରୁରଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ଗତ ସପ୍ତାହରେ ପାର୍ଲାମେଣ୍ଟରେ ଅନୁଦାନ ଦାବି (୨୦୨୪-୨୫) ରିପୋର୍ଟ ଦାଖଲ କରିଥିଲା।

## କଏଦୀଙ୍କୁ ଖସାଇ ନେବାକୁ ରାଷ୍ଟ୍ରପତିଙ୍କ ନାଁରେ ଜାଲ୍ ଚିଠି

ଶାହାରନପୁର, ୯ା୨

**ମାମଲା ରୁଜୁ କଲା ପୋଲିସ**

ଉତ୍ତରପ୍ରଦେଶର ଶାହରନପୁର ଜିଲା କାରାଗାରରେ ଜଣେ ବିଚାରାଧୀନ ହତ୍ୟା ଅଭିଯୁକ୍ତଙ୍କୁ ମୁକୁଳାଇବା ପାଇଁ ରାଷ୍ଟ୍ରପତି ଦ୍ରୋପଦୀ ମୁର୍ମୁଙ୍କ ନାମରେ ଏକ ନକଲି ନିର୍ଦ୍ଦେଶ ହସ୍ତଗତ ହୋଇଛି। ସ୍ଥାନୀୟ ଜନକପୁରୀ ଥାନା ପୋଲିସ ଘଟଣାକୁ ନେଇ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଛି। ଶନିବାର ରାଷ୍ଟ୍ରପତିଙ୍କ ନାମରେ ଉକ୍ତ ନିର୍ଦ୍ଦେଶ ଏକ ଚିଠି ମାଧ୍ୟମରେ ଶାହରନପୁର ଜିଲା କାରାଗାରର ବରିଷ୍ଠ ଜେଲ ଅଧୀକ୍ଷକ ସତ୍ୟପ୍ରକାଶଙ୍କୁ ମିଳିଥିଲା। ସନ୍ଦେହ ବଢ଼ିବାରୁ ସତ୍ୟପ୍ରକାଶ ଉକ୍ତ ଚିଠିର ତଦନ୍ତ କରାଇଥିଲେ, ଯାହା ନକଲି ବୋଲି ଜଣାପଡ଼ିଥିଲା।



'ବିଜ୍ଞାନରେ ମହିଳା ଓ ବାଳିକା ଅନ୍ତର୍ଜାତୀୟ ଦିବସ' ପାଳନ ଅବ୍ୟବହିତ ପୂର୍ବରୁ ରବିବାର ଜବଲପୁରରେ 'ଶାଢ଼ି ୱାକାଥନ୍' ସଚେତନତା କାର୍ଯ୍ୟକ୍ରମରେ ମହିଳାମାନେ ଭାଗ ନେଇଛନ୍ତି।

### ଦିଲ୍ଲୀର ୩୧ ନୂଆ ବିଧାୟକଙ୍କ ନାଁରେ ଆପରାଧିକ ମାମଲା

ନୂଆଦିଲ୍ଲୀ, ୯ା୨

ଦିଲ୍ଲୀର ବିଧାନସଭାର ନବନିର୍ବାଚିତ ୭୦ ବିଧାୟକଙ୍କ ମଧ୍ୟରୁ ୩୧ ଜଣଙ୍କ ନାଁରେ ଆପରାଧିକ ମାମଲା ରହିଥିବା ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ପ୍ରକାଶ କରିଛି। ଗତ ବିଧାନସଭାରେ ୪୩ ବିଧାୟକଙ୍କ ନାଁରେ ଆପରାଧିକ ମାମଲା ଥିଲା। ଚଳିତ ବିଧାନସଭାରେ ଭାଜପାର ୧୬ ଏବଂ ଆପ୍‌ର ୧୫ ବିଧାୟକଙ୍କ ନାଁରେ ଆପରାଧିକ ମାମଲା ରହିଛି। ସେମାନଙ୍କ ମଧ୍ୟରୁ ଭାଜପାର ୭ ଏବଂ ଆପ୍‌ର ୧୦ ଜଣଙ୍କ ବିରୋଧରେ ଗମ୍ଭୀର ମାମଲା ରହିଛି। ୭୦ ବିଧାୟକଙ୍କ ମୋଟ ସମ୍ପତ୍ତି ୧,୫୪୨ କୋଟି ଟଙ୍କା ଓ ହାରାହାରି ସମ୍ପତ୍ତି ୨୨.୦୪ କୋଟି। ଭାଜପା ବିଧାୟକଙ୍କ ହାରାହାରି ସମ୍ପତ୍ତି ୨୮.୫୯ କୋଟି ଓ ଆପ୍ ବିଧାୟକଙ୍କ ହାରାହାରି ସମ୍ପତ୍ତି ୭.୭୪ କୋଟି ଟଙ୍କା ରହିଛି। ୨୫୯.୬୭ କୋଟି ଟଙ୍କାର ସମ୍ପତ୍ତି ସହ ଶକୁରବସ୍ତିର ଭାଜପାର କରନୈଲ ସିଂ ସବୁଠୁ ଧନୀ ବିଧାୟକ।

## ଦିଲ୍ଲୀ ମୁଖ୍ୟମନ୍ତ୍ରୀ ପଦରୁ ଆତିଶୀଙ୍କ ଇସ୍ତଫା

**ମୋଦି ଆମେରିକାରୁ ଫେରିଲେ ନୂଆ ମୁଖ୍ୟମନ୍ତ୍ରୀଙ୍କ ଶପଥ**

ନୂଆଦିଲ୍ଲୀ,୯ା୨(ପି.ଟି.)

ଦିଲ୍ଲୀ ବିଧାନସଭା ନିର୍ବାଚନରେ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଶୋଚନୀୟ ପରାଜିତ ହେବାର ଦିନକ ପରେ ମୁଖ୍ୟମନ୍ତ୍ରୀ ପଦରୁ ଆତିଶୀ ଇସ୍ତଫା ଦେଇଛନ୍ତି। କାଲ୍‌କାଜି ଆସନରୁ ଜିତିଥିବା ଆତିଶୀ ରବିବାର ଉପରାଜ୍ୟପାଳ ଭି.କେ. ସାକ୍ସେନାଙ୍କୁ ଇସ୍ତଫାପତ୍ର ପ୍ରଦାନ କରିଛନ୍ତି। ନୂଆ ସରକାର ଗଢ଼ାହେବା ପର୍ଯ୍ୟନ୍ତ ତାଙ୍କୁ ଉକ୍ତ ପଦରେ ରହିବାକୁ ସାକ୍ସେନା ନିବେଦନ କରିଛନ୍ତି। ଶନିବାର ଉପରାଜ୍ୟପାଳ ଦିଲ୍ଲୀ ବିଧାନସଭା ଭଙ୍ଗ କରିଥିଲେ।

ଗତ ୫ ତାରିଖରେ ଅନୁଷ୍ଠିତ ୭୦ ଆସନ ବିଶିଷ୍ଟ ଦିଲ୍ଲୀ ବିଧାନସଭା ନିର୍ବାଚନରେ ଭାଜପା ୪୮ ଆସନରେ ବିଜୟୀ ହୋଇ ୨୬ ବର୍ଷରୁ ଊର୍ଦ୍ଧ୍ୱ ସମୟ ବ୍ୟବଧାନରେ ଦିଲ୍ଲୀରେ କ୍ଷମତାକୁ ଫେରିଛି। ଅନ୍ୟପକ୍ଷରେ ଶାସକ ଆପ୍ ୨୨ ଆସନରେ ସୀମିତ ରହିଥିବାବେଳେ କଂଗ୍ରେସ କ୍ରମାଗତ ତୃତୀୟ ଥର ପାଇଁ ଖାତା ଖୋଲିପାରି ନାହିଁ। ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ନିଜ ପଦରୁ ଇସ୍ତଫା ଦେବାରୁ ଗତବର୍ଷ ସେପ୍ଟେମ୍ବରରେ ଆତିଶୀ ମୁଖ୍ୟମନ୍ତ୍ରୀ ହୋଇଥିଲେ। ୨୬ ବର୍ଷ ପରେ ଭାଜପା କ୍ଷମତାକୁ ଫେରିଥିବାରୁ ନୂଆ ସରକାରଙ୍କ ଶପଥ ଉତ୍ସବ ବହୁ ଆଡ଼ମ୍ବର ସହିତ ଆୟୋଜନ ହେବାକୁ ଯାଉଛି। ପ୍ରଧାନମନ୍ତ୍ରୀ ଆମେରିକାରୁ ଫେରିବା ପରେ ଏହି ଉତ୍ସବ ଅନୁଷ୍ଠିତ ହେବ ବୋଲି ଭାଜପା ସୂତ୍ରରୁ ଜଣାପଡ଼ିଛି।



ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଆତିଶୀ ଉପରାଜ୍ୟପାଳ ଭି.କେ. ସାକ୍ସେନାଙ୍କୁ ଇସ୍ତଫାପତ୍ର ଦେଉଛନ୍ତି।

### ଏଏମ୍‌ୟୁ ମେନ୍ୟୁରେ ବିଫ୍ ବିରିୟାନୀକୁ ନେଇ ବିବାଦ

ଅଲିଗଡ଼, ୯ା୨

ଦେଶର ଅନ୍ୟତମ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଅଲିଗଡ଼ ମୁସ୍‌ଲିମ ୟୁନିଭର୍ସିଟି(ଏଏମ୍‌ୟୁ) ପକ୍ଷରୁ ରବିବାର ଜାରି ଏକ ନୋଟିସକୁ ନେଇ ବିବାଦ ଦେଖାଦେଇଛି। ଦୀର୍ଘଦିନରୁ ଛାତ୍ରମାନଙ୍କ ପକ୍ଷରୁ କରାଯାଉଥିବା ଦାବିକୁ ଦୃଷ୍ଟିରେ ରଖି ରବିବାର ପାଇଁ ବିଶ୍ୱବିଦ୍ୟାଳୟର ସୁଲେମାନ୍ ହଲ୍‌ର ଲଞ୍ଚ ମେନ୍ୟୁରେ ପରିବର୍ତ୍ତନ କରାଯାଇ ଚିକେନ ବିରିୟାନୀ ବଦଳରେ ବିଫ୍ ବିରିୟାନୀ ପରଷାଯିବ ବୋଲି ଏଏମ୍‌ୟୁ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା। ଏହି ନୋଟିସ୍ ଦେଖିବା ପରେ ବିଶ୍ୱବିଦ୍ୟାଳୟ ପରିସରରେ ହିନ୍ଦୁ ଛାତ୍ରମାନଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏହା ସେମାନଙ୍କ ଧାର୍ମିକ ଭାବନାକୁ ଆଘାତ ଦେଇଥିବା କହି ହିନ୍ଦୁ ଛାତ୍ରମାନେ ବିଶ୍ୱବିଦ୍ୟାଳୟର ପ୍ରଶାସନିକ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ। ଘଟଣାର ତଦନ୍ତ ଆରମ୍ଭ ହୋଇଥିଲା। ତେବେ ଟାଇପିଂରେ ଭୁଲ୍ ଯୋଗୁ ଏପରି ହୋଇଥିବା ନେଇ ବିଶ୍ୱବିଦ୍ୟାଳୟ ପ୍ରଶାସନ ସଫେଇ ଦେଇଛି।

## ପ୍ରିନ୍ସ ହ୍ୟାରିଙ୍କୁ ନିର୍ବାସିତ କରିବା ଯୋଜନା ନାହିଁ: ଟ୍ରମ୍ପ

ୱାଶିଂଟନ, ୯ା୨

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କ ଦ୍ୱିତୀୟ ପାଳିରେ ଦେଶରେ ବେଆଇନ ଭାବେ ରହୁଥିବା ପ୍ରବାସୀଙ୍କୁ ନିର୍ବାସିତ କରିବାରେ ସକ୍ରିୟ ଅଛନ୍ତି। ତେବେ ଶନିବାର ଟ୍ରମ୍ପ ନ୍ୟୁୟର୍କ ପୋଷ୍ଟକୁ ଏକ ସାକ୍ଷାତ୍କାର ଦେଇ ବ୍ରିଟେନ୍‌ସ୍ଥିତ ୱେଲ୍ସ ରାଜପରିବାରର ପ୍ରିନ୍ସ ହ୍ୟାରିଙ୍କୁ ଆମେରିକାରୁ ନିର୍ବାସିତ କରାଯିବ ନାହିଁ ବୋଲି କହିଛନ୍ତି। ଭିଜା ବିବାଦକୁ ନେଇ ପ୍ରିନ୍ସ ହ୍ୟାରି ଆଇନଗତ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଥିବାବେଳେ ଟ୍ରମ୍ପଙ୍କର ଏହି ବୟାନ ସାମ୍ନାକୁ ଆସିଛି। ଟ୍ରମ୍ପ କହିଛନ୍ତି, ପ୍ରିନ୍ସ ହ୍ୟାରିଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ। ତାଙ୍କୁ ଆମେରିକାରୁ ନିର୍ବାସିତ କରିବାକୁ ସେ ଚାହୁଁନାହାନ୍ତି। ସ୍ତ୍ରୀ ମେଘାନ ମର୍କେଲଙ୍କ ସହ ତାଙ୍କର ବହୁ ସମସ୍ୟା ଲାଗିରହିଛି। ତେଣୁ ସେ ହ୍ୟାରିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବେ ନାହିଁ ଏବଂ ତାଙ୍କୁ ଏକା ଛାଡ଼ିଦେବେ ବୋଲି ଟ୍ରମ୍ପ କହିଛନ୍ତି। ଏହି ଅବସରରେ ସେ ୱେଲ୍ସ ଯୁବରାଜ ୱିଲିୟମଙ୍କର ପ୍ରଶଂସା କରିଛନ୍ତି। ପ୍ରକାଶ ଯେ, ୱାଶିଂଟନ ଡିସିରେ ପ୍ରିନ୍ସ ହ୍ୟାରିଙ୍କ ଭିଜାକୁ ନେଇ ଆଇନଗତ ମାମଲା ଜାରି ରହିଛି। ପ୍ରିନ୍ସ ହ୍ୟାରି ଅତୀତରେ ବେଆଇନ ଡ୍ରଗ୍ସ ବ୍ୟବହାର ସମ୍ବନ୍ଧିତ ସୂଚନାକୁ ଲୁଚାଇଛନ୍ତି, ଯେଉଁଥିପାଇଁ ସେ ଆମେରିକାର ଭିଜା ପାଇବାକୁ ଅଯୋଗ୍ୟ ବୋଲି ହେରିଟେଜ୍ ଫାଉଣ୍ଡେଶନ ନାମକ ଏକ ସଂସ୍ଥା ପକ୍ଷରୁ ଅଭିଯୋଗ କରାଯାଇଛି। ହେରିଟେଜ୍ ଫାଉଣ୍ଡେଶନ ନିଜ ଅଭିଯୋଗରେ ପ୍ରିନ୍ସ ହ୍ୟାରିଙ୍କ ଆତ୍ମଜୀବନୀ 'ସ୍ପେୟାର'ର ଉଲ୍ଲେଖ କରିଛି, ଯେଉଁଥିରେ ସେ କାନ୍‌ବିସ୍ ଓ କୋକେନ୍ ଭଳି ଡ୍ରଗ୍ସ ବ୍ୟବହାର କରୁଥିବାର ସ୍ୱୀକାର କରିଛନ୍ତି।



ସ୍ତ୍ରୀ ମେଘାନ ମର୍କେଲଙ୍କ ସହ ପ୍ରିନ୍ସ ହ୍ୟାରି

## ଫୁରସତ୍

# ମହାକୁମ୍ଭ ଯିବାକୁ ଡରୁଛନ୍ତି ଭାରତୀ



ଭାରତୀ ସିଂ

ମୁମ୍ବାଇ

ଉତ୍ତରପ୍ରଦେଶର ପ୍ରୟାଗରାଜରେ ବିଶ୍ୱର ସର୍ବବୃହତ ଧାର୍ମିକ ମହୋତ୍ସବ ମହାକୁମ୍ଭ ମେଳା ଚାଲିଥିବାବେଳେ ଅନେକ ବଲିଉଡ୍ ସେଲିବ୍ରିଟି ଏଥିରେ ଯୋଗଦେଇ ପବିତ୍ର ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଉଛନ୍ତି। ଅଭିନେତା ସୋନୁ ସୁଦ୍, ରାଜକୁମାର ରାଓ, ଅନୁପମ ଖେର, ମିଲିନ୍ଦ ସୋମନ ଏବଂ ଅଭିନେତ୍ରୀ ହେମା ମାଳିନୀ, ଇଶା ଗୁପ୍ତା ପ୍ରମୁଖ ବହୁ ତାରକା ବର୍ତ୍ତମାନ ସୁଦ୍ଧା ମହାକୁମ୍ଭରେ ପହଞ୍ଚି ପବିତ୍ର ସ୍ନାନ କରିସାରିଲେଣି। ତେବେ ରବିବାର ଏକ ସାକ୍ଷାତ୍କାରରେ ହାସ୍ୟ ଅଭିନେତ୍ରୀ ଭାରତୀ ସିଂ ମହାକୁମ୍ଭକୁ ଯିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। କିଛିଦିନ ତଳେ ମହାକୁମ୍ଭରେ ଦଳାଚକଟା ଘଟି ୩୦ରୁ ଊର୍ଦ୍ଧ୍ୱ ଲୋକଙ୍କର ମୃତ୍ୟୁ ଘଟିଥିଲା। ଏହାପରଠାରୁ ସେ ମହାକୁମ୍ଭ ମେଳାକୁ ଯିବା ପାଇଁ ଭୟ କରୁଥିବା ଭାରତୀ କହିଛନ୍ତି। ଭାରତୀ କହିଛନ୍ତି, ମହାକୁମ୍ଭକୁ ଯିବାକୁ ବହୁ ଇଚ୍ଛା ଥିଲେ ସୁଦ୍ଧା ସେ ଯିବେନାହିଁ। ମହାକୁମ୍ଭରେ ଯେଉଁ ଭଳି ଭାବେ ଶ୍ରଦ୍ଧାଳୁଙ୍କ ସମାଗମ ଘଟୁଛି, ଏପରି ସ୍ଥଳେ ସେଠାକୁ ନ ଯିବା ହିଁ ଠିକ୍ ହେବ। ମହାକୁମ୍ଭ ଗଲେ ବିଭିନ୍ନ ଅଘଟଣ ଘଟିବାର ସମ୍ଭାବନା ରହିଛି। ଏତେ ଲୋକଙ୍କ ଭିଡ଼ ଭିତରେ ସେ ଚେତାଶୂନ୍ୟ ହୋଇଯାଇ ପାରନ୍ତି କିମ୍ବା ତାଙ୍କ ପୁଅ ଓ ସେ ଅଲଗା ହୋଇଯାଇ ପାରନ୍ତି। ପ୍ରତିଦିନ ମହାକୁମ୍ଭରୁ କିଛି ନା କିଛି ଦୁଃଖଦ ଖବର ଶୁଣିବାକୁ ମିଳୁଛି। ନିଜ ପୁଅଙ୍କୁ ଧରି ସେଠାକୁ ଯିବାକୁ ସେ ଭାବି ମଧ୍ୟ ପାରୁନାହାନ୍ତି ବୋଲି ଭାରତୀ କହିଛନ୍ତି। ତେବେ ଭାରତୀଙ୍କର ଏହି ପ୍ରତିକ୍ରିୟାକୁ ନେଇ ସୋସିଆଲ ମିଡିଆରେ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଭାରତୀ ଠିକ୍ କହୁଛନ୍ତି ବୋଲି କିଛି ୟୁଜର୍ସ କହୁଛନ୍ତି। ସେହିପରି ଭାରତୀ ଅଯଥା ମହାକୁମ୍ଭ ମେଳାକୁ ବଦନାମ କରୁଥିବା କହି ଆଉ କିଛି ୟୁଜର୍ସ ତାଙ୍କୁ ସମାଲୋଚନା କରିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ...........................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୨୦୪୭ ସୁଦ୍ଧା ୩୫୦ ବିଲିୟନ ଡଲାର ଫାର୍ମାସ୍ୟୁଟିକାଲ ରପ୍ତାନି ଆକଳନ

**ଭୁବନେଶ୍ୱର,୯।୨(ଅନୁରାଧା ମହାରଣା)**

୨୦୨୩ରେ ଭାରତର ଫାର୍ମାସ୍ୟୁଟିକାଲ ରପ୍ତାନି ପରିମାଣ ପ୍ରାୟ ୨୭ ବିଲିୟନ ଡଲାର ଥିବାବେଳେ ୨୦୩୦ ସୁଦ୍ଧା ଏହା ୬୫ ବିଲିୟନ ଡଲାରରେ ବୃଦ୍ଧି ପାଇବ। ୨୦୪୭ ସୁଦ୍ଧା ୩୫୦ ବିଲିୟନ ଡଲାରରେ ପହଞ୍ଚିପାରେ ବୋଲି ଆକଳନ କରାଯାଇଛି। ସର୍ବଭାରତୀୟ ସ୍ତରରେ ଜେନେରିକ ମେଡିସିନ୍ ଯୋଗାଣକାରୀ ଭାବେ ଭାରତ ପରିଚିତ। ବିଶ୍ୱସ୍ତରରେ ବିକ୍ରି ହେଉଥିବା ପ୍ରତି ପାଞ୍ଚଟି ଜେନେରିକ ମେଡିସିନ୍ ମଧ୍ୟରୁ ଗୋଟିଏ ଭାରତରେ ଉତ୍ପାଦିତ ହୁଏ। ରପ୍ତାନି



ମୂଲ୍ୟ ଦୃଷ୍ଟିରୁ ଭାରତ ବର୍ତ୍ତମାନ ଏକାଦଶ ସ୍ଥାନରେ ରହିଛି। ଇଣ୍ଡିଆନ ଫାର୍ମାସ୍ୟୁଟିକାଲ ଆଲାଏନ୍ସ (ଆଇପିଏ), ଇଣ୍ଡିଆନ ଡ୍ରଗ ଉତ୍ପାଦକ ସଂଘ (ଆଇଡିଏମ୍‌ଏ) ଏବଂ ଫାର୍ମାକ୍ସିଲ ସହଯୋଗରେ ପ୍ରସ୍ତୁତ ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି ଯେ, ରପ୍ତାନି ମୂଲ୍ୟରେ ୨୦୪୭ ସୁଦ୍ଧା ଭାରତ କିପରି ରପ୍ତାନି କ୍ଷେତ୍ରରେ ନୂତନତା ସୃଷ୍ଟି କରିପାରିବ ଏବଂ ବିଶେଷତଃ ଜେନେରିକ, ବାୟୋସିମିଲାର ଏବଂ ଅଭିନବ ଉତ୍ପାଦକୁ ଅନ୍ତର୍ଭୁକ୍ତ କରିବ। କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି, ଭାରତ ଦୀର୍ଘ ଦିନ ଧରି ବିଶ୍ୱର ଫାର୍ମାସି ଭାବେ ଉଭା ହୋଇଛି। ବର୍ତ୍ତମାନ ଆମେ ଭାରତ ପାଇଁ ଭାରତର ଏହି ପରିଚୟକୁ 'ବିଶ୍ୱର ସ୍ୱାସ୍ଥ୍ୟ ସୁରକ୍ଷା ସଂରକ୍ଷକ' ଭାବେ ପ୍ରସ୍ତୁତ କରିବାକୁ ଚାହୁଁଛୁ। ଉଦ୍ଭାବନ ଓ ଅନୁସନ୍ଧାନକୁ ପ୍ରୋତ୍ସାହିତ କରି ନିରନ୍ତର ଲକ୍ଷ୍ୟ ହାସଲ କରିବାକୁ ସରକାର ଏହି ପ୍ରତିଶ୍ରୁତିବଦ୍ଧ। କେନ୍ଦ୍ରମନ୍ତ୍ରୀ ଆହୁରି କହିଛନ୍ତି, ଏକାଡେମୀ , ଶିଳ୍ପ ଏବଂ ସରକାରଙ୍କ ମଧ୍ୟରେ ସହଯୋଗକୁ ମଜଭୁତ କରି ଆମେ ଏକ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ କ୍ଷେତ୍ର ଗଠନ କରିବା ଜାରି ରଖିବୁ, ଯାହା ସମଗ୍ର ବିଶ୍ୱରେ ସ୍ୱାସ୍ଥ୍ୟସେବାରେ ଯୋଗଦାନ କରିବ। ୨୦୪୭ ସୁଦ୍ଧା ଭାରତର ଏପିଆଇ ରପ୍ତାନି ବଜାର ବର୍ତ୍ତମାନ ୫ ବିଲିୟନ ଡଲାରରୁ ୮୦-୯୦ ବିଲିୟନ ଡଲାରକୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ବିଶ୍ୱର ବାୟୋସିମିଲାର୍ ବଜାରରେ ଭାରତୀୟ କମ୍ପାନୀଗୁଡିକର ୫%ରୁ କମ୍ ଅଂଶ ଅଛି । ଅନୁସନ୍ଧାନରେ ନିବେଶ ବୃଦ୍ଧି, ୪୦ରୁ ଅଧିକ ଉତ୍ପାଦର ବିସ୍ତାରିତ ପାଇପଲାଇନ ଏବଂ ପରବର୍ତ୍ତୀ ୩-୪ ବର୍ଷ ମଧ୍ୟରେ ଯୋଜନାବଦ୍ଧ କ୍ଷମତା ଯୋଗ ହେତୁ ଏହା ଅଗ୍ରଗତି ଦେଖାଉଛି। ରିପୋର୍ଟରେ ଦର୍ଶାଯାଇଛି ଯେ, ଭାରତୀୟ ବାୟୋସିମିଲାର ରପ୍ତାନି ବର୍ତ୍ତମାନ ୦.୮ ବିଲିୟନ ଡଲାରରେ ରହିଛି। ୨୦୩୦ ସୁଦ୍ଧା ଏହା ୫ ଗୁଣ ବୃଦ୍ଧି ହୋଇ ୪.୨ ବିଲିୟନ ଡଲାରରେ ପହଞ୍ଚିବ ଏବଂ ୨୦୪୭ ସୁଦ୍ଧା ରପ୍ତାନି ୩୦-୩୫ ବିଲିୟନ ଡଲାରରେ ପହଞ୍ଚିପାରେ।

# ନିବେଶର କେନ୍ଦ୍ରବିନ୍ଦୁ ହେବ ସୁନା: ସଞ୍ଜୟ

**ଭୁବନେଶ୍ୱର,୯।୨**



ସଞ୍ଜୟ ହଂସ

ବର୍ତ୍ତମାନ ସମୟରେ ସୁନା ଦର ଓ ବଜାରକୁ ନେଇ ସବୁଆଡେ ଚର୍ଚ୍ଚା ହେଉଥିଲାବେଳେ ସୁନା ନିବେଶର ମୁଖ୍ୟ କେନ୍ଦ୍ରବିନ୍ଦୁ ହେବ ବୋଲି ଲାଲ୍‌ଚନ୍ଦ ଜୁଏଲର୍ସର ପ୍ରତିଷ୍ଠାତା ସଞ୍ଜୟ ହଂସ ଆକଳନ କରିଛନ୍ତି। ଅପରପକ୍ଷରେ ଟ୍ରମ୍ପଙ୍କ ଆକ୍ରମଣାତ୍ମକ ବାଣିଜ୍ୟ ନୀତି ଓ ତାଙ୍କ ଦ୍ୱାରା ଟାର୍ଗେଟ୍ କରାଯାଇଥିବା ଦେଶଗୁଡ଼ିକଠାରୁ ପ୍ରତିଶୋଧର ଭୟ ସୁନାର ମୂଲ୍ୟକୁ ବୃଦ୍ଧି କରିଛି। ତଥାପି ସୁନା ବଜାର ଉପରେ ଅଭିଜ୍ଞ ସଞ୍ଜୟ ହଂସ ବିଶ୍ୱାସ କରନ୍ତି, ସୁନା ବର୍ତ୍ତମାନ ବି ଏକ ସୁରକ୍ଷିତ ନିବେଶ। ଯେତେବେଳେ ଆର୍ଥିକ ଏବଂ ଭୂ-ରାଜନୈତିକ ଅସ୍ଥିରତା ଥାଏ, ସେତେବେଳେ ଏହାକୁ ନିରାପଦ ଭାବେ ବିବେଚନା କରାଯାଏ ବୋଲି ସେ କହିଛନ୍ତି। ସେହିଭଳି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଚାଇନା,ମେକ୍ସିକୋ ଏବଂ କାନାଡ଼ା ଭଳି ଦେଶଗୁଡ଼ିକ ଉପରେ ଶାସ୍ତିମୂଳକ ଶୁଳ୍କ ଲାଗୁ କରିବା ପଦକ୍ଷେପ ଯୋଗୁ ବିଶ୍ୱରେ ବାଣିଜ୍ୟ ଯୁଦ୍ଧର ଆଶଙ୍କା ସୃଷ୍ଟି ହୋଇଛି। ଏହା ସହିତ ଟଙ୍କା ଦୁର୍ବଳ ହେବା କାରଣରୁ ସୁନା ମୂଲ୍ୟ ରେକର୍ଡ ସ୍ତରରେ ପହଞ୍ଚିଯାଇଛି। ବର୍ତ୍ତମାନର ବଜାର ଅସ୍ଥିରତା ମୁଖ୍ୟତଃ ଆମେରିକା ଦ୍ୱାରା ଚାଇନା, ମେକ୍ସିକୋ ଏବଂ କାନାଡ଼ା ଉପରେ ଶୁଳ୍କ ଲାଗୁ କରାଯିବା ଯୋଗୁ ହୋଇଛି ଏବଂ ଫଳସ୍ୱରୂପ ପ୍ରତିଶୋଧମୂଳକ ପଦକ୍ଷେପ ବିଶ୍ୱବଜାରକୁ ଅସ୍ଥିର କରିଛି। ୨୦୨୫ରେ ସୁନା ମୂଲ୍ୟ ପ୍ରାୟ ୧୦% ବୃଦ୍ଧି ପାଇଛି।

# ଆୟୁର୍ବେଦର ପ୍ରଚାରପ୍ରସାର ଉପରେ ପତଞ୍ଜଳିର ଗୁରୁତ୍ୱ



**ଭୁବନେଶ୍ୱର,୯।୨**

ଶିକ୍ଷା ମନ୍ତ୍ରଣାଳୟ ଅଧୀନ ରାଷ୍ଟ୍ରୀୟ ପୁସ୍ତକ ନ୍ୟାସ ତତ୍ତ୍ୱାବଧାନରେ ନୂଆଦିଲ୍ଲୀ ପ୍ରଗତି ମଇଦାନସ୍ଥିତ ଭାରତ ମଣ୍ଡପରେ ୱାର୍ଲ୍ଡ ବୁକ୍ ଫେୟାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ପତଞ୍ଜଳି ଯୋଗପୀଠର ମହାମନ୍ତ୍ରୀ ଆଚାର୍ଯ୍ୟ ବାଲକ୍ରିଷ୍ଣା ଯୋଗଦେଇଥିଲେ। ଏ ଅବସରରେ ସେ କହିଥିଲେ, ସମଗ୍ର ବିଶ୍ୱରେ 'ଯୋଗ' ଏପରି ଏକ ଶବ୍ଦ ଯାହାକୁ ସମସ୍ତ ଭାଷାଭାଷୀ ଲୋକ ସେହି ସମାନ ଅର୍ଥରେ ବୁଝିପାରନ୍ତି। ବ୍ରିଦିଙ୍ଗ ଏକ୍ସରସାଇଜ୍, ଫିଜିକାଲ ଏକ୍ସରସାଇଜ୍, ଆସନ ଓ ପ୍ରାଣାୟମ ବିଷୟରେ ଅଧିକାଂଶ ଲୋକ ଜାଣନ୍ତି। ଏହାସହ ଆୟୁର୍ବେଦ ପ୍ରଚାର ପ୍ରସାର ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ପତଞ୍ଜଳି ପକ୍ଷରୁ ୱାର୍ଲ୍ଡ ଇନ୍‌ସାଇକ୍ଲୋପିଡିଆ ନାମରେ ପ୍ରକାଶିତ ଏକ ମହାଗ୍ରନ୍ଥରେ ୩୨ ହଜାର ଔଷଧୀୟ ବୃକ୍ଷର ସଚିତ୍ର ବର୍ଣ୍ଣନା କରାଯାଇଥିବା ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ଏହା ବ୍ୟତୀତ ଆୟୁର୍ବେଦ ଆଧାରିତ ପୁସ୍ତକ 'ସୌମିତ୍ରେୟନିଦାନମ୍' ପ୍ରକାଶ ପାଇଛି। ସେ ଆହୁରି ମଧ୍ୟ କହିଲେ, ପତଞ୍ଜଳି ମାଧ୍ୟମରେ ଯୋଗ, ଆୟୁର୍ବେଦ ଶିକ୍ଷା, ଚିକିତ୍ସା, ଅନୁସନ୍ଧାନ, ପ୍ରାଚୀନ ପାଣ୍ଡୁଲିପି ଆଧାରିତ ଗ୍ରନ୍ଥ ତଥା ପ୍ରେରଣାଦାୟକ ଆଧ୍ୟାତ୍ମିକ ପୁସ୍ତକର ପ୍ରକାଶନ କରାଯାଇଛି। ଭାରତୀୟ ଶିକ୍ଷା ବୋର୍ଡ ଅନ୍ତର୍ଗତ ସ୍ୱଦେଶୀ ଶିକ୍ଷା ବ୍ୟବସ୍ଥାରେ ପ୍ରଥମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟକ୍ରମ ପ୍ରକାଶ କରାଯାଉଛି।

# ଓଡ଼ିଶାରେ ଜିଓର ଡିଜିଟାଲ କ୍ରାନ୍ତି

**ଭୁବନେଶ୍ୱର,୯।୨ (ଅଭୟ ଦାଶ)**

ରିଲାଏନ୍ସ ଜିଓର ହାଇସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ ସେବା ଜିଓ ଫାଇବର ଏବଂ ଜିଓ ଏୟାରଫାଇବର ଖୁବ୍ କମ୍ ସମୟ ମଧ୍ୟରେ ଓଡ଼ିଶାର ସମସ୍ତ ଛୋଟ ବଡ ସହର ତଥା ସହର ଉପକଣ୍ଠ ଅଞ୍ଚଳ, ତହସିଲ ଏବଂ ବିସ୍ତୀର୍ଣ୍ଣ ଗ୍ରାମାଞ୍ଚଳରେ ବିଶ୍ୱସ୍ତରୀୟ ଘରୋଇ ମନୋରଞ୍ଜନ (ହୋମ୍ ଏଣ୍ଟରଟେନ୍‌ମେଣ୍ଟ) ଏବଂ ହାଇସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ ଉପଲବ୍ଧକରି ଡିଜିଟାଲ କ୍ରାନ୍ତିର ପଥକୁ ସୁଗମ କରିଛି। ସାରା ଓଡ଼ିଶାରେ ପ୍ରାୟ ୪ଲକ୍ଷ ଘର ଏବଂ ବ୍ୟବସାୟ ପରିସର ବର୍ତ୍ତମାନ ଜିଓ ଫାଇବର ଏବଂ ଜିଓ ଏୟାର ଫାଇବର ସେବାକୁ ଉପଭୋଗ କରୁଛନ୍ତି। କିଛି ମାସ ପୂର୍ବେ ଆରମ୍ଭ ହୋଇଥିବା ଜିଓ ଏୟାରଫାଇବର ସେବାକୁ ନେଇ ସମଗ୍ର ରାଜ୍ୟରେ ଜବରଦସ୍ତ ଉତ୍ସାହ ଦେଖିବାକୁ ମିଳିଛି। ଏହି ସେବା ବର୍ତ୍ତମାନ ରାଜ୍ୟର ସମସ୍ତ ୩୦ଟି ଜିଲା, ଛୋଟ ବଡ ସହର ତଥା ତହସିଲ ମୁଖ୍ୟାଳୟ ସହର ସମେତ ହଜାର ହଜାର ଗାଁର ପ୍ରତ୍ୟେକ ଘର ଏବଂ ବ୍ୟବସାୟ ପାଇଁ ଉପଲବ୍ଧ ରହିଛି। ସର୍ବାଧିକ ଲୋକପ୍ରିୟ ରହିଥିବା ଜିଓ ଏୟାରଫାଇବର ସେବା ବାସ୍ତବରେ ଡିଜିଟାଲ ଅନ୍ତର୍ଭୁକ୍ତୀକରଣକୁ ସମ୍ପ୍ରସାରିତ କରିଛି। କାରଣ ଏହା ବିଶେଷକରି ଗ୍ରାମାଞ୍ଚଳ ଏବଂ ସହର ଉପକଣ୍ଠ ଅଞ୍ଚଳରେ ଶେଷ ମାଇଲ୍ ଅପ୍ଟିକାଲ୍-ଫାଇବର ବିସ୍ତାରରେ ରହିଥିବା କଠିନତା ଯୋଗୁ ବ୍ରଡ୍‌ବ୍ୟାଣ୍ଡ ସଂଯୋଗର ଅଭାବଜନିତ ସମସ୍ୟାକୁ ଦୂରକରି ପ୍ରତ୍ୟେକ ଘର ଏବଂ ଛୋଟ ବ୍ୟବସାୟକୁ ହାଇସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ ଏବଂ ଗୁଣାତ୍ମକ ଗୃହ ମନୋରଞ୍ଜନ ସହ ସଂଯୁକ୍ତ କରିଛି। ଜିଓ ଏୟାରଫାଇବର ୮୦୦ ରୁ ଅଧିକ ଡିଜିଟାଲ ଟିଭି ଚ୍ୟାନେଲ, ୧୩ ରୁ ଅଧିକ ଓଟିଟି ଆପ୍, ସ୍ମାର୍ଟ ହୋମ୍ ସେବା, ନିରବଚ୍ଛିନ୍ନ ୱାଇଫାଇ ଏବଂ ହାଇ ସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ ସହିତ ବିଶ୍ୱସ୍ତରୀୟ ସର୍ବାଧୁନିକ ଗୃହ ମନୋରଞ୍ଜନ ବା ହୋମ ଏଣ୍ଟରଟେନ୍‌ମେଣ୍ଟ ସେବା ପ୍ରଦାନ କରୁଛି। ଏହାଦ୍ୱାରା ବିବିଧ ପୃଷ୍ଠଭୂମିର ତଥା ବିଭିନ୍ନ ବୟସବର୍ଗର ଏବଂ ବିବିଧ ଭୌଗୋଳିକ ଅଞ୍ଚଳର ଗ୍ରାହକମାନେ ଡିଜିଟାଲ୍ କ୍ରାନ୍ତିର ପ୍ରକୃତ ଲାଭ ପାଇବାକୁ ସକ୍ଷମ ହୋଇଛନ୍ତି।

# ମାର୍ଚ୍ଚ ୪ରେ ୩ଏ ସିରିଜ୍‌ର ଅନାବରଣ

**ନୂଆଦିଲ୍ଲୀ,୯।୨**

ନଥିଙ୍ଗର ସଦ୍ୟତମ କମ୍ୟୁନିଟି କ୍ୱାର୍ଟର୍ଲି ଅପଡେଟ ଭିଡିଓ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ୨୦୨୫ ମାର୍ଚ୍ଚ ୪ ଅପରାହ୍ନ ୩ ଟା ୩୦ ମିନିଟରେ ବ୍ରାଣ୍ଡର ନୂତନ ଫୋନ୍ (୩ଏ) ସିରିଜ୍‌ର ଅନାବରଣ (ଉନ୍ମୋଚନ) ହେବ। ଏ ସମ୍ପର୍କରେ ନଥିଙ୍ଗର ସହ-ପ୍ରତିଷ୍ଠାତା ଏକିସ ଏଭାଲେଡିସ୍ କହିଛନ୍ତି, ଏ ସିରିଜ ପାଇଁ ଆମର ଭିନ୍ନ ସେଟ୍‌ର ୟୁଜର୍ ରହିଛନ୍ତି। ଏପରିକି ଲୋକମାନେ ସ୍ମାର୍ଟଫୋନ୍ କିଣିବା ସମୟରେ କିଛି ଲୋକ ସବୁଠୁ ଶ୍ରେଷ୍ଠ ବିଶିଷ୍ଟତା ଦେଖିଥାନ୍ତି, ସେମାନେ ନୂଆ ଇନୋଭେଶନ୍ ଏବଂ ପ୍ରୋସେସର୍ ଚାହିଁଥାନ୍ତି। ତଥାପି ଆହୁରି କିଛି ୟୁଜର୍ ରହିଛନ୍ତି,ଯେଉଁମାନେ ଟେକ୍‌କୁ ନେଇ ଆଗ୍ରହୀ ଥିଲେ ମଧ୍ୟ ଭଲ ୟୁଜର୍ ଅନୁଭୂତିକୁ ନେଇ ଖୁସି ହୋଇଥାନ୍ତି। ଏମାନଙ୍କ ପାଇଁ ହିଁ (ଏ) ସିରିଜ୍ ଉଦ୍ଦିଷ୍ଟ ରହିଛି।

ସେହିଭଳି କ୍ୟାମେରା, ସ୍କ୍ରିନ୍, ପ୍ରୋସେସର୍ ଏବଂ ନିଶ୍ଚିତ ଭାବେ ଡିଜାଇନ୍ ଆଦି ଉପରେ ଗୁରୁତ୍ୱ ଦେଇ ଆମେ ୟୁଜର୍‌ଙ୍କ ଆବଶ୍ୟକତା ଉପରେ ଧ୍ୟାନ କେନ୍ଦ୍ରିତ କରିଛୁ।

# Classified Everyday

**0674-2580101, 9692975378**



## REAL ESTATE SALE

Duplex at Retang Medical, Station near C.V. Raman, 4BHK Apartment near Sum Hospital, Kalinganagar, DAV, KV, Bhubaneswar-7008459987. D-76232

BDA & ORERA approved 3BHK Luxurious Apartments, At- Budha Nagar, Kalpana Square, Bhubaneswar. 2BHK Apartments At-Kantilo, Sundarpada, Bhubaneswar nearing completion & ready to possess 2/3BHK flats near Badagada Canal Road, Mouza-Meherpalli for sale. Bank Finance available. Contact: 9861467987, 9861336178. D-2828

Indisivual Re-Sale Plot sale Sundarpada, Hi-Tech Plaza @ 1400/- Nakhara- 1700/. 9776866520. D-76235

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



## CONSTRUCTION

Free Accommodation for Senior Citizens, Mentally ill person & Drug addicted Person with all facilities. Contact: 9337160036, 7 3 2 5 9 9 1 8 5 3 , 9439928693. D-2819



Modern 2BHK with covered car parking in Sector-9, CDA @ Rs.- 15000/-. Contact: 8249311472. D-2831

Ground floor single room 200sqft with attached toilet at VSS Nagar-7873657633. D-2864

**2Acre (87000 sqft) NH facing plot near Chandanpur, Puri for any commercial purposes Rent/Lease. 9438400633** D-76236

Two floor vacant in Second floor-8000 is 1000 sqft. & Third Floor-9000 is 1200 sqft. with Balcony. 7978141625. D-2862

For Rent/Lease: Commercial space at Keshura, Puri Bypass Road, ideal for Office, Bank or Showroom. Ground Floor: 3000sqft, 1st & 2nd Floor: 4800sqft each. Contact: 9437468247/ 9437035347. D-2839

For Rent/Lease: Commercial space at Palasuni, behind Bhubaneswar Water Works, 6000sqft Godown & 1500sqft Office. Contact: 9437468247/ 9437035347. D-2838



Positively Health benefited spa by expert female therapist, Bapujinagar. 8018429809. D-76194

Positively Health benefited spa by expert female therapist, Nayapalli. 7846814019. D-76195

Herbal full body massage by smart/ expert therapist. 8327740003, 7205178829. D-76413

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## AFFIDAVIT

By virtue of an affidavit sworn before Executive Magistrate, BBSR, on dated 17th January 2025, I GEETHA RANI NAYAK, Village- Hamirpur, Post.- Malanda, P.S.- Tirtol, Dist.- Jagatsinghpur, PIN- 754136, declare that I have changed my name from Gitarani Nayak to GEETHA RANI NAYAK. Henceforth, I shall be known as GEETHA RANI NAYAK for all purposes.
GEETHA RANI NAYAK D-2861

By virtue of an affidavit sworn before Executive Magistrate, Bhadrak, dtd 06.02.2025, I Ajay Kumar Rout, Vill- Khanpur, P.O.- Panichhatra, P.S.- Khaira, Dist.- Balasore, declare that my daughter's actual name is Rajashree Rout. But wrongly mentioned in her Aadhaar Card Pramita Rout instead of Rajashree Rout but I want to change her name from Pramita Rout to Rajashree Rout in her Aadhaar Card. Henceforth, she will be known as Rajashree Rout for all purposes. D-2866

By virtue of an affidavit sworn before Executive Magistrate, Chandabali, dated 04.01.2025, I, Dharanidhar Bal (42), Address- Vill- Haripur, P.O.- Goudunipokhari, P.S.- Bansada, Dist.- Bhadrak, declare that I have changed my daughter's name from Chitralekha Bal to Donarani Bal. Henceforth, she shall be known as Donarani Bal for all purposes. D-2871

## LEGAL NOTICE

**IN THE COURT OF THE JUDGE, FAMILY COURT, BHUBNAESWAR.**
**C.P. No.- 868/2023**
**Kamalinee Ghadai .....Petitioner**
**-Versus-**
**Padmanav Parida .....Respondent**

**To**
**Padmanav Parida, aged 24 years, S/o- Sri Prasanna Parida, Permanent resident of Vill- Bhimpur Samantarapur Sasan, P.O.-Bhimpur, P.S.-Banapur, Dist.- Khurda-752031.**

**NOTICE UNDER ORDER 5 RULE 20 OF C.P.C.**

**Whereas the above named Petitioner has instituted this Civil Proceeding against you U/s.27 (1) (d) of the Special Marriage Act, 1954 seeking relief for dissolution of marriage. Summons were issued to you for your appearance but it was returned back un-served as you are avoiding to receive the summon. You are hereby summoned to appear in this Court in person on the 10th day of March, 2025 at 10.30 A.M. to answer all material questions relating to the case.**

**Take Notice that in default of your appearance on the date fixed the case will be heard and determined in your absence ex-parte.**

**Given under my hand and seal of the Court this 6th day of Feb. 2025**

**Sd./- JUDGE**
**FAMILY COURT, BHUBANESWAR**
D-2869

ଜିଲ୍ଲା ଖାଉଟି ବିବାଦ ସମାଧାନ ଆୟୋଗ, ପୁରୀ, ଓଡ଼ିଶା ଡିଗ୍ରୀଜାରି ମୋକଦ୍ଦମା ନଂ.୪୭/୨୯୨୪ମ୍ବର
(ମୂଳ ମୋକଦ୍ଦମା ସି.ସି.ନଂ.୮୫/୨୦୨୧ମ୍ବରରୁ ଉଦ୍ଧୃତ)

ସଂଯୁକ୍ତା ସାହୁ ବ୬୪ର୍ଷ, ସ୍ୱାମୀ: ୰ଅରକ୍ଷିତ ସାହୁ, ବ୍ରହ୍ମଗିରି, ପୁରୀ ...ଡିଗ୍ରୀଦାର

ବନାମ

୧. ମ୍ୟାନେଜର, ରିଲିୟାନ୍ସ କମର୍ସିଆଲ ଫାଇନାନ୍ସ ଲିଃ. ଭୁବନେଶ୍ୱର, ୨. ରିଜିଓନାଲ ମ୍ୟାନେଜର, ରିଲାଏସ୍‌ସ କମର୍ସିଆଲ ଫାଇନାନ୍ସ ଲିଃ. କୋଲକତା, ୩. ଚିଫ୍ ମ୍ୟାନେଜର, ରିଲାଏସ୍‌ସ କମର୍ସିଆଲ୍ ଫାଇନାନ୍ସ ଲିଃ. ମୁମ୍ବାଇ ... ଦେଣାଦାରମାନେ

ଦେୱାନୀ କାର୍ଯ୍ୟବିଧି ଆଇନର ଅର୍ଡର-୫, ରୁଲ-୨୦ (ଏ) ମତେ ନୋଟିସ୍

ଏ ତ ଦ୍ୱ ା ର ।
ଜଣାଇଦିଆଯାଉଛି ଯେ, ଉପରୋକ୍ତ ଆୟୋଗର ଉକ୍ତ ଡିଗ୍ରୀଜାରି ମୋକଦ୍ଦମାରେ ଦେଣାଦାରଙ୍କୁ ବାରମ୍ବାର ନୋଟିସ୍ ପଠାଇବା ସତ୍ତ୍ୱେ ଦେଣାଦାରଙ୍କ ଉପରେ ତାହା ଜାରି ହୋଇପାରୁନାହିଁ। ଏଣୁ ଦେଣାଦାରଙ୍କୁ ନୋଟିସ୍ ଦ୍ୱାରା ଜଣେଇଦିଆଯାଉଛି ଯେ, ଉକ୍ତ ଆୟୋଗରେ ତା ୨୫.୦୨.୨୦୨୫ରିଖ ଦିବା ଘ. ୧୦.୩୦ ମି. ସମୟେ ଆପଣ କିମ୍ବା ଆପଣଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ହାଜର ହୋଇ ଆପତ୍ତି ଜଣାଇବେ । ନଚେତ୍ ଆପଣଙ୍କ ଅନୁପସ୍ଥିତିରେ ମୋକଦ୍ଦମା ଆଇନ ଅନୁସାରେ ଫଇସଲା କରାଯିବ ।

Sd./- ସଭାପତି
ଜିଲ୍ଲା ଖାଉଟି ବିବାଦ ସମାଧାନ ଆୟୋଗ ପୁରୀ, ଓଡ଼ିଶା
ଧ-୨୮୭୦

## ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰କମଳା ସାହୁ**
ମାଣିଆବନ୍ଧ, ବଡ଼ମ୍ବା, କଟକ
ଆବିର୍ଭାବ: ୧୯୬୦
ତିରୋଧାନ: ୨୦୨୩

ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ଭଟ୍ଟାରିକାଙ୍କ କୃପାରୁ ଯେଉଁଠି ଅଛ ଭଲରେ ଥାଅ ଏବଂ ଆଶୀର୍ବାଦ ପ୍ରଦାନ କରୁଥାଅ ।

-ଆଶୀର୍ବାଦକାଂକ୍ଷୀ-
ଧର୍ମପତି, ପୁତ୍ରବଧୂ, ପୁତ୍ର, ନାତୁଣୀ, ନାତି ଏବଂ ବନ୍ଧୁ ଓ ପରିବାରବର୍ଗ ।
ଧ-୨୮୬୭

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଠ କରନ୍ତୁ ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

# ଫେରାର ଅଭିଯୁକ୍ତଙ୍କୁ ଖୋଜି ପାଉନି କମିଶନରେଟ୍ ପୋଲିସ

## ଭୁବନେଶ୍ୱରରେ ବଢୁଛି ଅପରାଧ

ଭୁବନେଶ୍ୱର,୯।୧ (ସତ୍ୟଜିତ୍ ରାଉତ)

ରାଜଧାନୀ ଭୁବନେଶ୍ୱରରେ ଦିନକୁ ଦିନ ଅପରାଧ ବଢ଼ିବାରେ ଲାଗିଛି। ହତ୍ୟା, ଲୁଟ୍, ଚୋରି, ଛୁରାମାଡ଼ ଆଦି ଘଟଣା ସହରରେ ଆଇନଶୃଙ୍ଖଳା ସ୍ଥିତିକୁ ବିଗାଡି ଦେଉଛି। ପୋଲିସ ଭିଭିଆଇପି ଓ ଭିଆଇପିଙ୍କ ସୁରକ୍ଷାରେ ସମୟ ଦେଉଥିବା ବେଳେ ତଦନ୍ତ ଅଧାରେ ଅଟକୁଥିବା ଚର୍ଚ୍ଚା ହେଉଛି। ବିଳମ୍ବିତ ରାତିରେ ଏଟିଏମ୍ ତାଡ଼ି ଟଙ୍କା ଲୁଟିନେବା ହେଉ ଅବା ସ୍ୱଷ୍ଟ ଦିବାଲୋକରେ ହାତରୁ ଟଙ୍କା ଝାମ୍ପିନେବା ଘଟଣା, ଏପରି ବଡ଼ ବଡ଼ ମାମଲାରେ ଫେରାର ଅଭିଯୁକ୍ତଙ୍କୁ କମିଶନରେଟ ପୋଲିସ ଖୋଜି ପାଉନାହିଁ। ଶୁକ୍ରବାର ସ୍ୱଷ୍ଟ ଦିବାଲୋକରେ ସିକ୍ୟୁରିଟି ସଂସ୍ଥା କର୍ମଚାରୀ ଶିଶିର ମହାପାତ୍ରଙ୍କଠାରୁ ୨.୫ ଲକ୍ଷ ଟଙ୍କାଭର୍ତ୍ତି ବ୍ୟାଗ୍ ଝାମ୍ପି ନେଇଯାଇଥିଲେ ଦୁର୍ବୃତ୍ତ। ଏହି ଘଟଣାକୁ ୩ ଦିନ ବିତିଥିବାବେଳେ ଏଯାଏ ପୋଲିସ ଅଭିଯୁକ୍ତଙ୍କୁ ଧରିବା ଦୂରେ ଥାଉ, ଏପରିକି ସେମାନଙ୍କ ଠାବ କରିପାରି ନାହିଁ। ଗତ ଜାନୁଆରୀ ୨୩ ରାତିରେ ଶ୍ରୀଲିଙ୍ଗରାଜ ଥାନା ଅନ୍ତର୍ଗତ ଶ୍ରୀରାମନଗର ଲେନ୍-୧୦ସ୍ଥିତ ଏସ୍‌ବିଆଇ ଏଟିଏମ୍‌କୁ ତାଡ଼ି ଅଟୋରେ ନେଇ ୨୦ ଲକ୍ଷ ଟଙ୍କା ଲୁଟି ନେଇଥିଲେ। ଗଙ୍ଗୁଆ ନାଳ ପାର୍ଶ୍ୱରେ ଭଙ୍ଗା ଏଟିଏମ୍ ଫିଙ୍ଗି ଫେରାର ହୋଇଯାଇଥିଲେ। ଏହି ଘଟଣାକୁ ଅଢ଼େଇ ସପ୍ତାହ ବିତିଥିବା ବେଳେ ସମ୍ପୃକ୍ତ ଲୁଟେରା ଗ୍ୟାଙ୍ଗ ସମ୍ପର୍କରେ କାଣିଚାଏ ସୁରାକ ପାଇପାରୁନି ପୋଲିସ। ସେହିପରି ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକଙ୍କ ନୟାପଲ୍ଲୀ ଆଇଆର୍‌ସି ଭିଲେଜସ୍ଥିତ ଏନ୍୨/୨୯ ଘରୁ ଜାନୁଆରୀ ୨୫-୨୬ ବିଳମ୍ବିତ ରାତିରେ ଜଣେ ମୁଖାପିନ୍ଧା ଚୋର କଳାକନା ବୁଲାଇଥିଲେ। ଦ୍ୱିତୀୟ ମହଲାରେ ଥିବା ବଡ଼ପୁଅ ଦେବଜ୍ୟୋତିଙ୍କ ବେଡ୍‌ରୁମ୍‌ରୁ ପ୍ରାୟ ୫୦ ଲକ୍ଷ ଟଙ୍କାର ଅଳଙ୍କାର ଓ ନଗଦ ୨.୫ଲକ୍ଷ ନଗଦ ଟଙ୍କା ନେଇଯାଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣା ପରେ ଭୁବନେଶ୍ୱରରେ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ଚିନ୍ତିତ ଥିବା କହି କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ନିରଞ୍ଜନ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଥିଲେ। ତେବେ ଏହି ଘଟଣାରେ ମଧ୍ୟ ଚୋରଙ୍କୁ ପୋଲିସ ଠାବ କରିପାରିନାହିଁ। ଫେବୃଆରୀ ୨ରେ ନାଲ୍‌କୋ ଛକ ନିକଟରେ ଥିବା ଏକ ଷ୍ଟାର୍ ହୋଟେଲ ପରିସରରେ ଚାଲିଥିବା ବିବାହ ଉତ୍ସବରେ ଦୁଇ ଦୁର୍ବୃତ୍ତ ଅତିଥି ବେଶରେ ଆସି ୭୦ରୁ ୮୦ ଗ୍ରାମ ସୁନାଗହଣା ସହ ଦେଢ଼ ଲକ୍ଷ ଟଙ୍କା ନେଇଯାଇଥିଲେ। ଏହି ଘଟଣାରେ ଜଣେ ଅଭିଯୁକ୍ତ ପୁରୀରେ ଚୋରି କରୁଥିବା ବେଳେ ଦୁଇଦିନ ତଳେ ଧରାପଡିଥିଲେ। ହେଲେ ଅନ୍ୟଜଣେ ଅଭିଯୁକ୍ତଙ୍କୁ ଏଯାଏ ମୈତ୍ରୀବିହାର ପୋଲିସ ଧରିପାରିନାହିଁ। ଅନ୍ୟପକ୍ଷରେ ଜାନୁଆରୀ ୮ରେ ରସୁଲଗଡ଼ରେ ସହଦେବ ନାୟକଙ୍କୁ ହତ୍ୟା ଘଟଣାରେ ମଧ୍ୟ ଏଯାଏ କେତେ ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବାରେ ସକ୍ଷମ ହୋଇନାହିଁ। ତେବେ ସ୍ୱତନ୍ତ୍ର ଟିମ୍ ଜରିଆରେ ଫେରାର ଅଭିଯୁକ୍ତମାନଙ୍କୁ ଧରିବାକୁ ଉଦ୍ୟମ ଚାଲିଥିବା ଡିସିପି ପିନାକ ମିଶ୍ର କହିଛନ୍ତି।


ନିରଞ୍ଜନ ପଟ୍ଟନାୟକଙ୍କ ଘରୁ ଚୋରି ସମୟର ସିସିଟିଭି ଚିତ୍ର।

# ଶିଳ୍ପପତିଙ୍କୁ ୭୩ ଥର ଛୁରିଭୁସି ହତ୍ୟା କଲେ ନାତି

## ସମ୍ପତ୍ତି ବିବାଦ

ହାଇଦ୍ରାବାଦ,୯।୨

ଏକ ପାରିବାରିକ ସମ୍ପତ୍ତି ବିବାଦକୁ ନେଇ ଆନ୍ଧ୍ରପ୍ରଦେଶର ୮୬ ବର୍ଷୀୟ ଶିଳ୍ପପତି ଭେଲମତି ଚନ୍ଦ୍ରଶେଖର ଜନାର୍ଦ୍ଦନ ରାଓଙ୍କୁ ତାଙ୍କ ନାତି କୀର୍ତ୍ତି ତେଜା ୭୩ ଥର ଛୁରି ଭୁସି ଅତ୍ୟନ୍ତ ବୀଭତ୍ସ ଭାବେ ହତ୍ୟା କରିଛନ୍ତି। ହାଇଦ୍ରାବାଦ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି।

ଖବର ଅନୁଯାୟୀ, ଭେଲ୍‌ଜାନ ଗ୍ରୁପ୍ ଅଫ୍ କମ୍ପାନୀର ମୁଖ୍ୟ ଜନାର୍ଦ୍ଦନଙ୍କୁ ଗୁରୁବାର ରାତିରେ ତାଙ୍କ ହାଇଦ୍ରାବାଦସ୍ଥିତ ବାସଭବନରେ ହତ୍ୟା କରାଯାଇଥିଲା। ପୋଲିସ ଶନିବାର ଅଭିଯୁକ୍ତଙ୍କୁ ଗିରଫ କରିବା ପରେ ଘଟଣା ସାମ୍ନାକୁ ଆସିଛି। ସମ୍ପତ୍ତିକୁ ନେଇ ଝଗଡ଼ା ପରେ ଆମେରିକା ଫେରନ୍ତା ୨୯ ବର୍ଷୀୟ ନାତି କୀର୍ତ୍ତି ଅଜା ଜନାର୍ଦ୍ଦନଙ୍କୁ ୭୩ ଥର ଛୁରି ଭୁସିଥିଲେ। ଜନାର୍ଦ୍ଦନ ଏଲୁରୁର ମୂଳ ବାସିନ୍ଦା ହୋଇଥିବାବେଳେ ସେ କିଛି ମାସ ହେଲା ହାଇଦ୍ରାବାଦର ସୋମାଜିଗୁଡ଼ା ଅଞ୍ଚଳରେ ଥିବା ବାସଭବନରେ ରହୁଥିଲେ। ସେ ନିକଟରେ ତାଙ୍କ ବଡ଼ ଝିଅଙ୍କ ପୁଅ ଶ୍ରୀକ୍ରିଷ୍ଣାଙ୍କୁ ଭେଲ୍‌ଜାନ୍ ଗ୍ରୁପ୍‌ର ନିର୍ଦ୍ଦେଶକ ନିଯୁକ୍ତ କରିବା ସହ ଦ୍ୱିତୀୟ ଝିଅ ସରୋଜିନୀ ଦେବୀଙ୍କ ପୁଅ କୀର୍ତ୍ତିଙ୍କ ନାମରେ ୪ କୋଟି ଟଙ୍କାର ଶେୟାର ହସ୍ତାନ୍ତର କରିଥିଲେ। ପୋଲିସ କହିବା ଅନୁଯାୟୀ, ସରୋଜିନୀ ଓ ତାଙ୍କ ପୁଅ ଗୁରୁବାର ଜନାର୍ଦ୍ଦନଙ୍କ ଘରକୁ ଯାଇଥିଲେ। ସମ୍ପତ୍ତି ବଣ୍ଟନ ଘଟଣାକୁ ନେଇ ଅଜା ଓ ନାତିଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। କୀର୍ତ୍ତି ଉତ୍ତେଜିତ ହୋଇ ୭୩ ଥର ଛୁରାମାଡ଼ କରିବାରୁ ଘଟଣାସ୍ଥଳରେ ଜନାର୍ଦ୍ଦନଙ୍କର ମୃତ୍ୟୁ ଘଟିଥିଲା। ଏହି ସମୟରେ ରୋଷେଇ ଘରକୁ ଚା' ପାଇଁ ଯାଇଥିବା ସରୋଜିନୀ ପାଟି ଶୁଣି ଆସି ହସ୍ତକ୍ଷେପ ପାଇଁ ଉଦ୍ୟମ କରିବାରୁ ସେ ମଧ୍ୟ କୀର୍ତ୍ତିଙ୍କ ଆକ୍ରମଣର ସମ୍ମୁଖୀନ ହୋଇଥିଲେ। ତାଙ୍କୁ ମଧ୍ୟ ୪ ଥର ଛୁରାମାଡ଼ ହୋଇଛି। କୀର୍ତ୍ତି ସେଠାରେ ଉପସ୍ଥିତ ଥିବା ସୁରକ୍ଷା କର୍ମଚାରୀଙ୍କୁ ଧମକ ଦେଇ ଖସି ପଳାଇଥିଲେ। ପଞ୍ଜାଗୁଟ୍ଟା ପୋଲିସ ଶନିବାର ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଆମେରିକାରୁ ମାଷ୍ଟର ଡିଗ୍ରୀ ହାସଲ କରି ଫେରିଥିବା ଅଭିଯୁକ୍ତ କୀର୍ତ୍ତିଙ୍କୁ ଅଦାଲତ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି।


ଭେଲମତି ଚନ୍ଦ୍ରଶେଖର ଜନାର୍ଦ୍ଦନ ରାଓ

# ସିଲ୍ ହେଲା ନକଲି ଗୁଟ୍‌ଖା କମ୍ପାନୀ

କୁନ୍ଦୁରା,୯।୨(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ୍ ମସିଗାଁ ପଞ୍ଚାୟତର ବରଗୁଡା, ତରାପୁଟ ଗାଁ ଓ ଦିଗାପୁର ମୁଖ୍ୟ ରାସ୍ତା ପାର୍ଶ୍ୱରେ ଚାଲିଥିବା ନକଲି ଗୁଟ୍‌ଖା କମ୍ପାନୀ ଉପରେ କେନ୍ଦ୍ର ଏବଂ ଆନ୍ଧ୍ର ଜିଏସ୍‌ଟି ବିଭାଗ ପକ୍ଷରୁ ଶନିବାର ଚଢ଼ାଉ କରି ସିଲ୍ କରାଯାଇଛି। କମ୍ପାନୀ ମୁଖ୍ୟ ଫାଟକ ବାହାରେ ଅଧିକାରୀଙ୍କ ସୁରକ୍ଷା ପାଇଁ ଯବାନ ମୁତୟନ ହୋଇଥିଲେ। କମ୍ପାନୀର ୨ କର୍ମଚାରୀଙ୍କୁ ସେଠାରୁ ନେଇଯାଇଥିବା ଶ୍ରମିକମାନେ କହିଛନ୍ତି। ଏହି ଚଢ଼ାଉ ନେଇ ସ୍ଥାନୀୟ ପୋଲିସ ଓ ଜନ ପ୍ରତିନିଧିଙ୍କ ନିକଟରେ କୌଣସି ସୂଚନା ନ ଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଏହି କମ୍ପାନୀରେ ଦଶ ବର୍ଷ ହେବ କାଜୁ ମିଲ୍ ଚାଲିଥିବା ବେଳେ ସ୍ଥାନୀୟ ଶ୍ରମିକ କାମ କରୁଥିଲେ। ଗତ ୨ ବର୍ଷ ହେବ କାଜୁ ମିଲ୍ ବନ୍ଦ ହେବା ପରେ ସେଠାରେ ନକଲି ଗୁଟ୍‌ଖା କମ୍ପାନୀ ଚାଲୁଥିବା ଜଣାପଡ଼ିଛି। କାନପୁର ଓ ମଧ୍ୟପ୍ରଦେଶର ୨୫୩୦ ଶ୍ରମିକ ୩ ମାସ ହେବ କାମ କରୁଥିଲେ। ସେମାନଙ୍କୁ ଗତ ମାସର ମଜୁରି ମିଳି ନ ଥିବା ଓ ଘରକୁ ଫେରିବାକୁ ଟଙ୍କା ନ ଥିବା କହିଛନ୍ତି।

# ଜଗନ୍ନାଥ ମନ୍ଦିରରୁ ହୁଣ୍ଡି ତାଡ଼ିନେଇ ଜଙ୍ଗଲରେ ଫିଙ୍ଗିଦେଲେ

## ସୁନା ଚିତା ଚୋରି

ଫୁଲବାଣୀ,୯।୨
(ରାକେଶ କୁମାର ରାଉତ)

ଫୁଲବାଣୀ ଜଗନ୍ନାଥ ମନ୍ଦିରରେ ଶନିବାର ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ହୁଣ୍ଡି ତାଡ଼ି ନେଇଛନ୍ତି। ଏଥିସହ ଦିଅଁଙ୍କ ମସ୍ତକରୁ ତିନି ଗୋଟି ସୁନା ଚିତା ଚୋରି ହୋଇଛି। ରବିବାର ଭୋରରୁ ମନ୍ଦିର ବଡ଼ପଣ୍ଡା ପୂଜା ପାଇଁ ପହଞ୍ଚିବା ବେଳେ ମୁଖ୍ୟ କବାଟ ତାଲା ଭାଙ୍ଗିଯାଇଥିବା ସହ ଦ୍ୱିତୀୟ କବାଟ ମଧ୍ୟ ଭଙ୍ଗାଯାଇଥିବା ଦେଖିଥିଲେ। ମନ୍ଦିରର ହୁଣ୍ଡି ନ ଥିବା ମଧ୍ୟ ଦେଖିଥିଲେ। ଭିତରକୁ ଯିବା ପରେ ତିନି ଠାକୁରଙ୍କ ମସ୍ତକରେ ଲାଗିଥିବା ସୁନା ଚିତା ଚୋରି ହୋଇଥିବା ଜାଣିବା ପରେ ପୂଜାରୀ ମନ୍ଦିର ପରିଚାଳନା କମିଟିକୁ ଖବର ଦେଇଥିଲେ। କମିଟି ତରଫରୁ ଟାଉନ ଥାନାରେ ଅଭିଯୋଗ କରାଯାଇଥିଲା। ଖବର ପାଇ ଟାଉନ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଚୋରି ହୋଇଥିବା ହୁଣ୍ଡି ମନ୍ଦିର ପଛପଟ ଜଙ୍ଗଲରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ସୂଚନାଯୋଗ୍ୟ, କିଛିଦିନ ତଳେ ମନ୍ଦିରରେ ନୂତନ ପାର୍ଶ୍ୱ ଦେବାଦେବୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ହୋଇଥିଲା। ତେଣୁ, ହୁଣ୍ଡିରେ ଲକ୍ଷାଧିକ ଟଙ୍କା ଥିବା ଅନୁମାନ କରାଯାଉଛି ବୋଲି ମନ୍ଦିର ପରିଚାଳନା କମିଟି ସଭାପତି ସୁନାଶୀର ମହାପାତ୍ର କହିଛନ୍ତି।


ଜଙ୍ଗଲରେ ପଡ଼ିଥିବା ହୁଣ୍ଡି।

# ଯୁବକଙ୍କ ଆତ୍ମହତ୍ୟା

ବାରଙ୍ଗ,୯।୨(ଲିଙ୍ଗରାଜ ରାଉତ)

ବାରଙ୍ଗ ଥାନା ପୋଲିସ ଗାଁ ମୁଣ୍ଡ ଏକ ଗଛରୁ ଝୁଲନ୍ତା ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହ ରବିବାର ଜବତ କରିଛି। ମୃତକ ହେଲେ ପାଟପୁର ସାମଲ ସାହିର ବାଦଲ ଜେନାଙ୍କ ପୁଅ ଆଶିଷ ଜେନା(୨୩)। ପାରିବାରିକ କଳହ ଯୋଗୁ ମାନସିକ ଭାରସାମ୍ୟ ହରାଇ ସେ ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତ ବେଳେ ଜାଣିବାକୁ ପାଇଛି। ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡିକାଲକୁ ପଠାଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଶନିବାର ବିଳମ୍ବିତ ରାତିରେ ପାଟପୁର ଗ୍ରାମର କେତେଜଣ ଯୁବକ ପାଖ ଗ୍ରାମରୁ ବିବାହ କାର୍ଯ୍ୟରେ ଯୋଗଦେଇ ଫେରୁଥିଲେ। ଏହି ସମୟରେ ଗାଁ ମୁଣ୍ଡରେ ଥିବା ଏକ ଗଛରେ ଆଶିଷ ଏକ ରଶି ସାହାଯ୍ୟରେ ଗଛରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ସେମାନଙ୍କଠାରୁ ଖବର ପାଇ ପରିବାର ଲୋକେ ଆସି ଆଶିଷ ଆତ୍ମହତ୍ୟା କରିଥିବା ଜାଣିବାକୁ ପାଇବା ପରେ ବାରଙ୍ଗ ଥାନାକୁ ଖବର ଦେଇଥିଲେ।

# ଷ୍ଟୁଡିଓ ମାଲିକଙ୍କୁ ହତ୍ୟା

## ପୂର୍ବ ଶତ୍ରୁତାରୁ ହତ୍ୟା ସନ୍ଦେହ

ଯାଜପୁରରୋଡ୍,୯।୨
(ପବିତ୍ର ରଞ୍ଜନ ମହାନ୍ତି)

ଯାଜପୁରରୋଡ୍ ଥାନା ବ୍ୟାସନଗର ପୌର ପରିଷଦ ଅନ୍ତର୍ଗତ ସୋବାର ଅଞ୍ଚଳରେ ଥିବା ଏକ ଷ୍ଟୁଡିଓରେ ଶନିବାର ରାତିରେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ ଷ୍ଟୁଡିଓ ମାଲିକ ଏହି ଥାନା ୭ନଂ. ୱାର୍ଡ ସୋବାର ଗ୍ରାମର ଧରଣୀଧର ସାହୁଙ୍କ ପୁଅ ଦୀପକ କୁମାର ସାହୁ(୩୦)। ପୋଲିସ ରବିବାର ସକାଳେ ସେଠାରୁ ଯୁବକଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏଥିସହିତ ସାଇଣ୍ଟିଫିକ୍ ଟିମ୍ ଏବଂ ସନ୍ଧାନୀ କୁକୁର ଦ୍ୱାରା ତଦନ୍ତ ଚଳାଇଛି। ପାରିପାର୍ଶ୍ୱିକ ପରିସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ପୋଲିସ ସନ୍ଦେହ କରୁଛି। ପୂର୍ବ ଶତ୍ରୁତାରୁ ହତ୍ୟାକାଣ୍ଡ ଘଟିଥାଇପାରେ ବୋଲି ପୋଲିସ କହିଛି। ଏ ସମ୍ପର୍କରେ ମୃତ ଯୁବକଙ୍କ ବଡ଼ଭାଇ ପ୍ରଦୀପ କୁମାର ସାହୁ ଯାଜପୁରରୋଡ୍ ଥାନାରେ ହତ୍ୟା ଅଭିଯୋଗ କରିଛନ୍ତି। ଯୁବକଙ୍କ ମୁଣ୍ଡ ଏବଂ ଶରୀରରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଏହି ହତ୍ୟାକାଣ୍ଡର ରହସ୍ୟ ଜଣାପଡ଼ିନାହିଁ। ସ୍ଥାନୀୟ ଲୋକଙ୍କ ମଧ୍ୟରେ ନାନା କଥା ଆଲୋଚନା ହେଉଛି। ମୃତ ଯୁବକଙ୍କ ପରିବାର ଲୋକଙ୍କ କହିବା ଅନୁଯାୟୀ, ଦୀପକଙ୍କ ଅଞ୍ଚଳର କିଛି ବ୍ୟକ୍ତିଙ୍କ ସହ ଜମି ବିବାଦକୁ ନେଇ ପୂର୍ବ ଶତ୍ରୁତା ଥିଲା। ସେ ଶନିବାର ରାତିରେ ଘରେ ଖାଇବା ପରେ ଷ୍ଟୁଡିଓକୁ ଶୋଇବା ପାଇଁ ଆସିଥିଲେ। ସକାଳୁ ତାଙ୍କ ମା' ଦୀପକଙ୍କ ମୋବାଇଲକୁ ଫୋନ କରିଥିଲେ। ହେଲେ ସେ ଫୋନ ଉଠାଇ ନ ଥିଲେ। ପରେ ତାଙ୍କ ମା' ଆସି ଷ୍ଟୁଡିଓ କବାଟ ଖୋଲାଥିବା ଏବଂ ପୁଅର ମୃତଦେହ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ଦେଖି ଚିତ୍କାର କରିଥିଲେ। ତାଙ୍କ ପାଟିଶୁଣି ପଡ଼ୋଶୀ ରୁଣ୍ଡହେବା ସହ ପୋଲିସକୁ ଖବର ଦେଇଥିଲେ। ଏନେଇ ଥାନାରେ ଏକ ମାମଲା ନଂ.୭୦/୨୫ ରୁଜୁ ହୋଇଥିବା ପୋଲିସ କହିଛି।


ଦୀପକ କୁମାର ସାହୁ।

# ଠକେଇ ମାମଲାରେ ଉଠାଇଆଣିଲା ପୋଲିସ

## ସ୍ମୃତି ବହୁମୁଖୀ ସମବାୟ ସମିତି ଲିଃର ଜେନେରାଲ ମ୍ୟାନେଜରଙ୍କ ସମେତ ୨ ଅଟକ

ଭୁବନେଶ୍ୱର,୯।୨
(ସୂର୍ଯ୍ୟକାନ୍ତ ବେହେରା)

ବହୁ କୋଟି ଠକେଇ ମାମଲାରେ ପାହାଳ ପୋଲିସ ସ୍ମୃତି ବହୁମୁଖୀ ସମବାୟ ସମିତି ଲିମିଟେଡ୍‌ର ଜେନେରାଲ ମ୍ୟାନେଜରଙ୍କ ସମେତ ୨ ଜଣଙ୍କୁ ଅଟକ ରଖିଛି। ଅଟକଦ୍ୱୟଙ୍କ ମଧ୍ୟରୁ ଜଣଙ୍କ ନାମ ହେମନ୍ତ ପଣ୍ଡା (୫୪) ଓ ଅନ୍ୟ ଜଣେ ହେଲେ ଜେନେରାଲ ମ୍ୟାନେଜର ଧରଣୀଧର ଖଟୁଆ। ପୋଲିସ ସୂଚନାନୁସାରେ, ହେମନ୍ତ ଓ ଧରଣୀ ଲୋକଙ୍କୁ ଲୋନ୍ ଦେବା, ଜମା ରଖିବା ଆଦି କାମ କରନ୍ତି। ଟଙ୍କା ଜମାକଲେ ଅଧିକ ସୁଧ ସହ ଫେରସ୍ତ ଓ ଲୋନ୍ କରାଇ ଦେବାର ପ୍ରତିଶ୍ରୁତି ଦେଇ ଲୋକଙ୍କୁ ପ୍ରଲୋଭିତ କରନ୍ତି। ଲୋକମାନେ ସେମାନଙ୍କ କଥାକୁ ବିଶ୍ୱାସ କରି ବ୍ୟାଙ୍କ ବଦଳରେ ଉକ୍ତ ସଂସ୍ଥାରେ ଟଙ୍କା ଜମା କରୁଥିଲେ। ମାତ୍ର ପରବର୍ତ୍ତୀ ସମୟରେ ସଂସ୍ଥା ପକ୍ଷରୁ କୌଣସି ମୂଳ ଟଙ୍କା ସହ ସୁଧ ଫେରସ୍ତ କରାଯାଉ ନ ଥିଲା। ଏପରିକି ଋଣ ମଧ୍ୟ କରାଉ ନ ଥିଲେ। ତେଣୁ ଟଙ୍କା ଜମା କରିଥିବା ଲୋକେ ଏହାର କାରଣ ପଚାରିବାରୁ କୌଣସି ସନ୍ତୋଷଜନକ ଉତ୍ତର ନ ପାଇବାରୁ ବାଧହୋଇ ଟଙ୍କା ଫେରସ୍ତ ପାଇଁ ଦାବି କରିଥିଲେ। ହେଲେ ଟଙ୍କା ଫେରସ୍ତ ନ କରି ସଂସ୍ଥା କାର୍ଯ୍ୟାଳୟରେ ହଠାତ୍ ତାଲା ଝୁଲୁଥିବା ଦେଖିବାକୁ ମିଳିଥିଲା। ଫଳରେ ବହୁ କଷ୍ଟରେ ମାସିକ କିଏ ୨ହଜାର ତ ଆଉ କିଏ ୫ହଜାର ଟଙ୍କା ଲେଖାଏ ଜମା କରୁଥିବା ଲୋକେ ହତାଶ ହୋଇପଡିଥିଲେ। ଏହି ସଂସ୍ଥା ଲୋକଙ୍କୁ ଠକୁଥିବା ଜଣାପଡିବା ପରେ ଜମାକାରୀମାନେ ବାଧହୋଇ ପାହାଳ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରି ୨ ଜଣଙ୍କୁ ଉଠାଇ ଥାନାରେ ଅଟକ ରଖି ପଚରାଉଚରା କରୁଛି। ସୋମବାର ଉଭୟଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ସୂଚନା ମିଳିଛି।

# ୪ଜଣଙ୍କୁ ବିବାହ କରିଛନ୍ତି ରସିକିଆ ଡାକ୍ତର

## ମହିଳା କମିଶନଙ୍କ ନିକଟରେ ଫେରାଦ ହେଲେ ପୀଡିତା

ଭୁବନେଶ୍ୱର,୯।୨ (ସୂର୍ଯ୍ୟକାନ୍ତ ବେହେରା)

ମିଛ କହି ବିବାହ କରିବା ଓ ନାନା ବାହାନାରେ ଠକେଇ ଘଟଣା ବଢ଼ି ଚାଲିଛି। ପୂର୍ବରୁ ଏମିତି ବହୁ ଅଭିଯୋଗ ଆସିବା ପରେ ପୋଲିସ ପଦକ୍ଷେପ ଗ୍ରହଣ କରିଛି। ଏବେ ପୁଣି ଜଣେ ରସିକିଆ ଡାକ୍ତରଙ୍କ ପ୍ରେମ ପେଡି ସାମ୍ନାକୁ ଆସିଛି। କର୍ନାଟକରେ ରହୁଥିବା ଓଡିଶାର ଜଣେ ଆୟୁର୍ବେଦିକ ଡାକ୍ତରଙ୍କ ବିରୋଧରେ ଜଣେ ମହିଳା ଭୁବନେଶ୍ୱରସ୍ଥିତ ମହିଳା କମିଶନଙ୍କ ନିକଟରେ ସଙ୍ଗୀନ ଅଭିଯୋଗ ଆଣିଛନ୍ତି। ପୀଡିତା ମହିଳାଙ୍କ ଘର ନୟାଗଡ ଅଞ୍ଚଳରେ ବୋଲି ଜଣାପଡିଛି। ମହିଳା ଜଣକ ନିଜକୁ ଉକ୍ତ ଡାକ୍ତରଙ୍କ ସ୍ତ୍ରୀ ବୋଲି ଦାବି କରିବା ସହ ତାଙ୍କ ସ୍ୱାମୀ ୪ଜଣଙ୍କୁ ବିବାହ କରିଥିବା ସେ ଅଭିଯୋଗ କରିଛନ୍ତି। ଏନେଇ ପ୍ରତାରିତ ଡାକ୍ତର ସ୍ୱାମୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ନ୍ୟାୟ ଦେବାକୁ ସେ ମହିଳା କମିଶନଙ୍କୁ ନିବେଦନ କରିଛନ୍ତି। ଅଭିଯୁକ୍ତ ରସିକିଆ ଡାକ୍ତର କର୍ନାଟକରେ ୨ ଓ ଓଡିଶାରେ ୨ ଜଣଙ୍କୁ ବିବାହ କରିଛନ୍ତି। ଏପରିକି ତାଙ୍କ ସ୍ୱାମୀ କୋର୍ଟରେ ଭରଣପୋଷଣ ଦେବାକୁ କହିଥିଲେ ମଧ୍ୟ କୋର୍ଟଙ୍କ ନିୟମକୁ ସ୍ୱାମୀ ଅବମାନନା କରି ଦେଉ ନ ଥିବା ପୀଡିତା ମହିଳା ତାଙ୍କ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି।

# ନବଦମ୍ପତିଙ୍କ ସନ୍ଦେହଜନକ ମୃତ୍ୟୁ

ସଇଁତଲା/ବଲାଙ୍ଗୀର, ୯।୨ (ରାଖାଲ ପ୍ରସାଦ ଶତପଥୀ/ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ସଇଁତଲା ଥାନା ଟିକ୍ରାପଡ଼ା ଫାଣ୍ଡି ଅନ୍ତର୍ଗତ କେଓମାଲ ଗାଁର ଏକ ଚାଷ ଜମିରୁ ପୋଲିସ ରବିବାର ଏକ ନବଦମ୍ପତିଙ୍କ ମୃତଦେହ ଜବତ କରିଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ଏହା ଆତ୍ମହତ୍ୟା ନାଁ ହତ୍ୟା ତାକୁ ନେଇ ଚର୍ଚ୍ଚା ଲାଗି ରହିଛି।

ମିଳିଥିବା ତଥ୍ୟ ମୁତାବକ, କେଓମାଲ ଗାଁର ଆକାଶ ଧରୁଆ (୨୧) ଓ ଗୁଡ଼ାପାଲି ଗାଁର ମହିମା ଧରୁଆ (୨୦)ଙ୍କ ମଧ୍ୟରେ ଗତ କିଛି ବର୍ଷ ହେଲା ପ୍ରେମ ସମ୍ପର୍କ ରହିଥିଲା। ଗତ ତିନି ମାସ ପୂର୍ବରୁ ଉଭୟ ପ୍ରେମ ବିବାହ କରିଥିଲେ। ଏହି ବିବାହକୁ କୁଆଡେ ପାରିବାରିକ ସ୍ୱୀକୃତି ମିଳି ନ ଥିଲା। ଶନିବାର ବିଳମ୍ବିତ ରାତିରେ କୌଣସି ଘଟଣାକୁ ନେଇ ନବଦମ୍ପତି ଘରୁ କୁଆଡେ ଚାଲି ଯାଇଥିଲେ। ସକାଳୁ ଗାଁର ଚାଷଜମିରେ ଥିବା ଏକ ଗଛରେ ଯୁବକଙ୍କ ମୃତଦେହ ଝୁଲୁଥିବା ଦେଖାଯାଇଥିଲା ଏବଂ ସେହି ଗଛ ତଳେ ଯୁବତୀଙ୍କ ମୃତଦେହ ମୁହଁ ମାଡି ପଡିଥିବା ଲୋକେ ଦେଖିଥିଲେ। ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ପାରିପାର୍ଶ୍ୱିକ ସ୍ଥିତିରୁ ଉଭୟ ଯୁବତୀ ଓ ଯୁବକଙ୍କ ମୃତ୍ୟୁକୁ ନେଇ ନା ନା ସନ୍ଦେହ ଉପୁଜିଛି। ପୋଲିସ ମୃତଦେହକୁ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସପିଟାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତ ଯୁବକଙ୍କ ପରିବାର ଲୋକେ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇଥିବା ଜଣାପଡିଛି। ମୃତ ଯୁବତୀଙ୍କ ପରିବାର ପକ୍ଷରୁ ପ୍ରତିକ୍ରିୟା ମିଳିପାରିନାହିଁ। ଶନିବାର ରାତିରେ କେଓମାଲସ୍ଥିତ ସମ୍ପୃକ୍ତ ଯୁବକଙ୍କ ଘରକୁ କେହି ଆସିଥିବା ଚର୍ଚ୍ଚା ହେଉଛି। କେଉଁ ପରିସ୍ଥିତିରେ ଏହି ନବଦମ୍ପତିଙ୍କ ମୃତ୍ୟୁ ଘଟିଲା ପୋଲିସ ସ୍ପଷ୍ଟ କରିନାହିଁ। ଘଟଣାସ୍ଥଳରେ ସଇଁତଲା ଥାନା ଅଧିକାରୀ ସୁଶାନ୍ତ ବଡ଼େଇ, ଟିକ୍ରାପଡ଼ା ଫାଣ୍ଡି ଅଧିକାରୀ ଓ ମୁରିବାହାଲର ଅତିରିକ୍ତ ତହସିଲଦାର ପହଞ୍ଚି ଛାନବିନ୍ କରିଥିଲେ। ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ଏଟିଏମ୍‌ରୁ ଟଙ୍କା ଉଠାଇବାକୁ ସାହାଯ୍ୟ ମାଗି ଠକାମିର ଶିକାର

## ୩୧ ହଜାର ଠକିନେଲେ ଫାଇନାନ୍ସ କର୍ମଚାରୀ

ନବରଙ୍ଗପୁର,୯।୨
(ସଦାଶିବ ପ୍ରହରାଜ)

ଏଟିଏମ୍‌ରୁ ଟଙ୍କା ଉଠାଇବାକୁ ସାହାଯ୍ୟ ମାଗି ଜଣେ ସରକାରୀ କର୍ମଚାରୀ ଠକାମିର ଶିକାର ହୋଇଛନ୍ତି। ଜଣେ ଫାଇନାନ୍ସ କର୍ମଚାରୀ ତାଙ୍କ ଅଜାଣତରେ ଆକାଉଣ୍ଟରୁ ୩୦ହଜାର ଟଙ୍କା ଉଠାଇ ନେଇଥିବା ନବରଙ୍ଗପୁର ତହସିଲ ଅଫିସର ଚତୁର୍ଥ ଶ୍ରେଣୀ କର୍ମଚାରୀ ପତି ଭକ୍ତ ନବରଙ୍ଗପୁର ଥାନାରେ ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ, ଚଳିତ ମାସ ୩ ତାରିଖରେ ପତି ଭକ୍ତ ଏକ ଫାଇନାନ୍ସ କମ୍ପାନୀରୁ ବାଇକ୍ ନେବା ପାଇଁ ଯୋଜନା କରିଥିଲେ। ଫାଇନାନ୍ସ କମ୍ପାନୀର କର୍ମଚାରୀ ଜଣକ ବାଇକ୍ ଇନ୍‌ସ୍ୟୁରାନ୍ସ ପାଇଁ ୧୫୦୦ଟଙ୍କା ପତିଙ୍କୁ ମାଗିଥିଲେ। ହେଲେ ପତି ୫୦୦ ଟଙ୍କା ଦେବା ସହ ଏଟିଏମ୍‌ରୁ ଆଉ ୧୦୦୦ଟଙ୍କା ଉଠାଇ ଦେବେ ବୋଲି କହିଥିଲେ। ଫାଇନାନ୍ସ କର୍ମଚାରୀ ଜଣକ ପତିଙ୍କୁ ସାଥିରେ ନେଇ ପ୍ରଥମେ ଆଇସିଆଇସିଆଇ ବ୍ୟାଙ୍କ୍‌ର ଏଟିଏମ୍‌କୁ ଯାଇ ଟଙ୍କା ଉଠାଇବାକୁ ଉଦ୍ୟମ କରିଥିଲେ। କିନ୍ତୁ ଏଟିଏମ୍‌ରୁ ଟଙ୍କା ବାହାରି ନ ଥିଲା। ଏହା ପରେ ଚାଉଁରିଆଗୁଡାସ୍ଥିତ ଏସ୍‌ବିଆଇ ଏଟିଏମ୍‌କୁ ଯାଇଥିଲେ। ଫାଇନାନ୍ସ କର୍ମଚାରୀ ଜଣକ ଏଟିଏମ୍ ମେସିନରେ କାର୍ଡ ଲଗାଇ ପତିଙ୍କୁ ପିନ୍‌କୋଡ ମାଗିଥିଲେ। ପତି ପିନ୍‌କୋଡ ଦେବା ପରେ ମଧ୍ୟ ଟଙ୍କା ବାହାରି ନ ଥିଲା। ଶେଷରେ ଫାଇନାନ୍ସ କର୍ମଚାରୀ ଜଣକ ଉକ୍ତ ଏଟିଏମ୍ କାର୍ଡ ପତିଙ୍କୁ ଫେରାଇ ଦେଇଥିଲେ। ପତି ମଧ୍ୟ ସେହି ଏଟିଏମ୍ କାର୍ଡକୁ ପକେଟରେ ରଖି ଘରକୁ ଚାଲିଯାଇଥିଲେ। ତା' ପରଦିନ ପୁଣି ଏଟିଏମ୍‌ରୁ ଟଙ୍କା ଉଠାଇବାକୁ ଯାଇଥିବାବେଳେ ଉକ୍ତ ଏଟିଏମ୍ ତାଙ୍କର ନୁହେଁ ବୋଲି ଜାଣିବାକୁ ପାଇଥିଲେ। ପରେ ସେ ଏସ୍‌ବିଆଇ ବ୍ୟାଙ୍କକୁ ଯାଇ ପାସ୍‌ବୁକ ଅପଡେଟ କରିବାରୁ ତାଙ୍କ ଆକାଉଣ୍ଟରୁ ୩୧ ହଜାର ୪୦୦ ଟଙ୍କା ଗାଏବ ହୋଇଯାଇଥିବା ଜାଣିବାକୁ ପାଇଲେ। ସେହିଦିନ ୧୦ହଜାର ଟଙ୍କା ଲେଖାଏଁ ୩ ଥରରେ ୩୦ହଜାର ଟଙ୍କା ଉଠିଥିବାବେଳେ ଆଉ ୧୪୦୦ ଟଙ୍କା ଭବାନୀପାଟଣା ଏଟିଏମ୍‌ରୁ ଉଠିଥିବା ଜଣାପଡ଼ିଥିଲା। ଏନେଇ ପତି ନବରଙ୍ଗପୁର ଥାନାରେ ଅଭିଯୋଗ କରିବା ପରେ ନବରଙ୍ଗପୁର ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଏଟିଏମ୍‌ର ସିସିଫୁଟେଜ ଯାଞ୍ଚକରି ପୋଲିସକୁ ପ୍ରଦାନ କରିବାକୁ କହିଛି। ଏହି ଘଟଣାର ତଦନ୍ତ ପ୍ରକ୍ରିୟା ଜାରି ରହିଛି, ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ତଦନ୍ତକାରୀ ଅଧିକାରୀ କୁଳଭୂଷଣ ନାୟକ କହିଛନ୍ତି।

# ଝିଅ ଶାଶୁଘର ଆଗରେ ପରିବାର ଲୋକଙ୍କ ଧାରଣା

## ଯୌତୁକ ପାଇଁ ବଧୂହତ୍ୟା ଅଭିଯୋଗ: ଶାଶୁ, ଶ୍ୱଶୁର, ନଣନ୍ଦ ଫେରାର

ଖଲ୍ଲିକୋଟ,୯।୨
(ପ୍ରଶାନ୍ତ କୁମାର ମିଶ୍ର)

ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ନୂତନ ଗୁରୁଣ୍ଟି ଗ୍ରାମରେ ଶନିବାର ରାତିରେ ବଧୂହତ୍ୟା ହୋଇଥିବା ଅଭିଯୋଗ ହୋଇଛି। ଯୌତୁକ ପାଇଁ ଝିଅ ଆରତୀକୁ ହତ୍ୟା କରାଯାଇଥିବା ଅଭିଯୋଗ କରି ବାପଘର ଲୋକେ ରାତିସାରା ତାଙ୍କ ଶାଶୁଘର ଆଗରେ ଧାରଣାରେ ବସିଥିଲେ। ଆରତୀଙ୍କ ଶାଶୁ, ଶ୍ୱଶୁର ଓ ନଣନ୍ଦ ଫେରାର ହୋଇଯିବାରୁ ରାତିସାରା ଘରେ ମୃତଦେହ ପଡି ରହିଥିଲା। ପୋଲିସ ଧାରଣାରତ ବାପଘର ଲୋକଙ୍କୁ ବୁଝାଶୁଝା କରି ରବିବାର ସକାଳେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ଅଜୟ କୁମାର ସ୍ୱାଇଁଙ୍କ ଉପସ୍ଥିତିରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

ରମ୍ଭା ଥାନା ଅନ୍ତର୍ଗତ ସୁବଳୟା ଗ୍ରାମର ନାରାୟଣ କୋଚିଆରୀଙ୍କ ଝିଅ ଆରତୀଙ୍କର ନୂଆ ଗୁରୁଣ୍ଟି ଗ୍ରାମର ଭାଗ୍ୟଧର ସାହୁଙ୍କ ସହ ୨୦୧୯ ମେ' ୧୨ ତାରିଖରେ ବିବାହ ହୋଇଥିଲା। ନାରାୟଣ ଜଣେ ଦିନ ମଜୁରିଆ ହୋଇଥିଲେ ମଧ୍ୟ ବର ପକ୍ଷର ଦାବି ମୁତାବକ ସମସ୍ତ ଯୌତୁକ ଦେଇଥିଲେ। କିନ୍ତୁ ବିବାହର କିଛି ମାସ ପରେ ଅଧିକ ଯୌତୁକ ଦାବି କରି ଆରତୀଙ୍କୁ ଶାଶୁଘର ଲୋକେ ନିର୍ଯାତନା ଦେଉଥିଲେ। ଶନିବାର ରାତି ପ୍ରାୟ ୯ଟାରେ ହଠାତ୍ ଆରତୀଙ୍କ ମୃତ୍ୟୁ ଖବର ଶୁଣି ବାପଘର ଲୋକେ ଆସି ନୂତନ ଗୁରୁଣ୍ଟି ଗ୍ରାମରେ ପହଞ୍ଚିଥିଲେ। ମୃତଦେହ ଘରେ ତଳେ ପଡ଼ିଥିବା ଓ ପାରିପାର୍ଶ୍ୱିକ ସ୍ଥିତି ଦେଖି ସନ୍ଦେହ ହେବାରୁ ସେମାନେ ପୋଲିସକୁ ଖବର ଦେଇଥିଲେ। ଖଲ୍ଲିକୋଟ ଥାନାଧିକାରୀ ରମେଶ କୁମାର ପ୍ରଧାନ, ଭେଜିପୁଟ ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ର, ଏସଆଇ ଦେବଦତ୍ତ ପ୍ରିୟଦର୍ଶୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଆରତୀଙ୍କ ସ୍ୱାମୀ ଭାଗ୍ୟଧର ସେନା ବିଭାଗରେ କାର୍ଯ୍ୟ କରୁଛନ୍ତି। ଶାଶୁ, ଶ୍ୱଶୁର, ନଣନ୍ଦ ଫେରାର ହୋଇଯାଇଥିବାରୁ ସେମାନଙ୍କ ଗିରଫ ଦାବି କରି ଆରତୀଙ୍କ ପରିବାର ଲୋକେ ସେଠାରେ ଘର ଆଗରେ ବସି ରହିଥିଲେ। ପୋଲିସ ବୁଝାଶୁଝା କରି ମୃତଦେହ ଜବତ ପରେ ବ୍ରହ୍ମପୁର ବଡ଼ ମେଡିକାଲରେ ବ୍ୟବଚ୍ଛେଦ କରାଇଥିଲା। ଅପରାହ୍ନରେ ବ୍ୟବଚ୍ଛେଦ ହୋଇ ଆସିଲା ପରେ ମଧ୍ୟ ଶାଶୁଘର ଆଗରେ ଦୁଇ ଘଣ୍ଟା ମୃତଦେହ ପଡ଼ିରହିଥିଲା। ତେବେ ପୋଲିସର ହସ୍ତକ୍ଷେପ ପରେ ଗାଁ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି। ଏ ନେଇ ଆରତୀଙ୍କ ମା' ସଂଯୁକ୍ତା କୋଚିଆରୀଙ୍କ ଅଭିଯୋଗକୁ ଭିତ୍ତି କରି ଖଲ୍ଲିକୋଟ ଥାନାରେ ନଂ. ୧୨୧/୨୫ ଅନୁଯାୟୀ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି।


ଉତ୍ତେଜିତ ଲୋକଙ୍କୁ ବୁଝାଶୁଝା କରୁଛି ପୋଲିସ।

# ବାରବାଟୀରେ କ୍ରମାଗତ ୮ମ ଦିନିକିଆ ବିଜୟ

କଟକ, ୯।୨ (ତପନ ସ୍ୱାଇଁ): ଐତିହାସିକ ବାରବାଟୀ ଷ୍ଟାଡିୟମ ଭାରତୀୟ କ୍ରିକେଟ ଦଳପାଇଁ କ୍ରମାଗତ ଭାବେ ଲକି ସାବ୍ୟସ୍ତ ହୋଇଛି। ଏଠାରେ ରବିବାର ଟିମ୍ ଇଣ୍ଡିଆ ୪ ଉଇକେଟରେ ଇଂଲଣ୍ଡକୁ ପରାସ୍ତ କରିଛି। ଏହାକୁ ମିଶାଇ କ୍ରମାଗତ ୮ମ ଦିନିକିଆ ମ୍ୟାଚ ବାରବାଟୀରେ ଜିତିଛି ଭାରତ। ୨୦୦୩ରେ ନ୍ୟୁଜିଲାଣ୍ଡଠାରୁ ହାରିବା ପରେ ଭାରତୀୟ ଦଳ ଏହି ଗ୍ରାଉଣ୍ଡରେ ଆଉ ପରାଜୟ ସ୍ୱାଦ ଚାଖିନାହିଁ। ଅର୍ଥାତ୍ ୨୦୦୭ରୁ ଏପର୍ଯ୍ୟନ୍ତ ଅପରାଜିତ ରହିଛି ଟିମ୍ ଇଣ୍ଡିଆ। ଏହା ମଧ୍ୟରେ ଯଥାକ୍ରମେ ୱେଷ୍ଟଇଣ୍ଡିଜ, ଇଂଲଣ୍ଡ, ଶ୍ରୀଲଙ୍କା, ୱେଷ୍ଟଇଣ୍ଡିଜ, ଶ୍ରୀଲଙ୍କା, ଇଂଲଣ୍ଡ, ୱେଷ୍ଟଇଣ୍ଡିଜ ଓ ଏବେ ଇଂଲଣ୍ଡକୁ ହରାଇ ଭାରତୀୟ ଦଳ।



ଇଂଲଣ୍ଡର ଉଇକେଟ ପତନ ପରେ ଉଲ୍ଲସିତ ଭାରତୀୟ ଖେଳାଳି।

## ବରୁଣଙ୍କ ପାଇଁ ସ୍ମରଣୀୟ

ଭାରତର ତାରକା ସ୍ପିନର ବରୁଣ ଚକ୍ରବର୍ତ୍ତୀଙ୍କ ପାଇଁ କଟକର ବାରବାଟୀ ଷ୍ଟାଡିୟମ ସ୍ମରଣୀୟ ହୋଇଛି। କାରଣ ଏଠାରେ ନିଜର ଦିନିକିଆ ଅନ୍ତର୍ଜାତୀୟ ଡେବ୍ୟୁ କରିଛନ୍ତି ବରୁଣ। ଇଂଲଣ୍ଡ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେବାପରେ ଅଧିନାୟକ ରୋହିତ ଶର୍ମା ଭାରତୀୟ ଦଳରେ ୨ଟି ପରିବର୍ତ୍ତନ ହୋଇଥିବା ସମ୍ପର୍କରେ ସୂଚନା ଦେଇଥିଲେ। ଏଥିରେ ଯୁବ ଓପନର ଯଶସ୍ୱୀ ଜୟସ୍ୱାଲଙ୍କ ସ୍ଥାନରେ ବିରାଟ କୋହଲି ଓ କୁଲଦୀପ ଯାଦବଙ୍କ ସ୍ଥାନରେ ବରୁଣ ଚକ୍ରବର୍ତ୍ତୀ ଚୂଡ଼ାନ୍ତ ଏକାଦଶରେ ସାମିଲ ହୋଇଥିବା ସେ ପ୍ରକାଶ କରିଥିଲେ। ତେବେ ଭାରତ ପକ୍ଷରୁ ବୟସ୍କ ଖେଳାଳିଭାବେ ଦିନିକିଆ ଡେବ୍ୟୁ କରିବାରେ ଦ୍ୱିତୀୟ ସ୍ଥାନରେ ରହିଥିଲେ ବରୁଣ ଏବଂ ୧୯୭୪ ପରେ ପ୍ରଥମ। ବରୁଣ ୩୩ ବର୍ଷ ୧୬୪ ଦିନରେ ନିଜ କ୍ୟାରିୟରର ପ୍ରଥମ ଦିନିକିଆ ଅନ୍ତର୍ଜାତୀୟ ଖେଳିଛନ୍ତି। ପୂର୍ବରୁ ୧୯୭୪ରେ ଇଂଲଣ୍ଡ ବିପକ୍ଷରେ ଲିଡ୍ସଠାରେ ଭାରତ ଏହାର ଦିନିକିଆ ଇତିହାସରେ ପ୍ରଥମ ମ୍ୟାଚ ଖେଳିଥିବାବେଳେ ଫାରୁଖ ଇଞ୍ଜିନିୟର ୩୬ ବର୍ଷ ୧୩୮ ଦିନରେ ଦିନିକିଆ ପଦାର୍ପଣ କରି ଏହି ତାଲିକାର ଶୀର୍ଷରେ ରହିଛନ୍ତି। ୧୯୭୪ରେ ଲିଡ୍ସଠାରେ ଇଂଲଣ୍ଡ ବିପକ୍ଷରେ ଅଜିତ ୱାଡେକର ୩୩ ବର୍ଷ ୧୦୩ ଦିନରେ ଦିନିକିଆ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ। ମ୍ୟାଚରେ ପ୍ରଥମ ଉଇକେଟ ନେଇ ନିଜ ଡେବ୍ୟୁକୁ ଅଧିକ ସ୍ମରଣୀୟ କରି ଦେଇଥିଲେ ବରୁଣ। ସେ ନିଜର ବ୍ୟକ୍ତିଗତ ଦ୍ୱିତୀୟ ଓ ମ୍ୟାଚର ୧୦.୫ ଓଭରରେ ଫିଲିପ ସଲ୍ଟଙ୍କୁ ଆଉଟ କରି ଭାରତକୁ ବ୍ରେକ୍ ଥ୍ରୁ ଦେଇଥିଲେ। ସେତେବେଳକୁ ସଲ୍ଟ ଓ ବେନ୍ ଡକେଟଙ୍କ ଓପନିଂ ଯୋଡ଼ିରେ ୮୧ ରନ ସଂଗ୍ରହ ହୋଇ ସାରିଥିଲା। ସଲ୍ଟ ୨୬ ରନକରି ପ୍ୟାଭିଲିୟନ ଫେରିଥିଲେ। ଏଠାରେ ଭାରତ ବିପକ୍ଷରେ ଜୋସ ବଟଲରଙ୍କ ଦଳରେ ୩ ପରିବର୍ତ୍ତନ ହୋଇଥିଲା। ଜୋଫ୍ରା ଆର୍ଚର, ବେଥେଲ ଓ କାର୍ସଙ୍କ ସ୍ଥାନରେ ମାର୍କ ଉଡ୍, ଆଟକିନସନ ଓ ଓଭର୍ଟନ ସାମିଲ ହୋଇଥିଲେ।


ବାରବାଟୀରେ ରବିବାର ଏକ ବିଶେଷ ମୁହୂର୍ତ୍ତରେ ରୋହିତ ଶର୍ମାଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

## ବାରବାଟୀରେ ୧୩ତମ ଦିନିକିଆ ଶତକ

କଟକ, ୯।୨ (ତପନ ସ୍ୱାଇଁ)

ବାରବାଟୀ ଷ୍ଟାଡିୟମରେ ଶତକ ହାସଲକାରୀ କ୍ଲବରେ ସାମିଲ ହୋଇଛନ୍ତି ଟିମ୍ ଇଣ୍ଡିଆ ଅଧିନାୟକ ରୋହିତ ଶର୍ମା। ପୂର୍ବରୁ ବାରବାଟୀରେ ୧୨ ଶତକ ହୋଇଥିଲା। ଏବେ ରୋହିତ ୧୩ତମ ଶତକର ଅଧିକାରୀ ହୋଇଛନ୍ତି। ଅଜୟ ଜାଡେଜା ୨ଟି ଶତକ ହାସଲ କରିଥିବାରୁ ଦ୍ୱାଦଶ ଖେଳାଳିଭାବେ ବାରବାଟୀ ଦିନିକିଆ ଶତକ କ୍ଲବରେ ସାମିଲ ହୋଇଛନ୍ତି ଅଧିନାୟକ। ପୂର୍ବରୁ ଏଠାରେ ଦିନିକିଆ ଶତକ ହାସଲ କରିଥିବା ଖେଳାଳିମାନେ ହେଲେ ରବି ଶାସ୍ତ୍ରୀ, ଅଜୟ ଜାଡେଜା, ସଚିନ ତେନ୍ଦୁଲକର, ମହମ୍ମଦ ଆଝାରୁଦ୍ଦିନ, ଗ୍ରାଣ୍ଟ ଫ୍ଲାୱାର, କେଭିନ ପିଟରସନ, ଅଜିଙ୍କ୍ୟ ରାହାନେ, ଶିଖର ଧାୱନ, ଯୁବରାଜ ସିଂ, ମହେନ୍ଦ୍ର ସିଂ ଧୋନୀ ଓ ଇଅନ ମୋର୍ଗାନ। ରୋହିତ ୭୬ଟି ବଲ୍‌ର ସମ୍ମୁଖୀନ ହୋଇ ୯ ଚୌକା ଓ ୭ ଛକା ସହାୟତାରେ ଶତକ ପୂରଣ କରିଥିଲେ।

## ଅର୍ଦ୍ଧଶତକରେ ରୁଟ୍‌ଙ୍କ ରେକର୍ଡ

ବାରବାଟୀ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ଭାରତ ବିପକ୍ଷ ଦିନିକିଆ କ୍ରିକେଟ ମ୍ୟାଚରେ ଅର୍ଦ୍ଧଶତକ ହାସଲ କରିଥିଲେ ରୁଟ୍। ସେ ୭୨ଟି ବଲ୍‌ର ସମ୍ମୁଖୀନ ହୋଇ ୬ ଚୌକା ସହାୟତାରେ ୬୯ ରନ କରିଥିଲେ। ଏଥିସହ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟରେ ଇଂଲଣ୍ଡ ପକ୍ଷରୁ ସର୍ବାଧିକ ଅର୍ଦ୍ଧଶତକ ହାସଲର ଅଧିକାରୀ ହୋଇଥିଲେ ରୁଟ୍। ଏହାଥିଲା ରୁଟ୍‌ଙ୍କ ୫୬ତମ ଦିନିକିଆ ଅର୍ଦ୍ଧଶତକ। ଏ କ୍ଷେତ୍ରରେ ସେ ଇଅନ ମୋର୍ଗାନ (୫୫ ଅର୍ଦ୍ଧଶତକ)ଙ୍କ ରେକର୍ଡକୁ ଅତିକ୍ରମ କରିଥିଲେ। ୩୯ ଅର୍ଦ୍ଧଶତକ ସହ ଇଆନ ବେଲ୍ ଏହି ତାଲିକାର ତୃତୀୟ ସ୍ଥାନରେ ରହିଛନ୍ତି।



## ଭାରତ-ଇଂଲଣ୍ଡ ଦିନିକିଆ ସ୍କୋର ବୋର୍ଡ

**ଇଂଲଣ୍ଡ ଇନିଂସ**
ଫିଲିପ୍ ସଲ୍ଟ-କ-ବୋ-ବରୁଣ-୨୬
ବେନ୍ ଡକେଟ୍-କ-ହାର୍ଦ୍ଦିକ-ବୋ-ଜାଡେଜା-୬୫
ଜୋ ରୁଟ୍-କ-କୋହଲି-ବୋ-ଜାଡେଜା-୬୯
ହ୍ୟାରୀ ବ୍ରୁକ୍-କ-ଶୁବମନ-ବୋ-ହର୍ଷିତ-୩୧
ଜୋସ୍ ବଟଲର-କ-ଶୁବମନ-ବୋ-ହାର୍ଦ୍ଦିକ-୩୪
ଲିଆମ ଲିଭିଂଷ୍ଟୋନ୍-ରନଆଉଟ-୪୧
ଜେମି ଓଭରଟନ-କ-ଶୁବମନ-ବୋ-ଜାଡେଜା-୬
ଗସ୍ ଆଟକିନସନ-କ-କୋହଲି-ବୋ-ଶାମି-୩
ଆଡିଲ ରଶିଦ-ରନଆଉଟ-୧୪
ମାର୍କ ଉଡ୍-ରନ ଆଉଟ-୦
ସକିବ ମେହେମୁଦ-ନଟଆଉଟ-୦
ଅତିରିକ୍ତ-୧୫
**ମୋଟ:** (୪୯.୫ ଓଭର/ଅଲଆଉଟ) ୩୦୪।
**ଉଇକେଟ ପତନ :** ୧/୮୧ (ସଲ୍ଟ), ୨/୧୦୨ (ଡକେଟ), ୩/୧୬୮ (ହ୍ୟାରି ବ୍ରୁକ୍), ୪/୨୧୯ (ବଟଲର), ୫/୨୪୮ (ରୁଟ୍), ୬/୨୫୮ (ଜେମି ଓଭରଟନ), ୭/୨୭୨ (ଆଟକିନସନ), ୮/୨୯୭ (ଆଡିଲ ରଶିଦ), ୯/୩୦୪ (ଲିଭିଂଷ୍ଟୋନ୍), ୧୦/୩୦୪ (ମାର୍କ ଉଡ୍)।
**ବୋଲିଂ (ଭାରତ)**
ମହମ୍ମଦ ଶାମି ୭.୫-୦-୬୬-୧
ହର୍ଷିତ ରାଣା ୬-୦-୬୨-୧
ହାର୍ଦ୍ଦିକ ପାଣ୍ଡ୍ୟା ୭-୦-୫୩-୧
ବରୁଣ ଚକ୍ରବର୍ତ୍ତୀ ୧୦-୦-୫୪-୧
ରବୀନ୍ଦ୍ର ଜାଡେଜା ୧୦-୧-୩୫-୩
ଅକ୍ଷର ପଟେଲ ୬-୦-୩୨-୦
**ଭାରତ ଇନିଂସ**
ରୋହିତ ଶର୍ମା-କ-ଆଦିଲ ରଶିଦ-ବା-ଲିଭିଂଷ୍ଟୋନ-୧୧୯
ଶୁବମନ ଗିଲ୍-ବୋ-ଜେମି ଓଭରଟନ-୬୦
ବିରାଟ କୋହଲି-କ-ସଲ୍ଟ-ବୋ-ଆଦିଲ ରଶିଦ-୫
ଶ୍ରେୟସ ଆୟର-ରନ ଆଉଟ-୪୪
ଅକ୍ଷର ପଟେଲ-ନଟ୍ ଆଉଟ-୪୧
କେ.ଏଲ. ରାହୁଲ-କ-ସଲ୍ଟ-ବୋ-ଜେମି ଓଭରଟନ-୧୦
ହାର୍ଦ୍ଦିକ ପାଣ୍ଡ୍ୟା-କ-ଓଭରଟନ-ବୋ-ଆଟକିନସନ-୧୦
ରବୀନ୍ଦ୍ର ଜାଡେଜା- ନଟଆଉଟ-୧୧
**ଅତିରିକ୍ତ:**-୮
**ମୋଟ:** (୪୪.୩ ଓଭର/୬ ଉଇକେଟ) ୩୦୮।
**ଉଇକେଟ ପତନ:** ୧/୧୩୬ (ଗିଲ୍),୨/୧୫୦ (କୋହଲି), ୩/୨୨୦ (ରୋହିତ), ୪/୨୫୮ (ଶ୍ରେୟସ), ୫/୨୭୫ (ରାହୁଲ), ୬/୨୮୬ (ପାଣ୍ଡ୍ୟା)।
**ବୋଲିଂ (ଭାରତ)**
ସକିବ ମେହେମୁଦ ୬-୦-୩୬-୦
ଗସ୍ ଆଟକିନସନ ୭-୦-୫୬-୧
ମାର୍କ ଉଡ୍ ୮-୦-୫୭-୦
ଆଦିଲ ରଶିଦ ୧୦-୦-୭୮-୧
ଜେମି ଓଭରଟନ ୫-୦-୨୭-୨
ଲିଆମ ଲିଭିଂଷ୍ଟୋନ ୭-୦-୨୯-୧
ଜୋ ରୁଟ୍ ୧.୩-୦-୧୫-୦।



ଭାରତ-ଇଂଲଣ୍ଡ ଦିନିକିଆ ଅନ୍ତର୍ଜାତୀୟ ମ୍ୟାଚ୍ ଅବସରରେ ଦର୍ଶକରେ ଭରା ବାରବାଟୀ ଷ୍ଟାଡିୟମ। (ଫଟୋ: ରାଜକିଶୋର ମହାନ୍ତି)

# ଲଦାଖ: ମଙ୍ଗଳ ଗ୍ରହର ଅନୁରୂପ



ପ୍ର. ରମେଶ ଚନ୍ଦ୍ର ପରିଡ଼ା

''ବର୍ତ୍ତମାନ ସୁଦ୍ଧା ଲଦାଖଠାରେ 'ଦ ୟୁରୋପିଆନ୍ ସ୍ପେଶ ଏଜେନ୍ସି'ର 'ଏକ୍ସୋ ମାର୍ସ ମିଶନ' ଦ୍ୱାରା କେତେକ ପରୀକ୍ଷା ହୋଇସାରିଛି। ଏହା ବାୟୁମଣ୍ଡଳରେ ଜଳଚକ୍ର ଏବଂ ମୃତ୍ତିକା ଲବଣ ମଧ୍ୟରେ ଅନ୍ତର୍କ୍ରିୟା ଅଧ୍ୟୟନ କରିଛି। ପୁନଶ୍ଚ ସ୍ଥାନଟିର ବିବିଧ ସୂକ୍ଷ୍ମ ବିଜ୍ଞାନଭିତ୍ତିକ ଅନୁଧ୍ୟାନରୁ ସୂକ୍ଷ୍ମ ଜୀବାଣୁ ସଂଗ୍ରହାଳୟ ସ୍ଥାପନ କରିବା ସମ୍ଭବ ହେଲାବେଳେ ଏହାର ଭୌଗୋଳିକ ମାନଚିତ୍ର ପ୍ରସ୍ତୁତି, ପୃଷ୍ଠ ଦେଶ ଉପରସ୍ଥ 'ପରମା ଫ୍ରୋଷ୍ଟ' ବା ସ୍ଥାୟୀ ତୁଷାର ବ୍ୟବସ୍ଥା ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଲୋକଲୋଚନକୁ ଆଣିପାରିଛି। ଏହି ଆବିଷ୍କାରଗୁଡିକ ତଥା ସେହିଭଳି ଅନ୍ୟ କେତୋଟି ଲଦାଖରେ ଏକ ସ୍ଥାୟୀ ପ୍ରତିରୂପ ମହାକାଶ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ଲାଗି ମତ ଦେବାରେ ସାହାଯ୍ୟ କରିଛି।''





ଭାରତ ବର୍ତ୍ତମାନ ବିଶ୍ୱର ଅନ୍ୟତମ ଅଗ୍ରଣୀ ଶକ୍ତି। ଚନ୍ଦ୍ର ବିଜୟର ଅଭୂତପୂର୍ବ ସଫଳତା ସହିତ ମଙ୍ଗଳ ଅଭିଯାନ, ସୂର୍ଯ୍ୟ ପର୍ଯ୍ୟବେକ୍ଷଣ ଆଦିର ସଫଳ ସମ୍ପାଦନ ଏହାର କ୍ଷେତ୍ରରେ କୃତିତ୍ୱର ବାର୍ତ୍ତା ବହନ କରିଥାଏ। ପୁନଶ୍ଚ ନିକଟରେ କାର୍ଯ୍ୟକାରୀ ହେବାକୁ ଯାଉଛି ଚନ୍ଦ୍ରଯାନ-୪, ଗଗନାୟନ ଆଦି କାର୍ଯ୍ୟକ୍ରମ। ତେବେ ଏସବୁଠାରୁ ଏହାର ଅଧିକ ଉଚ୍ଚାକାଂକ୍ଷା ରହିଛି ପ୍ରଥମେ ଏକ ସ୍ଥାୟୀ ମହାକାଶ ଗବେଷଣାଗାର ପ୍ରତିଷ୍ଠା (୨୦୩୫ ମସିହା) ଏବଂ ତତ୍ପରେ ଚନ୍ଦ୍ରକୁ (୨୦୪୦ ମସିହା) ଏବଂ ମଙ୍ଗଳକୁ ବ୍ୟୋମଚାରୀଙ୍କ ସହିତ ମହାକାଶଯାନ ପ୍ରେରଣ ଏଥିପାଇଁ ଏବେ ପ୍ରାଥମିକ କାର୍ଯ୍ୟକ୍ରମମାନ ଆରମ୍ଭ ହୋଇଗଲାଣି। ଲଦାଖରେ 'ପୃଥିବୀ ପୃଷ୍ଠରେ ମଙ୍ଗଳ ଅନୁରୂପ ସ୍ଥାପନ ତନ୍ମଧ୍ୟରୁ ଅନ୍ୟତମ।

ସମୁଦ୍ର ପତ୍ତନଠାରୁ ୩୫୦୦ରୁ ୫୭୦୦ ମିଟର ଊର୍ଦ୍ଧ୍ୱରେ ହିମାଳୟ ପର୍ବତମାଳାରେ ଅବସ୍ଥିତ ଏହି ମରୁମୟ ସ୍ଥାନଟିର ପ୍ରାୟ ଦୁଇ ବିଲିୟନ (ହଜାର ନିୟୁତ) ବର୍ଷ ପୂର୍ବେ ବର୍ତ୍ତମାନଠାରୁ ଅଧିକ ଉଷ୍ମ ଏବଂ ଆର୍ଦ୍ର ହୋଇଥିବା ମଙ୍ଗଳପୃଷ୍ଠର ଆନୁମାନିକ ଅବସ୍ଥା ତୁଲ୍ୟ ହୋଇଥିବାର ମନେ କରାଯାଏ। ଏଠାରେ ବାୟୁରେ ରହିଛି ୪୦ ଶତାଂଶ କମ୍ ଅମ୍ଳଜାନ ଏବଂ ଏହାର ତାପମାତ୍ରା ୧୫ ଡିଗ୍ରୀ ସେଲସିୟସରୁ -୧୦ ଡିଗ୍ରୀ ସେଲସିୟସ ମଧ୍ୟରେ ପରିବର୍ତ୍ତିତ ହେଉଥାଏ। ପୁନଶ୍ଚ ଏହି ସ୍ଥାନଟିରେ ରହିଛି ହ୍ରାସ ପାଉଥିବା ହିମବାହ, ଅତ୍ୟଧିକ ଲବଣାକ୍ତ ହ୍ରଦ, ଚିର ତୁଷାରାଚ୍ଛନ ଭୂମି ଏବଂ ଉଷ୍ମ ଝରଣା ଇତ୍ୟାଦି। ଏହାବ୍ୟତୀତ ଏଠାରେ ପତିତ ହୁଏ ଅଧିକ ମାତ୍ରାରେ ବିବିଧ ରଶ୍ମି। ଏହା ଉପରେ ଗବେଷଣା ଚଳାଇଥିବା ଅନ୍ୟତମ ବୈଜ୍ଞାନିକ ସିଦ୍ଧାର୍ଥ ପାଣ୍ଡେଙ୍କ ମତରେ ସାଧାରଣତଃ ଏହିଭଳି କଠୋର ପରିବେଶର ସମ୍ମୁଖୀନ ହେବାକୁ ପଡିବ ବ୍ୟୋମଚାରୀମାନଙ୍କୁ ମଙ୍ଗଳ ଗ୍ରହ ପୃଷ୍ଠରେ। ଏଣୁ ସେମାନଙ୍କୁ ଏଠାରେ ରହି ସେହିସବୁ ଅବସ୍ଥା ସହ ପରଚିତ ହେବା ଲାଗି ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ବିଗତ ନଭେମ୍ବର ୨୦୨୪ରେ ଆରମ୍ଭ କରିଛି ଦେଶର ପ୍ରଥମ 'ଅନୁରୂପ ମହାକାଶ ମିଶନ'। ଏ କାର୍ଯ୍ୟକ୍ରମରେ ସହଭାଗିତା ଅଛନ୍ତି ଏହାର 'ହ୍ୟୁମାନ ସ୍ପେଶ ଫ୍ଲାଇଟ୍ କେନ୍ଦ୍ର', 'ଆକା ସ୍ପେଶ ଷ୍ଟେଶନ', 'ଲଦାଖ ବିଶ୍ୱବିଦ୍ୟାଳୟ' ଏବଂ ମୁମ୍ବାଇର 'ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲୋଜି'। ଆଗରୁ ଏଭଳି ୩୦ଟି କେନ୍ଦ୍ର ପ୍ରତିଷ୍ଠା କରିସାରିଲେଣି ଆମେରିକା, ରୁଷିଆ, ଚାଇନା ଏବଂ ପୋଲାଣ୍ଡ ଆଦି ଦେଶ।

ବାଙ୍ଗାଲୋରସ୍ଥିତ ମହାକାଶ ଗବେଷଣା ସଂସ୍ଥା 'ପ୍ରୋଟୋ ପ୍ଲାନେଟ୍' ଏବଂ ଇସ୍ରୋର ହ୍ୟୁମାନ ସ୍ପେଶ ଫ୍ଲାଇଟ୍ ସେଣ୍ଟର ମିଳିତ ଭାବେ ଲାଦାଖର ଲେହଠାରେ ବ୍ୟୋମଚାରୀଙ୍କ ପାଇଁ ବାସସ୍ଥଳୀ ଡିଜାଇନ୍, ସୂକ୍ଷ୍ମ ମାଧ୍ୟାକର୍ଷଣ, ଖଗୋଳ ଜୀବବିଜ୍ଞାନ ଆଦିର ଗବେଷଣା ଲାଗି ଚଳିତ ବର୍ଷ ସୁଦ୍ଧା 'ସ୍ପେଶୱାର୍ଡ ବାଉଣ୍ଡ ଇଣ୍ଡିଆ-୨୦୨୫' କାର୍ଯ୍ୟକ୍ରମ ଆରମ୍ଭ କରିବା ଲାଗି ନିର୍ଣ୍ଣୟ କରିଛନ୍ତି। ଏହି କାର୍ଯ୍ୟକ୍ରମ ପ୍ରାୟ ୧୨ଦିନ ଧରି ଚାଲିବ ଏବଂ ଏହାର ଲକ୍ଷ୍ୟ ରହିବ ମହାକାଶ ଅନୁସନ୍ଧାନ ଗବେଷଣାକୁ ଅଗ୍ରଗାମୀ କରିବା ସହିତ ଆଗାମୀ ପିଢ଼ିର ମହାକାଶ ବିଜ୍ଞାନୀମାନଙ୍କୁ ପ୍ରଶିକ୍ଷଣ ଦେବା।

ବର୍ତ୍ତମାନ ସୁଦ୍ଧା ଲଦାଖଠାରେ 'ଦ ୟୁରୋପିଆନ୍ ସ୍ପେଶ ଏଜେନ୍ସି'ର 'ଏକ୍ସୋ ମାର୍ସ ମିଶନ' ଦ୍ୱାରା କେତେକ ପରୀକ୍ଷା ହୋଇସାରିଛି। ଏହା ବାୟୁମଣ୍ଡଳରେ ଜଳଚକ୍ର ଏବଂ ମୃତ୍ତିକା ଲବଣ ମଧ୍ୟରେ ଅନ୍ତର୍କ୍ରିୟା ଅଧ୍ୟୟନ କରିଛି। ପୁନଶ୍ଚ ସ୍ଥାନଟିର ବିବିଧ ସୂକ୍ଷ୍ମ ବିଜ୍ଞାନଭିତ୍ତିକ ଅନୁଧ୍ୟାନରୁ ସୂକ୍ଷ୍ମ ଜୀବାଣୁ ସଂଗ୍ରହାଳୟ ସ୍ଥାପନ କରିବା ସମ୍ଭବ ହେଲାବେଳେ ଏହାର ଭୌଗୋଳିକ ମାନଚିତ୍ର ପ୍ରସ୍ତୁତି, ପୃଷ୍ଠ ଦେଶ ଉପରସ୍ଥ 'ପରମା ଫ୍ରୋଷ୍ଟ' ବା ସ୍ଥାୟୀ ତୁଷାର ବ୍ୟବସ୍ଥା ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଲୋକଲୋଚନକୁ ଆଣିପାରିଛି। ଏହି ଆବିଷ୍କାରଗୁଡିକ ତଥା ସେହିଭଳି ଅନ୍ୟ କେତୋଟି ଲଦାଖରେ ଏକ ସ୍ଥାୟୀ ପ୍ରତିରୂପ ମହାକାଶ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ଲାଗି ମତ ଦେବାରେ ସାହାଯ୍ୟ କରିଛି।

ଏହି କେନ୍ଦ୍ର ପୃଥିବୀ ପୃଷ୍ଠର ପ୍ରାଥମିକ ଜୀବନ ସମ୍ପର୍କରେ ଅନ୍ୱେଷଣ କରିବା ସହିତ ଭବିଷ୍ୟତରେ ମଙ୍ଗଳ ବା ଚନ୍ଦ୍ରରେ ବୈଜ୍ଞାନିକ ତଥା ବୈଷୟିକ କ୍ରିୟାକଳାପକୁ ଦିଗଦର୍ଶନ ଦେବ। ପୁଣେସ୍ଥିତ 'ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ ଅଫ ସାଇନ୍ସ ଆଣ୍ଡ ଏଜୁକେଶନ ରିସର୍ଚ୍ଚ'ର କେମିକାଲ ଅରିଜିନ୍ସ ଅଫ୍ ଲାଇଫ୍ ବିଜ୍ଞାନଗାରରେ କାର୍ଯ୍ୟରତ ପ୍ରଫେସର ସୁଧା ରାଜମଣିଙ୍କ ମତରେ ଲଦାଖରେ ଅନେକ ଭୂରାସାୟନିକ ଏବଂ ଭୌଗୋଳିକ ରୂପରେଖ ମଙ୍ଗଳ ଗ୍ରହ ସହିତ ଖାପ୍ ଖାଇଥାଏ। ଏଣୁ ତାହାର ପ୍ରତିରୂପଟି ସ୍ଥାପନ କରି ସେଥି ସମ୍ପର୍କରେ ବିବିଧ ଅଧ୍ୟୟନ ଓ ଗବେଷଣା କରିବା ପାଇଁ ଏହା ଉତ୍କୃଷ୍ଟ ସ୍ଥାନ

ଲଦାଖର ବିଭିନ୍ନ ଚରମ ଅବସ୍ଥାର ସମାହାର ଏହାକୁ ନିର୍ଦ୍ଦିଷ୍ଟ ରୂପେ ବୈଜ୍ଞାନିକମାନଙ୍କ ପାଇଁ ଆକର୍ଷଣୀୟ କରିଛି। କାରଣ ଏହାର ପୃଷ୍ଠଦେଶରେ ଚାଲିଥିବା ପ୍ରକ୍ରିୟାଗୁଡିକ ମଙ୍ଗଳ ଗ୍ରହ ସହ କିଛି ମାତ୍ରାରେ ସମାନ ହୋଇପାରେ ବୋଲି ସେମାନେ ମତ ରଖନ୍ତି। ଏଣୁ ଏଠାରେ ତାହାର ଏକ ଅନୁରୂପ ପ୍ରତିଷ୍ଠା କରି ଭାବି ବ୍ୟୋମଚାରୀମାନଙ୍କୁ ପ୍ରଶିକ୍ଷଣ ଦେବା ସପକ୍ଷରେ ସେମାନେ ମତ ଦିଅନ୍ତି।

ଅବଶ୍ୟ ଏହାର ପ୍ରତିଷ୍ଠା ଏବଂ ତାହାକୁ ଚଳାଇ ରଖିବା ପାଇଁ ଆବଶ୍ୟକ ଅଜସ୍ର ଅର୍ଥ ଏବଂ ମାନବ ସମ୍ବଳ। ତେବେ ଏଥିରୁ ଯଥେଷ୍ଟ ପ୍ରତିଦାନ ମିଳିବାର ସମ୍ଭାବନା ମଧ୍ୟ ଖୁବ୍ ଉଜ୍ଜ୍ୱଳ। କାରଣ ଏହାର ଅନେକ ପୃଥିବୀଭିତ୍ତିକ ବ୍ୟବହାର ରହିଛି। ଉଦାହରଣସ୍ୱରୂପ ସେଗୁଡିକର ଅନ୍ତର୍ଭୁକ୍ତ ହେଲା ଚରମ ପରିବେଶ ମଧ୍ୟରେ ସୂକ୍ଷ୍ମ ଜୀବାଣୁମାନଙ୍କ ଉପରେ ଅଧ୍ୟୟନ, ଯାହାକି ଜୈବପ୍ରଯୁକ୍ତି କ୍ଷେତ୍ରରେ ନୂତନ ତଥା ଗୁରୁତ୍ୱପୂର୍ଣ୍ଣ ଦିଗ୍‌ଦର୍ଶନ ଦେଇପାରେ।

-ଉଷା ନିବାସ, ୧୨୪/୨୪୪୫,
ଖଣ୍ଡଗିରି ବିହାର, ଭୁବନେଶ୍ୱର
ମୋ : ୯୯୩୭୩୦୧୪୬୦

## ଥାଲାସିମିଆ: କିଛି କଥା



ଥାଲାସିମିଆ ହେଉଛି ଏକ ବଂଶଗତ ରୋଗ। ଏହା ଏକ ଜିନ୍ ରୋଗ ହୋଇଥିବାରୁ ପରିବାରର ଏକାଧିକ ବ୍ୟକ୍ତି ଏଥିରେ ଆକ୍ରାନ୍ତ ହେବାର ଆଶଙ୍କା ରହିଛି। ପୁରୁଷଙ୍କ ଗୋଟିଏ ମାତ୍ର ଜିନ୍‌ରେ ଦୋଷ ଥିଲେ ସେ ଜିନ୍‌ର ବାହକ ଥାଲାସିମିଆ ଟ୍ରେଟ୍। ସେହିପରି ମହିଳାମାନଙ୍କର ଗୋଟିଏ ମାତ୍ର ଜିନ୍‌ରେ ଦୋଷ ଥିଲେ ସେ ମଧ୍ୟ ଥାଲାସିମିଆ ଜିନ୍‌ର ବାହକ ସାଜିଥାଏ। ଥାଲାସିମିଆ ଟ୍ରେଟ୍ ପୁରୁଷ କି ଥାଲାସିମିଆ ଟ୍ରେଟ୍ ମହିଳା ଥାଲାସିମିଆ ରୋଗୀ ନୁହନ୍ତି। ଥାଲାସିମିଆକୁ ସାଧାରଣତଃ ତିନି ଭାଗରେ ବିଭକ୍ତ କରାଯାଇଛି। ତାହା ହେଉଛି- ଥାଲାସିମିଆ ମେଜର, ଥାଲାସିମିଆ ମାଇନର ଏବଂ ଥାଲାସିମିଆ ଇଣ୍ଟରମେଡିଆ। ଥାଲାସିମିଆ ରୋଗୀଠାରେ ହେମୋଗ୍ଲୋବିନ୍‌ର ମାତ୍ରା ଓ ଲୋହିତ ରକ୍ତକୋଷିକାଗୁଡିକର ସଂଖ୍ୟା କମିଯାଇଥାଏ। ଲୋହିତ ରକ୍ତକୋଷିକାଗୁଡିକ ଛୋଟଛୋଟ ହୋଇଯାଆନ୍ତି। ଥାଲାସିମିଆ ମେଜର ବା ବିଟା ଥାଲାସିମିଆ ରୋଗୀଙ୍କୁ ବାରମ୍ବାର ରକ୍ତ ଦେବାକୁ ପଡେ।

## ନିୟମିତ ଧୂମପାନ କରୁଥିଲେ...



ନିୟମିତ ଧୂମପାନ କଲେ ହୃଦ୍‌ରୋଗ, ଫୁସ୍‌ଫୁସ୍‌ଜନିତ ରୋଗ ସହିତ ଅନ୍ଧତ୍ୱ, ଟାଇପ-୨ ଡାଇବେଟିସ୍, ଉଚ୍ଚ ରକ୍ତଚାପ, ଯୌନ ଅକ୍ଷମତା, ଅସ୍ଥିର ଦୁର୍ବଳତା ଏପରି କି ଜନ୍ମିତ ଶିଶୁର ବିକଳାଙ୍ଗତା ଇତ୍ୟାଦି ହୋଇଥାଏ। ଧୂମପାନ ଫୁସଫୁସକୁ କ୍ଷତି ପହଞ୍ଚାଇବା ସହିତ ସ୍ୱାସ୍ଥ୍ୟାବସ୍ଥାକୁ ଅଧିକ ମାତ୍ରାରେ କ୍ଷତି କରିଥାଏ। ତମାଖୁର ସୂକ୍ଷ୍ମ କଣିକା ଶରୀର ମଧ୍ୟକୁ ଯାଇ ନିମୋନିଆ,ଏମଫିସିମା, ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ ଓ କ୍ୟାନ୍‌ସର ପରି ଜୀବନନାଶକ ରୋଗ ସୃଷ୍ଟି କରିଥାଏ। ପ୍ରକାର ଭେଦରେ ତମାଖୁ ଧୂମବିହୀନ ଏବଂ ଧୂମଯୁକ୍ତ-ଏହି ଦୁଇ ପ୍ରକାରର ଅଟେ। ଧୂମବିହୀନ ତମାଖୁ ମଧ୍ୟ ଅତ୍ୟନ୍ତ କ୍ଷତିକାରକ। ଧୂମପାନ ତ୍ୟାଗ ଅତ୍ୟନ୍ତ ଉପକାରୀ ହୋଇଥାଏ। ଧୂମପାନ ତ୍ୟାଗର ମାତ୍ର କେଇ ମାସ ମଧ୍ୟରେ ଅନେକ ଉନ୍ନତି ମିଳିଥାଏ। ଏହାଦ୍ୱାରା ଉଚ୍ଚ ରକ୍ତଚାପ ହ୍ରାସ, କଫ ଓ କାଶରେ କମ୍ ଏବଂ ନିଃଶ୍ୱାସ ନେବାରେ କ୍ଷମତା ବଢ଼ିଥାଏ। ପ୍ରଥମ ପ୍ରକାର ଧୂମ ହେଲା ଯାହା ଧୂମପାୟୀ ବ୍ୟକ୍ତିର ଶରୀରକୁ ଯାଏ। ଦ୍ୱିତୀୟ ପ୍ରକାର ଧୂମ ହେଲା ଯାହା ଧୂମପାୟୀ ବ୍ୟକ୍ତି ବାହାରକୁ ଛାଡ଼ିଥାଏ ଏବଂ ସେ ବ୍ୟବହାର କରୁଥିବା ଜଳନ୍ତା ସିଗାରେଟ୍ କିମ୍ବା ବିଡିର ଅଂଶରୁ ବାହାରୁଥିବା ଧୂଆଁ। ପରିସଂଖ୍ୟାନ ତଥ୍ୟାନୁଯାୟୀ ଗୋଟିଏ ମାତ୍ର ସିଗାରେଟ୍ ପାନ କଲେ ଆମ ଜୀବନରୁ ୧୧ ମିନିଟ୍ କ୍ଷୟ ହୋଇଥାଏ। ସମସ୍ତ ପ୍ରକାର ହୃଦ୍‌ରୋଗଜନିତ ରୋଗର ୨୦ ପ୍ରତିଶତ ଧୂମପାନ ଯୋଗୁ ହୋଇଥାଏ।

## ପ୍ଲାଷ୍ଟିକ ପ୍ରଦୂଷଣ ଓ ଜଳବାୟୁ ପରିବର୍ତ୍ତନ



ପ୍ଲାଷ୍ଟିକ ପ୍ରଦୂଷଣ ଯୋଗୁ ସ୍ଥଳଭାଗରେ ମଧ୍ୟ ବର୍ଷକୁ ପ୍ରାୟ ଏକ ଲକ୍ଷ ଜୀବଙ୍କର ମୃତ୍ୟୁ ଘଟୁଛି ବୋଲି ଏକ ସର୍ଭେରୁ ଜଣାପଡିଛି। ଅଶୋଧିତ ପେଟ୍ରୋଲିୟମ୍‌ରୁ ପ୍ଲାଷ୍ଟିକ ଉତ୍ପାଦନ କରିବାକୁ ହେଲେ ଯେଉଁ ରାସାୟନିକ ପଦ୍ଧତି ଅବଲମ୍ବନ କରାଯାଏ ସେଥିରୁ ଅନେକ ବିଷାକ୍ତ ଓ ସବୁଜଘର ଗ୍ୟାସ୍ ଉତ୍ପନ୍ନ ହୋଇ ପରିବେଶକୁ ନିର୍ଗମନ ଘଟେ। ପୁଣି, ପ୍ଲାଷ୍ଟିକ ପଦାର୍ଥକୁ ଭସ୍ମୀକରଣ ପ୍ରକ୍ରିୟାରେ ପୋଡି ନଷ୍ଟ କରାଯିବା ଦ୍ୱାରା ମଧ୍ୟ ଅନେକ ସବୁଜଘର ଗ୍ୟାସ ବାୟୁମଣ୍ଡଳକୁ ନିର୍ଗତ ହୁଏ। ଗତ ୨୦୧୯ ମସିହାରେ ପ୍ରକାଶିତ ଏକ ରିପୋର୍ଟରୁ ଜଣାଯାଏ ଯେ, ପ୍ଲାଷ୍ଟିକ ଉତ୍ପାଦନ ଓ ଭସ୍ମୀକରଣ ପ୍ରକ୍ରିୟା ଯୋଗୁ ବାୟୁମଣ୍ଡଳକୁ ସମୁଦାୟ ୮୫୦ ମିଲିୟନ ଟନ୍ ସବୁଜଘର ଗ୍ୟାସ ଉତ୍ସର୍ଜିତ ହୋଇଛି। ଆଗାମୀ ୨୦୫୦ ମସିହା ବେଳକୁ ଏହା ଆଶାତୀତ ବୃଦ୍ଧି ପାଇ କେବଳ ପ୍ଲାଷ୍ଟିକ ଯୋଗୁ ଉତ୍ସର୍ଜିତ ସବୁଜଘର ଗ୍ୟାସର ପରିମାଣ ସମୁଦାୟ ବିଶ୍ୱ ଉତ୍ସର୍ଜନର ୧୪% ମାତ୍ରାରେ ପହଞ୍ଚିବ ବୋଲି ଆଶଙ୍କା ରହିଛି। ଏହା ନିଶ୍ଚୟ ଏକ ଉଦ୍‌ବେଗଜନକ ବିଷୟ। ଏହି ବିପୁଳ ସବୁଜଘର ଗ୍ୟାସ୍ ଯେ ଭବିଷ୍ୟତରେ ବିଶ୍ୱତାପନ ପ୍ରକ୍ରିୟାରେ ସହାୟକ ହୋଇ ବିଶ୍ୱ ଜଳବାୟୁ ପରିବର୍ତ୍ତନର ଧାରାକୁ ଘୋର ପ୍ରଭାବିତ କରିବ ଏଥିରେ ସନ୍ଦେହ ନାହିଁ।

## ଜାଣି ରଖନ୍ତୁ

- ପ୍ରତିଦିନ ସକାଳୁ କିଛି ସମୟ ଷ୍ଟ୍ରେଚିଙ୍ଗ୍ ଏକ୍ସରସାଇଜ୍ କରନ୍ତୁ। ଏହା ଆମ ଶରୀରରେ ହେଉଥିବା ପାଚନ ପ୍ରକ୍ରିୟାକୁ ଆହୁରି ସକ୍ରିୟ କରିବା ସହ ଅଣ୍ଟାଜନିତ ବ୍ୟଥାରୁ ମଧ୍ୟ କେତେକାଂଶରେ ଉପଶମ ଦେଇଥାଏ।
- ଦିନତମାମ ଖାଉଥିବା ଖାଦ୍ୟ ମଧ୍ୟରେ ଅଧିକ ବ୍ୟବଧାନ ରଖିବା ଠିକ୍ ନୁହେଁ। ଏକାଥରେ ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଖାଇବା ଅଭ୍ୟାସ ବଦଳାନ୍ତୁ। ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଅଳ୍ପ ଅଳ୍ପ କରି ଖାଦ୍ୟ ଖାଆନ୍ତୁ।
- ବୟସ୍କ ବ୍ୟକ୍ତିମାନେ ସବୁବେଳେ ନିଜକୁ ଚିନ୍ତାଠାରୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ।
- ଖାଇ ସାରିବା ପରେ ଚା', କଫି କିମ୍ବା କୋଲ୍ଡ ଡ୍ରିଙ୍କ୍‌ସ ଆଦୌ ପିଅନ୍ତୁ ନାହିଁ। କାରଣ ଏହାର ପ୍ରଭାବ ରକ୍ତ ସଞ୍ଚାଳନ ଉପରେ ପଡ଼ିବାର ଆଶଙ୍କା ରହିଛି।
- ମଧୁମେହ କିମ୍ବା ଡାଇବେଟିସ୍ ରୋଗୀମାନେ ଖାଇ ସାରିବା ପରେ ସାଙ୍ଗେ ସାଙ୍ଗେ ପାଣି ପିଇବା ଠିକ୍ ନୁହେଁ। ଏହାଦ୍ୱାରା ଓଜନ ବୃଦ୍ଧି ପାଇଥାଏ।

## ସ୍ୱାସ୍ଥ୍ୟ ସୂଚନା

- କୌଣସି ରୋଗ ବିଷୟରେ ଯଦି ନିଜର ଅଭିଜ୍ଞତା ନାହିଁ ତେବେ ଅନ୍ୟମାନଙ୍କୁ ସେ ନେଇ ଟିପ୍ସ ଦିଅନ୍ତୁ ନାହିଁ।
- ଏବେ ତ ଖରାଦିନ ଆରମ୍ଭ ହୋଇଗଲାଣି। ତେଣୁ ସନ୍ତୁଳିତ ଖାଦ୍ୟ ଖାଇବା ସହ ପ୍ରଚୁର ପାଣି ପିଅନ୍ତୁ।
- ଅଣ୍ଟାଜନିତ କିଛି ସମସ୍ୟା ଥିଲେ ବସିବା ଉଠିବା ସମୟରେ ସାବଧାନତା ଅବଲମ୍ବନ କରନ୍ତୁ। କୌଣସି ସ୍ଥାନରେ ବସିଥିଲେ ହଠାତ୍ ଉଠନ୍ତୁ ନାହିଁ। କୌଣସି ଜିନିଷ ନେବା ଆଣିବା କରିବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ।
- ମହୁ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ବିଶେଷ କରି ଏହା ଥଣ୍ଡାରୁ ଆମକୁ ଉପଶମ ଦେଇଥାଏ। ଏହାକୁ ପ୍ରତିଦିନ ସକାଳୁ ଉଷୁମ ପାଣି ସହ ମିଶାଇ ପିଅନ୍ତୁ।
- ଯଦି ଆପଣଙ୍କର କିଛି ସ୍ୱାସ୍ଥ୍ୟଜନିତ ସମସ୍ୟା ରହିଛି, ତେବେ ଖାଦ୍ୟପେୟ ଓ ଜୀବନଶୈଳୀ ପ୍ରତି ଦୃଷ୍ଟି ଦିଅନ୍ତୁ। ଅଭିଜ୍ଞ ଡାକ୍ତରଙ୍କ ସହ ମଧ୍ୟ ପରାମର୍ଶ କରିବାକୁ ଭୂଲନ୍ତୁ ନାହିଁ।
- ପ୍ରତିଦିନ ଦାନ୍ତକୁ ଭଲ ଭାବେ ଘଷନ୍ତୁ। ଦିନକୁ ଅତି କମ୍‌ରେ ଦୁଇ ଥର-ସକାଳେ ରାତିରେ ଘଷନ୍ତୁ। ମନେରଖନ୍ତୁ ଘଷିବାର ଅବଧି ୨ମିନିଟ୍‌ରୁ କେବେ ବି କମ୍ କରନ୍ତୁ ନାହିଁ।
- ନିଜ ଓଜନକୁ ସବୁବେଳେ ନିୟନ୍ତ୍ରଣରେ ରଖିବାକୁ ଚେଷ୍ଟା କରନ୍ତୁ। ଯଦି ଏହା ଦୀର୍ଘ ବର୍ଷ ଧରି ଅସନ୍ତୁଳିତ ରହିଲା, ତେବେ ତାହା ପରୋକ୍ଷରେ କେତେକ ରୋଗର କାରଣ ସାଜିଥାଏ।
- ମନର ଭାବନାକୁ ସବୁବେଳେ ସକାରାତ୍ମକ ରଖନ୍ତୁ। କାରଣ ଏହାଦ୍ୱାରା ଆପଣ ଚିନ୍ତାଗ୍ରସ୍ତ ହେବାର ଆଶଙ୍କା କମ୍ ରହିବ।



## ଉପକାରୀ ସନ୍ତୁଳିତ ଖାଦ୍ୟ



ସ୍ୱାସ୍ଥ୍ୟର ବିକାଶ ପାଇଁ ଆବଶ୍ୟକ ପରିମାଣର ଭିଟାମିନ୍ ଓ ଖଣିଜ ଲବଣ ଗ୍ରହଣ କରିବା ନିହାତି ଆବଶ୍ୟକ। ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକୁ ଶକ୍ତ ରଖିବାରେ ଏମାନେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି। ତେଣୁ ଏଗୁଡ଼ିକୁ ଶକ୍ତ ଓ ମଜଭୁତ ରଖିବା ପାଇଁ ହେଲେ ଆମକୁ ସୁଷମ ଖାଦ୍ୟ ଖାଇବାକୁ ପଡ଼ିବ। ଏଥିରୁ ମିଳୁଥିବା ଭିଟାମିନ୍ସ ପାଚନ ପ୍ରକ୍ରିୟା ସାହାଯ୍ୟରେ ରକ୍ତ ପାଖରେ ପହଞ୍ଚେ ଏବଂ ଶରୀରରେ ବିଶୁଦ୍ଧ ବାୟୁ ଚଳାଚଳ କରିବାରେ ସାହାଯ୍ୟ କରେ। ଏହା ସହ ଶରୀରରେ ହେଉଥିବା ରାସାୟନିକ ପ୍ରତିକ୍ରିୟାକୁ ମଧ୍ୟ ସନ୍ତୁଳିତ ରଖି ଶରୀରର ସର୍ବାଙ୍ଗୀଣ ବିକାଶରେ ସାହାଯ୍ୟ କରେ। ହାଡ଼, ଅସ୍ଥି ଓ ମଜାଗୁଡ଼ିକୁ ମଜଭୁତ୍ ରଖିବା ପାଇଁ ଅତି କମ୍‌ରେ ୩୦ ପ୍ରକାରର ଭିଟାମିନ୍, ଖଣିଜ ଲବଣ ଏବଂ ଡାଏଟାରୀ କମ୍ପୋନେଟ୍ ଦରକାର ଯାହା ହାଡ଼ ଗଠନ କରିବା ସହିତ କ୍ଷତ ସ୍ଥାନ ପୂରଣ କରି ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ। ଏତଦ୍‌ବ୍ୟତୀତ ଉପଯୁକ୍ତ ଉତ୍ତମ ଖାଦ୍ୟ ଖାଇବା ଦ୍ୱାରା ସ୍ମରଣ ଶକ୍ତି ବୃଦ୍ଧି ପାଇଥାଏ।

## ବୋଷ-ଆଇନଷ୍ଟାଇନ ଘନୀଭବନ ତତ୍ତ୍ୱ



ଇଂ. ମାୟାଧର ସ୍ୱାଇଁ

ଚଳିତ ବର୍ଷ ବୋଷ-ଆଇନଷ୍ଟାଇନ ଘନୀଭବନ ତତ୍ତ୍ୱର ଏକଶତ ବର୍ଷ ପୂରଣ ହୋଇଛି। ସେ ସମ୍ପର୍କରେ ଆଲୋକପାତ...

ଚଳିତ ବର୍ଷ ସମଗ୍ର ପୃଥିବୀରେ ବୋଷ-ଆଇନଷ୍ଟାଇନ୍ ଘନୀଭବନ ତତ୍ତ୍ୱର ଏକଶତ ବର୍ଷ ପାଳନ କରାଯାଇଛି। ଏହି ତତ୍ତ୍ୱର ସ୍ରଷ୍ଟା ହେଉଛନ୍ତି ଭାରତର ସତ୍ୟେନ୍ଦ୍ର ନାଥ ବୋଷ (୧୮୯୪-୧୯୭୪) ଏବଂ ଜର୍ମାନୀର ଆଲବର୍ଟ ଆଇନଷ୍ଟାଇନ (୧୮୭୯-୧୯୫୫)। ଜର୍ମାନୀ ବୈଜ୍ଞାନିକ ମାକ୍ସ ପ୍ଲାଙ୍କ (୧୮୫୮-୧୯୪୭) ୧୯୦୦ ମସିହାରେ ପ୍ରକାଶ କଲେ ଯେ, ଗୋଟିଏ କୃଷ୍ଣ ବସ୍ତୁରୁ ତାହାର ଶକ୍ତି ବିକିରଣ ଅନବରତ ଭାବେ ନ ହୋଇ କ୍ୱାଣ୍ଟା ଆକାରରେ ଆସିଥାଏ। ଏଥିରୁ କ୍ୱାଣ୍ଟମ ବିଜ୍ଞାନର ଉଦ୍ଭବ ହେଲା। ଏଥିପାଇଁ ପ୍ଲାଙ୍କ ଗୋଟିଏ ସମୀକରଣ ପ୍ରକାଶ କରିଥିଲେ। ମାତ୍ର ସେହି ସମୀକରଣ ଗଠନ ପଦ୍ଧତିରେ କେତେକ ଯୁକ୍ତିଯୁକ୍ତ ଅସଙ୍ଗତି ଥିଲା। ସେତେବେଳେ ଢାକା ବିଶ୍ୱବିଦ୍ୟାଳୟର ୩୦ ବର୍ଷ ବୟସ୍କ ପଦାର୍ଥ ବିଜ୍ଞାନ ଅଧ୍ୟାପକ ସତ୍ୟେନ୍ଦ୍ର ନାଥ ବୋଷ ଏହାର ଏକ ସାମଞ୍ଜସ୍ୟପୂର୍ଣ୍ଣ ପଦ୍ଧତି ପାଇଲେ। ସେ ୧୯୨୪ ମସିହାରେ ପ୍ଲାଙ୍କଙ୍କ କ୍ୱାଣ୍ଟମ ତତ୍ତ୍ୱ ଉପରେ ଏକ ନିବନ୍ଧ ଲେଖିଲେ। ଏହାର ନାମ ହେଉଛି 'ପ୍ଲାଙ୍କଙ୍କ ନିୟମ ଏବଂ ଆଲୋକ କ୍ୱାଣ୍ଟମ ତଥ୍ୟ'। ସେ ଏହି ପ୍ରବନ୍ଧକୁ ପ୍ରକାଶ କରିବା ପାଇଁ ଲଣ୍ଡନର ଫିଲୋସୋଫିକାଲ ମାଗାଜିନକୁ ପଠାଇଲେ। ମାତ୍ର ଏହା ପ୍ରକାଶ ପାଇଲା ନାହିଁ। ସେ ଏହାପରେ ଏହାକୁ ଆଇନଷ୍ଟାଇନଙ୍କ ନିକଟକୁ ପଠାଇଲେ ଏବଂ ଏଥିରେ ଟିପ୍ପଣୀ ଦେବାକୁ ଅନୁରୋଧ କଲେ।



କ୍ୱାଣ୍ଟମ ପରିସଂଖ୍ୟାନରୁ ପ୍ଲାଙ୍କଙ୍କ ବିକିରଣ ସୂତ୍ରକୁ ବ୍ୟୁତ୍ପତ୍ତି ଦେବାବେଳେ ସତ୍ୟେନ୍ଦ୍ର ବୋଷ ଫୋଟନ୍ କ୍ୱାଣ୍ଟମକୁ କଣିକା ଭାବରେ ନେଇଥିଲେ। ଆଇନଷ୍ଟାଇନ ବୋଷଙ୍କ ମତକୁ ଠିକ୍ ମନେ କଲେ ଏବଂ ଏହାକୁ ଜର୍ମାନୀ ଭାଷାରେ ଅନୁବାଦ କରି ବିଜ୍ଞାନ ପତ୍ରିକା 'ଜାଇଟଶ୍ରିଫଟ ଫ୍ୟୁର ଫିସିକ'ରେ ପ୍ରକାଶ କଲେ। ନିବନ୍ଧ ଶେଷରେ ନିଜର ମତ ଲେଖିଥିଲେ। ''ମୋ ମତରେ ବୋଷ ପ୍ରବର୍ତ୍ତିତ ପଦ୍ଧତି ଏକ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତିର ସୂଚନା ଦେଉଛି ଏବଂ ଏହି ପଦ୍ଧତି ବ୍ୟବହାର କରି ଆଦର୍ଶ ଗ୍ୟାସ୍‌ର କ୍ୱାଣ୍ଟମ ତତ୍ତ୍ୱ ମିଳିବା ସମ୍ଭବ।'' ଏହା ବୋଷକୁ ବିଜ୍ଞାନ ଜଗତରେ ଖ୍ୟାତି ଆଣି ଦେଇଥିଲା।

ବୋଷ ଆଲୋକ କଣିକା ଫୋଟନର ପରିସଂଖ୍ୟାନୀୟ ବିତରଣ ପାଇଁ ଏହି ନୂତନ ସୂତ୍ର ପ୍ରତିପାଦନ କରିଥିଲେ। ଆଇନଷ୍ଟାଇନ ଏହା ଉପରେ ଅଧିକ ଗବେଷଣା କରି ଜାଣିପାରିଲେ ଯେ, ବୋଷଙ୍କ ପରିସଂଖ୍ୟାନ କେବଳ ଆଲୋକକଣିକା ପାଇଁ ମଧ୍ୟ ଏହା ପ୍ରଜୁଜ୍ୟ। ସେ ଏହିସବୁ କଣିକାର ଗୋଟିଏ ତାଲିକା ପ୍ରସ୍ତୁତ କଲେ। ଏହା 'ବୋଷ-ଆଇନଷ୍ଟାଇନ ପରିସଂଖ୍ୟାନ' ନାମରେ ଜଣା ଏବଂ ଏହାକୁ ପଦାର୍ଥ ବିଜ୍ଞାନର ଏକ ମହତ୍ତ୍ୱପୂର୍ଣ୍ଣ ସିଦ୍ଧାନ୍ତ ଭାବରେ ବିଚାର କରାଯାଏ। ଯେଉଁ କଣିକାଗୁଡିକ ଏହି ନିୟମକୁ ମାନନ୍ତି, ସେଗୁଡିକୁ ବୋଷଙ୍କ ନାମାନୁସାରେ 'ବୋଷନ' କୁହାଯାଏ। ପଦାର୍ଥ ବିଜ୍ଞାନରେ କଣିକାଗୁଡିକର ଘୂର୍ଣ୍ଣନକୁ ନେଇ ସେଗୁଡିକୁ ଦୁଇ ଭାଗରେ ବିଭକ୍ତ କରାଯାଏ। ଗୋଟିଏ ହେଉଛି ବୋଷୋନ ଓ ଅନ୍ୟଟି ହେଉଛି 'ଫର୍ମିୟନ' (ଇଟାଲୀର ପ୍ରସିଦ୍ଧ ପଦାର୍ଥ ବିଜ୍ଞାନୀ ଏନରିକୋ ଫର୍ମିଙ୍କର ନାମାନୁସାରେ ନାମିତ ହୋଇଛି)। ବୋଷୋନ କଣିକାଗୁଡିକ ଘୂର୍ଣ୍ଣନ ଏକ ପୂର୍ଣ୍ଣ ସଂଖ୍ୟା ହୋଇଥିବା ବେଳେ ଫର୍ମିୟନଗୁଡିକ ଅର୍ଦ୍ଧ-ପୂର୍ଣ୍ଣସଂଖ୍ୟାରେ ଘୂର୍ଣ୍ଣନ କରିଥାଆନ୍ତି।

ଅତି କମ୍ ତାପମାତ୍ରାରେ ଫର୍ମିୟନଗୁଡିକ ପରସ୍ପରକୁ ବିକର୍ଷଣ କରନ୍ତି ଏବଂ ବୋଷୋନଗୁଡ଼ିକ ପରସ୍ପରକୁ ଆକର୍ଷଣ କରି ଏକାଠି ରହନ୍ତି। ଏହି ଅବସ୍ଥାରେ ବୋଷନଗୁଡିକ ନିଜ ନିଜର ଅସ୍ତିତ୍ୱ ହରାଇ ଗୋଟିଏ ବିଶାଳ ପରମାଣୁରେ ପରିଣତ ହୁଅନ୍ତି, ଯାହାର ବୈଶିଷ୍ଟ୍ୟ ଯେକୌଣସି ପରିଚିତ ପଦାର୍ଥଠାରୁ ଅଲଗା। (କ୍ରମଶଃ..)

-୭୦, ଲକ୍ଷ୍ମୀବିହାର, ଫେଜ୍ ୧,
ଭୁବନେଶ୍ୱର-୧୮
ମୋ: ୯୪୩୮୬୯୩୭୨୪

ଧରିତ୍ରୀ 51 Years
ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ଫେବୃଆରୀ ୧୦/୨୦୨୫ Bhubaneswar, Monday, February 10/ 2025




ରବିବାର ବାରବାଟୀରେ ଭାରତ-ଇଂଲଣ୍ଡ କ୍ରିକେଟ ମ୍ୟାଚ୍‌କୁ ଉପଭୋଗ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଓ ଅନ୍ୟ ଅତିଥିମାନେ। ଲିଜେଣ୍ଡ୍‌ସ ଲାଉଞ୍ଜରେ ମ୍ୟାଚ୍ ଉପଭୋଗ କରୁଛନ୍ତି ଅତିଥିଗଣ। (ଫଟୋ: ରାଜକିଶୋର ମହାନ୍ତି)

# ପୁରୁଷ ୪x୧୦୦ ମିଟର ରିଲେରେ ଓଡ଼ିଶାକୁ ସ୍ୱର୍ଣ୍ଣ

## ଜାତୀୟ କ୍ରୀଡ଼ା

### ବାପି ହାଁସ୍‌ଦା ଜିତିଲେ ପୁରୁଷ ୪୦୦ମିଟର

**ଡେରାଡୁନ୍, ୯।୨ (ପି.ଟି.)**

ଜାତୀୟ କ୍ରୀଡ଼ାରେ ଓଡ଼ିଶାର ଟପ୍ ସ୍ପ୍ରିଣ୍ଟର ଅନିମେଶ କୁଜୁର ତାଙ୍କର ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ରବିବାର ସେ ପୁରୁଷ ୪x୧୦୦ ମିଟର ରିଲେରେ ଏକ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଅନିମେଶଙ୍କ ସମେତ ଲୁଲୁ ପ୍ରସାଦ ଭୋଇ, ଡି. ମୃତ୍ୟମ ଜୟରାମ ଓ ଅମିୟ କୁମାର ମଲିକଙ୍କୁ ନେଇ ଓଡ଼ିଶା ପୁରୁଷ ଦଳ ୪x୧୦୦ ମିଟର ରିଲେ ଦଳ ରେକର୍ଡ ୩୯.୪୭ ସେକେଣ୍ଡ ଟାଇମିଂରେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ପୂର୍ବରୁ ଏହି ରେକର୍ଡ ସର୍ଭିସେସ ନାମରେ ରହିଥିଲା। ସର୍ଭିସେସ୍ ୨୦୧୧ ସଂସ୍କରଣରେ ୩୯.୯୪ ସେକେଣ୍ଡ ଟାଇମିଂରେ ରେକର୍ଡର ଅଧିକାରୀ ଥିଲା। ସୂଚନାଯୋଗ୍ୟ, ଅନିମେଶ ଶନିବାର ୧୦୦ ମିଟର ଦୌଡ଼ରେ ଏକ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଅନ୍ୟପକ୍ଷରେ ଦେଶର ଟପ୍ କ୍ୱାର୍ଟର ମାଇଲରଙ୍କ ଅନୁପସ୍ଥିତିରେ ଓଡ଼ିଶାର ୧୮ ବର୍ଷୀୟ ବାପି ହାଁସ୍‌ଦା ଏହି ଆଥଲେଟ୍ ପୁରୁଷ ୪୦୦ମିଟର ରେସ୍‌ରେ ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂ ୪୬.୮୨ ସେକେଣ୍ଡରେ ଫିନିଶ ଲାଇନ୍ ଅତିକ୍ରମ କରିଥିଲେ। ପୂର୍ବରୁ ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂ ୪୬.୯୦ ସେକେଣ୍ଡ ରହିଥିଲା। ଏହି ଟାଇମିଂରେ ୨୦୨୪ରେ ଅନୁଷ୍ଠିତ ଫେଡରେଶନ କପ୍ ଜାତୀୟ ଚାମ୍ପିୟନଶିପ୍ ୪୦୦ ମିଟର ରେସ୍ ଜିତିଥିଲେ।





ଉତ୍ତରାଖଣ୍ଡରେ ଚାଲିଥିବା ଜାତୀୟ କ୍ରୀଡ଼ାରେ ପଦକ ବିଜେତା ଓଡ଼ିଶାର ସ୍ୱାଧୀନ ମାଝୀ, ବାପି ହାଂସଦା ଓ ୪x୧୦୦ ମିଟର ପୁରୁଷ ରିଲେ ଦଳ।

## ।ବାରବାଟୀ ବାଉନ୍ସର।

### ଦର୍ଶକ ଉତ୍କଣ୍ଠା

**କଟକ, ୯।୨ (ତପନ ସ୍ୱାଇଁ):** ଦୀର୍ଘ ୫ବର୍ଷ ପରେ ବାରବାଟୀକୁ ଫେରିଛି ଦିନକିଆ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ୍। ଏଥିପାଇଁ ଦର୍ଶକ ମହଲରେ ନାହିଁ ନ ଥିବା ଉତ୍କଣ୍ଠା ପରିଲକ୍ଷିତ ହୋଇଛି। ପୂର୍ବାହ୍ନ ୧୧ଟାରେ ଷ୍ଟାଡିୟମ ଗେଟ୍ ଖୋଲିବାର ଥିଲେ ହେଁ ସକାଳ ୮ଟାରୁ ଦର୍ଶକମାନେ ଆସି ଲାଇନ୍ ଲଗାଇଥିଲେ। ତାପମାତ୍ରା ପାଖାପାଖି ୩୦ ଡିଗ୍ରୀ ଥିଲେ ମଧ୍ୟ ଖରାକୁ ଖାତିର କରି ନ ଥିଲେ କ୍ରିକେଟପ୍ରେମୀ। ମ୍ୟାଚ୍ ଆରମ୍ଭ ହେବାର ବହୁ ପୂର୍ବରୁ ଦର୍ଶକରେ ଷ୍ଟାଡିୟମ ଗ୍ୟାଲେରି ଭରି ଯାଇଥିଲା। ରାଜ୍ୟ ଏବଂ ଦେଶ ବିଦେଶର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ବାରବାଟୀରେ ମ୍ୟାଚ ଉପଭୋଗ କରିଥିଲେ। ଶୃଙ୍ଖଳିତଭାବେ ମ୍ୟାଚ ସାରିବା ପାଇଁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା।

### ରଙ୍ଗିନ ପରିବେଶ

ଭାରତ-ଇଂଲଣ୍ଡ ମ୍ୟାଚ୍‌କୁ ନିଜ ନିଜ ଖୁସି ମୁତାବକ ଉପଭୋଗ କରିଥିଲେ ଦର୍ଶକ। ଲମ୍ବା ଲାଇନ୍‌ରେ ଷ୍ଟାଡିୟମରେ ପ୍ରବେଶ ଅବସରରେ ଅନେକ ଦର୍ଶକ ମୁହଁରେ ତ୍ରିରଙ୍ଗା ଏବଂ ସେମାନଙ୍କ ପ୍ରିୟ ଖେଳାଳିଙ୍କ ନାଁ ଚିତ୍ରିତ କରିଥିଲେ। ଅନେକ ଦର୍ଶକ ସେମାନଙ୍କ ପ୍ରିୟ ଖେଳାଳିଙ୍କ ନାମ ଲେଖା ଯାଇଥିବା ଜର୍ସି ପରିଧାନ କରିଥିଲେ। ଫଳରେ ପ୍ରତି ଷ୍ଟାଡିୟମ ଗ୍ୟାଲେରି ପୂରା ରଙ୍ଗିନ ଦେଖାଯାଉଥିଲା। ଛକା ଚୌକା ଓ ଉଇକେଟ ପତନ ସମୟରେ ମ୍ୟୁଜିକ୍‌କୁ ମଧ୍ୟ ଦର୍ଶକ ମନଭରି ଉପଭୋଗ କରିଥିଲେ। ବିଭିନ୍ନ ଦିଗକୁ ସ୍ପାଇଡର କ୍ୟାମେରା ତୀବ୍ର ବେଗରେ ଗତି କରୁଥିବା ମଧ୍ୟ ଦର୍ଶକଙ୍କୁ ଆନନ୍ଦ ଦେଇଥିଲା।

### ମ୍ୟାଚ ଉପଭୋଗ କଲେ ଲିଜେଣ୍ଡ୍‌ସ

ରାଜ୍ୟର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କ ମ୍ୟାଚ ଉପଭୋଗ ଲାଗି ଏଥର ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ଲିଜେଣ୍ଡ୍‌ସ ଲାଉଞ୍ଜର ବ୍ୟବସ୍ଥା କରାଯାଇଥିଲା। ଏଥିରେ ପଦ୍ମ ବିଭୂଷଣ, ପଦ୍ମଶ୍ରୀ, ଅର୍ଜୁନ ପୁରସ୍କାରପ୍ରାପ୍ତ ବ୍ୟକ୍ତିବିଶେଷଙ୍କ ସହ ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ଓ ଅଧିନାୟକ, ବିଭିନ୍ନ ଗଣମାଧ୍ୟମର ସମ୍ପାଦକ ଓ ପ୍ରତିଷ୍ଠାତା, ଚଳଚ୍ଚିତ୍ର ଜଗତର ବିଶିଷ୍ଟ ବ୍ୟକ୍ତି ପ୍ରମୁଖ ମ୍ୟାଚ ଉପଭୋଗ କରିଥିଲେ। ସେମାନଙ୍କ ମଧ୍ୟରୁ ସିୱାଇଏସ୍‌ଡି ଓଡ଼ିଶାର ସହ ପ୍ରତିଷ୍ଠାତା ଜଗଦାନନ୍ଦ, ପଦ୍ମ ବିଭୂଷଣ ସୁଦର୍ଶନ ସାହୁ, ଭାସ୍କର୍ଯ୍ୟ ଶିଳ୍ପୀ ଅଦ୍ୱୈତ ଚରଣ ଗଡ଼ନାୟକ, ଧରିତ୍ରୀ ଓ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ, ଚଳଚ୍ଚିତ୍ର ନିର୍ଦ୍ଦେଶକ ପ୍ରଶାନ୍ତ ନନ୍ଦ ପ୍ରମୁଖ ଅନ୍ୟତମ।

# ଫିଦରୱେଟ୍ ଟାଇଟଲ ପରାଜୟ ପରେ ବକ୍ସରଙ୍କ ମୃତ୍ୟୁ

**ବେଲ୍‌ଫାଷ୍ଟ, ୯।୨ (ଏପି)**

ବେଲ୍‌ଫାଷ୍ଟଠାରେ ଅନୁଷ୍ଠିତ ସେଲ୍‌ଟିକ୍ ସୁପର-ଫିଦରୱେଟ୍ ଟାଇଟଲ ମୁକାବିଲାରେ ୱେଲ୍ସର ନାଥାନ ହାୱେଲ୍ସଙ୍କଠାରୁ ପରାଜୟର ଏକ ସପ୍ତାହ ପରେ ଆୟର୍ଲାଣ୍ଡ ବକ୍ସର ଜନି କୁନେଙ୍କର ମୃତ୍ୟୁ ଘଟିଛି। ଏହି ସଂଘର୍ଷପୂର୍ଣ୍ଣ ବାଉଟ୍‌ରେ ୨୮ ବର୍ଷୀୟ କୁନେ ଗୁରୁତର ଆଘାତପ୍ରାପ୍ତ ହୋଇ ଡାକ୍ତରଖାନାର ଇଣ୍ଟେନ୍‌ସିଭ କେୟାର ୟୁନିଟ୍‌ରେ ରହି ଚିକିତ୍ସିତ ହେଉଥିଲେ। ଅଲ୍‌ଷ୍ଟର ହଲ୍‌ଠାରେ ହାୱେଲ୍‌ଙ୍କ ସହ କୁନେଙ୍କ ଏହି ଫାଇଟ୍‌କୁ ୯ମ ରାଉଣ୍ଡ ପରେ ସ୍ଥଗିତ ରଖିବାକୁ ପଡ଼ିଥିଲା। କୁନେଙ୍କର ତୁରନ୍ତ ଅସ୍ତ୍ରୋପଚାର କରାଯାଇଥିଲା। ସୂଚନାଯୋଗ୍ୟ, କୁନେ ୨୦୨୩ ନଭେମ୍ବରରେ ଡବଲିନଠାରେ ଲିଆମ ଗେନରଙ୍କ ବିପକ୍ଷରେ ବିଜୟ ହାସଲ କରି ଟାଇଟଲ ବିଜୟୀ ହୋଇଥିଲେ। ମାତ୍ର ହାତରେ ଇଞ୍ଜୁରି ଯୋଗୁ ସେ ରିଙ୍ଗ୍‌ରୁ ବର୍ଷେ ପାଖାପାଖି ଦୂରେଇ ରହିଥିଲେ। ଅକ୍ଟୋବରରେ ଟାମ୍ପେଲା ମାହାରୁସିଙ୍କ ବିପକ୍ଷରେ ଏକ ବିଜୟ ସହ ସେ ବକ୍ସିଂ ପ୍ରତ୍ୟାବର୍ତ୍ତନ କରିଥିଲେ।

# ଅଷ୍ଟ୍ରେଲିଆର ସିରିଜ ବିଜୟ

**ଗାଲେ, ୯।୨ (ଏପି)**

ରବିବାର ଗାଲେଠାରେ ଶେଷ ହୋଇଥିବା ଦ୍ୱିତୀୟ ଟେଷ୍ଟରେ ଶ୍ରୀଲଙ୍କାକୁ ୯ ଉଇକେଟରେ ପରାସ୍ତ କରି ଅଷ୍ଟ୍ରେଲିଆ ଦୁଇ ଦଳ ମଧ୍ୟରେ ଚାଲିଥିବା ୨ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ୨-୦ରେ ଜିତି ନେଇଛି। ଚତୁର୍ଥ ଦିବସର ଆଉ ମାତ୍ର ୧୫ ମିନିଟ୍ ଖେଳ ବାକିଥିବା ବେଳେ ଶ୍ରୀଲଙ୍କାର ଦିମୁଥ କରୁଣାରତ୍ନେଙ୍କ ବଲ୍‌ରୁ ମିଡ୍ ଉଇକେଟ ଅଞ୍ଚଳରେ ଖେଳି ଟପ୍ ଅର୍ଡର ବ୍ୟାଟର ମାର୍ନସ ଲବୁସେନ ଅଷ୍ଟ୍ରେଲିଆକୁ ଜିତାଇଥିଲେ। ୨୦୧୧ ପରେ ଶ୍ରୀଲଙ୍କାରେ ଅଷ୍ଟ୍ରେଲିଆର ଏହା ପ୍ରଥମ ଟେଷ୍ଟ ସିରିଜ ବିଜୟ। ଏହା ପୂର୍ବରୁ ରିକି ପଣ୍ଟିଙ୍ଗଙ୍କ ଅଧିନାୟକତ୍ୱରେ ଅଷ୍ଟ୍ରେଲିଆ ଏହାର ପ୍ରଥମ ଟେଷ୍ଟ ସିରିଜ ବିଜୟ ଲାଭ କରିଥିଲା। ସେତେବେଳେ ଭ୍ରମଣକାରୀ ଦଳ ୧-୦ରେ ଘରୋଇ ଦଳକୁ ପରାସ୍ତ କରିଥିଲା।




INDIA'S FIRST 5 YEAR WARRANTY* *Conditions apply

Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. | CIN: L35911DL1984PLC017354 | For further information, contact your nearest Hero MotoCorp authorised outlet or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. ^Finance offer is at the sole discretion of the Financier, subject to its respective T&Cs. Available at select dealerships. 'Offer amount and combination of offer may vary for model/variant and states and it is applicable on select models only. For more details, please visit your nearest authorised Hero outlet. ^^Terms and Conditions apply. *Ex-Showroom Price of Hf Deluxe Self Start in Bhubaneswar.

କମ ଡାଉନ ପେମେଣ୍ଟ ₹7999^

ଟୋଲ ଫ୍ରି 1800 266 0018

Authorized Dealers: Bhubaneswar: Rohan Hero - 9289922474, Bharat Hero - 9289922180, DD Hero - 0674-2747448 / 9439650824, Arundhati Hero - 9289923183, Cuttack: JMG Hero - 9289922178, Sunny Hero - 9289922697, Essen Hero - 9289923078, Angul: Parbati Hero - 9289922902, Balasore: Neelam Hero - 9289922519, Baripada: Aditya Hero - 7799766370, Bhadrak: Sanjib Hero - 9289922608, Chandikhol: S. K. Hero - 9289922900, Jajpur Road: Soumik Hero - 9289922611, Jaleswar: Sai Hero - 9289922844, Jatni: Vishal Hero - 9289922984, Keonjhar: Supreme Hero - 9289922182, Nayagarh: Bhagabati Hero - 9289922687, Puri: Sanjib Hero - 9289923107, Behrampur: Lakshmi Motors, Dharma Nagar - 9289922184, Lakshmi Automotives, Gajapati Nagar - 9289923187, Jeypore: Supreme Hero - 9289922183, Phulbani: Narayani Hero - 9289922991, Raygada: Ajit Hero - 9289922819, Bargarh: Aakash Hero - 9289922181, Bhawanipatna: Arundhati Hero - 9289922837, Bolangir: Arundhati Hero - 9289923033, Jharsuguda: Vijaylaxmi Hero - 9289922595, Rourkela: Dua Hero - 9289922179, Sambalpur: Sri Shyam Hero - 9289922484, Sonepur: Jai Jawan Hero - 9289922800, Sundergarh: Robotech Hero - 9289923063, Dhenkanal: Som Hero - 9289922614, Talcher: Tarini Hero - 9289922736, Jagatsinghpur: Sunny Autobikes - 8455004731, Authorized HeroSure Dealers: Bhubaneshwar: Arundhati Motobikes - 7682841658, Rourkela: Dua Motors - 6372753989, Jeypore: Supreme Sales - 8144822656, Associate Dealers: Rahama: Sarala Automobiles - 9937018532, Nimapara: Basudev Automobiles -9861020724, Pipili: Shri Ram Motors - 9437110789, Khamakhyanagar: Reliance Automobiles - 9 938435743, Chendipada: Tara Motors - 8018339414, Balugaon: Mahamayee Motors - 9437004624, Khurdha:Dinesh Trading Co. - 9778097876, Sakhigopal: Sai Motors - 9439765820, Begunia: Rashmi Automobiles - 9178316145, Laxmipur: Tarini Motors - 7205862853, Rajgangpur: Kedia & Kedia - 9437152881, Brajrajnagar: Bina Motors - 9861078290, Belpahar: Varsha Motors - 9437058417, Deogarh: Jindal Motors - 9437056659, Bamra: Choudhury Motors - 9938274720, Baliapal: Baba Motors - 8093603116, Soro: Twinkle Motors - 9861594852, Kendrapara: Baishnabi Motors - 9437089454/9853471301, Barbil: Wheels Motors - 9776931870, Pattamundai: Mishra Auto - 9853843713, Basta: Shivam Motors - 7735958754, Rairangpur: Maa Sakambari Motors - 7008581719, Khuakia: Binayak Automobiles - 9090444379, Jajpur Town: Ayush Automobiles - 9556189870, Mayurbhanj: JK Motors - 9040909925, Semiliguda: K P Enterprises - 9437233464, Parlakhemundi: Preetam Enterprises - 9438685535, Nabarangpur: Arun Sales & Service - 9437174795, Bhanjanagar: Rebati Motors - 9438279794/9937015509, Narsinghpur: Ambika Motocorp - 9861811411, Gunpur: M/s Sai Sharan Automobiles - 9437234012, Malkangiri: Kanishka Automobiles - 9437181980, Kotpad: Shai Automobiles - 7205593156, Umerkote: Bharat Sales - 9937455659/9777765563, Junagarh: Shree Bimala Motors - 9668287479, Rajakhariar: Jagdamba Auto Combines - 9937002262, Boudh: Bansal Auto - 9437062948, Nuapada: Maruti Auto - 9178014999, Padampur: Debesh Motors - 9437253970, Barpalli: Durga Motors - 9861265979, Titlagarh: Sneha Motors - 9853925879, Mayurbhanj: Mahaveer Motors - 7326872255/9853290346, Baliguda: Sai Automobiles - 9827843657, Patrapur: Ronak Motors - 9030985084, Balipatna: M/S Jagannath Motors - 7064309702, Kalimela: Laxminiyati Motors - 9861002055, Chandpur: Apsara - 9861418161, Subdega: JDJ Automobiles - 8018714096, Bissam cuttack: Patnaik Motors - 7008615208, Basudevpur: Bidyalalita Automobile - 9827487072, Telkoi: Panchamukhi Motors - 9717004926, Tikabali: M/S Maa Rudrakali Automobiles - 7846961367, Kamrda: Siddhivinayak Motors - 7208675074, Jagdalpur: Kiran Sales - 9827654949, Kesinga: Annapurna Automobile - 7978787287, M.Rampur: Aruna Automobiles - 8114331356.

VML.5794.2025 ORI

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ